ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ନଭେମ୍ବର ୭/୨୦୨୨ (୧୪ ପୃଷ୍ଠା) | Sambalpur, Monday, November 7/2022 | Page 14 | ₹ 7.00 | ★★
୧୮ଶ ଭାଗ ୩୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 319 | ମୂଲ୍ୟ ₹୭/-



**୮ରୁ ଲଙ୍ଗ୍ ମାର୍ଚ୍ଚ ଆରମ୍ଭ କରିବେ ଇମ୍ରାନ**

ଆତତାୟୀଙ୍କ ଗୁଳିରେ ଆହତ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ହସ୍ପିଟାଲରୁ ଫେରିବା ପରେ ମଙ୍ଗଳବାର ସରକାର ବିରୋଧୀ ଯାତ୍ରା ପୁନର୍ବାର ଆରମ୍ଭ କରିବେ।

୦୨

୧୪

**ପ୍ରମୋଦଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ**

ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ଗୋଟିଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି।



# ଅସାବଧାନତାରୁ ଜୀବନ ହାନି

**ସତ୍ୟଜିତ୍ ରାଉତ**

**ଭୁବନେଶ୍ୱର,୬ା୧୧(ବ୍ୟୁରୋ)**

ରାଜ୍ୟରେ ଗମନାଗମନ କ୍ଷେତ୍ରରେ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ହେଲେ ସଡ଼କ ଦୁର୍ଘଟଣାରେ ରୋକ ଲଗାଯାଇ ପାରୁନାହିଁ। ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ବହୁ ଲୋକଙ୍କ ଜୀବନ ଯାଉଛି। ଚାଳକଙ୍କ ବେପରୁଆ ମନୋଭାବ, ପ୍ରଶାସନ ପକ୍ଷରୁ ସଚେତନତାର ଅଭାବ ଏବଂ ରାସ୍ତାର ସୁଦୃଢ଼ ଭିତ୍ତିଭୂମି ଅଭାବ ଯୋଗୁ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବା କୁହାଯାଉଛି। ୨୦୧୪ରୁ ପ୍ରତିବର୍ଷ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ଭାରତରେ ବାର୍ଷିକ ସଡ଼କ ଦୁର୍ଘଟଣାରେ ପ୍ରାୟ ୧.୫ ଲକ୍ଷ ଜୀବନ ଯାଉଥିବାବେଳେ ଓଡିଶାରେ ପ୍ରାୟ ୫ହଜାର ଲୋକଙ୍କ ମୃତ୍ୟୁ ଘଟୁଛି। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)ର ତଥ୍ୟ ଅନୁଯାୟୀ ଜାନୁୟାରୀରୁ ଜୁନ୍ ଅର୍ଥାତ ଏହି ୬ ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୬ ହଜାର ୨୯ଟି ଦୁର୍ଘଟଣା ଘଟିଛି। ଏଥିରେ ୨ହଜାର ୮୮୫ଜଣଙ୍କ ମୃତ୍ୟୁ ହୋଇଛି, ଯାହାକି ପୂର୍ବ ବର୍ଷ ଏହି ସମୟରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୨,୫୫୫ ରହିଥିଲା।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରେ ଓଡ଼ିଶାର ସ୍ଥିତି ଚିନ୍ତାଜନକ ରହିଛି। ରିପୋର୍ଟ ଅନୁଯାୟୀ ୨୦୨୦ ତୁଳନାରେ ୨୦୨୧ରେ ରାଜ୍ୟରେ ସଡ଼କ ଦୁର୍ଘଟଣା ୧୧.୯ ପ୍ରତିଶତ ବଢ଼ିଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ୨୦୨୧ରେ ୧୦ ହଜାର ୯୮୩ ସଡ଼କ ଦୁର୍ଘଟଣା ଘଟିଥିଲା। ଏଥିରେ ୯ ହଜାର ୭୮୨ ଜଣ ଆହତ ହୋଇଥିବାବେଳେ ୫ ହଜାର ୮୧ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୦ରେ ୯ହଜାର ୮୧୭ଟି ଦୁର୍ଘଟଣା ଘଟିଥିବାବେଳେ ୮ ହଜାର ୮୨୨ ଜଣ ଆହତ ଏବଂ ୪ ହଜାର ୭୩୮ ଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ସଡ଼କ ଦୁର୍ଘଟଣାରେ ବାଇକ ଚାଳକଙ୍କ ଅଧିକ ମୃତ୍ୟୁ ହୋଇଥିବା ରିପୋର୍ଟରେ ଜଣାପଡ଼ିଛି। ୨୦୨୧ ବର୍ଷରେ ଘଟିଥିବା ଦୁର୍ଘଟଣାଜନିତ ମୃତ୍ୟୁ ମଧ୍ୟରେ ୧୧.୮୪% ପଥଚାରୀ ଥିବାବେଳେ ୩.୫୦% ସାଇକେଲ ଚାଳକ, ୪୯.୮୧% ମୋଟର ସାଇକେଲ ଆରୋହୀ, ୧୦.୫୨% କାର୍, ୮.୪୮% ଟ୍ରକ୍ ଏବଂ ୨.୪୯% ବସ୍‌ରେ ଯାଉଥିବା ଲୋକ ରହିଛନ୍ତି। ରାଜ୍ୟରେ ବିଭିନ୍ନ କାରଣ ପାଇଁ ସଡ଼କ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ବିଶେଷ କରି ରାସ୍ତାରେ ମଦ୍ୟପାନ କରି ଗାଡ଼ି ଚଳାଇବା ଏବଂ ଦ୍ରୁତ ଗତିରେ ଗାଡ଼ି ଚଳାଇବା ଯୋଗୁ ଅନେକ ଦୁର୍ଘଟଣା ଘଟି ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଦୁର୍ଘଟଣାପ୍ରବଣ ଜୋନ୍ ତଥା ବ୍ଲାକସ୍ପଟ୍, ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥର ପ୍ରମୁଖ ଜଙ୍କ୍‌ଶନ ନିକଟରେ କଡ଼ାକଡ଼ି ଏନ୍‌ଫୋର୍ସମେଣ୍ଟ କରାଯାଉ ନ ଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି। ସେହିପରି ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଜାନୁୟାରୀ ୧୧ରୁ ୧୭ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସପ୍ତାହ କରାଯାଉଛି। ବିଭିନ୍ନ ସ୍ଥାନରେ ବହୁ ଟଙ୍କା ଖର୍ଚ୍ଚ କରାଯାଇ ☞ପୃଷ୍ଠା-୪

**ସଡ଼କ ଦୁର୍ଘଟଣାରେ ଲାଗୁନି ରୋକ୍**



**କାମ କରୁନି ସଚେତନତା, ବଢ଼ୁଛି ଦୁର୍ଘଟଣା**

# ଧାମନଗରରେ ଭାଜପା

## ଉପନିର୍ବାଚନରେ ବିଜେଡିକୁ ଝଟକା

| ଦଳ | ପ୍ରାର୍ଥୀ | ଭୋଟ |
|---|---|---|
| ବିଜେଡି | ଅବନ୍ତୀ ଦାସ | ୭୦,୪୭୦ |
| ଭାଜପା | ସୂର୍ଯ୍ୟବଂଶୀ ସୂରଜ | ୮୦,୩୫୧ |
| କଂଗ୍ରେସ | ବାବା ହରେକୃଷ୍ଣ ସେଠୀ | ୩,୫୬୧ |
| ସ୍ୱାଧୀନ | ରାଜେନ୍ଦ୍ର କୁମାର ଦାସ | ୮,୧୫୩ |

**ଭଦ୍ରକ ଅଫିସ,୬ା୧୧**

ଧାମନଗର ଉପନିର୍ବାଚନରେ ଅନୁକମ୍ପା ଆଗରେ କାମ ଦେଲାନି ବିଜେଡିର ମହିଳା କାର୍ଡ। ଧାମନଗରବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଏବଂ ବିଜେଡିର ହେଭିୱେଟ ନେତାଙ୍କ ପ୍ରଚାର ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତି ଅନୁକମ୍ପା ଓ ରାଜେନ୍ଦ୍ରଙ୍କ ବିଦ୍ରୋହ ଆଗରେ ଫେଲ୍ ମାରିଛି। ବିଜେଡିର ସମସ୍ତ ନିର୍ବାଚନ ରଣକୌଶଳକୁ ପ୍ରତିହତ କରି ଧାମନଗର ଉପନିର୍ବାଚନରେ ବାଜିମାରିଛି ଭାଜପା। ବିଜେଡି ପ୍ରାର୍ଥିନୀ ଅବନ୍ତୀ ଦାସଙ୍କୁ ହରାଇ ଭାଜପାର ସୂର୍ଯ୍ୟବଂଶୀ ସୂରଜ ବିଜୟୀ ହୋଇଛନ୍ତି। ଗତ ୩ ତାରିଖରେ ଭୋଟଗ୍ରହଣ ହୋଇଥିବା ବେଳେ ରବିବାର କଡ଼ା ସୁରକ୍ଷା ମଧ୍ୟରେ ଭଦ୍ରକ ଜିଲା ସଂସ୍କୃତି ଭବନରେ ଗଣତି ହୋଇଛି। ସକାଳ ୮ଟାରେ ଡାକଭୋଟ ଗଣତି ପରେ ଇଭିଏମ୍ ଭୋଟ ଗଣତି ଆରମ୍ଭ ହୋଇଥିଲା। ପ୍ରଥମ ରାଉଣ୍ଡରୁ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ବିଜେଡିଠାରୁ ଆଗୁଆ ରହିଥିଲେ। ମଝିରେ ୯ ଓ ୧୦ ରାଉଣ୍ଡରେ ଆଗରେ ରହିଥିଲା ବିଜେଡି। ଶେଷ ପର୍ଯ୍ୟନ୍ତ ଭାଜପା ଆଗରେ ରହି ଚାଲିଥିଲା। ୧୮ ରାଉଣ୍ଡ ଗଣତି ହେବାକୁ ଥିବାବେଳେ ମଝିରେ ୨ଟି ଇଭିଏମ୍ ଖରାପ ଥିବାରୁ ଗଣତି ହୋଇପାରି ନ ଥିଲା। ପରେ ମୋଟ ୧୯ ରାଉଣ୍ଡ ଗଣତି କରାଯାଇ ଫଳାଫଳ ଘୋଷଣା କରାଯାଇଥିଲା। ସୂର୍ଯ୍ୟବଂଶୀ ସୂରଜଙ୍କୁ ୮୦,୩୫୧, ଅବନ୍ତୀଙ୍କୁ ୭୦,୪୭୦, କଂଗ୍ରେସ ପ୍ରାର୍ଥୀ ହରେକୃଷ୍ଣ ସେଠୀଙ୍କୁ ୩,୫୬୧, ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କୁ ୮,୧୫୩ ଓ ପବିତ୍ର ମୋହନ ଦାସଙ୍କୁ ୪୯୭ ଭୋଟ ମିଳିଥିବା ବେଳେ ନୋଟାରେ ୬୫୦ ଭୋଟ ପଡ଼ିଥିଲା। ସୂର୍ଯ୍ୟବଂଶୀ ୯,୮୮୧ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅବନ୍ତୀଙ୍କୁ ହରାଇଥିବା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ☞ପୃଷ୍ଠା-୪



ସୂର୍ଯ୍ୟବଂଶୀ ସୂରଜ

## ଭାଜପା ଜିତିବ ବୋଲି ଆଶା କରିଥିଲୁ: ନବୀନ

**ଭୁବନେଶ୍ୱର,୬ା୧୧(ବ୍ୟୁରୋ)**

- ବହୁଦିନ ଯାଏ କିଛି ଅନ୍ଧାର ରହେ ନାହିଁ: ଧର୍ମେନ୍ଦ୍ର
- ଶାସକ ଦଳ ପାଇଁ କ୍ଷତି: ଶରତ

ଧାମନଗର ଉପନିର୍ବାଚନ ଫଳାଫଳ ନେଇ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ମତାମତ ସାଧାରଣରେ ପ୍ରକାଶ କରିଛନ୍ତି। ରାଜ୍ୟରେ ଦୁଇ ଦଶନ୍ଧି ଧରି ଅନୁଷ୍ଠିତ ଉପନିର୍ବାଚନରେ ବିଜେଡି ପ୍ରାୟତଃ ବିଜୟୀ ହୋଇ ଆସୁଥିବା ବେଳେ ଧାମନଗର ଉପନିର୍ବାଚନରେ ଶାସକ ଦଳର ପରାଜୟକୁ ନେଇ ଏବେ ବ୍ୟାପକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଶାସକ ଦଳର ଆଗଧାଡ଼ିର ନେତାମାନେ ବହୁ ବ୍ୟବଧାନରେ ବିଜେଡି ବିଜୟୀ ହେବ ବୋଲି କହି ଆସୁଥିବା ☞ପୃଷ୍ଠା-୪

# ରଣବୀର-ଆଲିଆଙ୍କ କନ୍ୟା ସନ୍ତାନ

**ମୁମ୍ବାଇ, ୬ା୧୧**

ହିନ୍ଦୀ ଚଳଚ୍ଚିତ୍ର ଜଗତର ଚୁଲବୁଲି ନାୟିକା ଆଲିଆ ଭଟ୍ଟ ରବିବାର ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଏ ନେଇ କପୁର ଓ ଭଟ୍ଟ ପରିବାରରେ ଆନନ୍ଦର ଲହରି ଖେଳିଯାଇଛି। ମା' ହେବା ଖୁସିରେ ଆଲିଆ ନିଜ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଛନ୍ତି। ଫଟୋରେ ତିନିଟି ସିଂହ ଥିବା ଦେଖିବାକୁ ମିଳିଛି। ପରିବାରର ବଡ଼ମାନଙ୍କ ଆଶୀର୍ବାଦ କାରଣରୁ ଆମକୁ ଏକ କନ୍ୟା ସନ୍ତାନ ପ୍ରାପ୍ତ ହୋଇଛି। ଝିଅ ପାଇଁ ଆମେ ଖୁବ୍ ଖୁସି ଥିବା ଫଟୋ କ୍ୟାପ୍‌ଶନ୍‌ରେ ଆଲିଆ ଲେଖିଛନ୍ତି। ଅନ୍ୟପକ୍ଷେ ବାପା ହୋଇଥିବା ରଣବୀର ଝିଅ ପାଇଁ ଖୁସି ଥିବାବେଳେ ଜେଜେ ଋଷି କପୁର ସ୍ୱର୍ଗରେ ଥାଇ ଉଲ୍ଲସିତ ହେଉଥିବା ☞ପୃଷ୍ଠା-୪









# ସେମିରେ ଭାରତ

**ଟି୨୦ ବିଶ୍ୱକପ୍**

- ଗୁରୁବାର ଆଡିଲେଡ୍‌ରେ ଇଂଲଣ୍ଡକୁ ଭେଟିବ
- ନ୍ୟୁଜିଲାଣ୍ଡ-ପାକିସ୍ତାନ ପ୍ରଥମ ସେମିଫାଇନାଲ

**ମେଲବୋର୍ନ, ୬ା୧୧**

ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ସମସ୍ତ ବିଭାଗରେ ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରଖି ଟି୨୦ କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ରବିବାର ଅନୁଷ୍ଠିତ ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ଦଳ ୭୧ ରନ୍‌ରେ ଜିମ୍ବାୱେକୁ ପରାସ୍ତ କରିଛି। ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୬ ରନ୍ କରିଥିବାବେଳେ ଜିମ୍ବାୱେ ୧୭.୨ ଓଭରରେ ୧୧୫ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ଟପ୍ ସ୍କୋରର ସୂର୍ଯ୍ୟକୁମାର ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସମାଜ-ଅର୍ଥନୀତି-ନିଯୁକ୍ତି

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ମଣ୍ଡଳୀ ଆଧାରିତ ସଂସଦୀୟ ଗଣତନ୍ତ୍ରକୁ ଅଣଦେଖା କରିଛନ୍ତି। ପ୍ରାର୍ଥୀ ନୁହେଁ ପଦ୍ମ ଫୁଲକୁ ମନେ ରଖିବା ଲାଗି ସେ ଭୋଟରଙ୍କୁ କହୁଛନ୍ତି।

- ପି. ଚିଦାମ୍ବରମ, କଂଗ୍ରେସ ନେତା



## କଫି ହେଲା ନୂଆ ଜୀବନ

କଫି ପାଉଡର୍ ଓ ପାଣି ପିଇ ଦୁଇଜଣ ଖଣି କର୍ମଚାରୀ ନିଜ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ଦକ୍ଷିଣ କୋରିଆର ବୋନଘ୍ୱା ସହରରେ ଥିବା ଏକ ଜିଙ୍କ୍ ଖଣି ଅକ୍ଟୋବର ୨୬ରେ ଭୁଶୁଡ଼ି ପଡ଼ିବା ଯୋଗୁ ସେଠାକାର ୨ ଜଣ ଷ୍ଟାଫ୍ ୯ ଦିନ ମାଟିତଳେ ଫସି ରହିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ରେସ୍କ୍ୟୁଟିମ୍ ସେମାନଙ୍କୁ ଉଦ୍ଧାର କରିଛି। ଉଭୟଙ୍କ ବୟସ ୬୨ ଓ ୫୪ ବର୍ଷ ହୋଇଥିବାବେଳେ ସେମାନଙ୍କ ଚିକିତ୍ସା ଚାଲିଥିବା ରାଷ୍ଟ୍ରପତି ୟୁନ ସକ୍-ୟେଓଲ କହିଛନ୍ତି। ଦୁହେଁ ୧୯୦ ମିଟର ଗଭୀର ମାଟିତଳେ ଫସି ରହିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ପାକ୍ ପୋଲିସ କ୍ୟାମ୍ପକୁ ୧୫୦ ଡକାୟତଙ୍କ ଟାର୍ଗେଟ: ୫ ମୃତ

**କରାଚୀ,୬।୧୧(ଆଇଏଏନ୍ଏସ୍):** ପାକିସ୍ତାନର ସିନ୍ଧ୍ ପ୍ରଦେଶ ଅନ୍ତର୍ଗତ ରୋଣ୍ଟି ଏବଂ ଘୋଟ୍କିରେ ଥିବା ପୋଲିସ କ୍ୟାମ୍ପ୍ ଉପରେ ୧୫୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ଡକାୟତ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ୫ ପୋଲିସ ନିହତ ହେବା ସହ ୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଡିଏସ୍‌ପି ଏବଂ ଦୁଇଜଣ ଏସ୍‌ଏଚ୍‌ଓ ଅଛନ୍ତି। ଅପହୃତମାନଙ୍କୁ ଉଦ୍ଧାର କରିବା ଲାଗି କାଚା ଅଞ୍ଚଳରେ ପୋଲିସ କ୍ୟାମ୍ପ୍ ପକାଇ ତଲାସି ଅଭିଯାନ ଚଳାଇଥିଲା। ଆକ୍ରମଣ ପରେ ଡକାୟତ ଓ ପୋଲିସ ମଧ୍ୟରେ ଦୀର୍ଘ ସମୟ ଗୁଳି ବିନିମୟ ଜାରି ରହିଥିଲା।

### ଅଲ-କାଏଦା ଆତଙ୍କବାଦୀ ଗିରଫ

**କୋଲକାତା,୬।୧୧:** ପଶ୍ଚିମବଙ୍ଗ ୨୪ ପ୍ରଗଣାରୁ ସ୍ପେସିଆଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ସନ୍ଦିଗ୍ଧ ଅଲ-କାଏଦା ଆତଙ୍କବାଦୀଙ୍କୁ ଗିରଫ କରିଛି। ଗିରଫ ମୋନିରୁଦ୍ଦିନ ଖାନ୍ ଆଲ-କାଏଦା ଆତଙ୍କବାଦୀଙ୍କ ପାଇଁ ଜାଲି ପରିଚୟପତ୍ର ତିଆରି କରିବା ସହ ବିଭିନ୍ନ କାମରେ ସେମାନଙ୍କୁ ସହଯୋଗ କରୁଥିବା ଏସ୍‌ଟିଏଫ୍ କହିଛି। ଶନିବାର ଏହି ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରାଯାଇଥିବାବେଳେ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ କୋର୍ଟରେ ହାଜର କରାଯାଇଥିଲା, ଯାହାପରେ ତାଙ୍କୁ ୯ଦିନିଆ ପୋଲିସ ରିମାଣ୍ଡରେ ପଠାଇ ଦିଆଯାଇଛି।

### ଅତିଥିଙ୍କ ଉପରକୁ ମାଡ଼ିଗଲା କାର୍: ୪ ମୃତ

**ମାଡ୍ରିଡ୍, ୬।୧୧:** ସ୍ପେନ୍‌ର ଟେରୋଜୋନ ଡେ ଅରଡେଜ୍‌ର ଏକ ରେଷ୍ଟୁରାଣ୍ଟରେ ରବିବାର ବିବାହ ସମାରୋହ ପାଇଁ ଅତିଥି ଜମା ହୋଇଥିବାବେଳେ ହଠାତ୍ ଏକ ଦ୍ରୁତଗାମୀ କାର୍ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇନାହିଁ। ସ୍ଥାନୀୟ ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ମାଡ୍ରିଡ୍ ଜରୁରୀକାଳିନ ସେବା ମୁଖ୍ୟ କାର୍‌ଲୋସ ପୋଲୋ କହିଛନ୍ତି।

### ପୂର୍ବତନ ଗୋଇନ୍ଦା ଅଧିକାରୀଙ୍କୁ ଗାଡ଼ି ମଡ଼ାଇ ହତ୍ୟା

**ମହୀଶୂର,୬।୧୧:** କର୍ଣ୍ଣାଟକର ମହୀଶୂରରେ ଏକ ନମ୍ବରବିହୀନ କାର୍ ଧକ୍କାରେ ଜଣେ ପୂର୍ବତନ ଗୋଇନ୍ଦା ଅଧିକାରୀଙ୍କ ମୃତ୍ୟୁ ଘଟିଛି। ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ଜଣାପଡୁଥିବା ପୋଲିସ କହିଛି। ପୂର୍ବତନ ଗୋଇନ୍ଦା ଅଧିକାରୀ ଆର୍.କେ. କୁଲକର୍ଣ୍ଣି (୮୨) ଶୁକ୍ରବାର ସନ୍ଧ୍ୟାରେ ମହୀଶୂର ବିଶ୍ୱବିଦ୍ୟାଳୟର ମନସାଗଙ୍ଗୋତ୍ରୀ କ୍ୟାମ୍ପସରେ ଚଲାବୁଲା କରୁଥିବାବେଳେ ସମ୍ମୁଖରୁ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। କାର୍‌ର ନମ୍ବର ପ୍ଲେଟ୍ ନ ଥିଲା। ଏହା ଏକ ହିଟ୍ ଆଣ୍ଡ ରନ୍ ମାମଲା ବୋଲି ପ୍ରଥମେ ପୋଲିସ ବିଶ୍ୱାସ କରୁଥିଲା। ତେବେ ସିସିଟିଭି ଫୁଟେଜ୍ ଅନୁଧ୍ୟାନ ପରେ ଯୋଜନାବଦ୍ଧ ଭାବେ ଧକ୍କା କରାଯାଇଥିବା ମହୀଶୂର ପୋଲିସ କମିଶନର ଚନ୍ଦ୍ରଗୁପ୍ତ କହିଛନ୍ତି।

### ସୁଧୀର ସୁରୀ ହତ୍ୟା ମାମଲା: ତଦନ୍ତ କରିବ ଏସ୍‌ଆଇଟି

**ଅମୃତସର,୬।୧୧:** ଅମୃତସରରେ ଶିବସେନା ନେତା ସୁଧୀର ସୁରୀଙ୍କ ଶେଷକୃତ୍ୟ ରବିବାର ସମ୍ପନ୍ନ ହୋଇଛି। ପ୍ରବଳ ଜନସମାଗମ ଯୋଗୁ ସୁରୀଙ୍କ ଅନ୍ତିମ ଯାତ୍ରା ଶେଷକୃତ୍ୟ ସ୍ଥଳରେ ପହଞ୍ଚିବାକୁ ଦେଢ଼ ଘଣ୍ଟା ଲାଗିଯାଇଥିଲା।



ଶୁକ୍ରବାର ଅମୃତସରର ଗୋପାଳ ମନ୍ଦିର ନିକଟରେ ସୁରୀଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଘଟଣାସ୍ଥଳରୁ ଗିରଫ ଅଭିଯୁକ୍ତ ସନ୍ଦିପ ସିଂ ଓରଫ ସନ୍ନୀଙ୍କୁ ୭ ଦିନ ପାଇଁ ପୋଲିସ ରିମାଣ୍ଡରେ ନେଇଛି। ହିନ୍ଦୁ ନେତା ହତ୍ୟାକାଣ୍ଡର ତଦନ୍ତ ଲାଗି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଥିବା ଅମୃତସର ପୋଲିସ କମିଶନର ଅରୁଣ ପାଲ୍ ସିଂ ସୂଚନା ଦେଇଛନ୍ତି। ଏସ୍‌ଆଇଟିରେ ଡିସିପି (ଡିଟେକ୍ଟିଭ୍), ଅତିରିକ୍ତ ଡିସିପି ରହିଛନ୍ତି। ହତ୍ୟାକାଣ୍ଡରେ ସନ୍ଦିପ୍‌ଙ୍କ ବ୍ୟତୀତ ଅନ୍ୟ କେହି ସମ୍ପୃକ୍ତ କି ନାହିଁ ତାହା ଏସ୍‌ଆଇଟି ତଦନ୍ତ କରିବ।

# ଜଳବାୟୁ ପରିବର୍ତ୍ତନ କ୍ୟାନ୍‌ସରଠାରୁ ଭୟଙ୍କର

**ନ୍ୟୁୟର୍କ,୬।୧୧**



ଅତ୍ୟଧିକ ଅଙ୍ଗାରକ ନିର୍ଗମନ ଜାରି ରହିଲେ ପୃଥିବୀର କେତେକ ଭାଗରେ ଜଳବାୟୁ ପରିବର୍ତ୍ତନ କ୍ୟାନ୍‌ସରଠାରୁ ଦୁଇଗୁଣ ଅଧିକ ଭୟାବହ ହୋଇପାରେ ବୋଲି ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଏବଂ ଜଳବାୟୁ ପ୍ରଭାବ ଲାବ୍ ପକ୍ଷରୁ ପ୍ରକାଶିତ ନୂତନ ତଥ୍ୟରେ କୁହାଯାଇଛି। ଶୁକ୍ରବାର ପ୍ରକାଶିତ ଏହି ତଥ୍ୟରେ ବାଂଲାଦେଶ ରାଜଧାନୀ ଢାକାକୁ ଉଦାହରଣ ଭାବେ ନିଆଯାଇଛି। ସେଠାରେ ଜଳବାୟୁ ପରିବର୍ତ୍ତନ ଜନିତ ମୃତ୍ୟୁସଂଖ୍ୟା ସମସ୍ତ କ୍ୟାନସରଜନିତ ମୃତ୍ୟୁସଂଖ୍ୟାର ପାଖାପାଖି ୨ ଗୁଣ ଏବଂ ୨୧୦୦ ସୁଦ୍ଧା ହେବାକୁ ଥିବା ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାର ୧୦ ଗୁଣ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଆମ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବିପଜ୍ଜନକ ସ୍ତରରେ ପହଞ୍ଚିଲାଣି। ଫଳରେ ପୃଥିବୀର ତାପମାତ୍ରା ବୃଦ୍ଧି ପାଇବା ସହ ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସଂଖ୍ୟା ବଢୁଥିବା ହ୍ୟୁମ୍ୟାନ କ୍ଲାଇମେଟ୍ ହୋରିଜନ୍ସ ପକ୍ଷରୁ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ ଜରୁରୀ ତଥା ଦୃଢ଼ ପଦକ୍ଷେପ ନ ନେଲେ ଅସମାନତା ବଢ଼ିବା ସହ ବିକାଶ ବାଧାପ୍ରାପ୍ତ ହେବ। ତାପମାତ୍ରା ବୃଦ୍ଧି ଯୋଗୁ ବିଶ୍ୱରେ ହୃଦ୍‌ରୋଗ ଏବଂ ଶ୍ୱାସକ୍ରିୟା ଜନିତ ସମସ୍ୟା ବଢୁଛି।

ତଥ୍ୟ ଅନୁଯାୟୀ ପାକିସ୍ତାନର ଫୈସଲାବାଦରେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରତି ଲକ୍ଷେ ଲୋକରେ ପ୍ରାୟ ୬୭ ଜଣଙ୍କ ମୃତ୍ୟୁ ଘଟୁଛି। ହୃଦ୍‌ଘାତ ମୃତ୍ୟୁଠାରୁ ଏହା ଅଧିକ। ସାଉଦି ଆରବର ରିୟାଧରେ ଲୋକମାନଙ୍କ ଆର୍ଥିକ ସ୍ଥିତି ବେଶ୍ ଭଲ ହୋଇଥିଲେ ମଧ୍ୟ ସେଠାରେ ଜଳବାୟୁ ପରିବର୍ତ୍ତନଜନିତ ମୃତ୍ୟୁ ହାର ଅଲ୍‌ଝିମର ରୋଗୀ ମୃତ୍ୟୁସଂଖ୍ୟାଠାରୁ ଅଧିକ। ଗବେଷଣାରୁ ଜଣାପଡ଼ିଛି ପୃଥିବୀ ପୃଷ୍ଠର ତାପମାତ୍ରା ଊନବିଂଶ ଶତାବ୍ଦୀ ଶେଷଭାଗ ତୁଳନାରେ ପ୍ରାୟ ୧.୨ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ଇଜିପ୍ଟର ଶର୍ମ ଏଲ୍-ଶେଖ୍‌ରେ ରବିବାରଠାରୁ ଜାତିସଂଘର ଜଳବାୟୁ ସମ୍ମିଳନୀ କୋପ୍୨୭ ଅନୁଷ୍ଠିତ ହେବାକୁ ଯାଉଥିଲାବେଳେ ଏହା ପୂର୍ବରୁ ଜଳବାୟୁ ପରିବର୍ତ୍ତନର ଭୟାବହତା ନେଇ ରିପୋର୍ଟ ପ୍ରକାଶ ପାଇଛି।

## ୨୦୧୫ରୁ ୨୦୨୨ ସର୍ବାଧିକ ଉତ୍ତପ୍ତ

ଜଳବାୟୁ ପରିବର୍ତ୍ତନ କାରଣରୁ ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ୨୦୧୫ରୁ ୨୦୨୨ ବିଶ୍ୱର ସବୁଠାରୁ ଉତ୍ତପ୍ତ ବର୍ଷ ବୋଲି ୱାର୍ଲ୍ଡ ମେଟେରୋଲୋଜିକାଲ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏମ୍‌ଓ) ପକ୍ଷରୁ କୁହାଯାଇଛି। ଅମେରିକାରେ ଆୟୋଜିତ ୨୭ତମ ୟୁନାଇଟେଡ୍ ନେଶନ୍ ଫ୍ରେମ୍‌ୱର୍କ କନ୍‌ଭେନ୍‌ସନ୍ ଅନ୍ କ୍ଲାଇମେଟ୍ ଚେଞ୍ଜ (ୟୁଏନ୍‌ଏଫ୍‌ସିସିସି) କନ୍‌ଫରେନ୍ସରେ ଡବ୍ଲ୍ୟୁଏମ୍‌ଓ ବିଶ୍ୱର ସବୁଠାରୁ ଉତ୍ତପ୍ତ ବର୍ଷ ସମ୍ପର୍କିତ ରିପୋର୍ଟ ଉପସ୍ଥାପନ କରିଛି। ଡବ୍ଲ୍ୟୁଏମ୍‌ଓ ଏହି ରିପୋର୍ଟର ନାମ 'ଡବ୍ଲ୍ୟୁଏମ୍‌ଓ ପ୍ରୋଭିଜ୍‌ନାଲ ଷ୍ଟେଟ୍ ଅଫ୍ ଦ ଗ୍ଲୋବାଲ କ୍ଲାଇମେଟ୍ ୨୦୨୨' ରଖିଛି। ୧୯୯୩ ପରଠୁ ସମୁଦ୍ର ପତନ ବୃଦ୍ଧିର ହାର ଦୁଇଗୁଣା ହୋଇଛି । ସେହିପରି ୨୦୨୦ ଜାନୁୟାରୀ ପରଠାରୁ ଏଥିରେ ୧୦ ମିଲିମିଟର ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି, ଯାହାକି ଚଳିତବର୍ଷ ଏକ ନୂଆ ରେକର୍ଡ। ପାଖାପାଖି ୩୦ ବର୍ଷ ଧରି ସମୁଦ୍ର ପତନର ସ୍ଥିତି ଉପରେ ସାଟେଲାଇଟ୍ ଜରିଆରେ ନଜର ରଖାଯାଉଛି। ଗତ ଅଢ଼େଇ ବର୍ଷ ମଧ୍ୟରେ ସମୁଦ୍ର ପତନରେ ହାରାହାରି ୧୦% ବୃଦ୍ଧି ଘଟିଛି। ଏ ନେଇ ଗବେଷକମାନଙ୍କ ପକ୍ଷରୁ କରାଯାଇଥିବା ତର୍ଜମା ଚଳିତବର୍ଷ ସେପ୍ଟେମ୍ବରରେ ଶେଷ କରାଯାଇଥିବାବେଳେ ଆସନ୍ତା ଏପ୍ରିଲରେ ଏହାର ଅନ୍ତିମ ରିପୋର୍ଟ ପ୍ରକାଶ କରାଯିବ। ୨୦୨୨ରେ ବିଶ୍ୱର ତାପମାତ୍ରା ୧.୧୫ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ଘଟିଛି। ଚଳିତବର୍ଷ ଶେଷ ପର୍ଯ୍ୟନ୍ତ ତାପମାତ୍ରା ସ୍ଥିତି ଯଦି ସମାନ ରୁହେ ତେବେ ୨୦୨୨ ସବୁଠାରୁ ଉତ୍ତପ୍ତ ବର୍ଷ ସୂଚୀରେ ପଞ୍ଚମ କିମ୍ବା ଷଷ୍ଠ ସ୍ଥାନରେ ରହିବା ଆଶଙ୍କା କରାଯାଉଥିବା ଡବ୍ଲ୍ୟୁଏମ୍‌ଓ ପକ୍ଷରୁ କୁହାଯାଇଛି। ତାପମାତ୍ରା ବୃଦ୍ଧି ଦ୍ୱାରା ହିମବାହ ତରଳିବା ଆରମ୍ଭ ହୋଇଛି, ଯାହା ସମୁଦ୍ର ଜଳ ସ୍ତର ବୃଦ୍ଧିର ପ୍ରମୁଖ କାରଣ ବୋଲି କୁହାଯାଇଛି।

## ଡାକ୍ତରଙ୍କ ପାଇଁ ବଣ୍ଡ୍ ନୀତି ରଦ୍ଦ ଲାଗି ପ୍ରସ୍ତୁତି

**ନୂଆଦିଲ୍ଲୀ,୬।୧୧(ପି.ଟି.)**

ନ୍ୟାଶନାଲ ମେଡିକାଲ କମିଶନଙ୍କ ସୁପାରିସ୍ ଆଧାରରେ ଡାକ୍ତରମାନଙ୍କ ପାଇଁ ଥିବା ବଣ୍ଡ ନୀତି ରଦ୍ଦ କରିବା ଦିଗରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କାର୍ଯ୍ୟ କରୁଛି। ଏଥିପାଇଁ ଗାଇଡ୍‌ଲାଇନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ବଣ୍ଡ୍ ପଲିସି ଅନୁଯାୟୀ ଡାକ୍ତରମାନେ ଶିକ୍ଷା ସମାପ୍ତି ପରେ ରାଜ୍ୟ ହସ୍ପିଟାଲରେ ନିର୍ଦ୍ଦିଷ୍ଟ ସମୟ ପାଇଁ ସେବା କରିବା ବାଧ୍ୟତାମୂଳକ ଥିଲା। ସରକାରୀ ହସ୍ପିଟାଲରେ ଚାକିରି ନ କଲେ ସେମାନଙ୍କୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଅର୍ଥ ରାଜ୍ୟ କିମ୍ବା ମେଡିକାଲ କଲେଜକୁ ପୈଠ କରିବାକୁ ହେଉଥିଲା। ୨୦୧୯ ଅଗଷ୍ଟରେ ସୁପ୍ରିମକୋର୍ଟ ରାଜ୍ୟଗୁଡ଼ିକର ଉକ୍ତ ବଣ୍ଡ୍ ପଲିସିକୁ କାଏମ ରଖିଥିଲେ ମଧ୍ୟ କେତେକ ରାଜ୍ୟ କଠୋର ସର୍ତ୍ତାବଳୀ ଲଗାଇଥିବା ଟିପ୍ପଣୀ ଦେଇଥିଲେ। କେନ୍ଦ୍ର ସରକାର ଏବଂ ମେଡିକାଲ କାଉନସିଲ୍ ଅଫ୍ ଇଣ୍ଡିଆ ଡାକ୍ତରମାନଙ୍କ ବାଧ୍ୟତାମୂଳକ ସେବା ପାଇଁ ସମାନ ନୀତି ପ୍ରସ୍ତୁତ କରିବାକୁ ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ଦେଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୨୦୧୯ରେ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟର ପ୍ରମୁଖ ଉପଦେଷ୍ଟା ଡ. ବି.ଡି. ଅଥାନିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ୨୦୨୦ ମେ'ରେ କମିଟି ରିପୋର୍ଟ ପ୍ରଦାନ କରିଥିଲା।

# ଭିକ୍ଟୋରିଆ ହ୍ରଦରେ ଖସିଲା ବିମାନ: ୧୯ ମୃତ



ଭିକ୍ଟୋରିଆ ହ୍ରଦରେ ଖସିପଡିଥିବା ବିମାନରୁ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଉଛି।

**ଡାର୍ ଏସ୍ ସଲାମ,୬।୧୧**

ଭିକ୍ଟୋରିଆ ହ୍ରଦରେ ରବିବାର ସକାଳେ ଏକ ଯାତ୍ରୀବାହୀ ବିମାନ ଖସିପଡ଼ିବାରୁ ୧୯ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ବିମାନରେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ୨୬ ଜଣଙ୍କୁ ଉଦ୍ଧାର କରାଯାଇଛି। ବିମାନଟିର ଅଧିକାଂଶ ଭାଗ ପାଣିରେ ବୁଡ଼ିରହିଥିବା ଦେଖାଯାଇଛି। ଉପକୂଳ ସହର ଡାର୍ ଏସ୍ ସଲାମରୁ ଆସିଥିବା ବିମାନଟି ତାଞ୍ଜାନିଆର ବୁକୋବା ବିମାନବନ୍ଦରରେ ଅବତରଣ ଉଦ୍ୟମ କରୁଥିବାବେଳେ ଆଫ୍ରିକାର ସର୍ବବୃହତ୍ ହ୍ରଦରେ ଖସିପଡ଼ିଥିବା ଏୟାରଲାଇନ୍ସ କମ୍ପାନୀ ପେସିସନ୍ ଏୟାର ପକ୍ଷରୁ କୁହାଯାଇଛି। ଉଦ୍ଧାରକାରୀ ବୋଟ୍ ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବିମାନଟି ୧୦୦ ମିଟର ଉଚ୍ଚରେ ଉଡୁଥିବାବେଳେ ସମସ୍ୟା ଦେଖାଦେଇଥିଲା। ସେହି ସମୟରେ ପ୍ରବଳ ବର୍ଷା ହେଉଥିବାରୁ ନିୟନ୍ତ୍ରଣ ହରାଇ ବିମାନ ହ୍ରଦରେ ଖସିପଡ଼ିଲା ବୋଲି କାଗେରା ପ୍ରୋଭିନ୍ସ ପୋଲିସ କମାଣ୍ଡର କହିଛନ୍ତି।

## ୮ରୁ ସରକାର ବିରୋଧୀ ପଦଯାତ୍ରା ଆରମ୍ଭ କରିବେ ଇମ୍ରାନ

**ଇସ୍‌ଲାମାବାଦ,୬।୧୧**

ପାକିସ୍ତାନ ସରକାରଙ୍କ ବିରୋଧରେ ଦୀର୍ଘ ଶୋଭାଯାତ୍ରାରେ ବାହାରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ପଞ୍ଜାବ ପଦେଶର ୱଜିରାବାଦରେ ଆତତାୟୀଙ୍କ ଗୁଳିରେ ଗୁରୁତର ଆହତ ହୋଇଥିଲେ। ସେ ଆସନ୍ତା ମଙ୍ଗଳବାର ସେହି ସ୍ଥାନରୁ ତାଙ୍କ ଦୀର୍ଘ ଯାତ୍ରା ପୁନର୍ବାର ଆରମ୍ଭ କରିବାକୁ ଯାଉଛନ୍ତି। ଲାହୋରରେ ଏକ ଖବରଦାତା ସମ୍ମିଳନୀରେ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ (ପିଟିଆଇ) ନେତା ଏହି ସୂଚନା ଦେଇଛନ୍ତି। ସେ ଲାହୋରରେ ଲଙ୍ଗ୍ ମାର୍ଚ୍ଚକୁ ସମ୍ବୋଧିତ କରିବେ ଏବଂ ଆଗାମୀ ୧୦ରୁ ୧୪ ଦିନ ମଧ୍ୟରେ ଏହା ରାୱଲପିଣ୍ଡିରେ ପହଞ୍ଚିବ। ସୂଚନାଯୋଗ୍ୟ, ଗତ ଗୁରୁବାର ୱଜିରାବାଦରେ ଲଞ୍ଚ ମାର୍ଚ୍ଚ ବେଳେ ଗୁଳିକାଣ୍ଡ ହେବାରୁ ଇମ୍ରାନଙ୍କ ସମେତ ୧୨ ଜଣ ଆହତ ହୋଇଥିବାବେଳେ ମୋଆଜାମ୍ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ସେ ୩ ଦିନ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ରବିବାର ଘରକୁ ଫେରିଛନ୍ତି।

## ମହାକାଶକୁ ମାଙ୍କଡ଼ ପଠାଇବ ଚାଇନା



**ବେଜିଂ, ୬।୧୧**

ଉଦ୍ୟୋଗ ଓ ଟେକ୍ନୋଲୋଜି କ୍ଷେତ୍ରରେ ଆଗୁଆ ଥିବା ଚାଇନା ମହାକାଶ ଗବେଷଣା କ୍ଷେତ୍ରରେ ମଧ୍ୟ କୌଣସିମତେ ପଛୁଆ ନୁହେଁ। ଚାଇନା ବୈଜ୍ଞାନୀମାନେ ନୂଆକରି ଲଞ୍ଚ କରିଥିବା ଟିଆଙ୍ଗୋଙ୍ଗ୍ ସ୍ପେସ୍ ଷ୍ଟେଶନରେ ମହାକାଶକୁ ମାଙ୍କଡ଼ ପଠାଇବା ନେଇ ଯୋଜନା କରୁଛନ୍ତି। ଶୂନ୍ୟ ମାଧ୍ୟାକର୍ଷଣ ଶକ୍ତିରେ ମାଙ୍କଡ଼ମାନେ କିଭଳି ଜୀବନଯାପନ କରିବେ ଏବଂ ସେଠାରେ ସେମାନଙ୍କ ପ୍ରଜନନ କ୍ଷମତା କିପରି ରହିବ ସେ ଦିଗରେ ଗବେଷଣା କରାଯିବ। ମହାକାଶରେ ଜୀବ ବିଜ୍ଞାନ ଉପରେ ଅଧ୍ୟୟନ ଏହାର ମୁଖ୍ୟ କାରଣ ବୋଲି ରିସର୍ଚ୍ଚ ମୁଖ୍ୟ ଝାଙ୍ଗ ଲୁ କହିଛନ୍ତି। ପୂର୍ବଦିନରେ ମାଛ ଓ

### ବୈଜ୍ଞାନିକଙ୍କ ଜୈବ ବିଜ୍ଞାନ ସମ୍ବନ୍ଧୀୟ ଅଧ୍ୟୟନ ଜାରି

ଗେଣ୍ଡାକୁ ନେଇ ଏଦିଗରେ ଗବେଷଣା କରାଯାଇଛି। ଏହାଦ୍ୱାରା ମହାକାଶ ବାତାବରଣ ବିଷୟରେ ଅଧିକ ତଥ୍ୟ ହସ୍ତଗତ କରାଯାଇପାରିବ। ଅନ୍ୟପକ୍ଷେ ଜୀବମାନଙ୍କ ଶରୀର ଆକାରକୁ ନେଇ ସ୍ପେସ୍‌ରେ ଜୀବ ବିଜ୍ଞାନ ଅଧ୍ୟୟନ ଉପରେ ଅଧିକ ରିସର୍ଚ୍ଚ ସମ୍ଭବପର । ମାଙ୍କଡ଼ ଓ ମନୁଷ୍ୟ ପ୍ରକୃତିରେ ଅନେକ ସାମଞ୍ଜସ୍ୟ ରହିଥିବାରୁ ଏହି ଗବେଷଣା ଲାଭଦାୟକ ହେବ ବୋଲି ସିଙ୍ଘୁଆ ୟୁନିଭର୍ସିଟିର ପ୍ରଫେସର୍ କେହକୁଇ କି ମତ ପ୍ରକାଶ କରିଛନ୍ତି।

# ଏନ୍‌ଡିଏ ଶାସନରେ ସର୍ବାଧିକ ବେରୋଜଗାରି, ଦରଦାମ୍ ଅନିୟନ୍ତ୍ରିତ: ରାହୁଲ

**ହାଇଦ୍ରାବାଦ,୬।୧୧**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଭାରତ ଯୋଡ଼ୋ ଯାତ୍ରା ରବିବାର ୬୦ ଦିନ ଅତିକ୍ରମ କରିଛି। ୬୦ତମ ଦିନରେ ରାହୁଲ ରବିବାର ସକାଳେ ତେଲଙ୍ଗାନାର ମେଡକ ଜିଲା ଅନ୍ତର୍ଗତ ଆଲ୍ଲାଦୁର୍ଗରେ ପଦଯାତ୍ରା କରିଥିଲେ। ଏହି ଅବସରରେ ସେ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ୨୦୧୪ରେ କ୍ଷମତାକୁ ଆସିବା ପରେ ଦେଶରେ ବେରୋଜଗାରୀ ଓ ଦରଦାମ୍ ବୃଦ୍ଧି ବେଲଗାମ ଭାବେ ବଢ଼ିଚାଲିଥିବା କଂଗ୍ରେସ ନେତା କହିଛନ୍ତି।

### ୬୦ ଦିନରେ ଭାରତ ଯୋଡ଼ୋ ଯାତ୍ରା

ମେଡକ ଜିଲାରେ ଏକ ପଥପ୍ରାନ୍ତ ସଭାରେ ରାହୁଲ କହିଥିଲେ, ଏନ୍‌ଡିଏ ସରକାର ଭେଲ୍ ଏବଂ ରେଲ୍‌ୱେ ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ଘରୋଇକରଣ କରୁଥିବା ରାହୁଲ ଅଭିଯୋଗ କରିଛନ୍ତି। ଯେତେବେଳେ ସେ ଯୁବବର୍ଗଙ୍କୁ ଭେଟୁଛନ୍ତି, ସେମାନେ ବେରୋଜଗାରୀ ସମ୍ପର୍କରେ କହୁଛନ୍ତି। ବଡ଼ ବ୍ୟବସାୟ ସଂସ୍ଥା ତୁଳନାରେ କୃଷକ ଏବଂ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀ ଅଧିକ ନିଯୁକ୍ତି ପ୍ରଦାନ କରିଥାନ୍ତି। ସେ ନାଗି ରେଡ୍ଡୀ ନାମକ ଜଣେ ଚାଷୀଙ୍କୁ ମଞ୍ଚକୁ ଡାକି ତେଲଙ୍ଗାନା ଚାଷୀଙ୍କ ସ୍ଥିତି ସମ୍ପର୍କରେ ବର୍ଣ୍ଣନା କରିବାକୁ କହିଥିଲେ। ଏହି ସଭାରେ ପ୍ରଦେଶ କଂଗ୍ରେସ ସଭାପତି ଏ. ରେଭନ୍ତ ରେଡ୍ଡୀ ଓ ରାଜ୍ୟର ଅନ୍ୟ ନେତାମାନେ ସାମିଲ ହୋଇଥିଲେ। ଏହି ଅବସରରେ ରାହୁଲ ବିଭିନ୍ନ ବର୍ଗର ଲୋକଙ୍କ ସହ କଥା ହୋଇଥିଲେ। ସୋମବାର ଭାରତ ଯୋଡ଼ୋ ଯାତ୍ରା ତେଲଙ୍ଗାନା ଅତିକ୍ରମ କରି ମହାରାଷ୍ଟ୍ରରେ ପ୍ରବେଶ କରିବ।



ତେଲଙ୍ଗାନାର ମେଡକ ଜିଲାରେ ରବିବାର ସମର୍ଥକଙ୍କ ସହ ରାହୁଲ ଗାନ୍ଧୀ।

## କୁକୁରକୁ ଖାଇବାକୁ ନ ଦେବାରୁ ଭାଇଙ୍କୁ ହତ୍ୟା

**ପାଲ୍ଲକଡ଼,୬।୧୧**

କେରଳ ରାଜ୍ୟ ପାଲ୍ଲକଡ଼ ଜିଲାର ପେରୁମ୍ବାଧୋଡ଼ି ଅଞ୍ଚଳରେ କୁକୁରକୁ ଖାଦ୍ୟ ନ ଦେବାରୁ ଜଣେ ଯୁବକଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ପିଟି ହତ୍ୟା କରିଛନ୍ତି। କୋପାମ୍ ପୋଲିସ ଅଭିଯୁକ୍ତ ହକିମ୍ (୨୭)ଙ୍କୁ ଗିରଫ କରିଛି। ହକିମ ପାଳିଥିବା କୁକୁରକୁ ଶୁକ୍ରବାର ତାଙ୍କ ସମ୍ପର୍କୀୟ ଭାଇ ହର୍ଷଦ (୨୧) ଖାଇବାକୁ ଦେଇ ନ ଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ହକିମ ହର୍ଷଦଙ୍କୁ କୁକୁର ବନ୍ଧା ବେଲ୍ଟ ଓ କାଠ ଫାଳିଆରେ ନିର୍ଘାତ ପିଟିଥିଲେ। ଗୁରୁତର ଅବସ୍ଥାରେ ହର୍ଷଦଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପଞ୍ଜରା ହାଡ଼ ଭାଙ୍ଗିବା ଏବଂ ଅନ୍ତଃରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହିଛି। ଦୁଇ ଭାଇ ପେରୁମ୍ବାଥୋଡ଼ିରେ ଗୋଟିଏ ଘରେ ଏକାଠି ରହି ମୋବାଇଲ କେବୁଲ କାମ କରୁଥିଲେ।

# ଗୁଜରାଟରେ ମୋଦିଙ୍କ ନିର୍ବାଚନ ପ୍ରଚାର

**ନୂଆଦିଲ୍ଲୀ,୬।୧୧**

ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସେଠାରେ ଭାଜପା ପାଇଁ ପ୍ରଚାର ଶୁଭାରମ୍ଭ କରିଛନ୍ତି। 'ମୁଁ ଏହି ଗୁଜରାଟ ନିର୍ମାଣ କରିଛି' ବୋଲି ସେ ଗୁଜରାଟୀ ଭାଷାରେ ନୂଆ ନିର୍ବାଚନୀ ସ୍ଲୋଗାନ ଦେବା ସହ ଉପସ୍ଥିତ ଜନତାଙ୍କୁ ଏହା ଦୋହରାଇବାକୁ କହିଥିଲେ। ପ୍ରତ୍ୟେକ ଗୁଜରାଟୀ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସୀ, ସେମାନେ ଅନ୍ତରାତ୍ମାର କଥା କହିଥାନ୍ତି ବୋଲି କପରଡ଼ାରେ ପ୍ରଧାନମନ୍ତ୍ରୀ କହିଛନ୍ତି।

### ଭାଜପା ସରକାର ବିରୋଧରେ କଂଗ୍ରେସର ୨୨ସୂତ୍ରୀ ଅଭିଯୋଗଫର୍ଦ୍ଦ

ଅନ୍ୟପକ୍ଷରେ ଗୁଜରାଟର ଭାଜପା ସରକାରଙ୍କ ବିରୋଧରେ ରବିବାର କଂଗ୍ରେସ ୨୨ସୂତ୍ରୀ ଅଭିଯୋଗଫର୍ଦ୍ଦ ଜାରି କରିଛି। ଏହି ସରକାର ଭାରତ ବିରୋଧୀ। ଏହି ସରକାରରେ ଅଧିକାଂଶ ଗୁଜରାଟୀ କ୍ଷୁଧା, ଭୟ ଓ ଅତ୍ୟାଚାର ମଧ୍ୟରେ କାଳାତିପାତ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ନିକଟରେ ମୋର୍ବି ଝୁଲାପୋଲ ଭୁଶୁଡ଼ି ୧୩୫ ଜଣଙ୍କ ମୃତ୍ୟୁ ଘଟଣା ପାଇଁ କଂଗ୍ରେସ ରାଜ୍ୟ ସରକାରଙ୍କୁ ଦାୟୀ କରିଛି। ବିଲ୍‌କିସ୍ ବାନୋ ଗଣବଳାତ୍କାର ଓ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା ମାମଲାରେ ୧୧ ଅପରାଧୀଙ୍କୁ ଦୋଷମୁକ୍ତ କରାଯିବା ଅସାମ୍ବିଧାନିକ ବୋଲି ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। କଂଗ୍ରେସକୁ ଭୋଟ ଦେଇ ମହାତ୍ମା ଗାନ୍ଧୀ ଓ ସର୍ଦ୍ଦାର ପଟେଲଙ୍କ ଗୁଜରାଟକୁ ପୁଣିଥରେ ଗର୍ବିତ କରିବା ଲାଗି ବିରୋଧୀ ଦଳ ଜନସାଧାରଣଙ୍କୁ ଅନୁରୋଧ କରିଛି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୭୬,୯୫,୮୮୪ | ୬୬,୦୫,୪୬୪ | ୬୧,୭୨,୧୫,୯୭୦ |
| ଭାରତ | ୪,୪୬,୬୦,୫୭୯ | ୫,୩୦,୫୦୦ | ୪,୪୧,୧୫,୨୪୦ |
| ଓଡ଼ିଶା | ୧୩,୩୬,୨୬୧ | ୯୨୦୪(+୫୩) | ୧୩,୨୬,୮୪୦ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସମୁଦ୍ର ବେଳାଭୂମିରୁ ମୃତ ଡଲ୍‌ଫିନ ଠାବ



ମୃତ ଡଲ୍‌ଫିନ

**ପାରାଦୀପ,୬।୧୧(ସ୍ୱ.ପ୍ର.)**

ପାରାଦୀପ ସମୁଦ୍ର ବେଳାଭୂମିର ହନୁମାନ ମନ୍ଦିର ସୀମାରେ ରବିବାର ଏକ ମୃତ ଡଲ୍‌ଫିନ ଠାବ ହୋଇଛି। ଏହା ବଟଲନୋଜ ପ୍ରଜାତିର ଡଲ୍‌ଫିନ। ଏହାର ବୟସ ୨ ବର୍ଷ ୬ମାସ, ଓଜନ ୨୦ କେଜି, ଲମ୍ବା ୩ ଫୁଟ୍ ୫ ଇଞ୍ଚ, ଗୋଲେଇ ୨ ଫୁଟ ୫ ଇଞ୍ଚ ବୋଲି କୁଜଙ୍ଗ ବନାଞ୍ଚଳ ଅଧିକାରୀ ରଞ୍ଜନ ମିଶ୍ର କହିଛନ୍ତି। ବିଶ୍ୱଜିତ ସାମଲ ନାମକ ଯୁବକ ସମୁଦ୍ର କୂଳରେ ବୁଲିବା ବେଳେ ମୃତ ଡଲ୍‌ଫିନ୍‌କୁ ଦେଖି ବନବିଭାଗକୁ ଖବର ଦେଇଥିଲେ। ଏହାପରେ ବନବିଭାଗ ଉକ୍ତ ଡଲ୍‌ଫିନକୁ ବ୍ୟବଚ୍ଛେଦ କରି ପୋତି ଦେଇଛି ବୋଲି ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ନଭେମ୍ବର ୧ରୁ ସମୁଦ୍ର ଉପକୂଳ ସୀମାରେ ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ସାମୁଦ୍ରିକ କଟକଣା ଲାଗୁ କରାଯାଇଛି। ଏହି ସମୟରେ ମୃତ ଡଲ୍‌ଫିନ ମିଳିବା ଚର୍ଚ୍ଚାର ବିଷୟ ପାଲଟିଛି।



ପଞ୍ଚକର ତୃତୀୟ ଦିବସରେ ରବିବାର ଶ୍ରୀମନ୍ଦିରରେ ଦାରୁଦିଅଁଙ୍କ ତ୍ରିବିକ୍ରମ ବେଶ ଦର୍ଶନ ପାଇଁ ସିଂହଦ୍ୱାରଠାରୁ ଟାଉନ୍ ଥାନା ସମ୍ମୁଖ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି।

# ତ୍ରିବିକ୍ରମ ବେଶରେ ଦାରୁଦିଅଁ



**ପୁରୀ ଅଫିସ, ୬।୧୧**

ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି ତଥା ପଞ୍ଚକର ତୃତୀୟ ଦିବସରେ ରବିବାର ଶ୍ରୀମନ୍ଦିରରେ ଦାରୁଦିଅଁ ଆଡ଼କିଆ ବା ତ୍ରିବିକ୍ରମ ବେଶରେ ଦର୍ଶନ ଦେଇଛନ୍ତି। ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ଏହି ବେଶ ସମ୍ପାଦନ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କ ମସ୍ତକରେ ଚୂଳ ଲାଗି କରାଯିବା ସହ ଚୂଳରେ ସ୍ୱର୍ଣ୍ଣନିର୍ମିତ କିଆ ଆଡ଼ବାଗରେ ଖୋଷାଯାଇଥିଲା। ଦେବୀ ସୁଭଦ୍ରା ଓ ଦୁଇ ଠାକୁରଙ୍କ ମସ୍ତକର ଶୀର୍ଷ ଭାଗରେ ସ୍ୱର୍ଣ୍ଣଚନ୍ଦ୍ରିକା ଖଞ୍ଜାଯାଇଥିଲା। ଏଥିସହ ଅନ୍ୟାନ୍ୟ ସ୍ୱର୍ଣ୍ଣ ଅଳଙ୍କାର, ହଳ, ମୁଷଳ, ଶଙ୍ଖ, ଚକ୍ର ଏବଂ ପାଟବସ୍ତ୍ର ଇତ୍ୟାଦିରେ ଠାକୁରମାନଙ୍କୁ ସଜ୍ଜିତ କରାଯାଇଥିଲା। ଏହି ଦୁର୍ଲଭ ବେଶ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା।

କଥିତ ଅଛି, ମହନ୍ତ ମହାରାଜ ରାମଜୟନ୍ତୀ ଦାସଙ୍କ ଦ୍ୱାରା ଏହି ବେଶର ପ୍ରଚଳନ ହୋଇଥିଲା। ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ମସ୍ତକରେ ସୁନାକିଆ ଆଡ଼ବାଗରେ ଖୋଷାଯାଇଥିଲା। ଚୂଳ ଶେଷରେ ସୁନାଚନ୍ଦ୍ରିକା ଲଗାଯାଇଥିଲା। ସୁଭଦ୍ରାଙ୍କୁ ସ୍ୱର୍ଣ୍ଣଚନ୍ଦ୍ରିକା ଦ୍ୱାରା ଶୋଭିତ କରାଯାଇଥିଲା। ତାଙ୍କ ମସ୍ତକରେ ଚୂଳ ଲାଗି କରା ନ ଯାଇ ସୁନା କିରୀଟ ଲଗାଯାଇଥିଲା। ଅନ୍ୟ ଅଳଙ୍କାର, ମାଳି, ଶ୍ରୀପୟର, ଶ୍ରୀହସ୍ତ ଓ ଆୟୁଧ ଲାଗି କରାଯାଇଥିଲା।

# ୮.୨୧ ଲକ୍ଷ ଠକେଇ, ଯୁବକ ଗିରଫ

**ମଙ୍ଗୁଳି, ୬।୧୧(ଡି.ଏନ୍.ଏ.):** ଠକେଇ ଅଭିଯୋଗରେ ଜଣେ ଯୁବକଙ୍କୁ ଜଗତ୍‌ପୁର ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ଅସୁରେଶ୍ୱର ଗ୍ରାମର ସାହାବାଦ ଆଲାମ ଖାନ୍। ଦିଲୀପ କୁମାର ମୋଦକଙ୍କର ଭୁବନେଶ୍ୱରରେ ଏକ କମ୍ପାନୀ ରହିଛି। ତାଙ୍କ କମ୍ପାନୀ ପାଇଁ ସ୍କ୍ରାପ ଆବଶ୍ୟକ ଥିବାରୁ ଗତ ୩୦ ତାରିଖରେ ସାହାବାଦ ତାଙ୍କୁ ଜଗତ୍‌ପୁରସ୍ଥିତ ଏକ କମ୍ପାନୀକୁ ନେଇ ସ୍କ୍ରାପ ଦେଖାଇଥିଲେ। ଦିଲୀପ କିଣିବା ପାଇଁ ରାଜି ହୋଇଥିଲେ। ଏଥିପାଇଁ କିଛି ଟଙ୍କା ଗୋଦାମ ମାଲିକଙ୍କୁ ଆଡ୍‌ଭାନ୍ସ ଦେଇଥିଲେ। ବାକି ୮ଲକ୍ଷ ୨୧ହଜାର ଟଙ୍କା ୩୧ ତାରିଖରେ ଦେବି ବୋଲି କହି ଆସିଥିଲେ। ହେଲେ ୩୧ ତାରିଖରେ ସାହାବାଦ ଦିଲୀପଙ୍କ ନିକଟରେ ପହଞ୍ଚି ସ୍କ୍ରାପ ବୋଝେଇ ଟ୍ରକ୍ ବାଟରେ ଅଛି କହି ବାକି ୮ଲକ୍ଷ ୨୧ହଜାର ଟଙ୍କା ତାଙ୍କଠାରୁ ନେଇ ଆସିଥିଲେ। ଦିଲୀପଙ୍କ ନିକଟରେ ମାଲ୍ ବୋଝେଇ ଟ୍ରକ ନ ପହଞ୍ଚିବାରୁ ସେ ଗୋଦାମ ମାଲିକଙ୍କୁ ଏ ବାବଦରେ ପଚାରିଥିଲେ। ଗୋଦାମ ମାଲିକ କହିଥିଲେ,ସେ କୌଣସି ବାକି ଟଙ୍କା ପାଇନାହାନ୍ତି। ସେଥିଲାଗି ଟ୍ରକ୍ ଗୋଦାମରୁ ଯାଇନାହିଁ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୭୩/୨୨)ରୁଜୁ କରିଥିଲା।

# ବିଫଳ ହୋଇଛି ବିମୁଦ୍ରୀକରଣ

## ଲୋକଙ୍କ ହାତରେ ୩୦.୮୮ ଲକ୍ଷ କୋଟି ନଗଦ ରାଶି

**ଲୋକଙ୍କ ପାଖରୁ ନଗଦ ଟଙ୍କା ଛଡ଼ାଇ ନେଇ କ୍ୟାଶଲେସ୍ ଟ୍ରାଞ୍ଜାକ୍ସନର ସ୍ୱପ୍ନ ଦେଖାଇଥିବା କେନ୍ଦ୍ର ସରକାର ଏବେ ବାସ୍ତବତାକୁ ଅନୁଭବ କରିବାର ସମୟ ଆସିଯାଇଛି। ବିମୁଦ୍ରୀକରଣକୁ ୬ବର୍ଷ ପୂରିବାକୁ ଆଉ ଗୋଟେ ଦିନ ବାକି ଥିବାବେଳେ ଭାରତୀୟଙ୍କ ପାଖରେ ନଗଦ ରାଶି ୩୦.୮୮ଲକ୍ଷ କୋଟି ଟଙ୍କା ଥିବା ଜଣାପଡ଼ିଛି, ଯାହାକି ୨୦୧୬ ନଭେମ୍ବର ୪ରେ ହୋଇଥିବା ଆକଳନ ଠାରୁ ୭୧.୮୪% ଅଧିକ।**

**ମୁମ୍ବାଇ,୬।୧୧**

କଳାଧନ ଓ ଦୁର୍ନୀତି ରୋକିବା ସହ ନଗଦ ଅର୍ଥକାରବାର ହ୍ରାସ ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରିଥିଲେ। ସେତେବେଳେ ଦେଶରେ ପ୍ରଚଳିତ ସମସ୍ତ ୫୦୦ ଓ ୧,୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦିଆଯାଇଥିଲା। ତେବେ ଯେଉଁ ଲକ୍ଷ୍ୟ ନେଇ ସରକାର ଏଭଳି ଏକ ଦୁଃସାହସିକ ପଦକ୍ଷେପ ନେଇଥିଲେ, ତାହା ସମ୍ପୂର୍ଣ୍ଣ ବିଫଳ ହୋଇଛି। ବିମୁଦ୍ରୀକରଣକୁ ୬ ବର୍ଷ ପୂରୁଥିବାବେଳେ ଲୋକଙ୍କ ହାତରେ ନଗଦ ଅର୍ଥରାଶି ପରିମାଣ ସର୍ବାଧିକ ୩୦.୮୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୧୬ ନଭେମ୍ବର ୪ ବେଳକୁ ଦେଶରେ ଯେତିକି ନଗଦ ଅର୍ଥ କାରବାର ହେଉଥିଲା, ତାହା ତୁଳନାରେ ବର୍ତ୍ତମାନର ନଗଦ ଅର୍ଥରାଶି ପରିମାଣ ୭୧.୮୪ ପ୍ରତିଶତ ଅଧିକ। ତେଣୁ ନଗଦ ଅର୍ଥ କାରବାର ଏବେବି ବଢ଼ିଚାଲିଥିବା ଏଥିରୁ ସ୍ପଷ୍ଟ ହୋଇଛି। ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ମୁଦ୍ରା ଯୋଗାଣ ତଥ୍ୟ ଅନୁଯାୟୀ ଅକ୍ଟୋବର ୨୧ରେ ଦେଶବାସୀଙ୍କ ପାଖରେ ନଗଦ ଅର୍ଥ ପରିମାଣ ୩୦.୮୮ ଲକ୍ଷ କୋଟି ଟଙ୍କା ଥିଲା। ୨୦୧୬ ନଭେମ୍ବର ୪ରେ ଦେଶରେ କାରବାର ହେଉଥିବା ମୁଦ୍ରା ପରିମାଣ ୧୭.୭ ଲକ୍ଷ କୋଟି ଟଙ୍କା ଥିଲା। ଲୋକଙ୍କ ହାତରେ ଥିବା ନୋଟ୍ ଏବଂ କଏନ୍‌କୁ ସେମାନେ ଦ୍ରବ୍ୟ ଓ ସେବା କିଣାକିଣିରେ ବ୍ୟବହାର କରିଥାନ୍ତି। ମୋଟ୍ ପ୍ରଚଳିତ ମୁଦ୍ରାରୁ ବ୍ୟାଙ୍କ ପାଖରେ ଥିବା ଅର୍ଥକୁ ବାଦ୍ ଦେଲେ ଅବଶିଷ୍ଟ ହେଉଛି ଲୋକଙ୍କ ହାତରେ ଥିବା ନଗଦ ରାଶି। ଅର୍ଥ ପୈଠରେ ଡିଜିଟାଲ ବିକଳ୍ପ ଲୋକପ୍ରିୟ ଏବଂ ସହଜ ହୋଇଥିଲେ ମଧ୍ୟ ନଗଦ କାରବାର କ୍ରମାଗତ ଭାବେ ବଢ଼ିଚାଲିଛି। କୋଭିଡ୍ ମହାମାରୀ ବେଳେ ଡିଜିଟାଲ ମୋଡ୍‌ରେ ଅର୍ଥ କାରବାର ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଥିଲେ। ଏହା ସତ୍ତ୍ୱେ ନଗଦ କାରବାର ବିଶେଷ ପ୍ରଭାବିତ ହୋଇପାରି ନାହିଁ। ସେହି ସମୟରେ କାରବାର ହେଉଥିବା ମୁଦ୍ରା ଏବଂ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅନୁପାତ ମୋଟାମୋଟି ଆର୍ଥିକ ଅଭିବୃଦ୍ଧି ସହ ବଢ଼ିଚାଲିଥିଲା। ବିମୁଦ୍ରୀକରଣ ପରେ ଡିଜିଟାଲ କାରବାର ଉଲ୍ଲେଖନୀୟ ଭାବେ ବଢ଼ିଥିଲେ ମଧ୍ୟ ଜିଡିପି ସହ ଏହାର ଅନୁପାତ ପାରମ୍ପରିକ ଭାବେ କମ୍ ରହିଆସିଛି। ଦୀପାବଳି ସପ୍ତାହରେ କାରବାର ହେଉଥିବା ମୁଦ୍ରା ପରିମାଣ ୭,୬୦୦ କୋଟି ଟଙ୍କା ହ୍ରାସ ପାଇଥିବା ନିକଟରେ ଏସ୍‌ବିଆଇର ଅର୍ଥନୀତିଜ୍ଞମାନେ କହିଥିଲେ। ୨୦୦୯ ପାର୍ବଣ ଋତୁର କାରବାରକୁ ବାଦ୍ ଦେଲେ ପାଖାପାଖି ୨ ଦଶନ୍ଧି ମଧ୍ୟରେ ଏହା ପ୍ରଥମ ହ୍ରାସ ବୋଲି ବିଶେଷଜ୍ଞମାନଙ୍କ ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଥିଲା।










E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**SKY AUTOMOBILES**
BERHAMPUR: 9778202019.
BHANJANAGAR: 9778202019.
PARALAKHEMUNDI: 9778202019.
PHULBANI: 9778202019.

**ODYSSEY MOTORS**
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851.
SONEPUR: 9438068327. JHARSUGUDA: 9439892153.
BOUDH: 8594908009. PADAMPUR: 7381661837.

**ORBIT MOTORS**
ROURKELA: 9437041155, 9040404444.
SUNDARGARH: 9437049161, 9437131074.
DEOGARH: 9437061223, 7064400290.

**LEGEND CARS**
JEYPORE: 7894406481.
RAYAGADA: 9692883042.
BHAWANIPATNA: 7894442907.

*Offer includes consumer offer, exchange bonus, institutional offer or rural offer, Gold voucher and spot booking offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. #Test result of Rule 115 of CMVR, 1989. (CMVR is an acronym for Central Motor Vehicles Rules, 1989). Mileage mentioned is for Vxi(O) AGS & Vxi+ (O) AGS. **For details on functioning of safety features including Air Bag, kindly refer to the Owner's Manual. Creative Visualization. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th November, 2022.

## ୬ଷ୍ଠରୁ ୮ମ ପିଲାଙ୍କ ମିଡ୍ ଟର୍ମ ଆସେସ୍‌ମେଣ୍ଟ ହେବ

ଭୁବନେଶ୍ୱର, ୬।୧୧(ବ୍ୟୁରୋ): ରାଜ୍ୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରାଛାତ୍ରୀଙ୍କ ଶିକ୍ଷାଗତ ଦକ୍ଷତା ମାପିବାକୁ ମିଡ୍ ଟର୍ମ ଆସେସ୍‌ମେଣ୍ଟ କରାଯିବ। ପରୀକ୍ଷାରେ କାହାକୁ ଫେଲ୍ କରାଯିବ ନାହିଁ। ଅନ୍ୟ ବିଦ୍ୟାଳୟର ଶିକ୍ଷକ ମୂଲ୍ୟାୟନ କରିବା ସହ ଶିକ୍ଷାଦାନରେ ଆବଶ୍ୟକତା ନେଇ ସମୀକ୍ଷା କରିବେ। ଛାତ୍ରାଛାତ୍ରୀଙ୍କ ଦୁର୍ବଳତା ପରଖି ସମାଧାନ ପାଇଁ ଖସଡ଼ା ପ୍ରସ୍ତୁତ କରାଯିବ। ଶିକ୍ଷାରେ ସଂସ୍କାର ଆଣିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ରବିବାର ସୂଚନା ଦେଇଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ରାତିରେ ହେବ ମହାପ୍ରଭୁଙ୍କ ସୁନାବେଶ

ପୁରୀ ଅଫିସ, ୬।୧୧: ଆସନ୍ତା ୮ତାରିଖ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମାରେ ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ ପଡୁଛି। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ୭ତାରିଖ ସୋମବାର ରାତି ୧୨ଟା ୧୦ରେ ଦ୍ୱାର ଫିଟାଯାଇ ରାତି ୨ଟା ୩୦ ସୁଦ୍ଧା ମହାପ୍ରଭୁଙ୍କ ସୁନାବେଶ ବା ରାଜାଧିରାଜ ବେଶ ସରିବ। ୮ତାରିଖ ଅର୍ଥାତ ମଙ୍ଗଳବାର ସକାଳ ୫ଟା ୫୦ ସୁଦ୍ଧା ଭୋଗ ମଣ୍ଡପ ଶେଷ କରାଯିବ। ଅପରାହ୍ଣ ୨ଟା ୩୮ ମିନିଟ୍ ୧୪ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ, ଭୋଗନୀତି ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ୮ତାରିଖ ଭୋର ୫ଟା ୫୪ ମିନିଟ ୫୩ ସେକେଣ୍ଡରେ ଗ୍ରହଣ ଆରମ୍ଭ ହେଉଥିବାରୁ ସେହି ସମୟଠାରୁ ପାକତ୍ୟାଗ ଓ ଦେବନୀତି ନିଷେଧ ହେବ। ସୋମବାର ରାତି ୧୨ଟା ୧୦ରେ ଦ୍ୱାରଫିଟାଠାରୁ ମଙ୍ଗଳବାର ସକାଳ ୫ଟା ୫୦ ମିନିଟରେ ଭୋଗମଣ୍ଡପ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

## ସେମିରେ ଭାରତ...

ଭାରତ କେବଳ ସେମିଫାଇନାଲରେ ସ୍ଥାନ ପକ୍କା କରିନାହିଁ ଅଧିକନ୍ତୁ ଗ୍ରୁପ୍-୨ରେ ଶୀର୍ଷସ୍ଥାନ ହାସଲ କରିଛି। ତେଣୁ ଗ୍ରୁପ୍-୧ରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଇଂଲଣ୍ଡକୁ ଦ୍ୱିତୀୟ ସେମିଫାଇନାଲରେ ଭେଟିବ। ଆସନ୍ତା ଗୁରୁବାର ଆଡିଲେଡ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ଗ୍ରୁପ୍-୧ ଟପ୍ପର ନ୍ୟୁଜିଲାଣ୍ଡ ଓ ଗ୍ରୁପ୍-୨ ଦ୍ୱିତୀୟ ସ୍ଥାନୀୟ ଦଳ ପାକିସ୍ତାନ ମଧ୍ୟରେ ପ୍ରଥମ ସେମିଫାଇନାଲ ବୁଧବାର ସିଡ୍‌ନୀରେ ଖେଳାଯିବ। ୨୦୦୭ରେ ଚାମ୍ପିୟନ ଓ ୨୦୧୪ରେ ରନରଅପ୍ ହୋଇଥିବା ଭାରତ ଶେଷଥର ପାଇଁ ୨୦୧୬ରେ ସେମିଫାଇନାଲ ଖେଳିଥିଲା। ୨୦୨୧ରେ ରାଉଣ୍ଡ-୨ରୁ ବିଦାୟ ନେଇଥିଲା। ତେଣୁ ଗୋଟିଏ ସଂସ୍କରଣ ବ୍ୟବଧାନରେ ପୁଣି ସେମିଫାଇନାଲ ଖେଳିବାକୁ ଯାଉଛି ଟିମ୍ ଇଣ୍ଡିଆ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଭାରତ। ଅଧିନାୟକ ରୋହିତ ଶର୍ମା (୧୬ ରନ୍) ଯଦିଓ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ ତେବେ ଲୋକେଶ ରାହୁଲ ଓ ସୂର୍ଯ୍ୟକୁମାର ଯାଦବଙ୍କ ଷ୍ଟ୍ରୋକ୍‌ପୂର୍ଣ୍ଣ ଅର୍ଦ୍ଧଶତକ ଏବଂ ବିରାଟ କୋହଲିଙ୍କ ଉପଯୋଗୀ ୨୬ ରନ୍ ବଳରେ ଏକ ଚ୍ୟାଲେଞ୍ଜିଂ ସ୍କୋର କରିବାରେ ସକ୍ଷମ ହୋଇଥିଲା ଦଳ। ରାହୁଲ ୩୫ ବଲ୍‌ରୁ ୫୧ (୩ ଚୌକା, ୩ ଛକା)ରନ୍ କରି

## ପ୍ରଥମ ପୃଷ୍ଠାରୁ...

ଆଉଟ୍ ହୋଇଥିବାବେଳେ ସୂର୍ଯ୍ୟକୁମାର ମାତ୍ର ୨୫ଟି ବଲ୍ ଖେଳି ୬ ଚୌକା ଓ ୪ ଛକା ସହାୟତାରେ ୬୧ ରନ୍ କରି ଅପରାଜିତ ରହିଥିଲେ। ଦୀନେଶ କାର୍ତ୍ତିକଙ୍କ ସ୍ଥାନରେ ସୁଯୋଗ ପାଇଥିବା ରିଷଭ ପନ୍ତ ମାତ୍ର ୩ ଓ ହାର୍ଦ୍ଦିକ ପାଣ୍ଡ୍ୟା ୧୮ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଜିମ୍ବାୱେ ପକ୍ଷରୁ ସିଅନ ୱିଲିୟମ୍ସ ୨ଟି ଏବଂ ରିଚାର୍ଡ ଏନ୍‌ଗରଭା, ବ୍ଲେସିଂ ମୁଜାରବାନି ଓ ସିକନ୍ଦର ରାଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବଡ଼ ସ୍କୋରର ପିଛା କରିଥିବା ଜିମ୍ବାୱେ ଇନିଂସ୍ ଆରମ୍ଭରୁ ହଡ଼ବଡ଼େଇ ଯାଇଥିଲା। ଭାରତର ୩ ପେସର ଭୁବନେଶ୍ୱର କୁମାର, ଅର୍ଶଦୀପ ସିଂ, ମହମ୍ମଦ ଶାମି ଏବଂ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଜିମ୍ବାୱେର ଟପ୍ ଓ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବାବେଳେ ଲୋୟର ଅର୍ଡରରେ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ପ୍ରଭାବୀ ରହିଥିଲେ। ଅଶ୍ୱିନ ୨୨ ରନ୍‌ରେ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଶାମି ଓ ହାର୍ଦ୍ଦିକଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ଗୋଟିଏ ଉଇକେଟ ନେଇଥିଲେ ହେଁ ଅର୍ଶଦୀପ ୨ ଓଭରରେ ମାତ୍ର ୯ ଏବଂ ଭୁବନେଶ୍ୱର ୩ ଓଭରରେ ୧୧ ରନ୍ ବ୍ୟୟ କରିଥିଲେ। ଜିମ୍ବାୱେ ପକ୍ଷରୁ ର୍ୟାନ୍ ବୁର୍ଲ ସର୍ବାଧିକ ୩୫ ଓ ସିକନ୍ଦର ରାଜା ୩୪ ରନ୍ କରିବାକୁ ସକ୍ଷମ ହୋଇଥିଲେ।

## ଅସାବଧାନତାରୁ ଜୀବନ ...

ସଚେତନତା ସୃଷ୍ଟି କରାଯାଉଛି। ଏହାସତ୍ତ୍ୱେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି, ଯାହାକି ବଡ଼ ଚିନ୍ତାର ବିଷୟ ହୋଇଛି। ଏନେଇ ଏସ୍‌ଟିଏ ଯୁଗ୍ମ କମିଶନର ସଞ୍ଜୟ ବିଶ୍ୱାଳ କହିଛନ୍ତି, ୨୦୨୧ ମେ ଓ ଜୁନ୍‌ରେ ଲକ୍‌ଡାଉନ ଥିଲା। ସେତେବେଳେ ଗାଡ଼ି ଚଳାଚଳ କମ୍ ଥିବାରୁ ୨୦ ପ୍ରତିଶତ ଦୁର୍ଘଟଣା କମିଥିଲା। ୨୦୧୯ ସହ ୨୦୨୨କୁ ତୁଳନା କଲେ ସଡ଼କ ଦୁର୍ଘଟଣା ପ୍ରତିଶତ ପ୍ରାୟ ସମାନ ରହୁଛି। ଜାତୀୟ ରାଜପଥରେ ଏବେ କ୍ୟାମେରା ଲଗାଯାଉଛି। ଯଦି ଗାଡ଼ି ୬୦ ସ୍ପିଡ୍ ଉପରକୁ ଯିବ ତାହା ସ୍ୱୟଂକ୍ରିୟ ବ୍ୟବସ୍ଥାରେ ଜଣାପଡ଼ିଯିବ। ପ୍ରତି ଦୁର୍ଘଟଣା ମାମଲାକୁ ସମୀକ୍ଷା କରାଯାଉଛି। ପ୍ରତି ଜିଲାରେ ସର୍ଭେ କରି ପଦକ୍ଷେପ ନିଆଯାଉଛି। ଆଗକୁ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ଆହୁରି ହ୍ରାସ ପାଇବ ବୋଲି ବିଶ୍ୱାଳ କହିଛନ୍ତି।

ସଡ଼କ ସୁରକ୍ଷା ବିଶେଷଜ୍ଞ ବିକାଶ ମହାପାତ୍ରଙ୍କ କହିବା କଥା, ସଡ଼କ ଦୁର୍ଘଟଣା ଘଟିବାର ଏକାଧିକ ପ୍ରମୁଖ କାରଣ ରହୁଛି। ସେଗୁଡ଼ିକ ମଧ୍ୟରେ ଦ୍ରୁତଗତି, ମଦ୍ୟପାନ, ସିଟ୍ ବେଲ୍ଟ-ହେଲମେଟ୍ ଆଦି ନ ପିନ୍ଧିବା କାରଣ ରହିଛି। ଅଧିକାଂଶ ଲୋକ ଦ୍ରୁତ ଗତି ଯୋଗୁଁ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଦ୍ରୁତ ଗତିକୁ ଆମେ ଏନ୍‌ଫୋର୍ସ କରିପାରୁନାହୁଁ। ଅଧିକାଂଶ ସମୟରେ ଜାତୀୟ ରାଜପଥ ପାର୍ଶ୍ୱରେ ସହଜରେ ମଦ ମିଳୁଛି। ତେଣୁ ମଦ୍ୟପାନ କରି ଅନେକେ ଗାଡ଼ି ଚଳାଉଛନ୍ତି। ସହରାଞ୍ଚଳରେ ସିଟ୍ ବେଲ୍ଟ ଏବଂ ହେଲମେଟ୍ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହେଉଥିବାବେଳେ ଗ୍ରାମାଞ୍ଚଳରେ ଲୋକମାନେ ଏହାକୁ ମାନୁନାହାନ୍ତି। ସେମାନଙ୍କୁ ନିୟନ୍ତ୍ରଣ କରିବାକୁ ପୋଲିସକୁ କ୍ଷମତା ଦିଆଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଥିସହ ମୋବାଇଲ, ଇଅର ଫୋନ୍ ଆଦି ଲଗାଇ ଚାଳକମାନେ ଗାଡ଼ି ଚଳାଉଥିବାରୁ ଏଭଳି ଦୁର୍ଘଟଣା ଅଧିକ ଘଟୁଛି। ଦୁର୍ଘଟଣାକୁ ରୋକିବାକୁ ସଚେତନତା ସୃଷ୍ଟି କରାଯିବା ସତ୍ତ୍ୱେ କେତେକ ଏହାକୁ ମାନୁ ନାହାନ୍ତି। ବିଶେଷକରି କେତେକଙ୍କ ଠାରେ ନିୟମ ମାନିବାର ମାନସିକତା ରହୁନାହିଁ। ଏଥିସହ ଆଇନକୁ ଲାଗୁ କରିବା ପାଇଁ ସରକାରଙ୍କ ସେଭଳି ତତ୍ପରତା ଆମେ ଦେଖିବାକୁ ପାଉନାହୁଁ। ଯେଉଁଥିପାଇଁ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ଏହାକୁ ରୋକିବା ପାଇଁ ସଚେତନତା ସହ ଏନ୍‌ଫୋର୍ସମେଣ୍ଟ ମଧ୍ୟ କଡ଼ାକଡ଼ି କରାଯିବା ଦରକାର। ବିଭିନ୍ନ ସ୍ଥାନରେ ରାସ୍ତା ନିର୍ମାଣ ହେବାବେଳେ ଜୋମେଟ୍ରିକାଲି ଭୁଲ୍ ହୋଇଛି। ଫଳରେ ସେଠାରେ ଦୁର୍ଘଟଣା ଘଟୁଛି। ଉକ୍ତ ବ୍ଲାକସ୍ପଟ୍‌କୁ ଚିହ୍ନଟ କରାଯାଇ ଦୁର୍ଘଟଣା ରୋକିବାରେ ଏପର୍ଯ୍ୟନ୍ତ ଆମେ ସଫଳ ହୋଇପାରିନାହୁଁ। ରୋଡର ବିଭିନ୍ନ ସ୍ଥାନରେ ସାଇନ୍ ଏଜ୍ ନାହିଁ। ସାଇନ୍ ଏଜ୍ ରହିଥିଲେ ମଧ୍ୟ ଡ୍ରାଇଭରମାନେ ତାହାକୁ ବୁଝନ୍ତିନାହିଁ। ଏପରି କି କେତେକେ ତାହାକୁ ମାନନ୍ତି ନାହିଁ। ତେବେ ସଡ଼କ ଦୁର୍ଘଟଣା ରୋକିବାକୁ ସରକାର କୌଣସି ସ୍ୱେଚ୍ଛାସେବୀ ସଂଗଠନକୁ କାମ କରିବାକୁ ସୁଯୋଗ ଦେଉନାହାନ୍ତି। ସଡ଼କ ଦୁର୍ଘଟଣା ନିୟନ୍ତ୍ରଣ କରିବା ପାଇଁ କୌଣସି ଯୋଜନା ମାଧ୍ୟମରେ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ଦେବା ଉଚିତ। ଏହି କାମ ଆର୍‌ଟିଓମାନଙ୍କ ଦ୍ୱାରା କରାଯାଉଥିଲେ ମଧ୍ୟ ସେମାନଙ୍କ ଆନ୍ତରିକତା ରହୁ ନ ଥିବା ବିକାଶ କହିଛନ୍ତି।

ପୂର୍ବତନ ପୋଲିସ ଡିଜି ବିପିନ ବିହାରୀ ମିଶ୍ର କହିଛନ୍ତି, ଗାଡ଼ି ସଂଖ୍ୟାରେ ବୃଦ୍ଧି ଯୋଗୁ ଦୁର୍ଘଟଣା ଘଟୁଛି। ଆମେରିକା ଓ ଇଂଲଣ୍ଡରେ ଲାଇସେନ୍ସ ପାଇବାକୁ ହେଲେ ଲିଖିତ ପରୀକ୍ଷା ପରେ ଟେଷ୍ଟ ଡ୍ରାଇଭ୍ ପରୀକ୍ଷା ଦେବାକୁ ପଡ଼େ। ହେଲେ ଏଠାରେ ଡ୍ରାଇଭିଂ ସ୍କୁଲରୁ ସାର୍ଟିଫିକେଟ୍ ନେଲେ ତାଙ୍କୁ ସହଜରେ ଲାଇସେନ୍ସ ମିଳିଯାଉଛି। ଫଳରେ ଦାୟିତ୍ୱହୀନ ଭାବେ ସେମାନେ ଗାଡ଼ି ଚଳାଉଛନ୍ତି। ଆମର ରାସ୍ତା ଚଉଡ଼ା ନୁହେଁ। ଅଣଚଉଡ଼ା ରାସ୍ତାରେ ଗାଡ଼ି ଯାତାୟାତ କରିବାରୁ ଦୁର୍ଘଟଣା ହେଉଛି। ନିଶାଦ୍ରବ୍ୟ ସେବନ କରି ଗାଡ଼ି ଚଳାଇବା ଏବଂ ପଥିକମାନଙ୍କ ଅସାବଧାନତା ମଧ୍ୟ ଦୁର୍ଘଟଣାର ପ୍ରମୁଖ କାରଣ। ଦୁର୍ଘଟଣା ବଢ଼ିବା ଦ୍ୱାରା ଦେଶର ବହୁତ କ୍ଷତି ହେଉଛି। ତେଣୁ ଆମକୁ ଡ୍ରାଇଭିଂ ଲାଇସେନ୍ସ ଦେବା ପୂର୍ବରୁ କଡ଼ାକଡ଼ି ଭାବେ ପରୀକ୍ଷା କରିବାକୁ ପଡ଼ିବ। ପାଶ୍ଚାତ୍ୟ ଦେଶଗୁଡ଼ିକରେ ଯେଉଁ ବ୍ୟବସ୍ଥା ଅଛି ତା'କୁ ଲାଗୁ କରିବାକୁ ହେବ। ଏଥିସହ ଲୋକମାନେ କିପରି ସାଇକେଲକୁ ଆପଣେଇବେ ସେଥିପାଇଁ ସେମାନଙ୍କୁ ଉତ୍ସାହିତ କରିବାକୁ ହେବ। ଦୁର୍ଘଟଣା ରୋକିବାକୁ ହେଲେ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବା ଦରକାର ବୋଲି ପୂର୍ବତନ ପୋଲିସ ଡିଜି ମିଶ୍ର କହିଛନ୍ତି।

## ଧାମନଗରରେ ଭାଜପା...

ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଘୋଷଣା କରିଛନ୍ତି। ମୋଟ ୨ ଲକ୍ଷ ୩୮ ହଜାର ୪୧୭ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୬୪ ହଜାର ୪୬୫ ଜଣ ମତଦାନ କରିଥିଲେ। ପ୍ରଥମ ରାଉଣ୍ଡରୁ ଭାଜପା ଆଗୁଆ ରହିବାରୁ ଭାଜପା ଶିବିରରେ ଖୁସିର ମାହୋଲ ଦେଖିବାକୁ ମିଳିଥିଲା। ସମର୍ଥକମାନେ ବାଣ ଫୁଟାଇ ବାଜା ବଜାଇ ଖୁସି ମନାଇଥିଲେ। ବିଜେଡି ପ୍ରତି ରାଉଣ୍ଡରେ ପଛୁଆ ରହିବାରୁ ଗଣତି କେନ୍ଦ୍ର ନିକଟରେ ଥିବା ବିଜେଡି କ୍ୟାମ୍ପ ମଧ୍ୟାହ୍ନ ବେଳକୁ ଶୂନ୍ୟ ହୋଇଯାଇଥିବା ଦେଖାଯାଇଥିଲା। ଉପନିର୍ବାଚନ ତାରିଖ ଘୋଷଣା ପରେ ଭାଜପା ପ୍ରାର୍ଥୀ ଚୟନ ଓ ନାମାଙ୍କନ ଦାଖଲରେ ଆଗୁଆ ରହିଥିବାବେଳେ ପ୍ରାର୍ଥୀ ଚୟନକୁ ନେଇ ଅଡୁଆରେ ପଡ଼ିଥିଲା ବିଜେଡି। ବହୁ ବାଦବିବାଦ ପରେ ନିର୍ବାଚନ ବୈତରଣୀ ପାଇଁ ଜଣେ ମହିଳାଙ୍କୁ ଦଳ ପ୍ରାର୍ଥୀ କରିଥିଲା। ମିଶନ ଶକ୍ତି ଭୋଟ ହାତେଇବାକୁ ବିଜେଡି ମହିଳାଙ୍କୁ ପ୍ରାର୍ଥୀ କରିଥିବା କୁହାଯାଉଥିଲେ ହେଁ ଧାମନଗରର ମହିଳା ଭୋଟର କିନ୍ତୁ ସୂର୍ଯ୍ୟବଂଶୀଙ୍କୁ ଅନୁକମ୍ପା ଭୋଟ ଦେଇ ଦିବଂଗତ ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଅପରପକ୍ଷେ ରାଜ୍ୟରେ ପୂର୍ବରୁ ହୋଇଥିବା ଅନ୍ୟ ଉପନିର୍ବାଚନ ଭଳି କଂଗ୍ରେସର ପ୍ରଦର୍ଶନ ଖରାପ ହୋଇଛି।

## ଭାଜପା ଜିତିବ ବୋଲି ...

ବେଳେ ଏହି ଧାରଣାରେ ପରିବର୍ତ୍ତନ ଆସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ମାଳମାଳ ନେତାଙ୍କ ରଣନୀତି ପରେ ଶାସକ ଦଳ ପ୍ରାର୍ଥୀ ଭାଜପାଠାରୁ ପରାଜିତ ହେବା ନେଇ ରାଜ୍ୟ ରାଜନୀତିରେ ଏକ ପ୍ରକାର ନୂଆମୋଡ ଆରମ୍ଭ ହୋଇଯାଇଥିବା କୁହାଯାଉଛି। ଭାଜପା ପ୍ରାର୍ଥୀଙ୍କ ବିଜୟ ପରେ ତାଙ୍କ ଦଳର ରାଜ୍ୟ କାର୍ଯ୍ୟାଳୟଠାରୁ ଆରମ୍ଭକରି ସାରା ଓଡ଼ିଶାରେ ସେମାନଙ୍କ କର୍ମୀ ମହଲରେ ଉତ୍ସାହର ବାତାବରଣ ଦେଖାଦେଇଛି। ସବୁଠି ସେଲିବ୍ରେସନ ସାଙ୍ଗକୁ ବାଜା, ବାଣ ଏବଂ ମିଠାରେ ଭାଜପା କର୍ମୀମାନେ ଖୁସି ମନାଉଥିବା ଦେଖିବାକୁ ମିଳିଛି। ହେଲେ ବିଜେଡି ନେତାଙ୍କ ଆଉ ଦେଖା ମିଳୁନାହିଁ। ଆସନ୍ତା ଡିସେମ୍ବର ୫ ତାରିଖରେ ରାଜ୍ୟରେ ହେବାକୁ ଥିବା ପଦ୍ମପୁର ଉପନିର୍ବାଚନରେ ଏହାର ପ୍ରଭାବ ପଡ଼ିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ତେବେ କଂଗ୍ରେସ ପ୍ରାର୍ଥୀ ସେତେଟା ଆଖିଦୃଶିଆ ସଫଳତା ଦେଖାଇପାରି ନାହାନ୍ତି। କଂଗ୍ରେସର ମଧ୍ୟ ବହୁ ନେତା ଧାମନଗର ଉପନିର୍ବାଚନରେ ଡେରା ପକାଇଥିବା ବେଳେ ସେଠାରେ ସେମାନେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନାଦେଶକୁ ସମ୍ମାନ ଜଣାଉଥିବା କହିଛନ୍ତି। ସେ ମନ୍ତବ୍ୟ ଦେଇଛନ୍ତି ଯେ, ବିଜେଡି ଖୁବ୍ କମ୍ ଉପନିର୍ବାଚନରେ ପରାଜିତ ହୋଇଛି। ଭାଜପା ବିଧାୟକ ବିଷ୍ଣୁ ସେଠୀ ବହୁ ଲୋକପ୍ରିୟ ଥିଲେ। ତାଙ୍କ ବିୟୋଗ ପରେ ବିଷ୍ଣୁଙ୍କ ପୁଅକୁ ଭାଜପା ଟିକେଟ ଦେଇଥିଲା। ଆଶା କରିଥିଲୁ ଭାଜପା ସେଠାରୁ ବିଜୟୀ ହେବ। ନିକଟରେ ଶେଷ ହୋଇଥିବା ପଞ୍ଚାୟତ ନିର୍ବାଚନରେ ବିଜେଡି ୩୦ଟି ଯାକ ଜିଲା ପରିଷଦ ଆସନ ଜିତିଛି ବୋଲି ନବୀନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏହା ଧାମନଗରବାସୀଙ୍କ ବିଜୟ। ଏହା ଗଣତନ୍ତ୍ର ଏବଂ ଓଡ଼ିଆ ସ୍ୱାଭିମାନର ବିଜୟ। ଯେଉଁ ଭୂମିରେ ବାବା ଆଖଣ୍ଡଳମଣି ଅଛନ୍ତି, ଯେଉଁ ରାଜ୍ୟରେ ମହାପ୍ରଭୁ ଜଗନ୍ନାଥ ଅଛନ୍ତି ସେଠାରେ ବହୁଦିନ ପର୍ଯ୍ୟନ୍ତ କିଛି ଅନ୍ଧାର ରୁହେ ନାହିଁ। କେବେ ନା କେବେ ସତ୍ୟ ସାମ୍ନାକୁ ଆସେ। ଏ ସତ୍ୟ ସାମ୍ନାକୁ ଆସିଛି ବୋଲି ସେ କହିଛନ୍ତି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଯେଉଁମାନେ ନିଜକୁ ଅପରାଜେୟ ବୋଲି ଭାବୁଥିଲେ ତାହା ଭୁଲ୍ ପ୍ରମାଣିତ ହୋଇଛି। ଗଣତନ୍ତ୍ରରେ ଜୟ, ପରାଜୟ ଅଛି। ଆଜି ସ୍ୱାଭିମାନି ଧାମନଗରବାସୀ ତାହା ପ୍ରମାଣିତ କରିଛନ୍ତି ବୋଲି ସମୀର କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ବିଜେଡି ଏବଂ ଭାଜପା ମଧ୍ୟରେ ଭିତିରି ବୁଝାମଣା ରହିଛି। ବିଜେଡି ଧାମନଗର ଆସନ ଭାଜପାକୁ ଛାଡ଼ି ଥିବାବେଳେ ପଦ୍ମପୁର ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାନରେ ବିଜେଡିକୁ ଭାଜପା ସମର୍ଥନ ଜଣାଇବ। ଯେମିତି ରାଜ୍ୟ ସଭା ନିର୍ବାଚନରେ ଅଶ୍ୱିନୀ ବୈଷ୍ଣବଙ୍କ କ୍ଷେତ୍ରରେ ହୋଇଥିଲା। କଂଗ୍ରେସ କାହିଁକି ପରାଜିତ ହେଲା ତା'ର ସମୀକ୍ଷା କରିବା ଲାଗି ଦଳ ତରଫରୁ ପର୍ଯ୍ୟବେକ୍ଷକଙ୍କୁ ପଠାଇବ। କେଉଁ କରଣରୁ ଦଳର ପ୍ରଦର୍ଶନ ଖରାପ ହେଲା ତା'ର ରିପୋର୍ଟ ସଂଗ୍ରହ କରାଯିବ। ଧାମନଗର ଉପନିର୍ବାଚନରେ ବିଜେଡି ପରାଜିତ ହେବା ନିଶ୍ଚିତ ଭାବେ ଶାସକ ଦଳ ପାଇଁ କ୍ଷତି ହେଲା ବୋଲି ଶରତ କହିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝାଟି ମାଟି ଚାଳଘର**
**ନିଆଁ ପାଣିକି ସଦା ଡର।**

ସାଧାରଣତଃ ଝାଟିମାଟିରେ ତିଆରି ହୋଇଥିବା ଚାଳ ଘରଟିରେ ନିଆଁ ଲାଗିଯିବାର ଭୟ ରହିଥାଏ। ଠିକ୍ ସେମିତି ବର୍ଷା ପାଣିରେ ଚାଳ ଘରଟି ସମ୍ପୂର୍ଣ୍ଣ ଓଦା ହୋଇଯାଉଥିବା କାରଣରୁ ଏହା ଶୀଘ୍ର ନଷ୍ଟ ହୋଇଯିବାର ମଧ୍ୟ ଆଶଙ୍କା ଦେଖାଦେଇଥାଏ। ତେଣୁ ଏଭଳି ଘରେ ବାସକରୁଥିବା ବ୍ୟକ୍ତି ସଦାବେଳେ ଆତଙ୍କିତ ଅବସ୍ଥାରେ ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଝଟିକି ଦେଲି ମାଟି;**
**ଓରା ଲାଗି ଘର ପଥର ଖୁଣ୍ଟି,**
**ବସିଛି ଗୁଣ୍ଡୁଣି ହାତୀ।**

ପରିବାରର ଗୁରୁଦାୟିତ୍ୱ ଗୃହିଣୀଙ୍କ ଉପରେ ନ୍ୟସ୍ତ ଥାଏ। ଯେଉଁ ଗୃହିଣୀ ଏଭଳି ଦାୟିତ୍ୱ ମୁଣ୍ଡାଇବାରେ ଅସମର୍ଥ ବା ହେଳା କରନ୍ତି, ସେମାନେ କେବେ ଆଦରଣୀୟା ହୋଇପାରି ନଥାନ୍ତି। କୋଠା ଘରେ ରହୁଥିବା ଘରଣୀ ଖାଇପିଇ ବେଶ୍ ଆରାମରେ ବସି ଦିନ କାଟିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ରଣବୀର-ଆଲିଆଙ୍କ ...

ରଣବୀର କହିଛନ୍ତି। ୨୯ ବର୍ଷୀୟା ଅଭିନେତ୍ରୀ ଆଲିଆ ଭଟ୍ଟ ମା'ହେବା ପରେ ଦୀପିକା ପାଦୁକୋନ, କ୍ୟାଟ୍ରିନା କୈଫ, ପ୍ରିୟଙ୍କା ଚୋପ୍ରା ଓ କରନ ଜୋହର ପ୍ରମୁଖ ବଲିଉଡ୍‌ର ବହୁ କଳାକାର ଦୁହିଁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ରବିବାର ସକାଳ ପ୍ରାୟ ୭ଟାବେଳେ ଆଲିଆ ମୁମ୍ବାଇସ୍ଥିତ ଏଚ୍.ଏନ୍. ରିଲାଏନ୍ସ ଫାଉଣ୍ଡେଶନ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କିଛିଦିନ ପୂର୍ବେ ରଣବୀରଙ୍କ ରେସିଡେନ୍ସ ବାସ୍ତୁରେ ଆଲିଆଙ୍କ ବେବୀ ସୱାର ସେରେମନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କପୁର ଓ ଭଟ୍ଟ ପରିବାରର ଲୋକେ ସାମିଲ ହୋଇଥିଲେ। କରିନା କପୁର ଖାନ୍, କରିସ୍ମା, ସୈଫ ଅଲ୍ଲୀ ଖାନ୍, ନୀତୁ କପୁରଙ୍କୁ ଏହି କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା।

ଚଳିତବର୍ଷ ଏପ୍ରିଲରେ ଆଲିଆ ଓ ରଣବୀର କପୁର ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଦୁହେଁ ଅନେକ ବର୍ଷ ପ୍ରେମ ସମ୍ପର୍କରେ ରହିବା ପରେ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ମୁମ୍ବାଇରେ ରଣବୀରଙ୍କ ଘରେ ହିଁ ଏହି ଦୁହିଁଙ୍କ ବିବାହ ସମାରୋହ ଅନଷ୍ଠିତ ହୋଇଥିଲା। ପରିବାର ସଦସ୍ୟ ଓ ଦୁହିଁଙ୍କର କେତେଜଣ ଖାସ୍ ବନ୍ଧୁ ହିଁ ଏହି ବିବାହରେ ଯୋଗ ଦେଇଥିଲେ। ବିବାହର ୭ ମାସପରେ ଆଲିଆ ଓ ରଣବୀର ମା'ବାପା ହେବାର ସୌଭାଗ୍ୟ ପ୍ରାପ୍ତ କରିଛନ୍ତି।

ଆଲିଆ ଓ ରଣବୀର କପୁର ପ୍ରଥମ ଥର ପାଇଁ ବଲିଉଡ୍ ଫିଲ୍ମ 'ବ୍ରହ୍ମାସ୍ତ୍ର'ରେ ନଜରକୁ ଆସିଥିଲେ। ତେବେ ଏହି ଫିଲ୍ମଟି ସେମାନଙ୍କ ବାହାଘରର କିଛିଦିନ ପୂର୍ବେ ହିଁ ରିଲିଜ୍ ହୋଇଥିଲା। ସେପ୍ଟେମ୍ବର ୯ରେ ଏହା ମୁକ୍ତିଲାଭ କରିଥିବାବେଳେ ଫିଲ୍ମକୁ ଦର୍ଶକଙ୍କ ଆଶାନୁରୂପ ଭଲପାଇବା ମିଳିଥିବା ଦେଖିବାକୁ ମିଳିଛି। ଆଗାମୀ ଦିନରେ ଆଲିଆଙ୍କ ଅଭିନୀତ 'ରକି ଔର ରାନୀ କୀ ପ୍ରେମ କହାଣୀ' ଆଗାମୀ ଦିନରେ ମୁକ୍ତିଲାଭ କରିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ରାଶିରେ ଚନ୍ଦ୍ର ସହ ରାହୁଙ୍କ ଅବସ୍ଥାନ କାରଣରୁ ପାରିବାରିକ ଅଶାନ୍ତି ଦେଖାଦେଇପାରେ। ମାନସିକ ସ୍ଥିତି ଭଲ ନ ଥିବା କାରଣରୁ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ବିବାଦର ସମ୍ମୁଖୀନ ହୋଇପାରନ୍ତି। ପୂର୍ବରାଗକୁ ସ୍ମରଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ପଡ଼ୋଶୀଙ୍କ ସହାନୁଭୂତି ଓ ସାହାଯ୍ୟ କେତେକାଂଶରେ ସ୍ଥିତିକୁ ସୁଧାରିପାରେ।

**ବୃଷ** – ସ୍ୱଗୃହୀ ଶୁକ୍ର ପ୍ରଭାବରୁ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ** – ଲାଭାଧିପ ମଙ୍ଗଳ ରାଶିରେ ରହି ଅର୍ଥପ୍ରାପ୍ତିର ମାର୍ଗକୁ ସୁଗମ କରାଇବେ। ବିବାଦୀୟ ଘଟଣାକୁ ନେଇ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ବାଧବାଧକତାରେ କେତେକ କାମ କରିବାକୁ ବାଧ୍ୟ ହେବେ। ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

**କର୍କଟ** – ରାଶ୍ୟାଧିପତିଙ୍କ କର୍ମଭାବ ସଂସ୍ଥାନରୁ ଅର୍ଥ ଓ ସମ୍ମାନ ଲାଭ କରି ଉତ୍‌ଫୁଲ୍ଲିତ ହେବେ। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। କେତେକ ଅନୁଚିତ କାମ ସକାଶେ ନିଜ ପରିସରର ବ୍ୟକ୍ତିବିଶେଷ ସମାଲୋଚନା କରିପାରନ୍ତି।

**ସିଂହ** – ରବିଙ୍କ ନୀଚତ୍ୱ କାରଣରୁ ସ୍ୱାସ୍ଥ୍ୟ ବିଗିଡ଼ିବା ସମ୍ଭାବନା ରହିଛି। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସକାଳ ସମୟଟି ପ୍ରାୟତଃ ଭଲ ରହିବ।

**କନ୍ୟା** – ରାହୁଙ୍କ କୁଦୃଷ୍ଟି ହେତୁ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ସୁଯୋଗର ସଦ୍‌ବ୍ୟବହାର କରିପାରିବେ ନାହିଁ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ପୁରାତନ ଜିନିଷ ବିକ୍ରୟକରି ଅର୍ଥ ପାଇବେ କିନ୍ତୁ ଅନ୍ୟ ମାଧ୍ୟମରେ ଏହା ସମ୍ପନ୍ନ କରିବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ତୁଳା** – ଚତୁର୍ଥସ୍ଥ ଶନି ହେତୁ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ତର୍କବିତର୍କ କାରଣରୁ ସାୟାହ୍ନେ ମନ ଭଲ ରହିବ ନାହିଁ। ଆଜିର ଫେରନ୍ତା ରାସ୍ତାରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ। ପ୍ରତ୍ୟେକ କ୍ଷେତ୍ରରେ ମନୋବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

**ବିଛା** – ବକ୍ରୀ ମଙ୍ଗଳଙ୍କ ସୁପ୍ରଭାବରେ କୂଟନୈତିକ କାର୍ଯ୍ୟାନୁସରଣରେ ସାମାଜିକ ପ୍ରତିଷ୍ଠା ବଢ଼ିବ। ସମସ୍ୟା ଜଡିତ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ମୁକ୍ତ ହେବେ। ଉଚ୍ଚବର୍ଗଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି। ମିତ୍ର, ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ।

**ଧନୁ** – ବକ୍ରୀ ବୃହସ୍ପତିଙ୍କ କେନ୍ଦ୍ରାଧିପତିତ୍ୱ ଦୋଷରୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବାର ସମ୍ଭାବନା ରହିଛି। ସମସ୍ୟା ଲାଗି ରହିବା କାରଣରୁ ସହଜରେ କାମ ହାସଲ ହେବା କଷ୍ଟକର ହେବ। ଆର୍ଥିକ ସ୍ଥିତି ଭଲ ଥିଲେ ମଧ୍ୟ ନିଜର ଅବହେଳାରୁ ଅନ୍ୟ ବାଟରେ ବ୍ୟୟ ହେବ।

**ମକର** – ଚତୁଃଗ୍ରହ ଦ୍ୱାରା ରାଜଯୋଗ କାରଣରୁ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସଭାସମିତି, ସଂଗଠନ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯିବାର ଅନୁଭବ କରିବେ। ତଥାପି ସାମୟିକ ସ୍ନାୟବିକ ଦୁର୍ବଳତା ଦେଖାଦେଇପାରେ।

**କୁମ୍ଭ** – ସ୍ୱଗୃହରୁ ଷଷ୍ଠସ୍ଥ ଶୁକ୍ର ହେତୁ ବିଭିନ୍ନ ପ୍ରକାର ପାରିବାରିକ ବିଷୟକୁ ନେଇ ମନ ଭାରାକ୍ରାନ୍ତ ରହିବ। ଶିକ୍ଷାକ୍ଷେତ୍ର, ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ।

**ମୀନ** – ଦୁଃସ୍ଥାନସ୍ଥ ଏକାଧିକ ଗ୍ରହ କାରଣରୁ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ।

ଆଜି ନଭେମ୍ବର ୭ ତାରିଖ, କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ସୋମବାର, ଦିବା ଘ୦୪/୧୬ ଗତେ, ପୂର୍ଣ୍ଣମୀ, ଶ୍ରୀମନ୍ଦିରରେ ଲକ୍ଷ୍ମୀନୃସିଂହ ବା ଡାଳକିଆ ବେଶ, କେଦାରବ୍ରତ, ପୂର୍ଣ୍ଣମୀ ବିହିତ ଉପବାସ, ବୈଜ୍ଞାନିକ ସି.ଭି. ରମଣଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫/୫୪ ଗତେ, ଘ.୦୭/୧୮ ମଧ୍ୟେ, ଘ.୦୮/୫୩ ଗତେ, ଘ.୧୧/୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭/୧୮ ଗତେ, ଘ, ୦୮/୪୨ ମଧ୍ୟେ ରାହୁ କାଳ।


## classifieds Everyday 0674-2580101, 2549302







### SALE

**Gharabari plot sale. Jhintisasan, Balakati, 8700 sqft., road side. 6372755567.** D-1912

ଭୁବନେଶ୍ୱର ଗ୍ୟାରେଜ ଛକରେ **30** ରୋଡ୍ ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। **9827119799.** D-1883

Bhubaneswar Old Town Keutasahi Chhakaରେ 2BHK flat ବିକ୍ରିହେବ। First Floor immediate sale, fully furnished, contact: 8895308301, 8895748762. D-71858

**Duplex sale at Bhubaneswar @45 lakhs only- 9777433701, 9439206202.** D-74144

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ (sqft.-370/699)ରେ ମିଳୁଛି। 9658891108, 8114994259. D-1916

**6BHK Triplex 56,00,000/- finishing Hanspal, 3BHK Duplex core house Balianta. 8093465134.** D-1925

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General- 350/-. 9439660381. D-74146

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି। 7848882166.** D-74142




3Bedrooms with 2Toilets, Dining and Drawing, Balcony and Kitchen for Tolet, IRC Village, Nayapalli, Bhubaneswar. Contact No.- 7381035667. D-73890

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73994

Newly open health benefits SPA Diwali Offer @999/- Jaidevbihar, 9439676695. D-73656

**Relax, Refresh your body, Mind at Saikrupa Spa with best therapies. 8984068077.** D-1863




Practitioners Registration- BAMS, BHMS, BUMS, D.Pharma, GNM.9893869473. D-1915




ଘରେ ବାସ୍ତୁଦୋଷ ଯୋଗୁ ଅଶାନ୍ତି, ଧନହାନି ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହୁଛି କି? 7978736177. D-74302

### Ph.D Award



ଗବେଷିକା ଲିପ୍ସା ଦାଶ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗୃହବିଜ୍ଞାନରେ ଗବେଷଣା କରି ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। Prof. (Dr.) Braja Kishori Mishra, Former Professor, P.G. Department of Home Science, Sambalpur University ଏବଂ Prof. (Dr.) Chandrashree Lenka HOD, Department of Home Science, R.D. University ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ଲିଖିତ ସନ୍ଦର୍ଭ "Changing Lifestyle of Eating Behaviour of College Going Girls in the Capital City of Odisha". Prof. (Dr.) Usha Singh, Professor Cum Chief Scientist, Department of Food and Nutrition, College of Community Sciences, Prof. (Dr.) Farzana Alim, Professor and Chairperson, Department of Home Science A.M.U. Aligarh ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଉକ୍ତ ସଫଳତା ପାଇଁ ସେ ତାଙ୍କ ଗାଇଡ୍ Prof. (Dr.) ବ୍ରଜ କିଶୋରୀ ମିଶ୍ର ଓ Prof. (Dr.) ଚନ୍ଦ୍ରଶ୍ରୀ ଲେଙ୍କାଙ୍କର ଅକୁଣ୍ଠିତ ସାହାଯ୍ୟ ଓ ପ୍ରେରଣା ପାଇଁ ବିନମ୍ର କୃତଜ୍ଞତା ଜଣାଇଛନ୍ତି। ଏହା ସଙ୍ଗେ ନିଜ ପିତା, ମାତା, ସ୍ୱାମୀ, ଶାଶୁ, ଶ୍ୱଶୁର, ନିଜ ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଛାତ୍ରଛାତ୍ରୀ ମାନଙ୍କ ଉତ୍ସାହ ଓ ସହଯୋଗ ପାଇଁ ଅଶେଷ ଧନ୍ୟବାଦ ଦେଇଛନ୍ତି। ପରିଶେଷରେ ପରମେଶ୍ୱରଙ୍କଠାରେ ସଫଳତା ପାଇଥିବାରୁ ତାଙ୍କ ନିକଟରେ କୃତଜ୍ଞତା ଅର୍ପଣ କରିଛନ୍ତି।
ଧ-୧୯୪୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପିଆର୍ଏମ୍ ମେଡିକାଲ ଛାତରୁ ଖସିଲା ପ୍ଲାଷ୍ଟର

## ବର୍ତ୍ତିଗଲେ ରୋଗୀ

ବାରିପଦା ଅଫିସ,୬।୧୧

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲେ କଲେଜ ଓ ହସ୍ପିଟାଲ(ପିଆର୍ଏମ୍) ଚକ୍ଷୁ ବିଭାଗ ଛାତରୁ ରବିବାର ପ୍ଲାଷ୍ଟର ଖସିଛି। ସେଠାରେ ଚିକିତ୍ସାଧିନ ରୋଗୀ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷ ସେମାନଙ୍କୁ ଅନ୍ୟ ଏକ ଗୃହକୁ ସ୍ଥାନାନ୍ତର କରିଛନ୍ତି। ଏନେଇ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟ ନେଇ ବାରିପଦାରେ ପିଆର୍ଏମ୍ ମେଡିକାଲ କଲେଜ ସ୍ଥାପନ କରାଯାଇଛି। ପୁରୁଣା କୋଠାର ରକ୍ଷଣାବେକ୍ଷଣ ଅଭାବରୁ ବାରମ୍ବାର ଛାତରୁ ପ୍ଲାଷ୍ଟର ଖସୁଛି। ମୋରଡ଼ା ବ୍ଲକ ଜାମଶୋଳ ଗ୍ରାମର ସୁବାସ ମହାନ୍ତଙ୍କ ପୁଅ ରାଜଦୀପଙ୍କ ଚକ୍ଷୁ ଚିକିତ୍ସା ନିମନ୍ତେ ଶନିବାର ଏହି ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତେବେ ରବିବାର ଅପରାହ୍ନରେ ଚିକିତ୍ସାଧିନ ପୁଅକୁ ନେଇ ଶୌଚ ହେବାକୁ ଯିବା ସମୟରେ ଛାତରୁ ପ୍ଲାଷ୍ଟର, କଂକ୍ରିଟ ସହ ସିଲିଂ ଖସି ପଡ଼ିଥିଲା। ଏଥିରେ ବାପପୁଅଙ୍କ କୌଣସି କ୍ଷତି ହୋଇ ନ ଥିବା ବେଳେ ବଡ଼ ଧରଣର ଅଘଟଣରୁ ଉଭୟେ ବର୍ତ୍ତି ଯାଇଥିଲେ। ସେହିପରି ନିକଟରେ ଥିବା ନର୍ସଙ୍କ କ୍ୟାବିନରେ କୌଣସି କର୍ମଚାରୀ ନ ଥିବାରୁ ସେମାନେ ମଧ୍ୟ ବିପଦରୁ ରକ୍ଷା ପାଇଥିଲେ।


ଚକ୍ଷୁ ବିଭାଗ ଛାତରୁ ଖସିଥିବା ପ୍ଲାଷ୍ଟର ଓ ସିଲିଂ।

ସୂଚନାଯୋଗ୍ୟ, ପୂର୍ବରୁ ପିଆର୍ଏମ୍ ମେଡିକାଲରେ ପ୍ଲାଷ୍ଟର ଖସି ରୋଗୀଙ୍କ ମୃତ୍ୟୁ ହେବା ନଜିର ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏଥିପ୍ରତି ଧ୍ୟାନ ଦିଆଯାଉନାହିଁ। ଏ ନେଇ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କୁହନ୍ତି, ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ସରକାର ଫେଲ୍ ମାରିଛନ୍ତି। ସାଧାରଣ ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଉଛି। ବ୍ୟବସ୍ଥାରେ ସୁଧାର ନ ଆସିଲେ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ହସ୍ପିଟାଲ ମ୍ୟାନେଜର ମିସ ବିନୋଦିନୀଙ୍କୁ ପଚାରିବାରୁ ପ୍ଲାଷ୍ଟର ଖସିବା ନେଇ ତାଙ୍କ ନିକଟରେ କୌଣସି ଖବର ନାହିଁ। ତେବେ ଚକ୍ଷୁ ବିଭାଗକୁ ଯାଇ ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

# ରେଳଧାରଣାରୁ ମିଳିଲା ମହିଳା ବୀମା ଏଜେଣ୍ଟଙ୍କ ମୃତଦେହ


ମୃତ ଜୀବନ ବୀମା ଏଜେଣ୍ଟ ସାରିକା ସାଏ।

## ମୃତ୍ୟୁ ପୂର୍ବରୁ ବାନ୍ଧବୀଙ୍କୁ କଭି ଅଲ୍‌ବିଦା ନା କେହେନା ମେସେଜ୍ ଲେଖିଥିଲେ

ବଲାଙ୍ଗୀର ଅଫିସ,୬।୧୧

ବଲାଙ୍ଗୀର ରେଳ ଷ୍ଟେଶନ ନିକଟ ଖୁଜେନପାଲି ରେଳଧାରଣାରୁ ରବିବାର ସକାଳେ ଜଣେ ଯୁବତୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ମୃତା ବଲାଙ୍ଗୀର ସହରର ଜଣାଶୁଣା ଜୀବନ ବୀମା ଏଜେଣ୍ଟ ତଥା ତାଲପାଲିପଡା ନିବାସୀ ସାରିକା ସାଏ (୩୮) ବୋଲି ଜଣାପଡିଥିଲା। ରେଲ୍‌ୱେ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା (୨୫/୨୨) ରୁଜୁ ହୋଇଥିବା ରେଲ୍‌ୱେ ପୋଲିସ ଥାନାଧିକାରୀ ସୁକାନ୍ତ ପ୍ରଧାନ କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପରିବାର ଲୋକଙ୍କ କହିବା ମୁତାବକ ସାରିକା ଶନିବାର ରାତି ପ୍ରାୟ ୮ଟାରୁ ଘରୁ ବାହାରି ଆଉ ଫେରି ନ ଥିଲେ। ଶନିବାର ରାତିରେ ସାରିକା ତାଙ୍କର ଜଣେ ବାନ୍ଧବୀଙ୍କୁ ଆବେଗଭରା ହ୍ୱାଟ୍ସ ଆପ ମେସେଜରେ କଭି ଅଲ୍ ବିଦା ନା କେହେନା... ଲେଖିଥିଲେ। ଏହି ମେସେଜ୍ ଲେଖିବା ପରେ ସେ ଅତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ସାରିକା ଜଣେ ଜୀବନ ବୀମା ଏଜେଣ୍ଟ ଭାବେ ସହରରେ ପରିଚିତ ଥିଲେ। ସେ ତାଙ୍କ କାର୍‌ରେ ଘରୁ ବାହାରି ରାତିରେ ରେଳଷ୍ଟେଶନ୍ ନିକଟ ଖୁଜେନପାଲି ରାସ୍ତା ପାଖ ରେଳଧାରଣା ନିକଟକୁ ଆସି ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ରବିବାର ସକାଳେ ତାଙ୍କ କାର୍ ଖୁଜେନପାଲି ରାସ୍ତା ଫାଟକ ପାଖରେ ରହିଥିବା ଦେଖାଯାଇଥିଲା। କେଉଁ କାରଣରୁ ସାରିକା ଏଭଳି ପଦକ୍ଷେପ ନେଲେ ତାହା ସ୍ପଷ୍ଟ ହୋଇନାହିଁ। ସେ ଅବିବାହିତା ଥିଲେ।

# ଆତ୍ମସମର୍ପଣ କଲେ ୨ ଦୁର୍ଦ୍ଧର୍ଷ ମାଓବାଦୀ


ଆତ୍ମସମର୍ପଣ କରିଥିବା ୨ ମାଓବାଦୀଙ୍କୁ ପୋଲିସ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ମାଲକାନଗିରି,୬।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲା ପୋଲିସ ନିକଟରେ ରବିବାର୨ ଦୁର୍ଦ୍ଧର୍ଷ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମାଡଭି ପୋଜା ଓ ମାଡଭି ମହେଶ। ଉଭୟେ ବିଜାପୁରରେ କାର୍ଯ୍ୟ କରୁଥିବା ମାଓବାଦୀ ସଙ୍ଗଠନ ସହ ଜଡ଼ିତ ରହି ଅନେକ ବଡ଼ ହିଂସାକାଣ୍ଡରେ ସାମିଲ ଥିଲେ। ଦୀର୍ଘଦିନ ଧରି ମାଓବାଦୀ ସଙ୍ଗଠନରେ ରହି କାମ କରୁଥିବାବେଳେ ହିଂସାର ପଥ ଛାଡ଼ି ସାଧାରଣ ଜୀବନ ବଞ୍ଚିବାକୁ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଆତ୍ମସମର୍ପଣ ପରେ ଉଭୟଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

# ୮ରେ ବର୍ଷର ଶେଷ ଚନ୍ଦ୍ରଗ୍ରହଣ

■ ପଠାଣି ସାମନ୍ତ ପ୍ଲାନେଟାରିୟମରେ ସ୍ୱତନ୍ତ୍ର ବ୍ୟବସ୍ଥା
■ ଭୋର୍ ୫ଟା ୫୪ରୁ ପାକତ୍ୟାଗ, ଦେବନୀତି ବନ୍ଦ
■ ପରବର୍ତ୍ତୀ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ୨୦୨୫ ସେପ୍ଟେମ୍ବର, ସୂର୍ଯ୍ୟୋପରାଗ (ଆଂଶିକ) ୨୦୨୭ ଅଗଷ୍ଟରେ

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

ଏବର୍ଷର ଶେଷ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଆସନ୍ତା ୮ ତାରିଖ ମଙ୍ଗଳବାର ଦିନ ସଙ୍ଘଠିତ ହେବ। ଅପରାହ୍ନ ୨ଟା ୩୮ରୁ ଗ୍ରହଣ ସ୍ପର୍ଶ ଓ ୬ଟା ୧୯ରେ ସର୍ବମୋକ୍ଷ ହେବ। ତେବେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଅପରାହ୍ନ ୩ଟା ୪୭ରେ ଆରମ୍ଭ ହେଉଥିଲେ ମଧ୍ୟ ଚନ୍ଦ୍ର ଉଦୟ ହୋଇ ନ ଥିବାରୁ ତାହା ଓଡ଼ିଶାକୁ ଦୃଶ୍ୟମାନ ହେବ ନାହିଁ। ଅପରାହ୍ନ ୫ଟା ୫ରେ ଚନ୍ଦ୍ର ଉଦୟ ସମୟରୁ ଓଡ଼ିଶାରେ ୬ରୁ ୭ ମିନିଟ୍ ପର୍ଯ୍ୟନ୍ତ ଦୃଶ୍ୟମାନ ହେବ। ବିଭିନ୍ନ ଜିଲାରେ ଏହା ଭିନ୍ନ ଭିନ୍ନ ସମୟରେ ଦେଖାଦେବ। ଭୁବନେଶ୍ୱରରେ ଅପରାହ୍ନ ୫ଟା ୫ରୁ ୫ଟା ୧୧ ପର୍ଯ୍ୟନ୍ତ ଅର୍ଥାତ୍ ୬ ମିନିଟ୍ ପାଇଁ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଓ ୫ଟା ୧୧ରୁ ୬ଟା ୧୯ ଯାଏ ଆଂଶିକ ଗ୍ରହଣ ଭାବେ ଦୃଶ୍ୟମାନ ରହିବ। ମଙ୍ଗଳବାର ଭୋର୍ ୫ଟା ୫୪ରୁପାକତ୍ୟାଗ ସହ ଦେବନୀତିବନ୍ଦ ରହିବ।

ଚନ୍ଦ୍ର ଗ୍ରହଣ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି, ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ। ଗ୍ରହଣ ଓ ପରାଗ ଏକ ଛାଇ ଆଲୁଅର ଖେଳ, ଯାହା ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀର ଏକ ବିଶେଷ ଅବସ୍ଥିତିରେ ଘଟିଥାଏ। ବିଶ୍ୱର ଅନେକ ଦେଶର ବୈଜ୍ଞାନିକମାନେ ଏହି ସମୟରେ ପରୀକ୍ଷା ନିରୀକ୍ଷା କରିବାକୁ ଏବେଠୁ ଲାଗି ପଡ଼ିଲେଣି। କିନ୍ତୁ ଏହି ସମୟରେ କିଛି ଲୋକ ସୋସିଆଲ ମିଡିଆରେ ଏ ବିଷୟରେ ଅପପ୍ରଚାର ଓ ଭ୍ରମାତ୍ମକ ଖବର ପ୍ରଚାର କରି ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରିବାରେ ଲାଗିଛନ୍ତି। ତେବେ ଏହାକୁ ଖାଲି ଆଖିରେ ଦେଖିହେବ। ଏହାର କୌଣସି ପ୍ରଭାବ ଆମ ଉପରେ ତଥା ପୃଥିବୀ ଉପରେ ନାହିଁ। ଆକାଶ ମେଘମୁକ୍ତ ରହିଲେ ଚନ୍ଦ୍ରଗ୍ରହଣକୁ ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ। ପ୍ଲାନେଟାରିୟମ ପକ୍ଷରୁ ଲୋକଙ୍କୁ ସଚେତନ କରାଯିବ ସହ ଏହି ସୁଯୋଗକୁ ହାତଛଡ଼ା ନ କରିବା ପାଇଁ ଅନୁରୋଧ କରାଯାଇଛି। ପ୍ଲାନେଟାରିୟମରେ ଏହି ଦୃଶ୍ୟକୁ ଅପରାହ୍ନ ୫ଟା ୫ରୁ ୬ଟା ୨୦ ପର୍ଯ୍ୟନ୍ତ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଦେଖାଇବାର ବ୍ୟବସ୍ଥା କରାଯାଇଛି। ଏହି ସୁନ୍ଦର ଦୃଶ୍ୟଗୁଡ଼ିକୁ ଉପଭୋଗ କରିବା, ଏହା ପଛରେ ରହିଥିବା କାରଣଗୁଡ଼ିକ ଜାଣିବା ଓ ସମାଜରେ ଥିବା ଅନ୍ଧବିଶ୍ୱାସ ଦୂର କରିବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ। ତେବେ ପାଗ ମେଘୁଆ ରହିଲେ କାର୍ଯ୍ୟକ୍ରମ ବାତିଲ ହେବ। ଭାରତରେ ଚଳିତବର୍ଷର ଏହା ଶେଷ ଚନ୍ଦ୍ର ଗ୍ରହଣ। ପରବର୍ତ୍ତୀ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ୨୦୨୫ ସେପ୍ଟେମ୍ବର ୭ରେ ଏବଂ ପରବର୍ତ୍ତୀ ସୂର୍ଯ୍ୟୋପରାଗ(ଆଂଶିକ) ୨୦୨୭ ଅଗଷ୍ଟ ୨ରେ ଦେଖାଯିବ ବୋଲି ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଓଡ଼ିଶାରେ ୭ ମିନିଟ୍ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦୃଶ୍ୟ




# ଶିକାରୀ ଫାଶରେ କଲରାପତରିଆ ମୃତ

■ ଚମଡ଼ା ବିକ୍ରି ମସୁଧା ପଣ୍ଡ
■ ୪ ଅଭିଯୁକ୍ତ ଗିରଫ

ବଇଣ୍ଡା, ୬।୧୧(ଡି.ଏନ.ଏ.)


ଜବତ ବାଘ ଚମଡ଼ା।

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ରେଞ୍ଜ୍ ଫୁଲଝରି ଜଙ୍ଗଲରୁ ରବିବାର ଏକ କଲରାପତରିଆ ବାଘର ଗଳିତ ମୃତଦେହକୁ ବାମୁର ବନ କର୍ମଚାରୀ ଜବତ କରିଛନ୍ତି। ଶିକାରୀମାନେ ଚମଡ଼ା ବିକ୍ରି କରିବା ଲାଗି ଶୁଖାଇଥିବାବେଳେ ଏହାକୁ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ୪ ଶିକାରୀ ଗିରଫ ହୋଇଛନ୍ତି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ସେମାନଙ୍କ ନାମ ଗୋପନ ରଖାଯାଇଛି। ଅନ୍ୟପଟେ ବନ କର୍ମଚାରୀ ଗ୍ରାମର ଜି. ନାୟକ, ବି. ନାୟକ, ଜି. ମିର୍ଦ୍ଧା ଏବଂ ଅନ୍ୟ ଜଣକୁ ଉଠାଇ ନେଇଥିବା ଗ୍ରାମବାସୀ କହିଛନ୍ତି।

ବନ ବିଭାଗ ସୂଚନା ଅନୁଯାୟୀ, ଫୁଲଝରି ଜଙ୍ଗଲରେ ବୁଧବାର ରାତିରେ ବାରହା ଶିକାର କରିବା ପାଇଁ ୪ ଅଭିଯୁକ୍ତ ୧୧ କେଭି ଲାଇନ୍‌ରୁ ହୁକ ଟାଣି ବିଦ୍ୟୁତ୍ ଫାଶ ବିଛାଇଥିଲେ। ଏଥିରେ ଉକ୍ତ କଲରାପତରିଆ ଫସିଯାଇ ମୃତ୍ୟୁମୁଖରେ ପଡ଼ିଥିଲା। ଗୁରୁବାର ସକାଳେ ଶିକାରୀମାନେ ମୃତବାଘ ଶରୀରରୁ ଚମଡ଼ା ବାହାର କରି ଏକ ପଥରରେ ଶୁଖାଇଥିଲେ। ଏଥିସହ ବାଘର ଚମଡ଼ାବିହୀନ ମୃତଦେହକୁ ବୁଦାରେ ଫିଙ୍ଗି ଦେଇଥିଲେ। ରବିବାର ସକାଳେ ଜଙ୍ଗଲକୁ ଯାଇଥିବା ଜଣେ ଗୋରୁ ଚରାଳି ଏହା ଦେଖି ବାମୁର ରେଞ୍ଜ୍ କାର୍ଯ୍ୟାଳୟକୁ ସୂଚନା ଦେଇଥିଲେ। ଆଠମଲ୍ଲିକ ଡିଏଫ୍‌ଓ ଏସ୍. ଆନନ୍ଦ, ବାମୁର ରେଞ୍ଜର ସରୋଜ ମିଶ୍ରଙ୍କ ସହ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲେ। ଶୁଖାଯାଇଥିବା ବାଘ ଚମଡାକୁ ଜବତ କରାଯାଇଛି। କେଉଁ ସ୍ଥାନରେ ଚମଡ଼ାକୁ ବିକ୍ରି କରିବାକୁ ଅଭିଯୁକ୍ତମାନେ ମସୁଧା ଚଳାଇଥିଲେ, ସେ ସମ୍ପର୍କରେ ତଥ୍ୟ ହାସଲ କରିବାକୁ ସେମାନଙ୍କୁ ପଚରାଉଚରା କରାଯାଉଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

# ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

■ ଢେଙ୍କାନାଳ ଜେଲରେ ଥିଲେ
■ କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ପଦ୍ମପୁର,୬।୧୧(ଡି.ଏନ.ଏ.)

ଢେଙ୍କାନାଳ ଜେଲରେ ବିଚାରାଧୀନ ବନ୍ଦୀ ଥିବା ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବ୍ରାହ୍ମଣୀଗାଁ ପଞ୍ଚାୟତର ନିରଞ୍ଜନ ପାଣିଙ୍କ ମୃତ୍ୟୁ ନେଇ ରବିବାର ସନ୍ଧ୍ୟାରେ ଉତ୍ତେଜନା ଦେଖାଦେଇଛି। କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ସମେତ ସ୍ଥାନୀୟ ଲୋକେ ଭଦ୍ରକ-ବାସୁଦେବପୁରର ଚନ୍ଦିଆ ଛକଠାରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ପ୍ରକାଶ ଯେ, କୌଣସି ଅପରାଧରେ ସମ୍ପୃକ୍ତ ଥିବା ନେଇ ଢେଙ୍କାନାଳ ଜିଲାର ଗଁଦିଆ ପୋଲିସ ଗତ ଅକ୍ଟୋବରରେ ନିରଞ୍ଜନଙ୍କୁ ଗିରଫ କରିଥିଲା। ବିଚାରାଧୀନ ବନ୍ଦୀ ଭାବେ ନିରଞ୍ଜନ ଢେଙ୍କାନାଳ ଜେଲରେ ଥିଲେ। ଗତ ୨ ତାରିଖରେ ଶାରୀରିକ ଅସୁସ୍ଥତା ଯୋଗୁ ତାଙ୍କୁ ପ୍ରଥମେ ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ୩ ଦିନ ତଳେ ତାଙ୍କର ମୃତ୍ୟୁ ଘଟିଛି। ରବିବାର ସନ୍ଧ୍ୟାରେ ତାଙ୍କ ମୃତଦେହ ଆମ୍ବୁଲାନ୍ସରେ ଗ୍ରାମରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। କିପରି ଓ କେଉଁ ପରିସ୍ଥିତିରେ ନିରଞ୍ଜନଙ୍କ ମୃତ୍ୟୁ ଘଟିଛି ଏବଂ ୩ ଦିନ ପରେ ମୃତଦେହ ହସ୍ତାନ୍ତର ନେଇ ତଦନ୍ତ କରାଯିବାକୁ ତାଙ୍କ ପରିବାର ଲୋକେ ଦାବି କରିଛନ୍ତି। ବାସୁଦେବପୁର ଥାନାଧିକାରୀ ସାବିତ୍ରୀ ପଣ୍ଡା ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏସ୍‌ପି ଚରଣ ସିଂ ମୀନାଙ୍କ ସହ ଫୋନ ଯୋଗେ କଥା ହୋଇ ଘଟଣାର ତଦନ୍ତ କରିବା ସହ ନ୍ୟାୟ ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।


ବାସୁଦେବପୁର ଥାନାଧିକାରୀ ରାସ୍ତାରୋକୋ କରିଥିବା ଲୋକଙ୍କ ସହ ଆଲୋଚନା କରୁଛନ୍ତି।



“ ଭଗବାନ ବଳବାନ ମଣିଷ ଚାହାନ୍ତି– ଭାବପ୍ରବଣ ଶିଶୁମାନଙ୍କୁ ନୁହଁ। ପ୍ରଭୁ ଚାହାନ୍ତି ଆମଠାରୁ ଅଟଳ ସହିଷ୍ଣୁତା– ଦୃଢ଼ତା ଓ ବୀରତ୍ୱ– ଯଥାର୍ଥ ଆଧ୍ୟାତ୍ମିକ ବୀରତ୍ୱ। ସେ ମଧ୍ୟ ଆମଠାରୁ ଚାହାନ୍ତି ପୌରୁଷ ଏବଂ ଦିବ୍ୟ ପୌରୁଷ। **–ଶ୍ରୀଅରବିନ୍ଦ**

# ସମାଜ-ଅର୍ଥନୀତି-ନିଯୁକ୍ତି

ଭାରତରେ ବେକାର ଯୁବତୀଯୁବକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ତାହା ଦେଶ ପାଇଁ ଏକ ବିପଜ୍ଜନକ ସ୍ଥିତି ସୃଷ୍ଟି କଲାଣି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନମି (ସିଏମ୍ଆଇଇ) ଦ୍ୱାରା ଏବେ ପ୍ରକାଶିତ ତଥ୍ୟ ଅନୁଯାୟୀ ଗତ ଅକ୍ଟୋବରରେ ଦେଶରେ ବେକାରିଙ୍କ ସଂଖ୍ୟା ୭.୭୭ ପ୍ରତିଶତ ବୃଦ୍ଧି ପାଇଥିଲା। ଏହା ସେପ୍ଟେମ୍ବରରେ ୬.୪୩ ପ୍ରତିଶତ ଥିଲା। ତେବେ ଗ୍ରାମୀଣ ବେକାରି ହାର ଅକ୍ଟୋବରରେ ୮.୦୪ ପ୍ରତିଶତରେ ପହଞ୍ଚିବା ନିଯୁକ୍ତି କ୍ଷେତ୍ରରେ ଭାରତର ଅବସ୍ଥା କିଭଳି ରହିଛି ସୂଚାଇ ଦେଉଛି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୋଜଗାର ମେଳା ମାଧ୍ୟମରେ ଦିଲ୍ଲୀରେ ୭୫ ହଜାର, ଗୁଜରାଟରେ ୧୩ ହଜାର ଏବଂ ଜମ୍ମୁ ଓ କଶ୍ମୀରରେ ମାତ୍ର ୩ ହଜାର ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ଦେଇଛନ୍ତି ବୋଲି କହି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ବାସ୍ତବରେ ଦେଖିଲେ ୮ ବର୍ଷ ତଳେ ଭାଜପା କେନ୍ଦ୍ରରେ କ୍ଷମତାକୁ ଆସିବା ପୂର୍ବରୁ ବାର୍ଷିକ ୨ କୋଟି ନୂଆ ନିଯୁକ୍ତି ସୃଷ୍ଟି କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ତାହା ହୋଇପାରିଲା ନାହିଁ।

ଏକ ଦେଶର ଅର୍ଥନୀତି ତାହାର ଉତ୍ତମ ମାନବ ସମ୍ବଳ ଉପରେ ନିର୍ଭର କରେ। ଅବଶ୍ୟ ଭାରତର ବିପୁଳ ଜନସଂଖ୍ୟାକୁ ଦେଖିଲେ ପାଠ ପଢ଼ିଥିବା ସବୁ ଯୁବତୀଯୁବକ କଦାପି ଉତ୍ତମ ମାନବ ସମ୍ବଳ ହୋଇପାରି ନ ଥାନ୍ତି। ଯୁବପିଢ଼ିଙ୍କ ମଧ୍ୟରୁ ଭଲ ଭାବେ ପ୍ରଶିକ୍ଷିତ ହୋଇ ନ ଥିବା ଅନେକ ଲକ୍ଷ ଯୁବତୀଯୁବକ ମନଯୋଗ ସହକାରେ କାର୍ଯ୍ୟ କରିବାରେ ସ୍ପୃହା ରଖୁ ନ ଥିବାରୁ ସେମାନେ ଉପଯୁକ୍ତ ଚାକିରି ପାଇବାକୁ ଯୋଗ୍ୟ ହୋଇପାରୁ ନାହାନ୍ତି। ଏଠାରେ ଅନେକ ଶିକ୍ଷିତ ହାଉଯାଉ ହେଉଥିଲେ ମଧ୍ୟ ବିକଶିତ ରାଷ୍ଟ୍ରର ଯୁବବର୍ଗଙ୍କର ସେମାନଙ୍କ ଅର୍ଥନୀତି ପ୍ରତି ଯେଉଁଭଳି ଅବଦାନ ରହିଥାଏ, ସେଭଳି ଏଠାରେ ଦୃଶ୍ୟମାନ ହୋଇ ନ ଥାଏ। ଯୁବ ଉଦ୍ୟୋଗୀ ଭାବେ ଉଭା ହେବା ପାଇଁ ସେହିସବୁ ଦେଶରେ ଅନବରତ ଉଦ୍ୟମ ହୋଇଥାଏ। ଅପରପକ୍ଷରେ ଭାରତ ପରିପ୍ରେକ୍ଷୀରେ ଦେଖିଲେ ଜଣେ ଉଦ୍ୟୋଗୀ ହେବା ପାଇଁ ଏଠାରେ ବହୁ ପ୍ରତିବନ୍ଧକ ରହିଛି। ସରକାର ବିଶେଷକରି ବ୍ୟାଙ୍କିଙ୍ଗ୍ ଭଳି ଆର୍ଥିକ ପ୍ରତିଷ୍ଠାନରୁ ସାମାନ୍ୟ ସୁବିଧା ପାଇବା ନିମନ୍ତେ ଜଣେ ଉଦୀୟମାନ ଯୁବକଙ୍କୁ ମାସ ମାସ ନୁହେଁ, ବରଂ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡ଼ିଥାଏ। ସମ୍ଭବତଃ ପିଅନ କିମ୍ବା କିରାଣି ଚାକିରି ଖଣ୍ଡେ ପାଇଁ ସ୍ନାତକୋତ୍ତର ଓ ସ୍ଥଳବିଶେଷରେ ପିଏଚ୍.ଡି. ଛାତ୍ର ମଧ୍ୟ ଆବେଦନ କରି ଚାତକ ଭଳି ଚାହିଁ ରହିଥାଏ। ଏଥି ସକାଶେ ଦେଶର ଭୁଲ ନୀତିକୁ ଦାୟୀ କରାଯିବା ଦରକାର। ଯେହେତୁ ଭାରତ ଏକ ଉତ୍ପାଦନକାରୀ ରାଷ୍ଟ୍ର ହୋଇପାରି ନାହିଁ, ସେଥିପାଇଁ ନିଯୁକ୍ତି ସୃଷ୍ଟି କରିବା କଷ୍ଟକର ହୋଇପଡୁଛି। 'ମେକ୍ ଇନ୍ ଇଣ୍ଡିଆ' କେବଳ ସ୍ଲୋଗାନ ଭିତରେ ରହିଯାଇଛି। ବସ୍ତୁତଃ ଭାରତ ଖାଉଟି ଦେଶ ଭାବେ ରହି ଆସିଥିବାରୁ ସେଥିରେ ବ୍ୟାପକ ପରିବର୍ତ୍ତନ ଅଣାଯିବା କଥା ଚିନ୍ତା କରାଯାଉ ନାହିଁ। କୃଷିପ୍ରଧାନ ଦେଶ ବୋଲି ଭାରତକୁ କୁହାଯାଉଥିଲେ ମଧ୍ୟ ଏଠାରେ ଉନ୍ନତ କୃଷି କରାଯାଇ ତାହାର ଉତ୍ପାଦ ବିଦେଶକୁ ଠିକ୍ ଭାବେ ରପ୍ତାନି ହୋଇପାରୁ ନ ଥିବାରୁ ଗ୍ରାମାଞ୍ଚଳରେ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଉଛି। କୃଷି ଏକ ଅତ୍ୟାଧୁନିକ ଉଦ୍ୟୋଗ। ସେଥିରେ କୌଣସି ବଡ଼ ବ୍ୟବସାୟୀଙ୍କୁ ପୂରାଇବାର ଉଦ୍ୟମ ଉଚିତ ନ ଥିଲା। କୃଷକଙ୍କୁ ତା' ସମସ୍ୟା ସମାଧାନ କରିବାରେ ସହଯୋଗ କରିବା ପରିବର୍ତ୍ତେ ସରକାରଙ୍କ ତରଫରୁ ଭିନ୍ନ କର୍ପୋରେଟ୍ ସଂସ୍କୃତି ପ୍ରବେଶ କରାଇବାର ଉଦ୍ୟମ କ୍ଷତିକାରକ ହୋଇଥିଲା। ଯଦି ସିଏମ୍ଆଇଇ ପରିସଂଖ୍ୟାନକୁ ଅନିଶା କରାଯାଏ, ଗ୍ରାମୀଣ ବେକାରି ହାର ଅକ୍ଟୋବରରେ ୮.୦୪ ପ୍ରତିଶତରେ ପହଞ୍ଚିବା ସୂଚାଇ ଦେଉଛି ଯେ, ଭାରତୀୟ ଅର୍ଥନୀତି ସୁଧୁରିବା ନିକଟ ଭବିଷ୍ୟତରେ ଦେଖାଯାଉ ନାହିଁ।

ଏ ଦେଶରେ ପ୍ରତି କ୍ଷେତ୍ରରେ ରାଜନୀତି ପ୍ରବେଶ କରୁଥିବାରୁ ବିକାଶ ବାଧାପ୍ରାପ୍ତ ହେଉଛି। ସେନା ଭଳି ଏକ ଶକ୍ତିଶାଳୀ କ୍ଷେତ୍ରରେ ଅସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା 'ଅଗ୍ନିପଥ' ପ୍ରଚଳନ କରାଯିବା ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ଜନବହୁଳ ରାଷ୍ଟ୍ର ହୋଇଥିବାରୁ ଏହି ଯୋଜନାରେ ୪୦ ହଜାର ପଦବୀ ପାଇଁ ୩୫ ଲକ୍ଷ ଅବେଦନ କରୁଥିବା ଦେଖିବାକୁ ମିଳିଛି। ଅର୍ଥାତ୍ ଅସ୍ଥାୟୀ ନିଯୁକ୍ତି ଜାଣି ମଧ୍ୟ ଯୁବପିଢ଼ି ହତାଶ ହୋଇ ଏହା ପଛରେ ଧାଉଁଛନ୍ତି। ତେଣୁ ଏବର ସ୍ଥିତିରେ ଦେଶର ନେତୃତ୍ୱ ନିଯୁକ୍ତି ଢାଞ୍ଚାରେ ପରିବର୍ତ୍ତନ ଆଣିବା ଦରକାର। ସମୟର ଆବଶ୍ୟକତା ଅନୁଯାୟୀ ସେବା କ୍ଷେତ୍ର ବ୍ୟାପକ ଆକାର ଧାରଣ କରୁଥିଲେ ମଧ୍ୟ ଉନ୍ନତ ଧରଣର କୃଷି କରାଯାଇ ତାହାର ବଜାର ବ୍ୟବସ୍ଥାକୁ ସୁଦୃଢ଼ କରାଯାଇପାରିଲେ ଦେଶର ଅର୍ଥନୀତିରେ ଉନ୍ନତି ଆସିପାରନ୍ତା। ଅନେକ ଶିକ୍ଷିତ ଯୁବକ ଏଥିପ୍ରତି ଆକର୍ଷିତ ହେଲେ ବେକାରିଙ୍କ ସଂଖ୍ୟା କମିଯାଇପାରନ୍ତା। କେବଳ ଭାଷଣରେ କୃଷିର ଜୟଗାନ କରାଗଲେ ଏଥିରେ ଅଭିବୃଦ୍ଧି ଘଟିପାରିବ ନାହିଁ। ତେଣୁ ଏକ ରାଷ୍ଟ୍ର ନୀତିରେ ପରିବର୍ତ୍ତନ ଆଣିବାକୁ ହେଲେ ସରକାରରେ ଥିବା ବର୍ଗ ସହିତ ବିରୋଧୀ ଏବଂ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞଙ୍କୁ ସାମିଲ କରାଯିବାର ଆବଶ୍ୟକତା ରହିଛି। ଗୋଟେ ଦେଶକୁ ଉପରକୁ ଉଠିବାକୁ ହେଲେ ଏହାର ଯୁବବର୍ଗ ନିଜକୁ ଉତ୍ପାଦନକ୍ଷମ କରିବା ଦରକାର। ପାଠୁଆ ପିଲା ଆଇଆଇଟି କିମ୍ବା ଆଇଆଇଏମ୍ ପଢ଼ି ଆମେରିକା ଚାଲିଗଲେ ଦେଶ ଆଗେଇପାରିବ ନାହିଁ। ଏହାସହିତ ସ୍ୱୀକାର କରିବାକୁ ହେବ ଯେ, ଭାରତର ସାମାଜିକ ଓ ରାଜନୈତିକ ସ୍ଥିତି ଯୋଗୁ ସବୁ ଉଚ୍ଚଶିକ୍ଷିତ ଦେଶ ଛାଡ଼ି ଚାଲିଯିବାକୁ ଇଚ୍ଛା କରୁଛନ୍ତି। ସମ୍ବଳ ଥିବା ମାତାପିତା ମଧ୍ୟ ଏ ଦିଗରେ ପିଲାଙ୍କୁ ସହଯୋଗ କରୁଛନ୍ତି। ସେଥିପାଇଁ ସମାଜରେ ପରିବର୍ତ୍ତନ ଆସିଲେ ଅର୍ଥନୀତି ବଦଳିବ। ଅର୍ଥନୀତି ବଦଳିଲେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ।

# ଲୋକାଚାର ଦଳିବି ଚରଣେ



ଚିତ୍ର-ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

କେଉଁ ଏକ ବିଦ୍ରୋହର ଆବେଶରେ ସେଦିନ ସେ କବି ଲେଖିଥିଲେ କେଜାଣି– ''ସମାଜ ମୁଁ ମାନିବିନି ଲୋକମତ ଦଳିବି ଚରଣେ'', ସେଇ ଢାଞ୍ଚାରେ ଏବେ ନିଜକୁ ହେତୁବାଦୀ ବୋଲାଉଥିବା ଥୋକେ ଲୋକ ନିଜ ଆଚରଣରେ ଅବ୍ୟକ୍ତ ଭାବେ ଉଚ୍ଚାରଣ କରୁଛନ୍ତି ଆଉ ଏକ ପଦ– ''ପରମ୍ପରା ମାନିବୁନି ଲୋକାଚାର ଦଳିବୁ ଚରଣେ''। ମାନବ ସଭ୍ୟତାର କ୍ରମୋନ୍ନତ ବିବର୍ତ୍ତନ ମଧ୍ୟରେ ମଣିଷର ବୌଦ୍ଧିକ ବିକାଶ ଯେତେ ତୀବ୍ରତର ହେଲେ ବି ସମାଜର ଯେଉଁ ଦୁଇଟି ଅଲିଖିତ ବିଧାନପତ୍ରକୁ ସମ୍ମାନ ଜଣାଇ ସେ କାଳ କାଳ ଧରି ତା' ଜୀବନଯାତ୍ରାକୁ ନିୟନ୍ତ୍ରିତ କରିଆସିଛି, ତାହା ହେଉଛି ଲୋକମତ ଓ ଲୋକାଚାର। ମନ୍ଦିରରେ ପାଦ ଥାପିବା ପୂର୍ବରୁ ପାଦର ଜୋତା ହଳକୁ ମନ୍ଦିର ବାହାରେ ରଖିବାଠୁ ଆରମ୍ଭ କରି ନାରୀ-ପୁରୁଷର ଆଦିମ ସମ୍ପର୍କକୁ ଲଜ୍ଜାର ଆବରଣ ମଧ୍ୟରେ ଘୋଡ଼ାଇ ରଖିବା ପାଇଁ ନୈତିକ ଓ ସାମାଜିକ ଦାୟିତ୍ୱବୋଧର ପରମ୍ପରା ପ୍ରତ୍ୟେକ କାଳରେ ମଣିଷ ଭିତରେ ମଣିଷତ୍ୱର ପ୍ରମାଣ ଦେଇଆସିଛି। ସେମିତି ଆମ ଧର୍ମୀୟ ବିଶ୍ୱାସ ଓ ସାମାଜିକ ପରମ୍ପରା ସହ ଜଡ଼ିତ ହୋଇ ରହିଥିବା ବିଭିନ୍ନ ଲୋକାଚାର ମଧ୍ୟ ମଣିଷର ଶବ୍ଦକୋଷରୁ ଉଭାନ୍ ହୋଇ ଯାଇନାହିଁ।

ବିଡ଼ମ୍ବନାର ବିଷୟ, ମଣିଷ ବା ସମାଜ ପାଇଁ କିଛି ସାମୂହିକ ଅଭିବୃଦ୍ଧିର ବାର୍ତ୍ତା ନ ଥାଇ, ଏକ ଉନ୍ନତ ଜୀବନର ସମୁଚିତ ସନ୍ଦେଶ ନ ଥାଇ, ଅର୍ଥହୀନ ଭାବେ କେବଳ ନିଜ ସ୍ଥିତି ଜାହିର କରିବାକୁ ଥୋକେ ଲୋକ ଏମିତି କିଛି ବିଚାର ବାଢ଼ନ୍ତି; ଯାହା ଆମ ଧର୍ମୀୟ ଚେତନାକୁ ପ୍ରଚଣ୍ଡ ପ୍ରହାର କରେ। କେଇଦିନ ତଳେ ସଂଘଟିତ ହୋଇଥିବା ସୂର୍ଯ୍ୟୋପରାଗ ବେଳେ, ଯେଉଁଦିନ ବୈଦିକ ରୀତିନୀତି ଅନୁସାରେ ସମସ୍ତ ଦେବକର୍ମ ଓ ପାକାନ୍ନ ଭୋଜନର ନିଷେଧନାମା ମଧ୍ୟରେ ପରାଗ ମୋକ୍ଷକୁ ଅପେକ୍ଷା କରୁଥିଲେ; ସେଦିନ ଆମ ରାଜଧାନୀ ନଗରରେ କେଇଜଣ ହେତୁବାଦୀ ସର୍ବସାଧାରଣ ସ୍ଥାନରେ ଚିକେନ ବିରିୟାନି ଖାଇ ଭିନ୍ନ ଭାବେ ପାଳନ କରିଥିଲେ ଏହି ଖଗୋଳିକ ଘଟଣାଟିକୁ। ସର୍ବସାଧାରଣ ସ୍ଥାନରେ ଏକ ଗଣଭୋଜନର ଆୟୋଜନ କରି ଓ ଏହାର ଚିତ୍ର ଉତ୍ତୋଳନ କରି ସାରା ସଂସାରକୁ ଦେଖାଇବା ପାଇଁ ବିଭିନ୍ନ ଟିଭି ଚାନେଲକୁ ଆମନ୍ତ୍ରଣ କରି କ'ଣ ପ୍ରମାଣ କରିବାକୁ ଚାହୁଁଥିଲେ ଏମାନେ? ବହୁ କାଳରୁ ବହୁ ଲୋକଙ୍କ ଦ୍ୱାରା ପାଳିତ ବିଧି ବ୍ୟବସ୍ଥା ବିରୋଧରେ ବିଦ୍ରୋହ ନା ଆମ ସାମାଜିକ ପ୍ରଥା ପରମ୍ପରା ସହ ଜଡ଼ିତ ଧର୍ମଧାରଣା ପ୍ରତି ଉପହାସ?

ଧର୍ମ ହେଉ କି ଧର୍ମଧାରଣା ସହ ସଂଶ୍ଳିଷ୍ଟ ଆମ ଲୋକାଚାର ବିରୋଧରେ ବିଦ୍ରୋହ ବା ଉପହାସ ଯେତେ ଭୀଷଣ ହେଲେ ବି ଧନ୍ୟ କହିବ ଆମ ଧର୍ମର ଉଦାରତାକୁ, ଯାହା ସବୁ କିଛି ସହିନିଏ। ସୂର୍ଯ୍ୟୋପରାଗରେ ପାକତ୍ୟାଗ ଭଳି ରୀତିନୀତିକୁ କିଏ 'ଭାଣ୍ଡ ତାମ୍‌ସା' କହି ଅପମାନିତ କଲେଣି ତ ଅନ୍ୟ ଜଣେ ହେତୁବାଦୀ ପରାଗରେ ଚିକେନ୍ ବିରିୟାନି ଖାଇବାକୁ ସଂସ୍କାରର ଅବକ୍ଷୟ କହୁଥିବା ଜଣେ ଗବେଷକଙ୍କୁ 'କୁଣ୍ଡାଖିଆ ପାଠ ପଢ଼ିଛ' ଭଳି ଅପଶବ୍ଦ ଫିଙ୍ଗି ଆହତ କଲେଣି। ଶଙ୍କରାଚାର୍ଯ୍ୟ ମଧ୍ୟ ଏଭଳି ପ୍ରହସନକୁ ନାପସନ୍ଦ କରି ବିବୃତି ଦେଲେ। କହିଲେ, ''ଯେଉଁମାନେ ଧର୍ମୀୟ ରୀତିନୀତିକୁ ଉପହାସ କରି ପରାଗରେ ଗଣଭୋଜିର ଆୟୋଜନ କଲେ, ସେମାନେ ସୁସ୍ଥ ମନ ନେଇ ଶାସ୍ତ୍ର ଅଧ୍ୟୟନ କରନ୍ତୁ ଓ ଶାସ୍ତ୍ରଜ୍ଞାନ ଭିତରେ ଥିବା ବିଜ୍ଞାନକୁ ଅନୁଧ୍ୟାନ କରନ୍ତୁ।'' ଉଦାର ଧର୍ମର କି ମାର୍ମିକ ମାର୍ଗଦର୍ଶନ! ଅନ୍ୟ କେଉଁ ଧର୍ମ ହୋଇଥିଲେ ତାହାର ବଡ଼ପଣ୍ଡାମାନେ ଏତେବେଳକୁ ଧର୍ମୀୟ ଭାବଧାରା ଓ ଏଥିସହ ସଂଶ୍ଳିଷ୍ଟ ଲୋକାଚାରକୁ ଉପେକ୍ଷା ଓ ଉପହାସ କରିବା ଭଳି ଅପକର୍ମକୁ ଏକ ଗୁରୁତର ଅପରାଧ ଭାବେ ବିବେଚନା କରି ଏଥିପାଇଁ ଅନ୍ୟ କିଛି ଭୟଙ୍କର ପରିଣାମ ଘଟାଇବାକୁ ଫତ୍‌ୱା ଜାରି କରି ସାରନ୍ତେଣି!

ଏଠାରେ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବନାହିଁ ଯେ, କେଇବର୍ଷ ପୂର୍ବରୁ ଭୁବନେଶ୍ୱରର ଏକ ସାଂସ୍କୃତିକ ସଭାମଞ୍ଚରୁ କିଛି ହେତୁବାଦୀଙ୍କ କଣ୍ଠରୁ ଶୁଣାଯାଇଥିଲା ଏକ ଔଦ୍ଧତ୍ୟପୂର୍ଣ୍ଣ ଉଦ୍‌ଘୋଷଣା– 'ଯିଏ ଈଶ୍ୱରଙ୍କୁ ଧରିଆଣି ରାଜଧାନୀର ଜୟଦେବ ଭବନ ସଭାମଞ୍ଚରେ ଛିଡ଼ା କରାଇଦେବ, ତାକୁ ଲକ୍ଷେ ଟଙ୍କା ପୁରସ୍କାର ଦିଆଯିବ।' ବଡ଼ ବିଚିତ୍ର ଥିଲା ଏହି ଆହ୍ୱାନ। ଜଣେ ଅଧ୍ୟାପକଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିଲା ଏକ ଛଅଜଣିଆ କମିଟି, ଯିଏ ଈଶ୍ୱରଙ୍କୁ ପରୀକ୍ଷାନିରୀକ୍ଷା କରି ରିପୋର୍ଟ ଦେଇଥାଆନ୍ତେ! ଈଶ୍ୱରବିଶ୍ୱାସୀଙ୍କ ଭକ୍ତି ଚେତନା ଉପରେ ନିରୀଶ୍ୱରବାଦୀଙ୍କର କି ପ୍ରଚଣ୍ଡ ପ୍ରହାର! ଈଶ୍ୱର ଆଧିଭୌତିକ ଚେତନାର ଏକ ଦିବ୍ୟ ଅନୁଭବ, ଏକ ବିମଳ ବିଶ୍ୱାସ। ଜ୍ଞାନୀ ବିଜ୍ଞାନୀମାନଙ୍କୁ ନେଇ ଗଠିତ କମିଟି ଯେ କୌଣସି ଭୌତିକ ବା ପାର୍ଥିବ ଜ୍ଞାନର ମାନ ନିର୍ଦ୍ଧାରଣ କରିପାରେ। ମାତ୍ର ହୃଦ୍ୟ ଅନୁଭବ ଓ ସମର୍ପିତ ବିଶ୍ୱାସକୁ ପରଖିବା ପାଇଁ ଲକ୍ଷେ ଟଙ୍କାର ଲୋଭ କାହିଁକି, ସଂସାରର ସବୁ ସମ୍ପଦ ଅଜାଡ଼ିଦେଲେ ବି ତାହା ଯଥେଷ୍ଟ ହେବନାହିଁ। ବିଶ୍ୱାସୀଙ୍କ ପାଇଁ ଈଶ୍ୱର ସହଜଲଭ୍ୟ ହେବେ ସିନା ତର୍କରେ ଘୁଞ୍ଚି ଯାଉଥିବେ ଦୂରକୁ ଦୂର।

କେଉଟଟିଏ ପୋଖରୀରେ ଜାଲ ଛାଟି ଚାଲିଥାଏ। ଜାଲ ଫାଶ ମଧ୍ୟରେ ଗଳି ଯାଇପାରୁ ନ ଥିବା ବଡ଼ ବଡ଼ ମାଛମାନେ ପ୍ରତିଥର ଧରାପଡୁଥାଆନ୍ତି ଜାଲରେ। ସବୁଥର ଜାଲ ଭିତରୁ ଗୋଟିଏ ବି ଛୋଟମାଛ ନ ପାଇ କେଉଟ ସିଦ୍ଧାନ୍ତରେ ପହଞ୍ଚିଗଲା– 'ଏ ପୋଖରୀରେ ଛୋଟ ମାଛ ଆଦୌ ନାହାନ୍ତି।' ତା' ଜାଲର ଫାଶ ଯାହା, ତାହା ମଧ୍ୟରେ ଯେ ଛୋଟ ମାଛ ଧରାପଡ଼ନ୍ତେ ନାହିଁ, ଏ କଥା ବିଚାର ନ କରି ସିଦ୍ଧାନ୍ତରେ ପହଞ୍ଚି ଯାଇଥିଲା ନିର୍ବୋଧ କେଉଟ। ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ପର୍କରେ ମଣିଷର ଅନୁଭୂତି ଠିକ୍ ଏହିପରି। ନିଜ ଚେତନାର ଜାଲ ଫାଶ ମଧ୍ୟରେ ଈଶ୍ୱରଙ୍କ ଅସ୍ତିତ୍ୱ ଯଦି ଧରା ନ ପଡ଼ିଲା, ତେବେ ସ୍ୱୟଂ ଧରା ଦେବା ପାଇଁ ଈଶ୍ୱର ବା କାହିଁକି ଜୟଦେବ ଭବନକୁ ଆସନ୍ତେ! କେବଳ ଦେଖାଯାଉଥିବା ଚିଜ ହିଁ ସତ୍ୟ ଓ ଆଉ ସବୁ 'ଭାଣ୍ଡ ତାମ୍‌ସା' ବୋଲି ଯେଉଁ ବିଜ୍ଞଜନେ ମନେକରୁଛନ୍ତି, ତାଙ୍କୁ ଯଦି ପଚରାଯାଏ 'ପବନ ଦେଖିବାକୁ କିପରି?' ତାକୁ ଦେଖିଥିବା ଓ ଦେଖାଇ ପାରୁଥିବା ଲୋକଙ୍କୁ ଦଶଲକ୍ଷ ଟଙ୍କା ପୁରସ୍କାର ଦିଆଯିବ, ତେବେ କେମିତି ହେବ ସେମାନଙ୍କର ପ୍ରତିକ୍ରିୟା? ଈଶ୍ୱରଙ୍କ ସହ ସିନା ସମସ୍ତଙ୍କର ସମ୍ପର୍କ ନାହିଁ, ମାତ୍ର ସଞ୍ଜୀବନୀ ଶକ୍ତି ହୋଇ ସଭିଙ୍କୁ ପ୍ରାଣବନ୍ତ କରିଥିବା ପବନର ଅସ୍ତିତ୍ୱ ସ୍ୱୀକାର କରିବାକୁ ସମସ୍ତେ ତ ବସ୍ତୁତଃ ବାଧ୍ୟ। ହେଲେ ପବନକୁ ଦେଖିଥିବା ଲୋକ ଏହି ସଂସାରରେ କେହି ଅଛନ୍ତି କି? ଯଦି ନାହାନ୍ତି, ତେବେ ପବନ କ'ଣ ମିଥ୍ୟା, ଠିକ୍ ଅଦୃଶ୍ୟ ଈଶ୍ୱରଙ୍କ ପରି?

ଈଶ୍ୱର ଅଛନ୍ତି। ସେ ଅଛନ୍ତି ପ୍ରକୃତିର ପ୍ରତିଟି ସୃଷ୍ଟିରେ। ତାଙ୍କୁ ମାନୁଥିବା ଆସ୍ତିକଙ୍କ ହୃଦୟରେ ଯେମିତି ସେ ଅଛନ୍ତି, ସେମିତି ବି ଅଛନ୍ତି, ତାଙ୍କ ଅସ୍ତିତ୍ୱକୁ ଅବଜ୍ଞା କରୁଥିବା ହେତୁବାଦୀଙ୍କ ଉପହାସରେ। ସେ ଅଛନ୍ତି ବୋଲି ବିଶ୍ୱାସ କରିବାକୁ କାହା ପାଇଁ କିଛି ବାଧ୍ୟବାଧକତା ନାହିଁ। ତାଙ୍କ ସ୍ଥିତିକୁ ଅସ୍ୱୀକାର କରିବାକୁ ସମସ୍ତେ ସ୍ୱାଧୀନ। ସୁତରାଂ, ଏଥିପାଇଁ ସଭାସମିତି କରି ଆହ୍ୱାନ ଜଣାଇବା ବା ଲକ୍ଷେ ଟଙ୍କାର ପୁରସ୍କାର ଘୋଷଣା କରିବାର କିଛି ପ୍ରୟୋଜନ ହିଁ ନାହିଁ। ସୂର୍ଯ୍ୟୋପରାଗ ବା ଚନ୍ଦ୍ରଗ୍ରହଣ ସହ ଜଡ଼ିତ ପାକତ୍ୟାଗ ଭଳି ଧର୍ମଧାରଣା ବା ଲୋକଚାରାକୁ ଅବଜ୍ଞା କରି ଯେତେ ଚିକେନ ବିରିୟାନି ବାଣ୍ଟିଲେ ବି ଈଶ୍ୱର ନାହାନ୍ତି ବୋଲି ପ୍ରମାଣିତ ହେବନାହିଁ, ହୋଇପାରିବ ନାହିଁ।



**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,**
**ଚକେଇସିହାଣି, ଭୁବନେଶ୍ୱର**
**ମୋ–୮୮୯୫୬୨୪୧୦୫**

# ରାତି ଆକାଶରେ ଚଳନ୍ତା ରେଳଗାଡ଼ି



ପ୍ରଫେସର ସିତାଂଶୁ କୁମାର ସାମଲ

ଗତ ସେପ୍ଟେମ୍ବରରେ ଉଭୟ ବୈଦ୍ୟୁତିକ ଏବଂ ଛାପା ଗଣମାଧ୍ୟମରେ ରାତି ଆକାଶରେ ଚଳନ୍ତା ରେଳଗାଡ଼ି ଚର୍ଚ୍ଚାର ବିଷୟ ଥିଲା। ଚର୍ଚ୍ଚାର କାରଣ ହେଲା ଉତ୍ତର ଭାରତର ବହୁଅଞ୍ଚଳରେ ପ୍ରାୟ ରାତି ଆଠଟାରେ ଅନେକ ସମଦୂରତାରେ ଥିବା ଉଜ୍ଜ୍ୱଳ ବିନ୍ଦୁମାନଙ୍କର ସରଳ ରୈଖିକ ଗତି ଯାହା ରାତି ଆକାଶରେ ଏକ ଚଳନ୍ତା ରେଳଗାଡ଼ିର ଭ୍ରମ ସୃଷ୍ଟି କରୁଥିଲା। ଏହା ବାସ୍ତବରେ ପୃଥିବୀର ନିମ୍ନ କକ୍ଷରେ ଘୂର୍ଣ୍ଣାୟମାନ ଅନେକ କୃତ୍ରିମ ଉପଗ୍ରହର ଗତି ଥିଲା। ରାତି ଆଠଟା ବେଳକୁ ସୂର୍ଯ୍ୟ ଅସ୍ତ ହୋଇ ଥିଲେ ମଧ୍ୟ ଉକ୍ତ ଉପଗ୍ରହଗୁଡ଼ିକ ସୂର୍ଯ୍ୟାଲୋକର ପ୍ରତିଫଳନ ହେତୁ ଉଜ୍ଜ୍ୱଳ ଦେଖାଯାଉଥିଲେ। ଏଠାରେ ସୂଚନା ଥାଉକି, ଚନ୍ଦ୍ର ପୃଥିବୀର ଏକ ଉପଗ୍ରହ। ଏହା ସୂର୍ଯ୍ୟାଲୋକର ପ୍ରତିଫଳନ ହେତୁ ଆଲୋକିତ ହୋଇଥାଏ। ଏଥର ଆସ ଆମେ କୃତ୍ରିମ ଉପଗ୍ରହଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରିବା।

ଆମ ସୌରମଣ୍ଡଳର ସମସ୍ତ ଗ୍ରହଙ୍କ ଚତୁଃପାର୍ଶ୍ୱରେ ଚନ୍ଦ୍ରକୁ ମିଶାଇ ଭିନ୍ନ ଭିନ୍ନ କକ୍ଷରେ ୨୦୭ଟି ପ୍ରାକୃତିକ ଉପଗ୍ରହ ଗତି କରୁଛନ୍ତି। ପ୍ରତ୍ୟେକ ଉପଗ୍ରହ ଏକ ନିର୍ଦ୍ଦିଷ୍ଟ ଅଣ୍ଡାକୃତି କକ୍ଷରେ ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ଅହରହ ଏକ ନିର୍ଦ୍ଦିଷ୍ଟ ଗ୍ରହ ଚାରିପଟେ ଘୂରି ବୁଲୁଛନ୍ତି। ଏହି ଉପଗ୍ରହଗୁଡିକ କଠିନ ବସ୍ତୁ ଏବଂ ଏମାନଙ୍କର ଆକାର ତଥା ପ୍ରକାର ଭିନ୍ନ। କୃତ୍ରିମ ଉପଗ୍ରହଗୁଡିକ କିନ୍ତୁ ମନୁଷ୍ୟ ଦ୍ୱାରା ନିର୍ମିତ ବସ୍ତୁ। ଏମାନଙ୍କର ଆକାର, ଆକୃତି, ପ୍ରକାର ତଥା ଗଠନ ଶୈଳୀ ଭିନ୍ନ। ଏମାନଙ୍କୁ ମହାକାଶ ଯାନ ବା ରକେଟ୍ ଦ୍ୱାରା ପୃଥିବୀ ଚତୁଃପାର୍ଶ୍ୱରେ ଏକ ନିର୍ଦ୍ଦିଷ୍ଟ କକ୍ଷରେ ଅବସ୍ଥାପିତ କରାଯାଇଥାଏ। ଅତି କ୍ଷୁଦ୍ର ଉପଗ୍ରହର ଓଜନ ଏକ କିଲୋଗ୍ରାମଠାରୁ କମ୍ ମାତ୍ର ଆନ୍ତର୍ଜାତିକ ମହାକାଶ ରହଣିସ୍ଥଳ ପରି ବଡ଼ ଉପଗ୍ରହଗୁଡ଼ିକର ଓଜନ ପାଖାପାଖି ୪ହଜାର କିଲୋଗ୍ରାମ ଏବଂ ଏହାର ଆକାର ଏକ ଫୁଟବଲ୍ ଖେଳପଡ଼ିଆ ସଦୃଶ। ଏହି ଉପଗ୍ରହଗୁଡ଼ିକରେ ଅତ୍ୟାଧୁନିକ କମ୍ପ୍ୟୁଟର ବ୍ୟବସ୍ଥା, ଉଚ୍ଚକ୍ଷମତାସମ୍ପନ୍ନ ଯନ୍ତ୍ରପାତି, ଏକାଧିକ କ୍ୟାମେରା, ସୂର୍ଯ୍ୟାଲୋକର ଶକ୍ତିକୁ ବିଦ୍ୟୁତ୍ ଶକ୍ତିରେ ରୂପାନ୍ତରିତ କରି ଗଚ୍ଛିତ କରିରଖିବା ପାଇଁ ସୌର ପ୍ୟାନେଲ୍ ଓ ବ୍ୟାଟେରି ଖଞ୍ଜା ଯାଇଥାଏ। ଏତଦ୍‌ବ୍ୟତୀତ ଉପଗ୍ରହ ଏବଂ ତାହାକୁ ପଠାଇଥିବା ଦେଶ ବା ସଂସ୍ଥା ମଧ୍ୟରେ ତଥ୍ୟ ବା ଡାଟା ବିନିମୟ ପାଇଁ ଶକ୍ତିଶାଳୀ ଆଣ୍ଟିନା ଏବଂ ଉପଗ୍ରହର କକ୍ଷ ପରିବର୍ତ୍ତନ ପାଇଁ ଛୋଟ ରକେଟ୍ ବା ଥ୍ରଷ୍ଟରର ପ୍ରାବଧାନ ହୋଇଥାଏ। ମହାକାଶକୁ ରକେଟ୍ ଦ୍ୱାରା କୃତ୍ରିମ ଉପଗ୍ରହ ନିକ୍ଷେପଣ ୩୦୦ ବର୍ଷ ପୂର୍ବ ଆଇଜାକ୍ ନିଉଟନ୍‌ଙ୍କ ଗତିର ତୃତୀୟ ନିୟମ ଉପରେ ପର୍ଯ୍ୟବସିତ। ଉକ୍ତ ନିୟମାନୁସାରେ ପ୍ରତି କ୍ରିୟା ବା ଆକ୍ସନ୍ ବଳର ସମାନ ଏବଂ ବିପରୀତ ପ୍ରତିକ୍ରିୟା ବା ରିଆକ୍ସନ୍ ବଳ ଅଛି। ତେଣୁ ରକେଟ୍ ଇନ୍ଧନ ଦହନରୁ ବାଷ୍ପ ଯେଉଁ ବେଗରେ ରକେଟ୍ ପଛରୁ ନିର୍ଗତ ହୁଏ, ସେହି ବେଗରେ ରକେଟ୍ ଆଗକୁ ଗତିକରିଥାଏ। ପୃଥିବୀର ମାଧ୍ୟାକର୍ଷଣ ଜନିତ ତ୍ୱରଣ (ଯାହା ଉପରକୁ ଯାଉଥିବା ବସ୍ତୁଟିକୁ ନିଜ କେନ୍ଦ୍ର ଆଡ଼କୁ ଟାଣିଆଣେ) ଠାରୁ ଅଧିକ ବେଗରେ ଅର୍ଥାତ୍ ଘଣ୍ଟା ପ୍ରତି ୧୭,୮୦୦ ମାଇଲ ବେଗରେ ରକେଟ୍‌ଟି କୃତ୍ରିମ ଉପଗ୍ରହକୁ ନେଇ ପୃଥିବୀପୃଷ୍ଠ ଅତିକ୍ରମ କରେ ଏବଂ ତାହାକୁ ପୃଥିବୀର ଏକ ନିର୍ଦ୍ଦିଷ୍ଟ କକ୍ଷରେ ଅବସ୍ଥାପିତ କରାଏ। ତତ୍କାଳୀନ



ସୋଭିଏଟ୍ ସଂଘ ୧୯୫୭ ମସିହା ଅକ୍ଟୋବର ୪ ତାରିଖରେ ପାଖାପାଖି ୮୪ କିଲୋଗ୍ରାମ ଓଜନବିଶିଷ୍ଟ ସ୍ପୁଟନିକ୍-୧ କୃତ୍ରିମ ଉପଗ୍ରହଟିକୁ ପ୍ରଥମ ଥର ସଫଳତାର ସହିତ ମହାକାଶକୁ ପ୍ରେରଣ କରିଥିଲା। ଏହାର ମାସକ ଭିତରେ ସେହି ରାଷ୍ଟ୍ର ସ୍ପୁଟନିକ୍-୨ ଉପଗ୍ରହରେ ଲାଇକା କୁକୁରକୁ ପ୍ରଥମ ଜୀବନ୍ତ ପଶୁଭାବେ ମହକାଶକୁ ପଠାଇ ଅନ୍ୟ ଏକ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲା। ଆମ ଦେଶ ଭାରତ ତା'ର ପ୍ରଥମ ଉପଗ୍ରହ ଆର୍ଯ୍ୟଭଟ୍ଟଙ୍କୁ ୪ ଏପ୍ରିଲ ୧୯୭୫ ମସିହାରେ ମହାକାଶକୁ ପଠାଇ ମହାକାଶ ଗବେଷଣା କ୍ଷେତ୍ରରେ ସ୍ଥାନ ପାଇଥିବା ଦେଶ ତାଲିକାରେ ଯୋଡ଼ିହେଲା। ତଥ୍ୟାନୁସାରେ ଏ ଯାଏ ବିଶ୍ୱର ବିଭିନ୍ନ ଦେଶ ବା ସଂସ୍ଥା ୮୦୦୦ରୁ ଉର୍ଦ୍ଧ୍ୱ କୃତ୍ରିମ ଉପଗ୍ରହ ମହାକାଶକୁ ସଫଳତାର ସହିତ ପ୍ରେରିତ କରିଛନ୍ତି। ତନ୍ମଧ୍ୟରୁ ପାଖାପାଖି ୫୦୦୦ କୃତ୍ରିମ ଉପଗ୍ରହ ବିଭିନ୍ନ କକ୍ଷରେ ଘୂର୍ଣ୍ଣୟମାନ। ପୃଥିବୀର ସବୁଠାରୁ ଧନୀଦେଶ ଯୁକ୍ତରାଷ୍ଟ୍ର ଆମେରିକାର ସର୍ବାଧିକ ୨,୯୪୦ଟି ଏବଂ ସ୍ପେସ୍ ଏକ୍ସ ପରି ଆମେରିକାର ବଡ଼ ଘରୋଇ ସଂସ୍ଥା ୨,୩୦୦ଟି କୃତ୍ରିମ ଉପଗ୍ରହ ପଠାଇଛନ୍ତି। ଆମ ଦେଶର ଏବେ ୫୩ଟି କୃତ୍ରିମ ଉପଗ୍ରହ ଯୋଗାଯୋଗ, ନାଭିଗେସନ୍, ପୃଥିବୀ ନିରୀକ୍ଷଣ, ବିଜ୍ଞାନ ଗବେଷଣା ଇତ୍ୟାଦି କାର୍ଯ୍ୟରେ ନିୟୋଜିତ।

କୃତ୍ରିମ ଉପଗ୍ରହ ମାଧ୍ୟମରେ ଇଣ୍ଟରନେଟ୍‌ର ଦ୍ରୁତଗତି ସେବା ହେତୁ ବିଶ୍ୱସ୍ତରରେ ଉନ୍ନତ ମାନର ଟେଲିଯୋଗାଯୋଗ, ମୋବାଇଲ ଫୋନ୍‌ର ବହୁଳ ବ୍ୟବହାର, ଟେଲିଭିଜନରେ ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟାପକତା, ଇଣ୍ଟରନେଟ୍ ଦ୍ୱାରା ଭିଡିଓ ମାଧ୍ୟମରେ ଶିକ୍ଷାଦାନ, ଯାହାର ଗୁରୁତ୍ୱ ଗତ କୋଭିଡ୍ ସମୟରେ ଉପଲବ୍ଧ ହେବା, ଟେଲିମେଡିସିନ୍ ମାଧ୍ୟମରେ ବହୁ ଦୂରରେ ଥିବା ରୋଗ ବିଶେଷଜ୍ଞଙ୍କ ଦ୍ୱାରା ରୋଗ ନିରୂପଣ, ଆବଶ୍ୟକ ପରାମର୍ଶ ଏବଂ ଔଷଧ ଭିଡିଓ ବାର୍ତ୍ତାଳାପ ମାଧ୍ୟମରେ ଉପାନ୍ତ ଅଞ୍ଚଳରେ ଥିବା ଲୋକଙ୍କୁ ମିଳିବା ସମ୍ଭବ ହୋଇପାରୁଛି। ଏତଦ୍‌ବ୍ୟତୀତ ଉପଗ୍ରହଠାରୁ ମିଳୁଥିବା ତଥ୍ୟକୁ ନେଇ ପାଣିପାଗର ଠିକ୍ ଆକଳନ ଏବଂ ତାହାର ପୂର୍ବ ସୂଚନା ସରକାରଙ୍କୁ ବନ୍ୟା, ବାତ୍ୟା, ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟର ସୁପରିଚାଳନା ଓ ଧନ ଜୀବନ ସୁରକ୍ଷିତ କରାଇବା, ସମୁଦ୍ରରେ କେଉଁ ସମୟରେ କେଉଁ ସ୍ଥାନରେ ଅଧିକ ମାଛ ମିଳିବା ତଥ୍ୟ ଧୀବରମାନଙ୍କୁ ପ୍ରଦାନ, ବୃହତ୍ ଘନ ଜଙ୍ଗଲରେ ନିଆଁ ଲାଗିବା ସ୍ଥାନର ଠିକ୍ ଚିହ୍ନଟ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଖାଦ୍ୟଶସ୍ୟ ଉତ୍ପାଦନ ଓ ନିର୍ଦ୍ଦିଷ୍ଟ ସ୍ଥାନର ଭୂତଳ ଜଳ ପରିମାଣର ଠିକ୍ ଆକଳନ, ଜମିଜମା ସର୍ବେକ୍ଷଣ ଇତ୍ୟାଦି ସମ୍ଭବ ହୋଇପାରୁଛି। ଉଡ଼ାଜାହାଜ, ଜଳଜାହାଜ ଓ କ୍ଷେପଣାସ୍ତ୍ର ପରି ଗତିଶୀଳ ବସ୍ତୁ ଏବଂ ଅଜଣା ସ୍ଥାନ ଖୋଜି ପାଇବା ସହଜ ହେଉଛି। ଗୁପ୍ତରେ ଭାରତ ପାକିସ୍ତାନର ବାଲାକୋଟରେ ଆତଙ୍କବାଦୀମାନଙ୍କ ନିପାତ, ଯୁକ୍ତରାଷ୍ଟ୍ର ଆମେରିକା ପାକିସ୍ତାନରେ ଲାଡେନଙ୍କ ପରି ଦୁର୍ଦ୍ଧର୍ଷ ଆତଙ୍କବାଦୀର ହତ୍ୟା ଏହାଦ୍ୱାରା ସମ୍ଭବ ହୋଇପାରିଛି। ଫଳତଃ ଏହା ଦେଶ ତଥା ବ୍ୟକ୍ତିର ନିରାପତ୍ତାରେ ବେଶ୍ ସହାୟକ ହେଉଛି। ସ୍ପେସ୍ ଏକ୍ସ ଓ ଅନ୍ୟ ଘରୋଇ ସଂସ୍ଥାଗୁଡ଼ିକ ଉପଗ୍ରହ ପ୍ରେରଣ କ୍ଷେତ୍ରରେ ପ୍ରବେଶ ଫଳରେ ଦିନକୁ ଦିନ ଅଧିକ ସଂଖ୍ୟକ ଉପଗ୍ରହ ପୃଥିବୀର ଚତୁଃପାର୍ଶ୍ୱରେ ରହି ଆଣ୍ଟାର୍କଟିକା ପରି ବରଫାବୃତ୍ତ ଅଞ୍ଚଳ ତଥା ବିଶ୍ୱର ଅନ୍ୟ ଅପହଞ୍ଚ ଅଞ୍ଚଳରେ ଦ୍ରୁତ ଇଣ୍ଟରନେଟ୍ ସେବା ପହଞ୍ଚାଇବା ସହିତ ସମଗ୍ର ବିଶ୍ୱବାସୀଙ୍କର ନିରାପତ୍ତା ଏବଂ ଜୀବନ ଶୈଳୀରେ ଉନ୍ନତି ପରିଲକ୍ଷିତ ହେଉଛି। ଏହା ସହିତ ମହାକାଶ ପର୍ଯ୍ୟଟନ ଏକ ବାସ୍ତବତାରେ ପରିଣତ ହେଲାଣି।

**ପ୍ରାକ୍ତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ବାଲେଶ୍ୱର**
**ମୋ: ୯୪୩୭୨୯୫୭୭୫**

## ଏଇ ଭାରତରେ

ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଲାଗି ଗୁଣ୍ଡୁଚିମୂଷା ଭଳି କାର୍ଯ୍ୟ କରୁଥିବା ଅନେକଙ୍କ ମଧ୍ୟରେ ଦିଲ୍ଲୀର ମିନାକ୍ଷୀ ଶର୍ମାଙ୍କ ଯୋଗଦାନ ପ୍ରେରଣାଦାୟକ। ମିନାକ୍ଷୀ ବର୍ଜ୍ୟ କପଡ଼ାକୁ ଅପ୍‌ସାଇକେଲ କରୁଛନ୍ତି। ସେ 'ୟୁଜ ମି ୱାର୍କ୍ସ' କମ୍ପାନୀ ପ୍ରତିଷ୍ଠା କରି ବର୍ଜ୍ୟ କପଡ଼ାରୁ ଆକର୍ଷଣୀୟ ଘରସଜ୍ଜା ଜିନିଷ, ବ୍ୟାଗ୍, ଲୁଗା ଆଦି ତିଆରି କରୁଛନ୍ତି। ୨୦୧୧ରୁ ସେ ଏହି କାର୍ଯ୍ୟ କରିଆସୁଛନ୍ତି। ମିନାକ୍ଷୀଙ୍କ ବୟସ ୩୪। କଲେଜରେ ପଢୁଥିବାବେଳେ ପର୍ଲ ଏକାଡେମୀ ଅଫ୍ ଫ୍ୟାଶନରେ ଏକ ପ୍ରୋଜେକ୍ଟ ଉପସ୍ଥାପନ କରିବା ପରେ ତାଙ୍କୁ ଏଭଳି କାର୍ଯ୍ୟ କରିବାକୁ ପ୍ରେରଣା ମିଳିଥିଲା। ଦିଲ୍ଲୀର ଛତ୍ରପୁରରୁ ୩୦ ଜଣ ଗରିବ ମହିଳାଙ୍କୁ ସେ ଏହି କାର୍ଯ୍ୟରେ ନିଯୁକ୍ତ କରିଛନ୍ତି। ସେମାନେ ମାସକୁ ୫,୦୦୦ରୁ ୧୦,୦୦୦ ଟଙ୍କା ରୋଜଗାର କରିପାରୁଛନ୍ତି। ମାତ୍ର ୪୫୦ ବର୍ଗଫୁଟ ଜାଗାରେ ତାଙ୍କ କମ୍ପାନୀ ଚାଲିଛି। ମିନାକ୍ଷୀ ଗୋଟିଏ ମାସରେ ୨୦୦ କେଜି ବର୍ଜ୍ୟ କପଡ଼ା ଅପ୍‌ସାଇକେଲ କରୁଛନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ ଜିନିଷର ଚାହିଦା ରହିଛି ଓ ସିଙ୍ଗାପୁର, ଆମେରିକା ଏବଂ ଇଂଲଣ୍ଡରେ ଏହାର ଗ୍ରାହକ ରହିଛନ୍ତି। ମାସକୁ ପାଖାପାଖି ୨୦୦ ଅର୍ଡର ସେ ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ନଭେମ୍ବର ୧୯୯୭

- ଶ୍ରୀଲଙ୍କାର ଉତ୍ତର-ପୂର୍ବାଞ୍ଚଳରେ ସେନା ଓ ତାମିଲ ଗେରିଲା ମଧ୍ୟରେ ସଂଘର୍ଷ ଘଟି ୫୦ ଗେରିଲା ନିହତ।
- ବିବାଦୀୟ ଟାଡା ବଳରେ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପାଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ କଳ୍ପନାଥ ରାୟ ପ୍ରମାଣ ଅଭାବରୁ ମୁକ୍ତ।
- ଆଇନ ସଂଶୋଧନ (ରିଭିଜନ) କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ ମନ୍ତ୍ରୀ ଗଙ୍ଗାଧର ମହାପାତ୍ର ନିଯୁକ୍ତ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | 7 | | | | |
| | 7 | | 8 | 4 | | | | |
| | | 9 | 2 | | | 6 | | |
| 2 | | 7 | | | 8 | | 4 | |
| 6 | | | | | 3 | 8 | | 9 |
| | | | | | 7 | | 3 | 2 |
| | 2 | | 3 | | | | 9 | |
| | | | | | | | | |
| 5 | 1 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 3 | 5 | 7 | 6 | 4 | 9 | 2 |
| 5 | 2 | 9 | 8 | 3 | 4 | 1 | 6 | 7 |
| 4 | 7 | 6 | 1 | 9 | 2 | 5 | 8 | 3 |
| 7 | 9 | 5 | 6 | 1 | 3 | 8 | 2 | 4 |
| 6 | 4 | 1 | 2 | 8 | 7 | 3 | 5 | 9 |
| 2 | 3 | 8 | 9 | 4 | 5 | 6 | 7 | 1 |
| 1 | 8 | 4 | 7 | 6 | 9 | 2 | 3 | 5 |
| 3 | 5 | 7 | 4 | 2 | 8 | 9 | 1 | 6 |
| 9 | 6 | 2 | 3 | 5 | 1 | 7 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହିଳା ହେଲ୍ପ ଡେସ୍କ ଖୋଲାଯାଉ

ମହାଶୟ,

ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ କର୍ମଜୀବୀ ମହିଳାମାନେ ବହୁତ ସଂଖ୍ୟାରେ ଚଳପ୍ରଚଳ ହେଉଛନ୍ତି। ଦୈନିକ କୌଣସି ନା କୌଣସି ମହିଳା ନିର୍ଯାତନା ଅଥବା ବ୍ୟଭିଚାରର ଶିକାର ହେଉଛନ୍ତି। ଅଥଚ ସେମାନଙ୍କ ମଧ୍ୟରେ ବହୁ ମହିଳା ପ୍ରାୟ ଅଭିଯୋଗ କରିବା ପାଇଁ ପଛାଇ ଯାଉଛନ୍ତି। ଏହାର ପ୍ରମୁଖ କାରଣ, ସେମାନେ ଅଧିକାଂଶ କର୍ମଜୀବୀ। କର୍ମଜୀବୀ ହୋଇଥିବା ଯୋଗୁ ଅନେକେ ଥାନାକୁ ଯାଇ ଅଭିଯୋଗ ପାଇଁ ସମୟ ପାଉନାହାନ୍ତି। ପରିଣାମ ସ୍ୱରୂପ ମହିଳାମାନଙ୍କ ପ୍ରତି ଅସାମାଜିକ କାର୍ଯ୍ୟକଳାପ ବଢ଼ି ଚାଲିଛି ସିନା କମୁ ନାହିଁ। ଏହାର ନିରାକରଣ ପାଇଁ ସରକାର ପ୍ରତ୍ୟେକ ଛକଜାଗାରେ ମହିଳା ହେଲ୍ପ ଡେସ୍କ ସ୍ଥାପନ କରାଇଲେ ମହିଳାମାନଙ୍କ ଉପରେ ହେଉଥିବା ନିର୍ଯାତନା ଏବଂ ଆପରାଧିକ କାର୍ଯ୍ୟକଳାପ ବହୁ ପରିମାଣରେ ରୋକାଯାଇ ପାରିବ।

**–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବାସନାଞ୍ଚଳ ଲୁଚିଲା ଗୋଧୂଳିଆଲୋକେ
ଧୀରେ ଠାରି
ବକ୍ଷ ମୋହର ଚିରିଗଲା ଏକ ପଲକେ
ଛୁରି ମାରି।
–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୪ ଆସନରେ ଭାଜପା ବିଜୟୀ

ନୂଆଦିଲ୍ଲୀ,୬।୧୧

## ୬ ରାଜ୍ୟର ୭ ଆସନରେ ଉପନିର୍ବାଚନ
## ଆର୍‌ଜେଡି, ଟିଆର୍‌ଏସ୍, ଉଦ୍ଧବଙ୍କ ପ୍ରାର୍ଥୀ ଗୋଟିଏ ଲେଖାଏ ଜିତିଲେ

ନିକଟରେ ଅନୁଷ୍ଠିତ ୬ ରାଜ୍ୟର ୭ ବିଧାନସଭା ଉପନିର୍ବାଚନରେ ଭାଜପାକୁ ବଡ଼ ସଫଳତା ମିଳିଛି। ଏଥିରୁ ଗୈରିକ ଦଳ ୪ ଆସନ ଦଖଲ କରିଥିବାବେଳେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି), ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା ଏବଂ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଗୋଟିଏ ଲେଖାଏ ଆସନ ହାତେଇଛନ୍ତି। ଉପରୋକ୍ତ ୭ ଆସନରେ ପୂର୍ବରୁ ଭାଜପା ଦଖଲରେ ୩ ଓ କଂଗ୍ରେସ ହାତରେ ୨ ଆସନ ଥିବାବେଳେ ଶିବସେନା ଏବଂ ଆର୍‌ଜେଡି ଗୋଟିଏ ଲେଖାଏ ନିର୍ବାଚନମଣ୍ଡଳୀରେ ଜିତିଥିଲେ। ସଦ୍ୟ ପରିଣାମ କୌଣସି ରାଜ୍ୟର ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇ ନ ପାରେ। ତେବେ ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି ହେବାରେ ଲାଗିଥିବାବେଳେ ଏହି ଫଳାଫଳ କ୍ଷେତ୍ର ପ୍ରସ୍ତୁତି ସକାଶେ ଏକ ବୁଷ୍ଟର ଶଟ୍ ହୋଇପାରେ ବୋଲି କୁହାଯାଉଛି।

ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଘୋଷଣା ଅନୁସାରେ, ବିହାରର ୨ ଏବଂ ଓଡ଼ିଶା ସମେତ ଉତ୍ତର ପ୍ରଦେଶ, ହରିୟାଣା, ମହାରାଷ୍ଟ୍ର, ତେଲଙ୍ଗାନାର ଗୋଟିଏ ଲେଖାଏ ନିର୍ବାଚନମଣ୍ଡଳୀରେ ଗତ ୩ ତାରିଖରେ ଭୋଟ ଗ୍ରହଣ କରାଯାଇଥିଲା। ଭୋଟ ଗଣତି ପରେ ଉପନିର୍ବାଚନର ଫଳାଫଳ ରବିବାର ଆସିଛି। ନିର୍ବାଚନ କମିଶନଙ୍କ ସୂତ୍ରରୁ ମିଳିଥିବା ସୂଚନାନୁସାରେ ବିହାରର ଗୋପାଳଗଞ୍ଜ ଆସନରେ ଭାଜପା ବିଜୟୀ ହୋଇଥିବାବେଳେ ମୋକମା ଆସନରେ ଲାଲୁ ପ୍ରସାଦ ଯାଦବଙ୍କ ନେତୃତ୍ୱାଧୀନ ଆର୍‌ଜେଡି ବାଜିମାତ୍ କରିଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଭାଜପା ନେତୃତ୍ୱାଧୀନ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରୁ ଓହରି ଆର୍‌ଜେଡି ସହ ପୁନଃ ମହାମେଣ୍ଟ କରିବା ପରେ ଏହି ଉପନିର୍ବାଚନ ହୋଇଛି। ମୋକମା ବିଧାୟକ ଅନନ୍ତ ସିଂ ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ ବିଧାନଭାରେ ତାଙ୍କ ସଦସ୍ୟତା ରଦ୍ଦ କରାଯାଇଥିଲା। ଏଠି ତାଙ୍କ ସ୍ତ୍ରୀ ନୀଲମ ଦେବୀ ୭୯,୬୪୬ ଭୋଟ ପାଇ ଜିତିଥିବାବେଳେ ଭାଜପା ପ୍ରାର୍ଥୀ ସୋନମ ଦେବୀଙ୍କୁ ୬୨,୯୩୯ ଖଣ୍ଡ ଭୋଟ ମିଳିଛି। ଅନ୍ୟପକ୍ଷେ ପ୍ରାୟ ୨ ଦଶନ୍ଧି ଧରି ଭାଜପାର ଗଡ଼ ଭାବେ ପରିଚିତ ଗୋପାଳଗଞ୍ଜରେ ବିଧାୟକ ସୁଭାଷ ସିଂଙ୍କ ମୃତ୍ୟୁ ପରେ ଦଳ ତାଙ୍କ ସ୍ତ୍ରୀ କୁସୁମ ଦେବୀଙ୍କୁ ପ୍ରାର୍ଥୀ କରିଥିଲା। କୁସୁମ ଆର୍‌ଜେଡି ପ୍ରାର୍ଥୀ ମୋହନ ପ୍ରସାଦ ଗୁପ୍ତାଙ୍କୁ ୧,୭୯୪ ଭୋଟ ବ୍ୟବଧାନରେ ହରାଇଛନ୍ତି। ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭଜନ ଲାଲଙ୍କ ପରିବାରର ପାରମ୍ପରିକ ଆସନ ଆଦମ୍‌ପୁରରେ ତାଙ୍କ ନାତି ବୈଭବ ବିଷ୍ଣୋଇ ବିଜୟୀ ହୋଇଛନ୍ତି। ବୈଭବଙ୍କ ବାପା କୁଲଦୀପ ବିଷ୍ଣୋଇ ପୂର୍ବରୁ କଂଗ୍ରେସରେ ଥିଲେ। ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ ସହ ଦଳବଦଳ କରିବା ପରେ ସେ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ବୈଭବ ୬୭,୩୭୬ ଭୋଟ ପାଇ ହରିୟାଣା ବିଧାନସଭାର ସର୍ବକନିଷ୍ଠ ସଦସ୍ୟ ମାନ୍ୟତା ଲାଭ କରିଥିବାବେଳେ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱୀ ଜୟ ପ୍ରକାଶ ୫୧,୬୬୨ ଭୋଟ ପାଇ ପରାଜିତ ହୋଇଛନ୍ତି।

ସେହିପରି ଗତ ସେପ୍ଟେମ୍ବର ୬ରେ ଉତ୍ତର ପ୍ରଦେଶର ଗୋଲା ଗୋକର୍ଣ୍ଣନାଥ ଆସନର ଭାଜପା ବିଧାୟକ ଅରବିନ୍ଦ ଗିରିଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପୁଅ ଅମନ ଗିରି ଉପନିର୍ବାଚନରେ ସମାଜବାଦୀ ପାର୍ଟି (ଏସ୍‌ପି) ପ୍ରାର୍ଥୀ ବିନୟ ତିୱାରୀ(ପୂର୍ବତନ ବିଧାୟକ)ଙ୍କୁ ୩୪,୨୯୮ ଭୋଟ ବ୍ୟବଧାନରେ ହରାଇଛନ୍ତି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ଟିଆର୍‌ଏସ୍ ପ୍ରାର୍ଥୀ କୁସୁକୁନ୍ତଳା ପ୍ରଭାକର ରେଡ୍ଡୀ ରାଜ୍ୟର ମୁନୁଗୋଡ୍ ଆସନରେ ବିଜୟୀ ହୋଇଛନ୍ତି। ଏଠାରେ ଶାସକ ଦଳର କୁସୁକୁନ୍ତଳା ଭାଜପାର କୋମତିରେଡ୍ଡୀ ରାଜଗୋପାଳ ରେଡ୍ଡୀଙ୍କ ତୁଳନାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଛନ୍ତି। ମହାରାଷ୍ଟ୍ରର ଅନ୍ଧେରି ଇଷ୍ଟ ଆସନରେ ଏଥର ଦୁଇଟି କଥା ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି। ଶିବସେନା ନେତା ଏକନାଥ ଶିନ୍ଦେ ଦଳରେ ବିଦ୍ରୋହ ଘଟାଇ ଭାଜପା ସମର୍ଥନରେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ନିର୍ବାଚନ କମିଶନ ଠାକ୍‌ରେ ଗୋଷ୍ଠୀକୁ ଉଦ୍ଧବ ବାଲାସାହେବ ଠାକ୍‌ରେ ଶିବସେନା (ୟୁବିଟିଏସ୍‌ଏସ୍) ମାନ୍ୟତା ଦେଇଛନ୍ତି। ୟୁବିଟିଏସ୍‌ଏସ୍ ପ୍ରଥମ ଥର ଏହାର ପାରମ୍ପରିକ ଚିହ୍ନ ଧନୁତୀର ପରିବର୍ତ୍ତେ ମଶାଲ ଚିହ୍ନରେ ନିର୍ବାଚନ ଲଢ଼ିଛି। ଶିବସେନା ପ୍ରାର୍ଥୀ ଋତୁଜା ଲଟ୍‌କେ ହେଉଛନ୍ତି ପୂର୍ବତନ ବିଧାୟକ ରମେଶ ଲଟ୍‌କେଙ୍କ ସ୍ତ୍ରୀ। ରମେଶ ଗତ ମେ'ରେ ଦୁବାଇରେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ ଠାକ୍‌ରେଙ୍କ ଅନୁରୋଧ ପରେ ଭାଜପା ଏହି ଆସନରେ ପ୍ରାର୍ଥୀ ପ୍ରତ୍ୟାହାର କରିନେଇଥିଲା। ମହାବିକାଶ ଅଘାଡ଼ିର ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ କଂଗ୍ରେସ ଉଦ୍ଧବଙ୍କ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲେ। ମୋଟ ୮୬,୫୭୦ ଭୋଟରୁ ଋତୁଜାଙ୍କୁ ୬୬,୫୩୦ ମିଳିଥିବାବେଳେ ଦ୍ୱିତୀୟରେ ରହିଛି ନନ୍ ଅଫ୍ ଦ ଏଭବ (ନୋଟା)। ୧୨,୮୦୬ ମତଦାତା କୌଣସି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ପସନ୍ଦ ନ କରି ନୋଟା ବଟନ୍ ଚିପିଛନ୍ତି। ଓଡ଼ିଶାର ଧାମନଗରରେ ଭାଜପାର ଦିବଂଗତ ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦଳ ପ୍ରାର୍ଥୀ କରିଥିଲା। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଅବନ୍ତୀ ଦାସଙ୍କୁ ୯,୮୮୧ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି।



ଭଦ୍ରକ ଜିଲା ଧାମନଗର ବିଧାନସଭା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ସୂରଜ ସୂର୍ଯ୍ୟବଂଶୀ ଜିତିବା ପରେ ରବିବାର ଭବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ନେତା ଓ କର୍ମୀମାନେ ଉତ୍ସବ ମନାଉଛନ୍ତି।


ଭଦ୍ରକ ପୁରୁଣା ତହସିଲଛକଠାରେ ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ଫଟୋଚିତ୍ର ଧରି ବିଜୟ ଶୋଭାଯାତ୍ରାରେ ଭାଜପା କର୍ମୀ।



ଅପର୍ତ୍ତବିନ୍ଧା ଛକରେ ଖୁସିରେ ମସ୍‌ଗୁଲ ଭାଜପା କର୍ମୀ ଓ ସମର୍ଥକ।

## ଧାମନଗର ଉପନିର୍ବାଚନ


ଭଦ୍ରକ ନରିପୁରସ୍ଥିତ କାର୍ଯ୍ୟାଳୟରେ ଭାଜପା ନେତୃବୃନ୍ଦ ବିଜୟ ଉତ୍ସବ ମନାଉଛନ୍ତି।

### ଧାମନଗରବାସୀଙ୍କ ବିଜୟ: ସୂର୍ଯ୍ୟବଂଶୀ



**ଭଦ୍ରକ ଅଫିସ, ୬।୧୧:** ଧାମନଗର ଉପନିର୍ବାଚନରେ ବିଜୟୀ ଘୋଷଣା ହେବା ପରେ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏ ବିଜୟ ଧାମନଗରବାସୀଙ୍କର, ମୁଁ ନିମିତ୍ତ ମାତ୍ର। ଧାମନଗରବାସୀ ମୋତେ ପ୍ରାର୍ଥୀ ନୁହେଁ ପୁଅ ଭଳି ଦେଖିଛନ୍ତି ଏବଂ ନିର୍ବାଚନରେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ମୁଁ ନିର୍ବାଚନ ଜିତିନାହିଁ, ଧାମନଗରବାସୀଙ୍କ ହୃଦୟକୁ ଜିତିବାରେ ସଫଳ ହୋଇଛି। ମୋ ବାପା ମୃତ୍ୟୁ ପୂର୍ବରୁ ଧାମନଗରର ଏହି ବିଶାଳ ପରିବାର ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରିଯାଇଛନ୍ତି। ଧାମନଗରବାସୀଙ୍କ ସେବା ଜାରି ରଖିବି।

### ଇଞ୍ଜିନିୟରରୁ ରାଜନେତା

ସୂର୍ଯ୍ୟବଂଶୀ ସୂରଜ ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ସାରି ଘରୋଇ କମ୍ପାନୀରେ ଇଞ୍ଜିନିୟର ଭାବେ ଚାକିରି କରିଥିଲେ। ପିତା ବିଷ୍ଣୁ ସେଠୀଙ୍କ ପ୍ରେରଣାରେ ଚାକିରି ଛାଡ଼ି ଲୋକଙ୍କ ସେବା ପାଇଁ ରାଜନୀତିରେ ପାଦ ଥାପିଥିଲେ। ଯୁବ ଭାଜପାର ରାଜ୍ୟ ସଂଯୋଜକ ଭାବେ ଦାୟିତ୍ୱ ନେଇ ସେ ଯୁବ ନେତୃତ୍ୱର ପରାକାଷ୍ଠା ଦେଖାଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବାପାଙ୍କ ପାଇଁ ସେ ନିର୍ବାଚନ ପ୍ରଚାର କରି ତାଙ୍କ ବିଜୟୀ ହେବାରେ ବଡ଼ ଭୂମିକା ଗ୍ରହଣ କରିଥିଲେ। ସେହିପରି ବାପାଙ୍କ ଅସୁସ୍ଥତା ବେଳେ ଧାମନଗରରେ ବନ୍ୟା ସମୟରେ ଲୋକଙ୍କୁ ସାହାଯ୍ୟ କରିବା ଏବଂ ବିଭିନ୍ନ ପୂଜା ପର୍ବରେ ଜନସାଧାରଣଙ୍କ ସହ ମିଶି ନିଜର ଲୋକସମ୍ପର୍କ ବଢ଼ାଇଥିଲେ। ଏହି ରାଜନୈତିକ ଲୋକପ୍ରିୟତା ତାଙ୍କ ବାପାଙ୍କ ମୃତ୍ୟୁ ପରେ ଉପନିର୍ବାଚନରେ ପ୍ରାର୍ଥୀ ଓ ବିଜୟୀ ହେବାରେ ସହାୟକ ହୋଇଛି। ଇଞ୍ଜିନିୟରରୁ ବିଧାୟକ ହୋଇଥିବା ୨୭ ବର୍ଷୀୟ ସୂର୍ଯ୍ୟବଂଶୀ ଓଡ଼ିଶା ବିଧାନସଭାର ସର୍ବକନିଷ୍ଠ ବିଧାୟକ ଭାବେ ଧାମନଗରର ପ୍ରତିନିଧିତ୍ୱ କରିବେ।

### 'ଅଞ୍ଚଳବାସୀଙ୍କ ସ୍ୱାଭିମାନର ଜୟ'

ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ କହିଛନ୍ତି, ଧାମନଗରରେ ସ୍ୱାଭିମାନର ଜୟ ହୋଇଛି। ଶାସକ ଦଳର ଅହଙ୍କାର ଓ ଦୁର୍ନୀତିକୁ ଧାମନଗରବାସୀଉଚିତଜବାବଦେଇଛନ୍ତି।ଧାମନଗରରସାଧାରଣଲୋକଓଭାଜପାର ସାଧାରଣ କାର୍ଯ୍ୟକର୍ତ୍ତାମାନେ ଏ ନିର୍ବାଚନ ଲଢ଼ିଥିଲେ। ସେମାନଙ୍କର ବିଜୟ ହୋଇଛି। ଦିବଂଗତ ବିଧାୟକ ବିଷ୍ଣୁ ସେଠୀଙ୍କ ପ୍ରତି ଭଲପାଇବା ଭୋଟ୍‌ରେ ପ୍ରତିଫଳନ ହୋଇଛି।

### 'ବିଷ୍ଣୁ ସେଠୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି'

ଧାମନଗରବାସୀ ସୂର୍ଯ୍ୟବଂଶୀଙ୍କୁ ବିପୁଳ ଭୋଟରେ ବିଜୟୀ କରାଇ ଦିବଂଗତ ବିଧାୟକ ବିଷ୍ଣୁ ସେଠୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଧାମନଗରରୁ ଓଡ଼ିଶାର ପରିବର୍ତ୍ତନ ହେବ ବୋଲି ଏହି ଉପନିର୍ବାଚନର ଫଳାଫଳ ବାର୍ତ୍ତା ଦେଇଥିବା ଭାଜପା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ କହିଛନ୍ତି।

### ରାଜେନ୍ଦ୍ରଙ୍କ ଆଖି ଲୁହ ବିଜେଡିକୁ ହରାଇଲା

ଧାମନଗର ଉପନିର୍ବାଚନ ପାଇଁ ପ୍ରାର୍ଥୀ ଚୟନରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କ ନାମ ସର୍ବାଗ୍ରେ ରହିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ରାଜେନ୍ଦ୍ରଙ୍କୁ ଟିକେଟ ନ ଦେଇ ବିଜେଡି ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ରାଜେନ୍ଦ୍ରଙ୍କୁ ଟିକେଟ ନ ମିଳିବାରୁ ତାଙ୍କୁ ଶକ୍ତ ଆଘାତ ଲାଗିଥିଲା। କିଛି କୁଚକ୍ରୀ ଗୋଷ୍ଠୀଙ୍କ ପାଇଁ ଟିକେଟ କଟିଥିବା ସେ କହିବା ସହ ତାଙ୍କ ଆଖିରୁ ଲୁହ ଝରିଥିଲା। ୨୦୧୯ ନିର୍ବାଚନରେ ମାତ୍ର ୪,୬୨୫ ଭୋଟରେ ରାଜେନ୍ଦ୍ର ପରାଜିତ ହୋଇଥିବା ବେଳେ ଦଳ ପକ୍ଷରୁ ଟିକେଟ ନ ମିଳିବା ତାଙ୍କୁ କଷ୍ଟ ଦେଇଥିଲା। ତାଙ୍କର ଏହି ଲୁହ ବିଜେଡିକୁ ହରାଇଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

### ନିର୍ବାଚନ ହାରି ବି ହିରୋ ହେଲେ ରାଜୁ

ଉପନିର୍ବାଚନରେ ବିଜେଡି ଟିକେଟ ନ ମିଳିବାରୁ ବିଦ୍ରୋହ ପ୍ରଦର୍ଶନ କରି ସ୍ୱାଧୀନ ଭାବେ ଲଢ଼ିଥିଲେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ। ତାଙ୍କୁ ଆଶାତୀତ ଭୋଟ ମିଳି ନ ଥିଲେ ମଧ୍ୟ ନିର୍ବାଚନ ହାରିବା ସହ ବିଜେଡିକୁ ହରାଇ ଦେଇଛନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏହି ନିର୍ବାଚନରେ ବିଜେଡି ହାରିବା ପଛରେ ରାଜେନ୍ଦ୍ରଙ୍କ ସ୍ୱାଧୀନ ପ୍ରାର୍ଥୀ ହେବା ପ୍ରମୁଖ କାରଣ। ନିର୍ବାଚନ ହାରି ମଧ୍ୟ ରାଜୁ ଧାମନଗରର ହିରୋ ହୋଇଗଲେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

### ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ ନୋଟାରେ ଅଧିକ ଭୋଟ

ଏହି ଉପନିର୍ବାଚନରେ ୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସ୍ୱାଧୀନ ପ୍ରାର୍ଥୀ ପବିତ୍ର ମୋହନ ଦାସ ଶୀତତାପ ନିୟନ୍ତ୍ରିତ ମେଶିନ ଚିହ୍ନରେ ନିର୍ବାଚନ ଲଢ଼ିଥିଲେ। ନୋଟାରେ ୬୫୦ ଭୋଟ୍ ପଡ଼ିଥିବା ବେଳେ ପବିତ୍ରଙ୍କୁ ମାତ୍ର ୪୯୭ ଖଣ୍ଡ ମିଳିଛି। ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ ବି ନୋଟାରେ ଅଧିକ ଭୋଟ ପଡ଼ିବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

### ୨୦୧୯ଠାରୁ କମ୍ ଭୋଟ ପାଇଲା କଂଗ୍ରେସ

୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବିଦ୍ୟାଧର ଜେନାଙ୍କୁ ୭,୩୦୩ ଭୋଟ ମିଳିଥିଲା। ଏହି ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହରେକୃଷ୍ଣ ସେଠୀଙ୍କୁ ୩,୫୬୧ ଭୋଟ ମିଳିଛି। ମାତ୍ର ୨.୧୮ ପ୍ରତିଶତ ଭୋଟ ପାଇଛି କଂଗ୍ରେସ।

### ଅଶୋକ ଚକ୍ରକୁ ଅସମ୍ମାନ

ଭଦ୍ରକ ଜିଲା ସଂସ୍କୃତି ଭବନରେ ଉପନିର୍ବାଚନ ଭୋଟ ଗଣତି ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂରରେ ଅଶୋକ ଚକ୍ର ଥିବା କପଡ଼ାରେ ଏକ ଟେଣ୍ଟ ବନ୍ଧା ଯାଇଥିଲା। ଭୋଟ ଗଣତି ଫଳାଫଳ ଜାଣିବା ପାଇଁ ଏକ ନିର୍ଦ୍ଦିଷ୍ଟ ଦଳ ପକ୍ଷରୁ ଏହି ଟେଣ୍ଟ ବନ୍ଧାଯାଇଥିଲା ବୋଲି ଜଣାପଡ଼ିଛି। ଅଶୋକ ଚକ୍ର ପ୍ରତି ଅସମ୍ମାନ ହୋଇଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ଜିଲା ପ୍ରଶାସନିକ ଅଧିକାରୀଙ୍କୁ ନେଇ ସିଇଓଙ୍କ ସମୀକ୍ଷା

ଭୁବନେଶ୍ୱର,୬।୧୧(ବ୍ୟୁରୋ)

## ପଦ୍ମପୁର ଉପନିର୍ବାଚନ

- ଖୁବଶୀଘ୍ର ନିର୍ବାଚନ ଲାଗି ଅଧିକାରୀଙ୍କୁ ନିଯୁକ୍ତ କର
- ନାମାଙ୍କନ ଦାଖଲ ଶେଷଦିନ ପର୍ଯ୍ୟନ୍ତ ଭୋଟର ଅପଡେଟ୍ ହୋଇପାରିବ
- ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଖୋଲିବ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ବରଗଡ଼ ଜିଲାର ପଦ୍ମପୁର ବିଧାନସଭା ଆସନ ପାଇଁ ଆସନ୍ତା ଡିସେମ୍ବର ୫ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ବରଗଡ଼ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଉପଜିଲାପାଳ ଏବଂ ଉପନିର୍ବାଚନ ସହ ଜଡ଼ିତ ଥିବା ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ପ୍ରସ୍ତୁତି ବୈଠକ କରିଛନ୍ତି । ଉପନିର୍ବାଚନକୁ ପ୍ରଶାସନ ପାଖରେ ଖୁବ୍ କମ୍ ସମୟ ଥିବରୁ ନିର୍ବାଚନ ପରିଚାଳନା ଯୋଜନା ଖୁବଶୀଘ୍ର ପ୍ରସ୍ତୁତ କରି ରିଟର୍ଣ୍ଣିଂ ଅଧିକାରୀ, ସହକାରୀ ରିଟର୍ଣ୍ଣିଂ ଅଧିକାରୀ ଏବଂ ପୁଲିଂ ଅଧିକାରୀଙ୍କୁ ନିଯୁକ୍ତ କରିବା ସହ ସେମାନଙ୍କୁ ନିର୍ବାଚନ ପରିଚାଳନା ପାଇଁ ତାଲିମ ପ୍ରଦାନ କରିବା ସକାଶେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି ।

ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପାଇଁ ଥିବା ସମସ୍ତ ବୁଥ୍‌ଗୁଡ଼ିକୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ପରିଦର୍ଶନ କରାଇ କାର୍ଯ୍ୟକ୍ଷମ କରାଇବାକୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ବୁଥ୍‌ଗୁଡ଼ିକୁ ଥିବା ରାସ୍ତାଘାଟରେ ଯଦି କୌଣସି ଅସୁବିଧା ଥାଏ, ତେବେ ତାହାର ତୁରନ୍ତ ମରାମତି କରାଇବା ପାଇଁ ପ୍ରସ୍ତୁତି ବୈଠକରେ ପରାମର୍ଶ ଦିଆଯାଇଛି। ଉପନିର୍ବାଚନ ନିମନ୍ତେ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି । ଉପନିର୍ବାଚନ ପରିଚାଳନା ନିମନ୍ତେ ଆବଶ୍ୟକ ହେଉଥିବା ମାଜିଷ୍ଟ୍ରେଟ୍ ସେକ୍ଟର ସୁପରଭାଇଜର ତଥା ସେକ୍ଟର ମାଜିଷ୍ଟ୍ରେଟ୍ ନିଯୁକ୍ତି, ଉପନିର୍ବାଚନ ସମୟରେ ନିଯୁକ୍ତ ହେବାକୁ ଥିବା ସୁରକ୍ଷା କର୍ମଚାରୀଙ୍କୁ ଚିହ୍ନଟ କରି ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଉଭୟ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି । ଉପନିର୍ବାଚନ କାର୍ଯ୍ୟକ୍ରମରେ ଆବଶ୍ୟକ ହେଉଥିବା ନିର୍ବାଚନ ସାମଗ୍ରୀଗୁଡ଼ିକୁ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟରୁ ସଂଗ୍ରହ କରିବା ସହ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ କିଣିବାକୁ ପରାମର୍ଶ ଦେଇଛନ୍ତି । ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ସମ୍ପୃକ୍ତ ନିର୍ବାଚନମଣ୍ଡଳୀର ଭୋଟର ତାଲିକାକୁ ଅପ୍‌ଡେଟ୍ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି । ପଦ୍ମପୁର ବିଧାନସଭା ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ପର୍ଯ୍ୟନ୍ତ ଭୋଟର ତାଲିକା ଅପ୍‌ଡେଟ୍ କରାଯାଇପାରିବ। ଏଥିଲାଗି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବ ନିର୍ବାଚନଗୁଡ଼ିକର ମତଦାନ ହାରକୁ ପର୍ଯ୍ୟାଲୋଚନା କରି ଯେଉଁଠାରେ ମତଦାନ ହାର କମିଛି, ସେଠାରେ ସୁଇପ୍ ମାଧ୍ୟମରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି ।

# ହିମାଚଳରେ ଭାଜପାର ନିର୍ବାଚନୀ ଇସ୍ତାହାର

ଶିମ୍‌ଲା,୬।୧୧

**ସମାନ ନାଗରିକ ସଂହିତା ଲାଗୁ କରିବାକୁ ପ୍ରତିଶ୍ରୁତି**

ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ରବିବାର ଦଳର ଇସ୍ତାହାର ଜାରି କରିଛନ୍ତି। ଭାଜପା କ୍ଷମତାକୁ ଫେରିଲେ ରାଜ୍ୟରେ ସମାନ ନାଗରିକ ସଂହିତା ଲାଗୁ କରିବା ସହ ୧୧ଟି ପ୍ରତିଶ୍ରୁତି ଦେଇଛି। ଅନ୍ୟ ପ୍ରତିଶ୍ରୁତି ମଧ୍ୟରେ ରହିଛି ସମାଜରେ ସମାନତା ଆଣିବା, ଯୁବ ସଶକ୍ତୀକରଣ ଏବଂ ସରକାରୀ କର୍ମଚାରୀଙ୍କୁ ସମ୍ମାନ। ରାଜ୍ୟରେ ଆଉ ୫ଟି ମେଡିକାଲ କଲେଜ ସ୍ଥାପନ ସାଙ୍ଗକୁ ଦକ୍ଷତା ବିକାଶ ଲାଗି ୯୦୦ କୋଟି ଟଙ୍କାର ପାଣ୍ଠି ରଖାଯିବ ବୋଲି ଇସ୍ତାହାରରେ କୁହାଯାଇଛି। ଏହା ବ୍ୟତୀତ ୮ ଲକ୍ଷ ଲୋକଙ୍କୁ ନିଯୁକ୍ତି ଯୋଗାଇ ଦିଆଯିବା ସହ ସରକାରୀ ନିଯୁକ୍ତିରେ ମହିଳାମାନଙ୍କ ଲାଗି ୩୩ ପ୍ରତିଶତ ସଂରକ୍ଷଣ ଏବଂ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଙ୍କୁ ସାଇକେଲ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଭାଜପା ଇସ୍ତାହାରରେ କୌଣସି ନୂତନତ୍ୱ ନାହିଁ। ଦଳ ୨୦୧୭ ଇସ୍ତାହାରକୁ ପୁଣିଥରେ ଦୋହରାଇଥିବା କଂଗ୍ରେସ କହିଛି।

CLASSIFIED DISPLAY
MORE SPACE • SAME PRICE
TARIFF
GST 5%
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମୁଦ୍ରା ଯୋଜନା
ଅଧୀନରେ ଘରେ ବସି
50000ରୁ 5000000
ପର୍ଯ୍ୟନ୍ତ ଋଣ ପାଆନ୍ତୁ
ସୁଧ 2% ଛାଡ଼ 40%
ସମ୍ପର୍କ କରନ୍ତୁ
ଠିକଣା: ମ.ନଂ. 675, ଗ୍ରାମ ଲୋହାରି ଜାଟୁ
ତହସିଲ- ବୱାନି ଖେଡ଼ା, ଜିଲ୍ଲା- ଭିୱାନି
8950329763

NATIONAL FINANCE
ଭାରତର ନଂ-୧ କମ୍ପାନୀ
ନ୍ୟାସନାଲ ଫାଇନାନ୍ସ
(Govt. Registered)
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount under all Government schemes
9499474088

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଝାରସୁଗୁଡ଼ାରେ ଭାଜପାର ବିଜୟ ଉତ୍ସବ

**ଝାରସୁଗୁଡ଼ା ଅଫିସ:** ଧାମନଗର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ସୁରଜ ସୂର୍ଯ୍ୟବଂଶୀ ବିଜେଡି ପ୍ରାର୍ଥୀଙ୍କୁ ପରାଜିତ କରି ବିଜୟୀ ହୋଇଛନ୍ତି। ଏହି ଖବର ପ୍ରଚାର ହେବା ପରେ ଝାରସୁଗୁଡା ଜିଲା ଭାଜପା ତରଫରୁ ରବିବାର ସନ୍ଧ୍ୟାରେ ରେଳଷ୍ଟେଶନ ଛକରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଦଳୀୟ ନେତା ଓ କର୍ମୀମାନେ ପରସ୍ପରକୁ ଖୁଆଇବା ସହ ଆତସବାଜି ଫୁଟାଇ ଖୁସି ମନାଇଥିଲେ । ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଲ, ନେତାଜୀ ପଟ୍ଟନାୟକ, ସତ୍ୟନାରାୟଣ ବହିଦାର, ବାବ୍ଲୁ ସିଂହ, ରାଜେନ୍ଦ୍ର ସାହା, ସୋନୁ ଥିରାନୀ, ମନୋଜ କଲେତ, ଉପସ୍ଥିତ ଥିଲେ ।

# ଚାଷୀଙ୍କ ବିକ୍ଷୋଭ ସମାବେଶ

ସମ୍ବଲପୁର,୬ା୧୧(ବ୍ୟୁରୋ)

ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନସଂଗ୍ରହ ନୀତି ଯୋଗୁ ଚାଷୀମାନେ କ୍ଷତି ସହିଆସୁଛନ୍ତି। ଯୋଜନାକୁ ନେଇ ସରକାର କେବଳ ପ୍ରଚାରପ୍ରସାର କରୁଛନ୍ତି। ବାସ୍ତବରେ ନୀତି ନିର୍ଦ୍ଧାରଣ କରୁଥିବା କେତେଜଣ ଅଧିକାରୀ ଚାଷୀ ଓ ଚାଷ ସମ୍ପର୍କରେ ଅନଭିଜ୍ଞ। ସେମାନେ ମିଲର୍ସ, ଦଲାଲ ଓ କେତେକ ବ୍ୟବସାୟୀଙ୍କୁ ଲାଭ ଦେବାପାଇଁ ଚାଷୀମାରଣ ନୀତି ପ୍ରଣୟନ କରୁଛନ୍ତି। ମୁନାଫାଖୋର ମିଲର୍ସଙ୍କୁ ପ୍ରୋତ୍ସାହନ ଦେବା ଭଳି କାର୍ଯ୍ୟ କରାଯାଉଛି ବୋଲି କହି ଜିଲାପାଳ ଅଫିସ ସମ୍ମୁଖରେ ରବିବାର ଜିଲା କୃଷକ ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ବିକ୍ଷୋଭ ସମାବେଶରେ ଚାଷୀମାନେ ସରକାରଙ୍କ ଉପରେ ବର୍ଷିଥିଲେ। ଏହାସହ ହୀରାକୁଦ ଜଳଭଣ୍ଡାରରୁ କମ୍ପାନୀକୁ ପାଣିଦେବା ବିରୋଧରେ ହୋଇଥିବା ଐତିହାସିକ ଆନ୍ଦୋଳନକୁ ମନେ ପକାଇଥିଲେ।

ସଂଗଠନର କର୍ମକର୍ତ୍ତା ଦର୍ଶାଇଥିଲେ, ଚାଷୀମାନଙ୍କୁ ଜୁଲାଇ ମାସରୁ ପଞ୍ଜୀକରଣ କରାଇ ଧାନ ବିକ୍ରି କରିବାର ନିର୍ଦ୍ଧାରିତ ସମୟ ମାଗୁଛନ୍ତି। ହେଲେ ସରକାର ନିଜ ଇଚ୍ଛାରେ ମଣ୍ଡି ଖୋଲୁଛନ୍ତି। ଏବେ ମିଲର୍ସଙ୍କୁ ସୁହାଇଲା ଭଳି ଧାନ ସଂଗ୍ରହରେ ପ୍ରାୟ ୧ମାସ ବିଳମ୍ବ କରାଯାଇଛି। ଫଳରେ ଅମଳ ହୋଇଥିବା ଧାନକୁ ଚାଷୀ ଗଚ୍ଛିତ ରଖି ନ ପାରି ମିଲ ଓ ଦଲାଲମାନଙ୍କୁ କମ୍ ଦରରେ ବିକ୍ରି କରିବ। ଇତିମଧ୍ୟରେ ମିଲରଙ୍କ ଏଜେଣ୍ଟମାନେ କୁଇଣ୍ଟାଲ ପିଛା ୧୨ଶହରୁ ୧୩ଶହ ଟଙ୍କାରେ କିଣା ଆରମ୍ଭ କରିଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏହାକୁ ରୋକା ନ ଗଲେ ଚାଷୀଙ୍କ ବ୍ୟାପକ କ୍ଷତି ହେବ। ଅଣଜଳସେଚିତ ଅଞ୍ଚଳରେ ଅଧିକାଂଶ ଚାଷୀ ଧାନ ଅମଳ କରିସାରିଛନ୍ତି। ଚାଷୀଙ୍କ ସମସ୍ୟା ପାଇଁ ପ୍ରଶାସନ ଓ ସରକାରଙ୍କ ସହ ଜନପ୍ରତିନିଧି ସମପରିମାଣରେ ଦାୟୀ। ଏ ନେଇ ସେମାନେ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ପାଖରେ ଦାବି କରିପାରୁ ନାହାନ୍ତି। ଏଣୁ ଚାଷୀ ସମାଜ ଆଜି ତଳିତଳାନ୍ତ ହେବାକୁ ବସିଛି ବୋଲି କହିଥିଲେ। ଏହି ଅବସରରେ ୨୦୦୭ ନଭେମ୍ବର ୬ତାରିଖରେ ହୋଇଥିବା ଆନ୍ଦୋଳନକୁ ଚାଷୀମାନେ ମନେ ପକାଇଥିଲେ। ହୀରାକୁଦ ଜଳଭଣ୍ଡାରରୁ କମ୍ପାନୀକୁ ପାଣି ଦେବା ବିରୋଧରେ ହୋଇଥିବା ଆନ୍ଦୋଳନକୁ ଆଜି ୧୫ବର୍ଷ ପୂରିଛି। ଚାଷୀଙ୍କ ଏହି ଆନ୍ଦୋଳନ ସଫଳ ହୋଇଥିଲା। ଏହି ସମାବେଶରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, ଜିଲା କୃଷକ ସଂଗଠନର ସରୋଜ ମହାନ୍ତି, ବ୍ୟୋମକେଶ ଠାକୁର, ଦେବେନ୍ଦ୍ର ପ୍ରଧାନ, ଉମେଶ ମିଶ୍ର, ହରିଶଙ୍କର ପୁରୋହିତ, ସୁଦର୍ଶନ ମହାପାତ୍ରଙ୍କ ସମେତ ଶତାଧିକ ଚାଷୀ ଯୋଗଦେଇଥିଲେ।


ଜିଲାପାଳଙ୍କ ଅଫିସ ସମ୍ମୁଖରେ ସଂଗଠନ କର୍ମକର୍ତ୍ତା ଓ ଚାଷୀଙ୍କ ବିକ୍ଷୋଭ।

**୧୫ବର୍ଷ ପୂର୍ବର ଆନ୍ଦୋଳନକୁ ମନେ ପକାଇଲେ**

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ରେଢ଼ାଖୋଲ,୬ା୧୧(ଡି.ଏନ.ଏ.):** ୫୫ନଂ ଜାତୀୟ ରାଜପଥର ଚାରମାଳ ଥାନା ଚାଟୁଣି ଆବାସିକ ବିଦ୍ୟାଳୟ ନିକଟରେ ରବିବାର ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରେଢ଼ାଖୋଲ ଥାନା ବଡବାହାଲ ପଞ୍ଚାୟତର ବଣିଆଁବନ୍ଧ ଗ୍ରାମର ପିଣ୍ଟୁ ପ୍ରଧାନ (୨୨)। ସୂଚନାମତେ ପିଣ୍ଟୁ ସମ୍ବଲପୁରରେ ଏକ ଔଷଧ ଦୋକାନରେ କାମ କରନ୍ତି। ରବିବାର ସେ ବାଇକ୍ (ନଂ.ସିଜି ୦୬ଜିୟୁ-୮୬୯୦) ଯୋଗେ ସମ୍ବଲପୁରରୁ ଫେରୁଥିବାବେଳେ ଓଡି୧୯ଇ୩୭୧୩ନଂ. ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ ରେଢ଼ାଖୋଲ ଡାକ୍ତରଖାନା ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ଘରର ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ପରିବାର ଭାଙ୍ଗି ପଡିଛନ୍ତି। ପୋଲିସ ଟ୍ରକ୍ ଜବତ କରି ଚାଳକଙ୍କୁ ଗିରଫ କରିଛି।

### ଫସଲ କ୍ଷୟକ୍ଷତି ଆକଳନ କଲା ବନ ବିଭାଗ

**ଜମନକିରା,୬ା୧୧(ଡି.ଏନ.ଏ.):** ଜମନକିରା ବ୍ଲକ ବଡ଼ମାଳ ପଞ୍ଚାୟତରେ ଗତ କିଛିଦିନ ମଧ୍ୟରେ ଜଙ୍ଗଲି ବାର୍‌ହା ଉପଦ୍ରବ ଯୋଗୁ ବହୁ ଚାଷୀଙ୍କ ଏକର ଏକର ଫସଲ ନଷ୍ଟ ହୋଇଛି। କ୍ଷତିଗ୍ରସ୍ତ ଚାଷୀ ଲତାବନ ନାଏକ, କୃପାନନ୍ଦ ନାଏକ ପ୍ରମୁଖ ଏ ନେଇ ଜମନକିରା ବନାଞ୍ଚଳ ଅଧିକାରୀଙ୍କୁ ଜଣାଇଥିଲେ। ତଦନୁଯାୟୀ ରବିବାର ଫରେଷ୍ଟର ସୁନିତା ନାୟକଙ୍କ ନିର୍ଦ୍ଦେଶରେ ଫରେଷ୍ଟ ଗାର୍ଡ ଜୟନ୍ତୀ ରାମଝାମ, ଫରେଷ୍ଟ ୱାଚର ସୁବୋଧ ମହାକୁଲ ଚାଷଜମି ବୁଲି କ୍ଷୟକ୍ଷତି ଆକଳନ କରିଛନ୍ତି।

### ଆର୍‌ସିଏମ୍ଏସ୍ ସଭାପତି ଭାବେ ତୁଲାରାମଙ୍କ ଦାୟିତ୍ୱ ଗ୍ରହଣ

**କୋଲାବିରା,୬ା୧୧(ଡି.ଏନ.ଏ.):** ଝାରସୁଗୁଡା ଜିଲା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି (ଆର୍‌ସିଏମ୍ଏସ୍)ର ସଭାପତି ଭାବେ ସମାସିଂହା ଗ୍ରାମର ତୁଲାରାମ ସେନାପତି ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ପାଇକାରୀ ସମବାୟ ସମିତି ସଭାପତି ଶରତ କୁମାର ପଟେଲ, ଡାଇରେକ୍ଟର କିଶୋର ବାରିକ, ବିହାରି ସିଂ ନାଏକ, କୁମୁଦିନୀ ନାଏକ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଛନ୍ତି। ତୁଲାରାମ ପୂର୍ବରୁ ତିନିଥର ସମାସିଂହା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବାବେଳେ ବର୍ତ୍ତମାନ ଜିଲା ବିଜେଡି ଉପସଭାପତି ପଦରେ ରହିଛନ୍ତି। ଗତ ୨୮ତାରିଖରେ ସଭାପତି ପଦ ପାଇଁ ନାମାଙ୍କପତ୍ର ଦାଖଲ ହୋଇଥିବା ବେଳେ ସେ ଏକମାତ୍ର ପ୍ରାର୍ଥୀ ଭାବେ ପ୍ରାର୍ଥିପତ୍ର ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ।

### ଆପ୍‌ର କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ବ୍ରଜରାଜନଗର,୬ା୧୧(ଡି.ଏନ.ଏ.):** ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ମାହେଶ୍ୱରୀ ଭବନଠାରେ ରବିବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ରଙ୍ଗାଚରଣ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଗାମୀ ୨୦୨୪ରେ ଆପ୍ ବ୍ରଜରାଜନଗରରେ ନିର୍ବାଚନ ଲଢ଼ିବାକୁ ଯାଉଥିବାରୁ ପ୍ରତ୍ୟେକ କର୍ମୀ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ା ପ୍ରଭାରୀ ଶ୍ରୀଧର ସାହୁ, ଜିଲା ସଭାପତି ସୁରେନ୍ଦ୍ର ସାହୁ, ଜିଲା ସମ୍ପାଦକ କୁମୁଦ ରଞ୍ଜନଙ୍କ ସମେତ ଲଖନପୁର, ବେଲପାହାଡ଼, ପଞ୍ଚଗାଁ ଅଞ୍ଚଳରୁ ଶତାଧିକ କର୍ମୀ ଯୋଗଦେଇଥିଲେ।

### ନାଟ୍ୟକାର ଦୈତାରି ପ୍ରସାଦଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର,୬ା୧୧(ବ୍ୟୁରୋ):** ନାଟ୍ୟକାର, ଫୁଟବଲ ଖେଳାଳି ଓ ଅଗ୍ରଣୀ ଚାଷୀ ଦୈତାରି ପ୍ରସାଦ ଦାଶଙ୍କ ୨୨ତମ ଶ୍ରଦ୍ଧବାର୍ଷିକୀ ସମ୍ବଲପୁର ଚାରଭାଟୀସ୍ଥିତ ପଞ୍ଚଶାସନୀ ବ୍ରାହ୍ମଣ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପଣ୍ଡିତ ଲକ୍ଷ୍ମଣ କୁମାର ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ପଞ୍ଚଶାସନୀ ବ୍ରାହ୍ମଣମାନେ ଯୋଗଦେଇ ଦୈତାରି ପ୍ରସାଦଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଷ୍ଠାନ କର୍ମକର୍ତ୍ତା ବିଶ୍ୱନାଥ ନାୟକ, କୃଷ୍ଣଚନ୍ଦ୍ର ପତି, ଜଗଦୀଶ ତ୍ରିପାଠୀ, ସରୋଜ କୁମାର ଧର, ପ୍ରସନ୍ନ କୁମାର କର, ନିଶିକାନ୍ତ ବିଶ୍ୱାଳ, ଅଜିତ କୁମାର ଧର ଯୋଗଦେଇ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

## ଜିଲାସ୍ତରୀୟ ନୃତ୍ୟ ପ୍ରତିଯୋଗିତା

ସମ୍ବଲପୁର,୬ା୧୧(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ କ୍ଷେତରାଜପୁର ଷ୍ଟେଶନପଡାର ଦୁର୍ଗେଶ୍ୱରୀ ଯୁବକ ସଂଘ ଓ ଗୁରୁକୁଳ କ୍ଲବ୍ ପକ୍ଷରୁ ଜିଲାସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ସମ୍ବଲପୁର ସମେତ କୋରାପୁଟ, ବଲାଙ୍ଗୀର, ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ଼, କଳାହାଣ୍ଡି ଆଦି ଜିଲାରୁ ବହୁ ନୃତ୍ୟ ଦଳ ଯୋଗଦାନ କରିଥିଲେ। ପୁରସ୍କାର ବିତରଣୀ ସଭାରେ ଜିଲା ଯୁବ ବିଜେଡ଼ି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର ମୁଖ୍ୟଅତିଥି, ଜିଲା ଯୁବ ସମ୍ପାଦକ ମଞ୍ଜୁ ଓରାମ, ଯୁବ ନେତା ଉତ୍ତମ ବାଗ୍ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଚାରକ ଭାବେ ଉତ୍ତମ ସିଂ ଓ ସୋନେଶ୍ ଶର୍ମା ଦାୟିତ୍ୱ ତୁଲାଇଥିଲେ। ଅଶୋକ ସିକନ୍ଦର, ରାଜା ସିକନ୍ଦର, ଅଭିଷେକ ତାଣ୍ଡିଆ, ଅଭିଷେକ ହରିପାଲ ପ୍ରମୁଖ ସଂଯୋଜନା କରିଥିଲେ। ପ୍ରତିଯୋଗିତାରେ ରାଉରକେଲାର ଟିମ୍-ୱାନ୍ ପ୍ରଥମ, ରାଉରକେଲାର ଦିସ୍ ଇଜ୍ ଦ କ୍ରିଉ ଦ୍ୱିତୀୟ ଓ ବଲାଙ୍ଗୀରର ରକ ଷ୍ଟାର୍ ତୃତୀୟ ସ୍ଥାନ ଅଧିକାର କରି ଟ୍ରଫି ହାସଲ କରିଥିଲେ।

## ମେଗା ଆଇନସେବା ସଚେତନତା ଶିବିର

ଝାରସୁଗୁଡ଼ା ଅଫିସ,୬ା୧୧

ଜାତୀୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟଠାରେ ରବିବାର ମେଗା ଆଇନସେବା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦିଗାମ୍ବର ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏସ୍‌ପି ରାହୁଲ ଜୈନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ଲୋକଙ୍କ ପାଖରେ ଆଇନସେବା ପହଞ୍ଚାଇବା ଶିବିରର ଉଦ୍ଦେଶ୍ୟ ବୋଲି ଅତିଥିଗଣ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରମ ବିଭାଗର ବିଭିନ୍ନ ଯୋଜନାରେ ୩୩ ଜଣଙ୍କୁ, କୃଷି ବିଭାଗର ୩ ଗୋଟି ସ୍ୱୟଂସହାୟକ ଗୋଷ୍ଠୀ ଓ ୨ଜଣ ଚାଷୀ, ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜଣଙ୍କୁ, ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୧୭ ଜଣ, ଜିଲା ମଙ୍ଗଳ ଅଧିକାରୀଙ୍କ ପକ୍ଷରୁ ୪ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ନେହା ଦାସ ଧନ୍ୟବାଦ ଦେଇଥିଲେ। ଫ୍ୟାମିଲି କୋର୍ଟ ଜଜ୍ ହରପ୍ରସାଦ ପଟ୍ଟନାଏକ, ଅତିରିକ୍ତ ଜିଲା ଜଜ୍ ସତ୍ୟବ୍ରତ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁବାସ ଚନ୍ଦ୍ର ଧଳ, ସିନିଅର ସିଭିଲ ଜଜ୍ (ଏଲ୍ଆର୍) ଜୀବନାନନ୍ଦ ପାଢୀ, ସିଭିଲ ଜଜ୍ (ସିନିଅର ଡିଭିଜନ) ସ୍ୱପ୍ନାଶ୍ରୀ ନାୟକ, ଏସ୍‌ଡିଜେଏମ୍ ଦିବ୍ୟସତି ବେହେରାଙ୍କ ସମେତ ବାର ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ, ଜିଲା ଶ୍ରମ ଅଧିକାରୀ ସୁସ୍ମିତା କିଷାନ, ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝି ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିମାନେ ଜଣେ ଦିବ୍ୟାଙ୍ଗଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

## କୁନ୍ତରା କଲେଜର ୪୪ତମ ପ୍ରତିଷ୍ଠା ଦିବସ

କୁଚିଣ୍ଡା,୬ା୧୧(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. କାମଦେବ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ଗ୍ରହଣ କରି ଦେଶ ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଅଧ୍ୟାପକ ଖଗପତି ଅମାତ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ଟିକେଲାଲ ମେହେର ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ବିଶ୍ୱଶାନ୍ତି ମହାଯଜ୍ଞ ଓ କାର୍ତ୍ତିକ ମେଳା

କୁଚିଣ୍ଡା,୬ା୧୧(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ସାଲେଭାଡି ପଞ୍ଚାୟତ ଗୁଦଗୁଦାଠାରେ ସପ୍ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ କାର୍ତ୍ତିକ ମେଳା ରବିବାର ଆରମ୍ଭ ହୋଇଛି। ଅଁଳାନବମୀରେ ସରପଞ୍ଚ ଧନୁର୍ଜୟ ନାଏକ କର୍ତ୍ତା ଭାବେ ମେଳାର ଶୁଭାରମ୍ଭ କରିଥିଲେ। ସକାଳେ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜନ ପରେ ଘୃତ ଯଜ୍ଞ, ରୁଦ୍ରାଭିଷେକ ଓ ଚଣ୍ଡୀପାଠ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ରୋଷନ ପଟେଲ, ଦଶରଥ ପଟେଲ, ପ୍ରଶନ୍ନ ନାଏକ, ଭରତ ନାଏକ, ଆନନ୍ଦ ପାଣ୍ଡେ, ସମୀର ପଟେଲ, ଶାସନ ପଟେଲ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ସତ୍ୟ ନାରାୟଣ ହୋତା, ଶ୍ୟାମସୁନ୍ଦର ପଣ୍ଡା, ସରୋଜ ରଥ, ପ୍ରଦୀପ ନନ୍ଦ, ବସନ୍ତ ତ୍ରିପାଠୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। କମିଟି ସଭାପତି ମିତ୍ରଭାନୁ ପଟେଲ, ସମ୍ପାଦକ ମନୋଜ ପଟେଲ, ଦୀପକ ସାହୁ, ମିତ୍ରଭାନୁ ନାଏକ, ବାପୁନ ପଟେଲ, ସତ୍ୟନାରାୟଣ ପଟେଲ, ବିବୃତି କଲ୍ୟାଣ ପଟେଲ ପ୍ରମୁଖ ଆୟୋଜନ କରିଥିଲେ।

## ଏଆଇଟିୟୁସିର ସମ୍ବଲପୁର ଜିଲା ସମ୍ମିଳନୀ

ସମ୍ବଲପୁର,୬ା୧୧(ବ୍ୟୁରୋ)

ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ (ଏଆଇଟିୟୁସି)ର ସମ୍ବଲପୁର ଜିଲା ସମ୍ମିଳନୀ ରବିବାର ଅଗ୍ନିଶିଖା କଲ୍ୟାଣ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲା ସଭାପତି ରବିନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ସମ୍ମିଳନୀ ହୋଇଥିଲା। ବରିଷ୍ଠ ବାମପନ୍ଥୀ ନେତା କ୍ଷୀରୋଦ ସିଂଦେଓ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଶୋଷଣରୁ ମୁକ୍ତିପାଇବା ନିମନ୍ତେ ଐକ୍ୟବଦ୍ଧ ଭାବେ ସଂଗ୍ରାମ କରିବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ବାମପନ୍ଥୀ ନେତା ଅଶୋକ କୁମାର ବିଶି, ମିତ୍ରଭାନୁ ପୋଢ଼, ସନ୍ତୋଷିନୀ ଆଚାର୍ଯ୍ୟ, ନଟୁ ଗୋପାଳ, ଅରୁଣ ଖୁଣ୍ଟିଆ, ନିରୋଧ ସିଂଦେଓ ଆଲୋଚନାରେ ଭାଗ ନେଇଥିଲେ। ଏଆଇଟିୟୁସି ଅନୁବନ୍ଧିତ ୧୦ଟି ୟୁନିୟନର ପ୍ରତିନିଧିମାନେ ଯୋଗଦେଇ ଶପଥ ପାଠ କରିଥିଲେ। ଏହି ଅବସରରେ ସମ୍ବଲପୁର ଜିଲାର ଏଆଇଟିୟୁସି ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ୨୩ଜଣ କାଉନସିଲ ଓ ୯ଜଣ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ।



ଏଆଇଟିୟୁସି ସମ୍ମିଳନୀରେ ମଞ୍ଚାସୀନ ନେତୃବୃନ୍ଦ ।

## ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଫିଟ୍‌ନେସ କାର୍ଯ୍ୟକ୍ରମ

ସମ୍ବଲପୁର,୬ା୧୧(ବ୍ୟୁରୋ)

ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଯୋଗ ଓ ମାର୍ସଲ ଆର୍ଟ ତାଲିମ କାର୍ଯ୍ୟକ୍ରମ ସାକ୍ଷୀପଡା ସମାଜ ଘରେ ଆରମ୍ଭ ହୋଇଛି। ଯୁବସମାଜ ସହ ସାଧାରଣ ଲୋକଙ୍କ ଜୀବନ ଶୈଳୀକୁ ଶୃଙ୍ଖଳିତ କରିବା ପାଇଁ ପ୍ରତିଦିନ ସକାଳ ୬ଟାରୁ ୧ଘଣ୍ଟା ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ସାତ ବର୍ଷରୁ ଊର୍ଦ୍ଧ୍ୱ ବୟସର ଯେ କୌଣସି ବ୍ୟକ୍ତି ସାମିଲ ହୋଇପାରିବେ। ଉଦ୍‌ଘାଟନୀ ଉତ୍ସବରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ସଂଯୋଜକ ଡ. ପ୍ରମୋଦ ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ରାଇଜିଂ ମାର୍ସଲ ଆର୍ଟ ଇଣ୍ଡିଆର ପ୍ରଶିକ୍ଷକ ସୁସ୍ମିତ କୁମାର ପଣ୍ଡା ଯୋଗ ଓ ମାର୍ସଲ ଆର୍ଟ ପ୍ରଶିକ୍ଷଣ ଦେଇଥିଲେ। ମାନସ ରଞ୍ଜନ ବକ୍ସି, ସଂଗଠନ ସଂଯୋଜକ ସୁବୋଧ କୁମାର ଦୋରା, ଅର୍ଥ ସଂଯୋଜକ ସୁଦାମ ମେହେର, ମହିଳା ସଂଯୋଜକ କାନ୍ତି ମେହେର ପ୍ରମୁଖ ସହଯୋଗ କରିଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀଶ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଇଡା ବାଲିଯାତ୍ରା ଉଦ୍‌ଘାଟିତ

କୁଚିଣ୍ଡା,୬ା୧୧(ଡି.ଏନ.ଏ.)

କୁଚିଣ୍ଡା ଏନ୍ଏସିର ସଇଡା ଭେଡେନ ନଦୀଶଯ୍ୟାରେ ରବିବାର ୯ ତମ ବାଲିଯାତ୍ରା ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କୁଚିଣ୍ଡା ଏନ୍ଏସି ଅଧ୍ୟକ୍ଷ ପ୍ରଦ୍ୟୁତ ମହାନ୍ତି ଉଦ୍‌ଘାଟନ କରିଥିଲେ। କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର୍ କିଷାନ, ଗଣେଶ ଅଗ୍ରୱାଲ, ନବୀନ ହୋତା, ରାଜେଶ ସାହୁ, କ୍ଷୀରୋଦ ଚିଲ ଓ ସମସ୍ତ କାଉନସିଲରଙ୍କ ସମେତ ବାଲିଯାତ୍ରା କମିଟି ସଭାପତି ବିଜୁ ସାହୁ, ସମ୍ପାଦକ ବିଶ୍ୱନାଥ କଣ୍ଡରା, କ୍ଷୀରୋଦ ସା, ପ୍ରଫୁଲ୍ଲ ନାୟକ, ପୋଳସ୍ତି ପାତ୍ର, ଦିବ୍ୟ ବାରିକ ଉପସ୍ଥିତ ଥିଲେ।

## ସିଡିଏମ୍ଓଙ୍କୁ ଭେଟି ଦାବି ଜଣାଇଲେ ଏମ୍‌ପିଙ୍କ ପ୍ରତିନିଧି

ସମ୍ବଲପୁର,୬ା୧୧(ବ୍ୟୁରୋ)

ରାଜ୍ୟ ସଭା ଏମ୍‌ପିଙ୍କ ନିରଞ୍ଜନ ବିଶିଙ୍କ ସମ୍ବଲପୁର ଜିଲା ପ୍ରତିନିଧି ଆଶିସ ମହାନନ୍ଦଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପଙ୍କଜ ପଟେଲଙ୍କୁ ଭେଟି ବିଭିନ୍ନ ଦାବି ଜଣାଇଛନ୍ତି। ସେମାନେ ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଶେଷ କରି ଜିଲାର ବିଭିନ୍ନ କୋଣ ଅନୁକୋଣରୁ ଆସୁଥିବା ରୋଗୀମାନଙ୍କୁ ଯେଭଳି ଉପଯୁକ୍ତ ଚିକିତ୍ସା ସୁବିଧା ଠିକ ସମୟରେ ଦିଆଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ବିଭିନ୍ନ ୱାର୍ଡକୁ ଯାଇ ରୋଗୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଯୁବନେତା ନରେସ ଶର୍ମା, ଦିଲୀପ ଦାସ, ରାଜୁ ତ୍ରିପାଠୀ, ମିତାଲି ସାହୁ, ସୁଧିର ପଟ୍ଟନାୟକ, ଅଜୟ ମହାକୁର, ଭଜରାମ ନାଗ, ଅନିଲ ବେହେରା, ଅନିଲ ଭାର୍ଗବ, ବିକାଶ ତରିଆ, ଗୋପାଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ସିଡିଏମ୍ଓଙ୍କ ସହ ଆଲୋଚନା କରୁଛନ୍ତି ପ୍ରତିନିଧି ଦଳ ।

## ଅମଲା ସଂଘର ବୈଠକ

ସମ୍ବଲପୁର,୬ା୧୧(ବ୍ୟୁରୋ)

ସମ୍ବଲପୁର ଜିଲା ଅମଲା ସଂଘ ଶାଖାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଅମଲା ଯୋଗଦେଇଥିଲେ। ବୈଠକରେ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଶିକ୍ଷାଗତ ଯୋଗ୍ୟତା ଅଧିକ ରହିଥିବା ବେଳେ ସରକାର ମାଟ୍ରିକ ପାସ୍ ଯୋଗ୍ୟତା ଆଧାରରେ ଦରମା ପ୍ରଦାନ କରୁଛନ୍ତି। ଆସନ୍ତା ନଭେମ୍ବର ୨୭ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ସମାବେଶରେ ଜିଲାରୁ ବହୁସଂଖ୍ୟକ ଅମଲା ଯୋଗଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହାସହ ଆସନ୍ତା ୧୫ ତାରିଖରେ ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଛି। ସୁବ୍ରତ କୁମାର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ପ୍ରହଲ୍ଲାଦ ରୋହିଦାସ ପରିଚାଳନା କରିଥିଲେ। ଦିଲୀପ କୁମାର ଦେବ, ମହମ୍ମଦ ସାହିଦ ହୁସେନ, ତ୍ରିନାଥ ବଡ଼ପଣ୍ଡା, ଅମର ତାଣ୍ଡିଆ, ହିମାଂଶୁ ଶେଖର ବିଶ୍ୱାଳ, ସଞ୍ଜୟ ଦେହୁରି, ଡେକୋରିନ ବିଶ୍ୱାଳ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଟି-୨୦ କ୍ରିକେଟ୍: ବେଲପାହାଡ଼ ଚାମ୍ପିୟନ


ଅତିଥିଙ୍କଠାରୁ ବିଜେତା ଦଳ ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୬ା୧୧

ଝାରସୁଗୁଡା ଜିଲା ବନ୍ଧବାହାଲ ଖେଳପଡିଆରେ ବିଓସିଏମ୍ ବଏଜ୍ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ୨୪ତମ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମୁଦାୟ ୧୨ଟିମ୍ ଅଂଶଗ୍ରହଣ କରିଥିବାବେଳେ ବେଲପାହାଡ ପେଣ୍ଟର କ୍ରିକେଟ୍ କ୍ଲବ୍ ଓ ବିଓସିଏମ୍ ବଏଜ୍ କ୍ରିକେଟ୍ କ୍ଲବ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ପେଣ୍ଟର ଟିମ୍ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ୍ ହରାଇ ୨୧୫ରନ୍ କରିଥିଲା। ପ୍ରତିପକ୍ଷ ବିଓସିଏମ୍ ଟିମ୍ ସମସ୍ତ ଉଇକେଟ୍ ହରାଇ ୧୫୮ରନ୍ କରି ପରାଜିତ ହୋଇଥିଲା। ଅମ୍ପାୟାର ଭାବେ ଦୀପକ ବେହେରା ଓ ଟଙ୍କ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଓ ରାଜ୍ୟ ଭାଜପା ଯୁବ ଉପସଭାପତି ବିଶ୍ୱଜିତ ଷଡଙ୍ଗୀ, ଓଡିଶା କ୍ରିକେଟ୍ ଆସୋସିଏଶନ ଉପସଭାପତି ମେହେତାବ ଖାନ୍, ଜିଲା କ୍ରିକେଟ୍ ଆସୋସିଏଶନ ସଭାପତି ପ୍ରଜ୍ୱଳ ପଟେଲ,ଏମ୍‌ସିଏଲ୍ ଲଖନପୁର ଏରିଆ ଜିଏମ୍ ସଞ୍ଜୟ କୁମାର ଝା, ପୂର୍ବତନ ଜିଲାପରିଷଦ ସଦସ୍ୟ ସାମଲ ନାୟକ, ସମିତିସଭ୍ୟ ପଦ୍ମିନୀ ସିଂ, ସନ୍ତୋଷ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଜେତା ବେଲପାହାଡ ପେଣ୍ଟର କ୍ରିକେଟ୍ କ୍ଲବ୍‌କୁ ଚାମ୍ପିୟନ ଟ୍ରଫି ସହ ୧୫ହଜାର ୧ଟଙ୍କା ଓ ଉପବିଜେତା ବିଓସିଏମ୍ କ୍ରିକେଟ୍ କ୍ଲବ୍‌କୁ ରନର୍ସ ଟ୍ରଫି ସହ ୧୦ହଜାର ୧ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାନ୍ ଅଫ୍ ଦି ସିରିଜ୍ ସଦାନନ୍ଦ ତନ୍ତୀ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦୀପ, ବେଷ୍ଟ ବ୍ୟାଟସ୍‌ମ୍ୟାନ୍ ଦିବ୍ୟ ସେନାପତି, ବେଷ୍ଟ ଉଇକେଟର୍ ପ୍ରଦୀପଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ଚୋରି ପାଇପ୍ ସହ ଭ୍ୟାନ୍ ଜବତ, ଜଣେ ଗିରଫ



ଝାରସୁଗୁଡ଼ା ଅଫିସ/କୋଲାବିରା, ୬।୧୧(ଡି.ଏନ.ଏ.): ପାଇପ୍ ଚୋରି ଘଟଣାରେ କୋଲାବିରା ପୋଲିସ୍ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ରେଙ୍ଗାଲପାଲି ଗ୍ରାମର ମାନସ ଅଟି(୨୫)। ତାଙ୍କ ନିକଟରୁ ପୋଲିସ୍ ଏକ ନମ୍ବରବିହୀନ ପିକ୍ଅପ୍ ଗାଡି, ୨ଟି ଗ୍ୟାସ୍ ସିଲିଣ୍ଡର ଓ କଟର ଆଦି ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୬୪/୨୨) ରୁଜୁ ହୋଇଛି। ପୋଲିସ୍ ତଦନ୍ତରୁ ଜାଣିବାକୁ ପାଇଛି ଏହି ଚୋରି ର୍ୟାକେଟ୍‌ରେ ମାନସଙ୍କ ବ୍ୟତିତ ଅନ୍ୟ ୫ଜଣ ସମ୍ପୃକ୍ତ ଅଛନ୍ତି। ସୂଚନା ଅନୁସାରେ କୋଲାବିରା ଥାନା ଯୋଗିଆଡିହି-ମାଳିଡିହି ଗ୍ରାମ ନିକଟରେ ଗେଲ୍ ଇଣ୍ଡିଆର ପାଇପ୍ ବିଛା କାମ ଚାଲିଥିବାବେଳେ ଏହାକୁ କେତେଜଣ ଦୁର୍ବୃତ୍ତ ଗତ ଶୁକ୍ରବାର ରାତିରେ ଚୋରି କରୁଥିଲେ। ଏ ସମ୍ପର୍କରେ ଖବରପାଇ କୋଲାବିରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାନସଙ୍କୁ କାବୁ କରିଥିବାବେଳେ ଅନ୍ୟମାନେ ଫେରାର୍ ହୋଇଯାଇଥିଲେ। ଫେରାର୍ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବବୋଲି ଆଇଆଇସି ସୁକୁମାର ତ୍ରିପାଠୀ କହିଛନ୍ତି।

### ଶର୍ଟସର୍କିଟ୍‌ରୁ ଜଳିଗଲା ବିଦ୍ୟୁତ୍ ଚାଳିତ ସ୍କୁଟି

ଝାରସୁଗୁଡ଼ା ଅଫିସ,୬।୧୧: କୋଲାବିରା ଥାନା ଦଣ୍ଡାବୁଡ଼ା ଗ୍ରାମରେ ରବିବାର ଅପରାହ୍ନରେ ଏକ ବିଦ୍ୟୁତ୍ ଚାଳିତ ସ୍କୁଟି ଚାର୍ଜ ହେଉଥିବାବେଳେ ଶର୍ଟସର୍କିଟ୍ ହୋଇ ନିଆଁଲାଗି ପୋଡିଯାଇଛି। ଏହି ଅଗ୍ନିକାଣ୍ଡରେ ଗ୍ରାମର ସ୍କୁଟି ମାଲିକ ଗୋବିନ୍ଦ ପ୍ରଧାନଙ୍କ ଏକ ବଖରା ସହ ଆସବାପତ୍ର ପୋଡି ନଷ୍ଟ ହୋଇଯାଇଛି। ଖବରପାଇ ସ୍ଥାନୀୟ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଫାଇନାଲ ରାଉଣ୍ଡରେ ୨୪ ବାଳିକାବାଳକ

**ସମ୍ବଲପୁର ଲିଟିଲ ମିସ୍ ଓ ମାଷ୍ଟର ଅଡିଶନ**

ସମ୍ବଲପୁର,୬।୧୧(ବ୍ୟୁରୋ): ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର ଅଡିଶନ ରବିବାର ବୁଢ଼ାରଜା ସରକାରୀ ହାଇସ୍କୁଲ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ୨୫୦ ବାଳିକାବାଳକ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୨ ବାଳିକା ଓ ୧୨ ବାଳକ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଚଳିତ ମାସ ୧୨ତାରିଖ ଗ୍ରାଣ୍ଡ ଫାଇନାଲ ହେବ। ଅଡିସନ ରାଉଣ୍ଡରେ ପରିଚୟ ପ୍ରଦାନ, ପ୍ରଶ୍ନୋତ୍ତର, ପ୍ରତିଭା ପ୍ରଦର୍ଶନ ହୋଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଭକ୍ତ ପ୍ରସାଦ ନନ୍ଦ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଚରନଜିତ କୌର, ତନୁଜା ମହାପାତ୍ର, ଶିଶିର କର, ଉତ୍ତମ ସିଂ, ସଞ୍ଜୟ ସାହୁ, ସାନ୍ତା ପଣ୍ଡା ଓ ସୁମନ ଅଗ୍ରୱାଲ ବିଚାରକ ଥିଲେ। ସାଇ ଶିକ୍ଷା ପରିଷଦ ଅଧକ୍ଷ ନନ୍ଦ କିଶୋର ସାହୁ ସୂଚନା ପ୍ରଦାନ କରିଥିବା ବେଳେ ରାମାଶିଷ ତ୍ରିପାଠୀ ସଂଯୋଜନା କରିଥିଲେ।

# ବେଦବ୍ୟାସ ସଙ୍ଗୀତ ନୃତ୍ୟଉତ୍ସବ ଉଦ୍‌ଯାପିତ

ରାଉରକେଲା ଅଫିସ, ୬।୧୧

ରାଉରକେଲା ଭଞ୍ଜଭବନ ମୁକ୍ତାକାଶ ମଞ୍ଚ ଠାରେ ଭଞ୍ଜ କଳା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ବେଦବ୍ୟାସ ସଙ୍ଗୀତ ନୃତ୍ୟଉତ୍ସବ-୨୦୨୨ ଶନିବାର ରାତିରେ ଉଦ୍‌ଯାପିତ ହୋଇଛି। ଏଥିରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଆରଏସ୍‌ପିର ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ଓ କାରଖାନାର ବରିଷ୍ଠ ଅଧିକାରୀମାନେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିଗଣ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ବେଙ୍ଗାଲୁରୁର ବିଶିଷ୍ଟ କୁଚୁପୁଡି ନୃତ୍ୟଗୁରୁ ଡକ୍ଟର ବସନ୍ତ କିରଣ ଓ ତାଙ୍କ ଅନୁଷ୍ଠାନ କଳାକାରମାନଙ୍କ ଦ୍ୱାରା ସନ୍ଧ୍ୟାରେ କୁଚିପୁଡି ନୃତ୍ୟ ପରିବେଷଣ କରାଯାଇଥିଲା। ଉକ୍ତ କଳାକାରମାନେ ଅର୍ଦ୍ଧ ଶଙ୍କରମ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ପାର୍ବତୀ ଓ ଭଗବାନ ଶିବଙ୍କ ତାଣ୍ଡବ ନୃତ୍ୟର ମିଶ୍ରିତ ରୂପ ଅର୍ଦ୍ଧନାରୀଶ୍ୱର ଉପରେ ଆଧାରିତ ହୋଇଥିଲା। ପରେ ଭଞ୍ଜକଳାକେନ୍ଦ୍ରର ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ଉପରେ ଏକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଗଞ୍ଜାମ ଲୋକପ୍ରିୟ ଯୋଡି ଶଙ୍ଖ ଓ ରଣପ୍ପା ଲୋକନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବହୁ ଆକୃଷ୍ଟ କରିଥିଲା। ଶେଷରେ ମହାରାଷ୍ଟ୍ର ପାରମ୍ପରିକ ଲୋକନୃତ୍ୟ ଲାବଣି ପରିବେଷଣ କରାଯାଇଥିଲା। ଉତ୍ସବରେ ବିଭିନ୍ନ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଞ୍ଜକଳା କେନ୍ଦ୍ରର ଉପଦେଷ୍ଟା ଅସୀମ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଆର୍‌ଏସ୍‌ପିର ଲୋକସମ୍ପର୍କ ବିଭାଗର ଶଶାଙ୍କ ପଟ୍ଟନାୟକ ଓ କୋଏନା ଦସ୍ତିଦାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଭଞ୍ଜ କଳାକେନ୍ଦ୍ରର ସଭାପତି ଶୁଭଶଙ୍କର ରାୟଚୌଧୁରୀ, ବିବେକାନନ୍ଦ ପରିଡା, ପଞ୍ଚାନନ ମଲ୍ଲିକ, ସୁବ୍ରତ ଶତପଥୀ, ପ୍ରବୀଣ ପାତ୍ର, ସନ୍ତୋଷ ରଥ, ଗଜେନ୍ଦ୍ର ମୁର୍ମୁ, ବସନ୍ତ ସାହୁଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



ବେଦବ୍ୟାସ ସଙ୍ଗୀତ ନୃତ୍ୟଉତ୍ସବ ଉଦ୍‌ଯାପନୀରେ ଅର୍ଦ୍ଧ ଶଙ୍କରମ ନୃତ୍ୟ ପରିବେଷଣ।

**କୁଚିପୁଡି ଓ ଲାବଣି ନୃତ୍ୟ ସହ ରଣପ୍ପା ଲୋକନୃତ୍ୟ ପରିବେଷଣ**

# ମା' ଦୁର୍ଗାଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ

ଜମନକିରା,୬।୧୧(ଡି.ଏନ.ଏ.)

ଜମନକିରା ବ୍ଲକ ସଦର ମହକୁମା ମୁଖ୍ୟ ଛକରେ ମା' ଦୁର୍ଗାଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ରବିବାର ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ପୂଜକ ଅଶୋକ କୁମାର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ଗାଁ ଗୌନ୍ତିଆ ହେମନ୍ତ ପଟେଲ ଦାୟିତ୍ୱ ତୁଲାଇଥିଲେ। ନିମନ୍ତ୍ରିତ ଅତିଥି ଭାବେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, କୁଚିଣ୍ଡା ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ପୂର୍ବତନ ବିଧାୟକ ରବିନାରାୟଣ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଆଶ୍ରିତା ଭୋଇ, ଉପାଧ୍ୟକ୍ଷ ରୋହିତ ଭୋଇ, ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ, ଜୋନ ୨ ସଭ୍ୟା ତନୟା ଧୁରୁଆ ପ୍ରମୁଖ ଯୋଗଦେଇଥିଲେ। ୭ଗୋଟି ସଂକୀର୍ତ୍ତନ ମଣ୍ଡଳୀ ଭଜନକୀର୍ତ୍ତନ କରିଥିଲେ। ମନ୍ଦିର ନିର୍ମାଣ କମିଟି ଆବାହକ ପିଛାଲୁ ଭୋଇ, ହେମନ୍ତ ମହାକୁଲ, ବରିଷ୍ଠ ଖବରଦାତା ରବୀନ୍ଦ୍ର ଦାନି, ଶିଶିର ପଟ୍ଟନାୟକ, ଅନୁପ ବହିଦାର, ଆଦି ପ୍ରସାଦ ମହାକୁଲ ପ୍ରମୁଖ ପରିଚାଳନା କରିଥିଲେ। ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ସୁବାସ ସାହୁ, ସମ୍ପାଦକ ସୁବ୍ରତ ବଢ଼େଇ, କୋଷାଧ୍ୟକ୍ଷ ଅମିତ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।



ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କରାଯାଉଛି।

# ହକି ଷ୍ଟାଡିୟମ କାର୍ଯ୍ୟ ସମୀକ୍ଷା କଲେ କ୍ରୀଡାମନ୍ତ୍ରୀ



କ୍ରୀଡା ମନ୍ତ୍ରୀ ତୁଷାରକାନ୍ତୀ ବେହେରା ଅଧିକାରୀଙ୍କ ସହିତ ବୁଲି ଦେଖୁଛନ୍ତି।

ରାଉରକେଲା ଅଫିସ, ୬।୧୧

ଜାନୁଆରୀ ମାସରେ ଓଡିଶାରେ ପୁରୁଷ ହକି ବିଶ୍ୱକପର ଆୟୋଜନ ହେବାକୁ ଯାଉଛି। ଏନେଇ ରାଉରକେଲା ବିପିୟୁଟି ପରିସରରେ ନିର୍ମାଣ ଚାଲିଛି ବିଶ୍ୱର ସର୍ବବୃହତ୍ତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ। ଏହି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟକୁ ସମୀକ୍ଷା କରିବା ପାଇଁ ରାଜ୍ୟ ଯୁବକ୍ରୀଡା ମନ୍ତ୍ରୀ ତୁଷାରକାନ୍ତୀ ବେହେରା ଦିନିକିଆ ଗସ୍ତରେ ରବିବାର ରାଉରକେଲା ଆସି ବୁଲି ଦେଖିଛନ୍ତି। ତାଙ୍କ ସାଙ୍ଗରେ ସୁନ୍ଦରଗଡ଼ ଜିଲାପାଳ ଡକ୍ଟର ପରାଗ ହର୍ଷଦ ଗାଭାଲି, ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ, ଗ୍ରୀଡକୋ ଅଧ୍ୟକ୍ଷ ଭୁପେନ୍ଦ୍ର ସିଂ ପୁନିଆ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପିଡବ୍ଲୁଡି ଅଧିକାରୀ ମନୋଜ କୁମାର ମହାନନ୍ଦଙ୍କ ସହ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। କ୍ରୀଡାମନ୍ତ୍ରୀ ବେହେରା ପ୍ରଥମେ ଷ୍ଟାଡିୟମରେ ଖେଳାଳିମାନଙ୍କ ପ୍ରବେଶ ପଥ, ଦର୍ଶକଙ୍କ ଗ୍ୟାଲେରି, ଡ୍ରେସିଙ୍ଗ ରୁମ୍, ଖେଳାଳିଙ୍କ ଅଭ୍ୟାସ ପାଇଁ ପଡିଆ, ଖେଳାଳିଙ୍କ ଚେଞ୍ଜିଙ୍ଗ ରୁମ୍, ପାର୍କିଙ୍ଗସ୍ଥଳି ଭଳି ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ବିଶ୍ୱକପ ଆରମ୍ଭ ପୂର୍ବରୁ ଷ୍ଟାଡିୟମ୍‌ରେ ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ କ୍ରୀଡାମନ୍ତ୍ରୀ ବେହେରା ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହକି ବିଶ୍ୱକପ୍‌ରେ ୨୦ଟି ମ୍ୟାଚ ରାଉରକେଲାର ଏହି ଷ୍ଟାଡିୟମ୍‌ରେ ଖେଳା ଯାଉଥିବାରୁ ବିଦେଶରୁ ଆସୁଥିବା ଅନ୍ତର୍ଜାତୀୟ ଖେଳାଳିଙ୍କୁ କିଭଳି ସମସ୍ତ ପ୍ରକାର ଅଫିସିଆଲ ସୁବିଧା ପ୍ରଦାନ କରାଯାଇ ପାରିବ ସେନେଇ ଉଚ୍ଚ ଅଧିକାରୀଙ୍କ ସହ କ୍ରୀଡାମନ୍ତ୍ରୀ ଆଲୋଚନା କରିଥିଲେ। ପ୍ରଥମ ଥର ପାଇଁ ରାଉରକେଲାରେ ହକି ବିଶ୍ୱକପ ଆୟୋଜିତ ହେଉଥିବାରୁ ଉକ୍ତ ଖେଳକୁ ସଫଳ କରିବା ପାଇଁ ଜିଲା ତଥା ସହରବାସୀଙ୍କ ସହଯୋଗ କାମନା ସ୍ଥାନୀୟ ପ୍ରଶାସନ କରିଛି। ଏଥିସହ ସହରରେ ଚାଲିଥିବା ବିଭିନ୍ନ ରାସ୍ତାର ଉନ୍ନତିକରଣ, ସୌନ୍ଦର୍ଯ୍ୟ ଆଲୋକିକରଣ ବ୍ୟବସ୍ଥା, ବୃକ୍ଷରୋପଣ, ଓଡିଶା ସଂସ୍କୃତି ଓ ପରମ୍ପରାକୁ ନେଇ ୱାଲପେନ୍‌ଟିଙ୍ଗ କାର୍ଯ୍ୟକୁ କ୍ରୀଡାମନ୍ତ୍ରୀ ବେହେରା ବୁଲି ଦେଖିଥିଲେ। ହକି ବିଶ୍ୱକପ୍ ପୂର୍ବରୁ ଷ୍ଟାଡିୟମ କାର୍ଯ୍ୟଶେଷ ହୋଇ ପ୍ରସ୍ତୁତି ହୋଇଯିବ ବୋଲି ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ହେମଗିର,୬।୧୧(ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ସ୍ଥିତ କନିକା ହାଇସ୍କୁଲ ଠାରେ ଶନିବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତି ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହେମଗିର ବିଡିଓ ଡକ୍ଟର ଜଗଦିଶ ମହାନନ୍ଦ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା, ବ୍ଲକ ଶିକ୍ଷକ ସଂଘର ସଭାପତି ରାମଲାଲ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ରଚନା, ଚିତ୍ରାଙ୍କନ, ଭାଷଣ, ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କିଶୋର କୁମାର ଅକ, ଜିଲା ପରିଷଦ ସଭ୍ୟା ମହିମା ସେଠ,ଉପେନ୍ଦ୍ର ଭୋଇ,କନିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରଞ୍ଜନ ପତି ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ।



# ସହର ଉପକଣ୍ଠରେ ମାଟି ମାଫିଆ ସକ୍ରିୟ

ସମ୍ବଲପୁର,୬।୧୧(ବ୍ୟୁରୋ)

ସମ୍ବଲପୁର ସହର ଉପକଣ୍ଠ ମାନେଶ୍ୱର, ସଦର, ରେଙ୍ଗାଲି ଓ ଯୁଯୁମୁରା ତହସିଲ ଅଞ୍ଚଳରେ ମାଟି ମାଫିଆ ସକ୍ରିୟ ହୋଇଉଠିଛନ୍ତି। ସରକାରୀ, ଜଙ୍ଗଲ କିସମ ଓ ଘରୋଇ ଜମି ମାଲିକଙ୍କୁ ହାତ କରି ସେମାନେ ବିନା ଅନୁମତିରେ ମାଟି ଚୋରା ଚାଲାଣ କରୁଛନ୍ତି। ଅଳ୍ପ କିଛି ଟଙ୍କା ଜରିମାନା ଆଦାୟ କରି ରାଜସ୍ୱ ବିଭାଗ ଚୁପ ରହୁଛି। କେବଳ ଜମି ପ୍ଲଟିଂ ନୁହେଁ, ରାସ୍ତାକାମରେ ମଧ ଏହି ମାଟି ବ୍ୟବହାର ହେଉଛି। ସରକାରଙ୍କ ବିକାଶମୂଳକ କାମ ହେଉଥିବା କହି ଛାଡ଼ି ଦିଆଯାଉଛି। ରେଳ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗରେ ଚାଲିଥିବା ପ୍ରକଳ୍ପ ଗୁଡ଼ିକରେ ଏଭଳି ହେଉଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ରାଜସ୍ୱ ଅଧିକାରୀ କିମ୍ବା କର୍ମଚାରୀ ଚଢ଼ାଉ କଲେ ରାଜନେତା ଓ ପ୍ରତିଷ୍ଠିତ ବ୍ୟବସାୟୀ ସେମାନଙ୍କୁ ଧମକଚମକ ଦେଉଛନ୍ତି। ନିୟମ ଅନୁସାରେ ମାଟିର ମୂଲ୍ୟ ଅନୁପାତରେ ଜରିମାନା ନିଆଯାଉନାହିଁ। ଫଳରେ ସରକାରଙ୍କ ରାଜସ୍ୱ ହାନି ହେଉଛି। ବିକାଶ କାମକୁ ନେଇ ଠିକା ସଂସ୍ଥାକୁ ସରକାର ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାର ବ୍ୟବସ୍ଥା ରହିଛି। ଏହାର ଫାଇଦା ନେଇ ମାଟି, ପଥର, ବାଲି ଭଳି ପ୍ରାକୃତିକ ସମ୍ପଦ ଲୁଟ କରାଯାଉଛି। କିଛିଦିନ ପୂର୍ବରୁ ମାନେଶ୍ୱର ତହସିଲ ଅନ୍ତର୍ଗତ ପରମାଣପୁର ନିକଟରେ ମାଟି ଚୋରି ହେଉଥିବା ଅଭିଯୋଗ ହୋଇଥିଲା। ସ୍ଥାନୀୟ ଏକ ଆଜବେଷ୍ଟସ୍ କମ୍ପାନୀରେ ଏହି ମାଟି ପଡୁଥିବା ସମୟରେ ମାନେଶ୍ୱର ତହସିଲର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିଥିଲେ। ସେହିପରି ଯୁଯୁମୁରା ତହସିଲ କବରାପାଲି ଅଞ୍ଚଳରେ ବେଆଇନ ମାଟି ଖନନକୁ ବିରୋଧ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଓ ଅଞ୍ଚଳବାସୀ ଏଭଳି ବେଆଇନ କାର୍ଯ୍ୟ ବନ୍ଦ କରିବାକୁ ଦାବି କରିଥିଲେ। ମାଟି ଖନନ ହେଉଥିବା ସ୍ଥାନକୁ ଯାଇ ଗାଡ଼ି ଓ ଜେସିବି ଜବତ କରି ରାଜସ୍ୱ ବିଭାଗକୁ ହସ୍ତାନ୍ତର କରିଥିଲେ। ଘରୋଇ ଜମିରୁ ମାଟି ଖନନ କରାଗଲେ ମଧ ପୂର୍ବରୁ ସରକାରଙ୍କ ଅନୁମତି ନେବାର ନିୟମ ରହିଛି। ଜମି ମାଲିକ ଆବେଦନ କରିବା ପରେ ରାଜସ୍ୱ ବିଭାଗ ଏକ ରିପୋର୍ଟ ପ୍ରସ୍ତୁତ କରିବେ। ଏହାପରେ ନିକଟସ୍ଥ ଅନ୍ୟ ଜମି ମାଲିକଙ୍କଠାରୁ ମଧ ସ୍ୱୀକୃତି ନିଆଯିବାର ବ୍ୟବସ୍ଥା ରହିଛି। ହେଲେ ମାଟି ମାଫିଆମାନେ କେବଳ ଜମି ମାଲିକଙ୍କୁ ହାତ କରି ମାଟି ଖନନ କରୁଛନ୍ତି। ସମତଳ ଜମି ପୋଖରୀ ସଦୃଶ ହୋଇଜମି ମାଲିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ମାନେଶ୍ୱର ତହସିଲଦାର ଅଜୟ କୁମାର ତିୱାରୀ କହିଛନ୍ତି, ଅଭିଯୋଗ ପାଇବା ପରେ ଅତିରିକ୍ତ ତହସିଲଦାର ଏକ ଟିମ୍ ସହ ଚଢ଼ାଉ କରିଥିଲେ। ଜରିମାନା ଆଦାୟ କରାଯାଇଛି। ଚୋରା ଚାଲାଣ ରୋକିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି କହିଥିଲେ। ସେହିପରି ଯୁଯୁମୁରା ତହସିଲଦାର ଅଭିଷେକ ସାହୁ କହିଛନ୍ତି, ପୂର୍ବରୁ ଯେଉଁ ସ୍ଥାନରେ ମାଟି ଖୋଳାଯାଉଥିଲା ତାକୁ ବନ୍ଦ କରାଯାଇଛି। ଚଢ଼ାଉ କରି ଜରିମାନା ଆଦାୟ କରାଯାଇଥିଲା। ମାଟି ଚୋରା ଚାଲାଣ ରୋକିବାକୁ ସ୍ଥାନୀୟ ଆର୍‌ଆଇଙ୍କୁ କୁହାଯାଇଛି ବୋଲି କହିଥିଲେ।



କବରାପାଲି ଅଞ୍ଚଳରେ ଏକ ପ୍ଲଟରେ ମାଟି ପକାଯାଉଛି।

# ଟଙ୍କା ବିନିମୟ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର



ବଡ଼ଗାଁ, ୬।୧୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକମାନଙ୍କୁ ନେଇ ବଡ଼ଗାଁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଟଙ୍କା ବିନିମୟ ସମ୍ବନ୍ଧୀୟ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୯୯ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ସ୍କୁଲର ଷ୍ଟେଟ ବ୍ୟାଙ୍କ ସହିତ ହେଉଥିବା ଅର୍ଥ କାରବାର କିପରି ସୁଚାରୁରୂପେ, ଶୃଙ୍ଖଳିତ ଭାବେ ଅନଲାଇନ ମାଧ୍ୟମରେ ହୋଇପାରିବ ବୁଝାଇଥିଲେ। ଷ୍ଟାଇପେଣ୍ଟ, ଦରମା ଓ ଅନ୍ୟାନ୍ୟ ସରକାରୀ ଖର୍ଚ୍ଚକୁ ଠିକ ଭାବେ ପରିଚାଳନା କରିବା ଉପରେ ବଡ଼ଗାଁ ଷ୍ଟେଟ ବ୍ୟାଙ୍କର କ୍ଷେତ୍ର ଅଧିକାରୀ ଭାଗବତ ଟୁଡୁ , ଏଡିଇଓ ସାରଙ୍ଗଧର ବରିହା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ବିରଙ୍ଗାଟୋଲିର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ମ୍ୟାନେଜର ଆମ୍ରୀତ ଲାକ୍ରା, ବଡ଼ଗାଁ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ତାପସ ପଣ୍ଡା, ବାବଲୁ ପ୍ରଧାନ, ଉମାକାନ୍ତ ପ୍ରଧାନ, ଏଡିଇଓ ସାରଙ୍ଗଧର ବରିହା,ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖ ହରୋ, ବଡ଼ଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରା ଯୋଗଦେଇଥିଲେ।

# ଅଲୋଡ଼ା ଐତିହ୍ୟ ଓଡ଼ିଆ ଶିଳ୍ପୀଙ୍କୁ ଅଣଆଡ଼ିଆ କରିଦେଲା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

- ଗଜପତି ନିଜ କୋଷାଗାରରୁ ଶିଳ୍ପୀଙ୍କୁ ଉପହାର ଦେଇଥିଲେ
- ଯଜ୍ଞଶାଳା ପ୍ରସ୍ତୁତିରେ ପଥୁରିଆଣୀଙ୍କର ସହଯୋଗ ଥିଲା

ଆମେ 'ବଢ଼େଇ' ଶବ୍ଦର ରହସ୍ୟ ପ୍ରସଙ୍ଗରେ ସୂଚନା ଦେଇଥିଲୁ। ପଥରସୁଆଁସିଆଙ୍କର କାର୍ଯ୍ୟ ଅନୁଶୀଳନ କଲେ ଜଣାଯାଉଛି ସେମାନେ ବଢ଼େଇ ନ ଥିଲେ। ମନ୍ଦିର ନିର୍ମାଣ ପାଇଁ ଆସିଥିବା ୨୩୨୪ ଜଣ ଶିଳ୍ପୀଙ୍କ ମଧ୍ୟରୁ ୫୩୦ଜଣ ଯୁବଶିଳ୍ପୀ ଗଜପତିଙ୍କ ସହିତ ବିଜୟକୋଣ୍ଡା (ବିଜୟୱାଡ଼ା) ଯାଇଥିଲେ। ବିଜୟୱାଡ଼ା ସେତେବେଳେ ଆମ ସାମ୍ରାଜ୍ୟଭୁକ୍ତ ଥିଲା। ରେଣ୍ଡିଆଶିଳ୍ପୀ ସୈନ୍ୟବାହିନୀରେ ଯୋଗଦେବାକୁ ଯାଇଥିଲେ। ପୂର୍ବରୁ ଆମେ ଏହା ସୂଚନା ଦେଇଥିଲୁ। ମନ୍ଦିର ନିର୍ମାଣ ଆରମ୍ଭ ବେଳର କଥା ଇୟେ। ସେମାନେ ଗଜପତିଙ୍କ ସହିତ ଯୁଦ୍ଧଯାତ୍ରାରେ ଯାଇଥିଲେ। ଫେରିବା ପରେ ସେମାନେ ନିଜ ନିଜ ଗାଁକୁ ଯାଇ ନ ଥିଲେ। କୋଣାର୍କକୁ ଆସିଥିଲେ। ମନ୍ଦିର ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ।

ନିଯୁକ୍ତ ହୋଇଥିବା ଯୁବ ପଥୁରିଆଙ୍କ ସଂଖ୍ୟା ଥିଲା ୩୪୦ ଓ ଯୁବ ପାଇଟିଆଳ ଯେଉଁମାନେ କି ପଥୁରିଆଙ୍କୁ ସାହାଯ୍ୟ କରୁଥିଲେ ସେମାନେ ଥିଲେ ୨୭୩ ଜଣ। ମୋଟ ୬୧୩ଜଣ। ବିଜୟୱାଡ଼ା ଯାଇଥିଲେ ୫୩୦ ଜଣ। ଆଉ ଅଧିକ ୮୩ଜଣ ଏମାନଙ୍କ ସହ ସାମିଲ ହେଲେ ସୈନ୍ୟବାହିନୀରୁ। ସେମାନେ ନିର୍ମାଣ କାର୍ଯ୍ୟର ଯଥେଷ୍ଟ ଅଗ୍ରଗତି ହେବା ପରେ କାର୍ଯ୍ୟରୁ ଛୁଟିନେଇ ଗାଁକୁ ଫେରିଯିବାକୁ ଇଚ୍ଛା କରିଥିଲେ। ଗଜପତି ଜାଣିବା ପରେ ସମସ୍ତଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ୧ ହଜାର ୩୪ଟି ସୁନାମାଢ଼ ଦେଇଥିଲେ। ସାଙ୍ଗରେ ଚାଉଳ, ମୁଗ ନେଇ ଘରକୁ ଯିବାକୁ ଅନୁମତି ଦେଇଥିଲେ। ଏହା କୋଣାର୍କ କୋଷାଗାର (ଟ୍ରେଜେରି)ରୁ ଦିଆଯାଇ ନ ଥିଲା। ଗଜପତି ନିଜ କୋଷାଗାରରୁ ଦେଇଥିଲେ। ଏଇଠି ପୋଥି ଲେଖକ ଲେଖୁଛନ୍ତି ସେମାନଙ୍କୁ ଗଣ୍ଡିଲି ଭର୍ତ୍ତି କରି କିଛି ଦରବ ଦିଆଯାଇଥିଲା। ସେ ଦରବ କ'ଣ ମୁଁ ଜାଣି ନାହିଁ। ଏସବୁ ଲେଖିବାର ଉଦ୍ଦେଶ୍ୟ ଗଜପତି ନିର୍ଯାତନା ଦେଉ ନ ଥିଲେ। ଆଦର କରୁଥିଲେ। ଆଦର କରୁ ନ ଥିଲେ ଉପହାର ଦେଇ ସମ୍ବର୍ଦ୍ଧିତ କରି ନ ଥାନ୍ତେ।

ଯୁବ ପଥୁରିଆ ଯେଉଁ ଯେଉଁ ଦଣ୍ଡପାଟ, ଗଡ଼, ଗାଁରୁ ଆସିଥିଲେ ଦାମ ଜେନା ତା'ର ମଣତି ଦେଇଥିଲେ। ଆମେ ତାଲିକା ଦେଇଥିଲୁ। ସେଗୁଡ଼ିକ ସବୁ ଓଡ଼ିଶା ଭୂଖଣ୍ଡର।

ବଢ଼େଇ ଏବଂ ଶିଳ୍ପୀ ମହାରଣା ଶବ୍ଦ ଅଲଗା ଅଲଗା ବ୍ୟବହାର ହୋଇଥିବାର ଦେଖାଯାଏ। ପଥର କାମ ସହିତ ଶିଳ୍ପୀମାନଙ୍କୁ 'ମହାରଣା' କୁହାଯାଇଛି। କାଠକାମ ଶିଳ୍ପୀଙ୍କୁ 'ବଢ଼େଇ' ଶବ୍ଦରେ ବର୍ଣ୍ଣନା କରାଯାଇଛି। ତିନୋଟି କାଠ ଦ୍ୱାର ତିଆରି କରିଥିବା ୮ଜଣଙ୍କୁ 'ବଢ଼େଇ' କୁହାଯାଇଛି। ପଥର ମହାରଣା ଓ ବଢ଼େଇ ମହାରଣାଙ୍କ କାମ ସମ୍ପୂର୍ଣ୍ଣ ଅଲଗା ଅଲଗା ବର୍ଣ୍ଣନା କରାଯାଇଛି। ଠିକ୍ ସେମିତି ପାଇଟିଆଳ, ସୁଆଁସିଆ ଶବ୍ଦ ଅଲଗା ଅଲଗା ବ୍ୟବହାର କରାଯାଇଛି। ଏମାନେ ମୂଲିଆ ଭାବରେ ଅର୍ଥାତ୍ ଶିଳ୍ପୀଙ୍କ ସହଯୋଗୀ ଭାବରେ କାମ କଲାବେଳେ ପଥର ସୁଆଁସିଆ ଭାବରେ ଚିହ୍ନିତ ହୋଇଛନ୍ତି। ନାରୀମାନଙ୍କ କ୍ଷେତ୍ରରେ, 'ପଥୁରିଆଣୀ' ଶବ୍ଦ ବ୍ୟବହାର ହୋଇଛି। ପାଇଟିଆଳ ନାରୀ ଓ ପୁରୁଷ ଉଭୟ ଥିଲେ।



ଶ୍ରୀମନ୍ଦିର ସମ୍ମୁଖରେ ଶୋଭା ପାଉଥିବା ଅରୁଣ ସ୍ତମ୍ଭ। ଫଟୋ: ଯଜ୍ଞେଶ୍ୱର ମହାନ୍ତି

## ସଂକ୍ଷେପରେ

### ବ୍ଲକ ଉପାଧ୍ୟକ୍ଷାଙ୍କ ସ୍ୱାମୀଙ୍କ ନାମରେ ଥାନାରେ ଅଭିଯୋଗ

ଦେବଗଡ଼, ୬।୧୧(ଡି.ଏନ୍.ଏ.): ଭାଜପା ବ୍ଲକ ଅଧକ୍ଷାଙ୍କୁ ଅସମ୍ମାନ ଅଭିଯୋଗକରି ଉପାଧକ୍ଷାଙ୍କ ସ୍ୱାମୀ ଡିଆରଡିଏର ଏପିଡି (ଟ୍ରେନିଂ) ଦୀପକ କୁମାର ବେହେରାଙ୍କୁ ଗାଳିଗୁଲଜ ସହ ହତ୍ୟା ଧମକ ଦେଇଥିବା ନେଇ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି। ବ୍ଲକ ଉପାଧକ୍ଷାଙ୍କ ସ୍ୱାମୀ ଯୋଗେଶ ପ୍ରଧାନ ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ ଓ ସ୍ତ୍ରୀ ଉପାଧକ୍ଷା ଆରତୀ ପ୍ରଧାନଙ୍କ ସମେତ ନିଜ ସମର୍ଥକଙ୍କ ସହ ଦେବଗଡ଼ ଥାନାକୁ ଆସି ଏପିଡି ବେହେରା ବ୍ଲକ ଅଧକ୍ଷାଙ୍କୁ ଜାତିଆଣ ଆକ୍ଷେପ କରି ଅପମାନିତ କରିଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି। ପିଆରଆଇ ମେମ୍ବରଙ୍କଏକ ପ୍ରଶିକ୍ଷଣ ଶିବିରରେ ଶନିବାର ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ରଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇ ପୁଷ୍ପଗୁଚ୍ଛ ଓ ପୁଷ୍ପ ମାଲ୍ୟ ଦେଇ ବନ୍ଦାପନା କରାଯାଇ ତାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ତିଳେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇଙ୍କୁ ପ୍ରଶିକ୍ଷଣ ଶିବିରରେ ଡକାଯାଇଥିଲେ ମଧ ତାଙ୍କୁ ସମ୍ମାନ ପ୍ରଦର୍ଶନ କରାଯାଇ ନ ଥିବା ଅଭିଯୋଗ କରି ତିଳେଇବଣି ବ୍ଲକ ଉପାଧକ୍ଷାଙ୍କ ସ୍ୱାମୀ ଯୋଗେଶ ପ୍ରଧାନ ଏପିଡିଙ୍କୁ ହତ୍ୟା ଧମକ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମ ଏକ ଏନଜିଓ ଦ୍ୱାରା ପରିଚାଳନା କରାଯାଉଥିବା ଏବଂ ଏଥିରେ ତାଙ୍କ କୌଣସି ଭୂମିକା ନ ଥିବା ଏପିଡି ବେହେରା ପ୍ରକାଶ କରିଛନ୍ତି। ତେବେ ଭାଜପା ଦଳର ବରିଷ୍ଠ ନେତା ଯୋଗେଶ ଜଣେ ସରକାରୀ ଅଧିକାରୀଙ୍କୁ ଧମକ ଦେବା ଏବଂ ତାଙ୍କ ନାମରେ ମିଥ୍ୟା ମାମଲା କରାଇବାକୁ ନେଇ ବେହେରା ଦୁଃଖ ପ୍ରକାଶ କରିଥିବା ଜଣାପଡ଼ିଛି।

### ଆହତ ପେଚା ଉଦ୍ଧାର



ଦେବଗଡ଼,୬।୧୧(ଡି.ଏନ୍.ଏ.): ଦେବଗଡ଼ ବନାଞ୍ଚଳ ତିଳେଇବଣି ସେକ୍ସନ ଅନ୍ତର୍ଗତ କୁରଡ଼ ଗ୍ରାମ ଶିବମନ୍ଦିର ନିକଟରୁ ରବିବାର ଆହତ ଅବସ୍ଥାରେ ଥିବା ଏକ ବିରାଟକାୟ ପେଚାକୁ ସ୍ଥାନୀୟ ଲୋକେ ଦେଖିବା ପରେ ବନ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପାଇ ବନ କର୍ମଚାରୀ ଭୋଲେଶ୍ୱର ସାହୁ ଉକ୍ତ ସ୍ଥାନରେ ପହଞ୍ଚି ଗୁରୁତର ପେଚାକୁ ଉଦ୍ଧାର କରି ଦେବଗଡ଼ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ପ୍ରାଣୀଧନ ବିଭାଗ ଚିକିତ୍ସକଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା କରାଇଥିଲେ। ଆହତ ପେଚା ସୁସ୍ଥ ହେବା ପରେ ସନ୍ଧ୍ୟାରେ ପ୍ରଭାଶୁଣି ସଂରକ୍ଷିତ ଜଙ୍ଗଲରେ ଛାଡିଥିବା ଜଣାପଡିଛି।

### ଭାଜପାର ବିଜୟ ଉତ୍ସବ

ଦେବଗଡ଼,୬।୧୧(ଡି.ଏନ.ଏ): ଧାମନଗର ବିଧାନସଭା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜଙ୍କ ବିଜୟରେ ଦେବଗଡ ଜିଲା ଭାଜପା ପକ୍ଷରୁ ରବିବାର ବିଜୟ ଉତ୍ସବ ପାଳନ କରାଯାଇଛି। ଅପରାହ୍ନରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ବ୍ରହ୍ମାଙ୍କ ତତ୍ତ୍ୱାବଧାନରେ ଯୁବମୋର୍ଚ୍ଚା ପକ୍ଷରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଛକଠାରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପନଗରପାଳ ପି.ଭୋଜଙ୍କ ସମେତ ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ଦୟାଶଙ୍କର ଦ୍ୱିବେଦୀ, କାଉନଶିଲର ମଧୁସୂଦନ ବାଘ ଓ ଇତିଶ୍ରୀ ମିଶ୍ରଙ୍କ ସମେତ ଯୁବମୋର୍ଚ୍ଚାର ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ବାଣ ଫଟକା ଫୁଟାଇବା ସହ ନିକଟରେ ଥିବା ବ୍ୟବସାୟୀ ଏବଂ ଜନସାଧାରଣଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀଙ୍କ ନେତୃତ୍ୱରେ ଭାଜପା ଯୁବ ମୋର୍ଚ୍ଚାର ବହୁ ନେତା ଓ କର୍ମୀ ସ୍ଥାନୀୟ ଗୋପବନ୍ଧୁ ଛକରେ ରୁଣ୍ଡହୋଇ ବାଣ ଫୁଟାଇବିଜୟ ଉତ୍ସବ ପାଳନ କରିଥିଲେ। ଦେବଗଡ ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜ,ଭାଜପା ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ସୁଧିର କୁମାର ବ୍ରହ୍ମା, ଦୟାଶଙ୍କର ଦ୍ୱିବେଦୀ, କାଉନଶିଲର ମଧୁସୂଦନ ବାଘ,ମୋତିଲାଲ ଶର୍ମା, ସରୋଜ କୁମାର ପାଢ଼ୀ ସାମିଲ ଥିଲେ।

# ଜନଜାତିର ଭାଷା ଓଡ଼ିଆ ଶବ୍ଦଭଣ୍ଡାରକୁ ସମୃଦ୍ଧ କରିଛି



ଜିଲାସ୍ତରୀୟ ସାରସ୍ୱତ ଆସର ଓ କବିତାପାଠ ସମାରୋହରେ ଅତିଥିମାନେ।

**ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଜିଲାସ୍ତରୀୟ ସାରସ୍ୱତ ଆସର ଓ କବିତା ପାଠ**

ସୁନ୍ଦରଗଡ଼, ୬।୧୧ (ଡି.ଏନ୍.ଏ.)

ଭାଷା ମଣିଷର ଏକ ଅଭିବ୍ୟକ୍ତି। ସାହିତ୍ୟ ମଣିଷକୁ ମଣିଷ ସହିତ ଯୋଡିଥାଏ। ଜନଜାତିର ସାହିତ୍ୟ ହେଉଛି ଭୂମିଖଣ୍ଡର ପ୍ରଥମ ସାହିତ୍ୟ। ବିବିଧତା ମଧ୍ୟରେ ସୁନ୍ଦରଗଡ଼ ଜିଲାର ସଂସ୍କୃତି ଓ ଭାଷା ବେଶ ସମୃଦ୍ଧ। ଜନଜାତି ବହୁଳ ସୁନ୍ଦରଗଡ଼ ଜିଲାର ଭାଷା ସଂସ୍କୃତି ଅନନ୍ୟ, ଅସାଧାରଣ। ଜନଜାତି ଭାଷାର ଶବ୍ଦ ଭଣ୍ଡାର ବହୁ ବୈଚିତ୍ର୍ୟପୂର୍ଣ୍ଣ। ଏହା ଓଡ଼ିଆ ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିଛି ବୋଲି ରବିବାର ସ୍ଥାନୀୟ ବିକାଶ ଭବନଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଆୟୋଜିତ ଜିଲାସ୍ତରୀୟ ସାରସ୍ୱତ ଆସର ଓ କବିତାପାଠ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସମାରୋହର ପ୍ରଥମ ଅଧିବେଶନରେ ସୁନ୍ଦରଗଡ଼ର ଭାଷା ଓ ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ରରେ ଉଦ୍‌ଘାଟକ ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସରୋଜ କୁମାର ମିଶ୍ର ଯୋଗଦେଇ ସୁନ୍ଦରଗଡ଼ର ଭାଷା ଶ୍ରୁତିମଧୁର ବୋଲି ମତବ୍ୟକ୍ତ କରିଥିଲେ। ଏହି ଅଧିବେଶନରେ ଆଲୋଚକ ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଗିରି ଦଣ୍ଡସେନା, ବର୍ଷୀୟାନ କଥାକାର ଭୂପେନ୍ ମହାପାତ୍ର ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ରାଜୀବ ପାଣି ଯୋଗଦେଇ ସୁନ୍ଦରଗଡ଼ ଜିଲାର ଭାଷା, ସଂସ୍କୃତି, ବିଭିନ୍ନ ଜନଜାତିର ଭିନ୍ନ ଭିନ୍ନ ସାଂସ୍କୃତିକ ପରିସରରେ ଋଦ୍ଧିମନ୍ତ ହୋଇଛି ବୋଲି ମତପ୍ରକାଶ କରିଥିଲେ। ସାରସ୍ୱତ ସମାରୋହର ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ କବି ଦୁର୍ଗାମାଧବ ପଣ୍ଡାଙ୍କ ପୌରହିତ୍ୟରେ ଓଡ଼ିଆ ସାହିତ୍ୟକୁ ସୁନ୍ଦରଗଡ଼ ଜିଲାର ଅବଦାନ ଶୀର୍ଷକ ଆଲୋଚନା ଚକ୍ରରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରଭାତ କୁମାର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସୁନ୍ଦରଗଡ଼ ଜିଲାରେ ହିଁ ପ୍ରଥମେ ସୃଷ୍ଟି ହୋଇଥିଲା ଶିଳ୍ପଭିତ୍ତିକ ସାହିତ୍ୟ। ସୁନ୍ଦରଗଡର ଲୋକସାହିତ୍ୟ କଥା ବହୁ ଆଦିମ କାଳରୁ ରହିଆସିଛି। ଇତିହାସର ଅଳନ୍ଧୁ ମଧ୍ୟରେ ରହିଯାଇଥିବା ସାହିତ୍ୟ ସ୍ରଷ୍ଟାମାନଙ୍କୁ ଖୋଜିଆଣିବା ଆମର ଉତ୍ତରପିଢିଙ୍କ ଉତ୍ତରଦାୟିତ୍ୱ ହେବା ଆବଶ୍ୟକ ବୋଲି କହିଥିଲେ। ଆଲୋଚକ ଭାବେ ପ୍ରାଧ୍ୟାପିକା ମିନତି ମିଶ୍ର ସୁନ୍ଦରଗଡ଼ର କବିତା ସାହିତ୍ୟ, ଅଧ୍ୟାପିକା ସୁସ୍ମିତା ଭୋଇ ସୁନ୍ଦରଗଡ଼ର ଲୋକସାହିତ୍ୟ ଓ ଅଧ୍ୟାପକ ନୂତନ ଖମାରୀ ସୁନ୍ଦରଗଡ଼ର କଥା ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅପରାହ୍ନରେ ତୃତୀୟ ଅଧିବେଶନରେ ଅନୁଷ୍ଠିତ କବିତା ଆସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ସୁଧାଂଶୁ ଅଶୋକ ସଭାପତିତ୍ୱ କରିଥିଲେ। ଏଥିରେ କବି ଡ. ବିଜ୍ଞାନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ବିଶିଷ୍ଟ କବି ଗୋପକୃଷ୍ଣ ନାୟକ, ଅଧ୍ୟାପିକା ପ୍ରଣତି ବେହେରା ଓ ଅଧ୍ୟାପକ ଗଣେଶ ତ୍ରିପାଠୀ ସଂଯୋଜକ ଭାବେ ଯୋଗଦେଇ କବିତାଗୁଡିକୁ ସଂଯୋଜନା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସୁନ୍ଦରଗଡ଼ ଜିଲା ପ୍ରତିନିଧି ଅଧ୍ୟାପିକା ଡ. ସୁପ୍ରିୟା ପାଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଯୁବ ଗାଳ୍ପିକ ବିବିଧ ବିଶ୍ୱ ଧନ୍ୟବାଦ ଦେଇଥିଲେ। ଏହି ସାରସ୍ୱତ ସମାରୋହରେ ସୁନ୍ଦରଗଡ଼, ରାଉରକେଲା ଓ ବଣାଇ ଅଞ୍ଚଳର ବହୁ କବି କବୟିତ୍ରୀ ଓ ସାହିତ୍ୟିକମାନେ ଯୋଗଦେଇଥିଲେ। ଏହି ସାରସ୍ୱତ ସମାରୋହରେ ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ ପରେ କବୟିତ୍ରୀ ରଞ୍ଜିତା ପଣ୍ଡାଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ପାହାଡ଼ ଅଞ୍ଚଳରେ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ

ଟେନ୍‌ସା, ୬।୧୧(ଡ଼ି.ଏନ୍.ଏ.)

ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍ଏଫ) ପକ୍ଷରୁ ସୁନ୍ଦରଗଡ଼ ଜିଲାର ମାଲଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାହ୍ନୁସାହିଠାରେ ସ୍ଥାପିତ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି। ପାହାଡ଼ ଅଞ୍ଚଳରେ ଅବସ୍ଥିତ ଓ ଖଣି ଦ୍ୱାରା ଘେରି ରହିଥିବା ଏହି ବସ୍ତିର ୫୨ଟି ପରିବାରର ୨୩୪ ଲୋକଙ୍କୁ ନିଜର ପାନୀୟ ଜଳ ଆବଶ୍ୟକତା ପୂରଣ କରିବା ପାଇଁ ପୂର୍ବରୁ ପାର୍ଶ୍ୱବର୍ତ୍ତୀ ଜଳ ଉତ୍ସଗୁଡ଼ିକ ଉପରେ ନିର୍ଭର ରହିବାକୁ ପଡୁଥିଲା। କାହ୍ନୁସାହିର ସୁଷମା ମୁଣ୍ଡା କହିଛନ୍ତି ଯେ, ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଏହି ସୁବିଧା ଯୋଗାଇ ଦେବା ପୂର୍ବରୁ ଆମକୁ କଳମଙ୍ଗ ନିକଟରେ ଅବସ୍ଥିତ ସୁନା ନଦୀରୁ ଜଳ ଆଣିବା ପାଇଁ ପ୍ରାୟ ୭ କିଲୋମିଟର ଯିବାକୁ ପଡୁଥିଲା। ସୁଷମାଙ୍କ କଥାରେ ସହମତି ପ୍ରକାଶ କରି ସେହି ଗ୍ରାମର ଅନ୍ୟ ଜଣେ ମହିଳା ସୀତା ମୁଣ୍ଡା କହିଛନ୍ତି ଯେ, ଘରୋଇ ଆବଶ୍ୟକତା ବ୍ୟତୀତ ଆମେ ରୋଷେଇ ଘରେ ଓ ବଗିଚାରେ ଏହି ଜଳର ବ୍ୟବହାର କରିପାରୁଛୁ। ଆମେ ବର୍ଷସାରା ନିଜେ ବହୁ ପରିମାଣରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିପାରୁଛୁ। ଟିଏସଏଫ ପକ୍ଷରୁ ହାଇବ୍ରିଡ଼ ବିହନ ଯୋଗାଇ ଦିଆଯାଉଛି। ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ ଜଳ ସଂଗ୍ରହ ନିମନ୍ତେ ୮ଟି ଷ୍ଟାଣ୍ଡ ପୋଷ୍ଟର ନିର୍ମାଣ କରାଯାଇଛି । ଏହାବ୍ୟତୀତ ଅନେକ ସ୍ଥାନୀୟ ଲୋକ ପାଇପ ଦ୍ୱାରା ନିଜ ଘରେ ସିଧାସଳଖ ଜଳ ପାଇପାରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ଅନ୍ତର୍ଭୁକ୍ତକାରୀ ବିକାଶକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଟିଏସ୍ଏଫ ପକ୍ଷରୁ ନିକଟସ୍ଥ ଅଞ୍ଚଳରେ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଛି।



ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ।

### ଶିବରାମ ମନ୍ଦିରରେ ଭାଗବତ ସପ୍ତାହ

କୁଆଁରମୁଣ୍ଡା,୬।୧୧(ଡି.ଏନ.ଏ.)

କୁଆଁରମୁଣ୍ଡା ସଦର ପଞ୍ଚାୟତର ଭୋଲଟମ ଛକରେ ଥିବା ଶିବରାମ ମନ୍ଦିରରେ ଭାଗବତ ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ବୁଧବାରଠାରୁ ମନ୍ଦିରରେ ଭାଗବତ ପଢା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଚନ୍ଦ୍ରଗ୍ରହଣକୁ ଦୃଷ୍ଟିରେ ରଖି ଏହାର ଦିନକ ପୂର୍ବରୁ ଅର୍ଥାତ ସୋମବାର କାର୍ଯ୍ୟକ୍ରମକୁ ଉଦ୍‌ଯାପିତ କରାଯିବ। ଭାଗବତ ସପ୍ତାହ ଉପଲକ୍ଷେ ପ୍ରତିଦିନ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା ବେଳେ ସୋମବାର ଉଦଯାପନୀ ଦିବସ ହେଉଛି। ପୁରୋହିତ ରଞ୍ଜନ ମିଶ୍ର,ପଞ୍ଚାନନ ସାହୁ, ଉମା ନାୟକ, କୈବଲ୍ୟ ସାହୁ, ଧ୍ରୁବଚରଣ ପଣ୍ଡା, ଭୁବନ ଦାଶ ସହଯୋଗ କରିଥିବା ବେଳେ ଭାଗବତ ଗାନ କରୁଛନ୍ତି ପଣ୍ଡିତ ଆଲୋକ ପାଢୀ ।

# ମେଗା ଆଇନ ସଚେତନତା ଶିବିର

ଦେବଗଡ଼, ୬।୧୧ (ଡି.ଏନ୍.ଏ.)

ସ୍ଥାନୀୟ ଟାଉନ ହଲଠାରେ ରବିବାର ଜିଲା ଆଇନ ସେବା ପ୍ରାଧିକରଣ ଓ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଏକ ମେଗା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲା ଓ ଦୌରାଜଜ ଗୌତମ ଶର୍ମାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଦେବଗଡ଼ ଜିଲାପାଳ ସୋମେଶ ଉପାଧ୍ୟାୟ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଏସ୍‌ପି ଅଙ୍କୁର ମଲ୍ଲିକ, ପବ୍ଲିକ ପ୍ରସିକ୍ୟୁଟର ବୃନ୍ଦାବନ ନାୟକ ଓ ଜିଲା ଓକିଲ ସଂଘ ସମ୍ପାଦକ ତରଣୀକାନ୍ତ ଦାଶ ପ୍ରମୁଖ ମଞ୍ଚାସିନ ରହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଥିସହ ମାଗଣା ଆଇନ ସହାୟତା ସହ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଉଠାଇବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ସମାଜ କଲ୍ୟାଣ ବିଭାଗ, ଜୀବିକା ମିଶନ, ଶିକ୍ଷା ବିଭାଗ, ରାଜସ୍ୱ, ଜରୁରୀକାଳୀନ ବିଭାଗ ଓ ୱାନଷ୍ଟପ ସେଣ୍ଟର 'ସଖି'ପକ୍ଷରୁ ଖୋଲା ଯାଇଥିବା ଷ୍ଟଲଗୁଡ଼ିକୁ ଅତିଥିଙ୍କ ଦ୍ୱାରା ଫିତା କାଟି ଶୁଭାରମ୍ଭ କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଶୀଲା ପ୍ରିୟଦର୍ଶିନୀ ପଣ୍ଡା କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ ପିଙ୍କି ରାଣୀ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆୟୋଜନରେ ସମସ୍ତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରଣର କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ ।



ମେଗା ଆଇନ ସଚେତନତା ଶିବିର।

# ଫୁଟବଲ୍ ଟୁର୍ନାମେଣ୍ଟ: ଲେଲେପଡ଼ା ଚାମ୍ପିୟନ

ବଡ଼ଗାଁ, ୬।୧୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାଲବିରା ଗାଁରେ ଗତ ୧ ତାରିଖଠାରୁ ଆରମ୍ଭ ହୋଇଥିବା ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ ଶାନ୍ତି ମେମୋରିଆଲ କ୍ଲବର ସଭାପତି ସୁମନ୍ତ ସିଂଘି ଓ ସମ୍ପାଦକ ପରମେଶ୍ୱର ମୁଣ୍ଡା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ୪୫ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ମଝାପଡ଼ାର ଜୟ ମେଢେଶ୍ୱର୍ ଟିମ୍ ଓ ସମଲେଶ୍ୱରୀ ଟିମ୍ ଲେଲେପଡ଼ା ମଧରେ ହୋଇଥିଲା। ପେନାଲଟି କିକ୍‌ରେ ଲେଲେପଡ଼ା ଟିମ୍ ବିଜୟୀ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଇତମା ପଞ୍ଚାୟତର ସମିତି ସଭ୍ୟ ଫକିର ପ୍ରଧାନ ମୁଖ୍ୟ ଅତିଥି ଓ ଶିକ୍ଷକ ନେତା ଧନଞ୍ଜୟ ନାଏକ, ସାଲବିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଭାପତି କ୍ଷୀରୋଦ ଧରେଇ, ଦୁଷ୍ମନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ହୋଇଥିବା ଲେଲେପଡା, ଉପବିଜେତା ମଝାପଡା, ତୃତୀୟ ସ୍ଥାନ ପାଇଥିବା ବାନ୍ତୁପଡା ଓ ଚତୁର୍ଥ ସ୍ଥାନ ପାଇଥିବା ସାଲବିରା ଟିମ୍‌କୁ ପୁରସ୍କୃତ କରାଯାଇଥିଲା। ଘନଶ୍ୟାମ ନାଏକ, ପରବିନ ଚାମ୍ପିଆ, ସୁଶିଲ ଚାମ୍ପିଆ ଖେଳ ପରିଚାଳନା କରିଥିଲେ। କମିଟି ସଦସ୍ୟ ପ୍ରଶାନ୍ତ ଚାମ୍ପିଆ, ଉଦେଶ ଗୁଡିଆ, ବିପିନ ଚମ୍ପିଆ, ପରମେଶ୍ୱର ମୁଣ୍ଡା, ଭକ୍ତବନ୍ଧୁ ପ୍ରଧାନ, ସୁଜଲ ଧରେଇ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।



ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

# ପରିବା ଚାଷ ପାଇଁ ପାଣି ଯୋଗାଇ ଦିଆଯାଉ

ଲହୁଣୀପଡ଼ା, ୬।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଦର୍ଜୀଂ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଦର୍ଜୀଂ ପଞ୍ଚାୟତ ବିଭିନ୍ନ ଗ୍ରାମର ଚାଷୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିବା ଚାଷ ପାଇଁ ପାଣି ଯୋଗାଇ ଦିଆଯାଉ ବୋଲି ବୈଠକରେ ଚାଷୀମାନେ ମତପ୍ରକାଶ କରିଛନ୍ତି। ଉକ୍ତ ବୈଠକରେ କାଳିଚରଣ ନାଏକ ଯୋଗ ଦେଇଥିବାବେଳେ ଶଙ୍କର ମାହାନ୍ତ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଧାନଚାଷ ହୋଇ ପାରି ନ ଥିବାରୁ ଚାଷୀମାନେ ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି। ଚାଷ କରିବା ପାଇଁ ବିଭିନ୍ନ ବ୍ୟାଙ୍କ, ଲ୍ୟାମ୍ପସ ଓ ଘରୋଇ ଅନୁଷ୍ଠାନରୁ ଋଣ ଉଠାଇବା ସହିତ ବିହନ, ସାର, ଔଷଧ ଇତ୍ୟାଦି ମଧ୍ୟ ଧାର କରଜ କରି ଚାଷ କରିଥିଲେ। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଏବର୍ଷ ଦର୍ଜୀଂ ପଞ୍ଚାୟତରେ ମାତ୍ର ଶତକଡା ୩୦ଭାଗ ଗଭୀର ଜମିଗୁଡିକ ଚାଷ ହୋଇଥିବାବେଳେ ୭୦ ଭାଗ ଜମି ଚାଷ ହୋଇପାରି ନ ଥିବା ଜଣାପଡିଛି। ଅନ୍ୟପକ୍ଷେ ଦର୍ଜୀଂ ବ୍ରହ୍ମଣୀ ନଦୀ କୂଳରେ ମେଗା ଜଳ ପ୍ରକଳ୍ପ ତିଆରି ହୋଇ କିଛିଦିନ ଜମିକୁ ପରିବା ଚାଷ ପାଇଁ ପାଣି ମାଡିଥିଲେ ମଧ ବର୍ଷା ଦିନରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥିଲେ ମଧ୍ୟ ମେଗା ଜଳ ପ୍ରକଳ୍ପରୁ ଚାଷ ପାଇଁ ଜମିକୁ ପାଣି ଛାଡି ନ ଥିବାରୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଥିଲେ। ସରକାର ଦର୍ଜୀଂ ପଞ୍ଚାୟତର ଚାଷୀମାନଙ୍କୁ କୃଷି ଋଣ ଛାଡ କରିବା ସହିତ କୃଷିବୀମା ପ୍ରଦାନ କରିବାକୁ ଦାବି ହୋଇଥିଲା। ପରିବା ଚାଷ ପାଇଁ ମେଗା ଜଳପ୍ରକଳ୍ପ ଓ କେନାଲ ପାଣି ଯୋଗାଇ ଦେବା ପାଇଁ ମତ ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ ସୁନ୍ଦରଗଡ଼ ଜିଲାପାଳ, ବଣାଇ ଉପଜିଲାପାଳ, ଲହୁଣୀପଡ଼ା ବ୍ଲକ, ତହସିଲ ଓ କୃଷି କାର୍ଯ୍ୟାଳୟ, ଦର୍ଜୀଂ ସରପଞ୍ଚ, ସୁନ୍ଦରଗଡ଼ ଏମ୍‌ପି, ସ୍ଥାନୀୟ ବିଧାୟକ ପ୍ରମୁଖଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଅନ୍ୟମାନଙ୍କ ମଧ୍ୟରେ ଭାସ୍କର ସାମନ୍ତ, ରାଜେଶ ଓରାମ, ବିରସା ଓରାମ, ସାନିକା ମୁଣ୍ଡା, ସବିତା ମାହାନ୍ତ, ଗୁରୁବାରୀ ମାହାନ୍ତ, ବିରସା ମୁଣ୍ଡା ପ୍ରମୁଖଙ୍କ ସହଯୋଗରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଦର୍ଜୀଂ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଚାଷୀମାନେ ଉପସ୍ଥିତ ଥିଲେ।



ବୈଠକରେ ଦର୍ଜୀଂ ପଞ୍ଚାୟତ ବିଭିନ୍ନ ଗ୍ରାମର ଚାଷୀ।

**ଦର୍ଜୀଂ ପଞ୍ଚାୟତ ବିଭିନ୍ନ ଗ୍ରାମର ଚାଷୀମାନଙ୍କ ବୈଠକ**

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ଅନିଲ



@ ମନୋଜ



@ ସମୀର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ମହିଳାଙ୍କ ମୃତଦେହ ଜବତ

ହେମଗିର,୬।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଟିକିଲିପଡାସ୍ଥିତ ଏକ ମାର୍କେଟ କମ୍ପ୍ଲେକ୍ସ ଠାରୁ ହେମଗିର ପୋଲିସ ରବିବାର ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମୃତା ମହିଳା ଜଣକ ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ସଗିପାଲି ଗ୍ରାମର ଖୁଲମଣି ଟେଟେ ବୋଲି ଜଣାପଡିଛି। ଏନେଇ ହେମଗିର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଭାରତ-ଜିମ୍ବାୱେ ସ୍କୋରବୋର୍ଡ

**ଭାରତ ଇନିଂସ**
ରାହୁଲ- କ-ମାସାକାଡ୍ଜା-ବୋ-ରାଜା-୫୧
ରୋହିତ-କ-ମାସାକାଡ୍ଜା-ବୋ-ମୁଜାରାବାନି-୧୫
କୋହଲି-କ-ର୍ୟାନ୍ ବର୍ଲ-ବୋ-ସିନ୍ ୱିଲିୟମ୍ସ-୨୬
ସୂର୍ଯ୍ୟକୁମାର-ନଟଆଉଟ-୬୧
ପନ୍ତ-କ-ର୍ୟାନ୍ ବର୍ଲ-ବୋ-ସିନ୍ ୱିଲିୟମ୍ସ-୩
ହାର୍ଦ୍ଦିକ ପାଣ୍ଡ୍ୟା-କ-ମୁଜାରାବାନି-ବୋ-ଏନ୍‌ଗାରାଭା-୧୮
ଅକ୍ଷର-ନଟଆଉଟ-୦
ଅତିରିକ୍ତ-୧୨
**ମୋଟ:** (୨୦ ଓଭରରେ/୫ ଉଇକେଟ) ୧୮୬।
ଉଇକେଟ ପତନ:୧/୨୭, ୨/୮୭, ୩/୯୫, ୪/୧୦୧, ୫/୧୬୬।

**ବୋଲିଂ (ଜିମ୍ବାୱେ)**
ଏନ୍‌ଗାରାଭା ୪-୧-୪୪-୧
ଚାଟରା ୪-୦-୩୪-୦
ମୁଜାରାବାନି ୪-୦-୫୦-୧
ମାସାକାଡ୍ଜା ୨-୦-୧୨-୦
ର୍ୟାନ ବର୍ଲ ୧-୦-୧୪-୦
ରାଜା ୩-୦-୧୮-୧
ସିନ୍ ୱିଲିୟମ୍ସ ୨-୦-୯-୨

**ଜିମ୍ବାୱେ ଇନିଂସ**
ୱେସ୍‌ଲି ମାଧେଭେର-କ-କୋହଲି-ବୋ-ଭୁବନେଶ୍ୱର-୦
କ୍ରେଗ୍ ଏର୍ଭିନ-କ ଆଣ୍ଡ୍ ବୋ-୧୩
ରେଜିସ୍ ଚାକାଭା-ବୋ-ଅର୍ଶଦୀପ-୦
ସିନ୍ ୱିଲିୟମ୍ସ-କ-ଭୁବନେଶ୍ୱର-ବୋ-ଶାମି-୧୧
ସିକନ୍ଦର ରାଜା-କ-ସୂର୍ଯ୍ୟକୁମାର-ବୋ-ହାର୍ଦ୍ଦିକ-୩୪
ଟୋନି ମୁନ୍‌ୟୋଙ୍ଗା-ଏଲବିଡବ୍ଲ୍ୟୁ-ଶାମି-୫
ର୍ୟାନ ବର୍ଲ-ବୋ-ଅଶ୍ୱିନ-୩୫
ମାସାକାଡ୍ଜା-କ-ରୋହିତ-ବୋ-ଅଶ୍ୱିନ-୧
ରିଚାର୍ଡ ଏନ୍‌ଗାରାଭା-ବୋ-ଅଶ୍ୱିନ-୧
ଟେଣ୍ଡାଇ ଚାଟରା-କ ଆଣ୍ଡ୍ ବୋ-ଅକ୍ଷର-୪
ବ୍ଲେସିଂ ମୁଜାରାବାନି-ନଟଆଉଟ-୦
ଅତିରିକ୍ତ-୧୧
ମୋଟ (୧୭.୨ ଓଭର/୧୦ ଉଇକେଟ) ୧୧୫।
ଉଇକେଟ ପତନ: ୧/୦, ୨/୨, ୩/୨୮, ୪/୩୧, ୫/୩୬, ୬/୯୬, ୭/୧୦୪, ୮/୧୦୬, ୧୧୧/୯, ୧୧୫/୧୦।

**ବୋଲିଂ (ଭାରତ)**
ଭୁବନେଶ୍ୱର ୩-୧-୧୧-୧
ଅର୍ଶଦୀପ ସିଂ ୨-୦-୯-୧
ମହମ୍ମଦ ଶାମି ୨-୦-୧୪-୨
ହାର୍ଦ୍ଦିକ ପାଣ୍ଡ୍ୟା ୩-୦-୧୬-୨
ରବିଚନ୍ଦ୍ରନ ଅଶ୍ୱିନ ୪-୦-୨୨-୩
ଅକ୍ଷର ପଟେଲ ୩.୨-୦-୪୦-୧।

# ନାଟକୀୟ ବିଜୟ ସହ ସେମିରେ ପାକିସ୍ତାନ



ଲିଟନ ଦାସଙ୍କ ଉଇକେଟ ନେବାପରେ ଶାହିନ୍ ଶାହା ଆଫ୍ରିଦୀ।

**ଆଡିଲେଡ୍,୬।୧୧(ପି.ଟି)**
ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ ଉପରେ ପ୍ରସନ୍ନ ହୋଇଛନ୍ତି ଭାଗ୍ୟଦେବୀ। ଭାରତ ଓ ଜିମ୍ବାୱେ ନିକଟରୁ ପରାଜୟ ପରେ ଅପ୍ରତ୍ୟାଶିତ ଭାବେ ଟୁର୍ନାମେଣ୍ଟରୁ ବାହାରିବା ସ୍ଥିତିରେ ଥିବା ପାକିସ୍ତାନ ରବିବାର ବାଂଲାଦେଶକୁ ୫ ଉଇକେଟରେ ପରାସ୍ତ କରିବା ସହିତ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୮ ଉଇକେଟରେ ୧୨୭ ରନ୍ କରିଥିଲା। ଜବାବରେ ୧୧ ବଲ୍ ବାକି ରଖି ପାକିସ୍ତାନ ୫ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା। ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୧୩ ରନ୍‌ରେ ନେଦରଲାଣ୍ଡ୍ସ ନିକଟରୁ ହାରିବା ପରେ ଉଭୟ ଦଳ ନିକଟରେ ସେମି ଫାଇନାଲ ପ୍ରବେଶ କରିବାର ସୁବର୍ଣ୍ଣ ସୁଯୋଗ ଥିଲା।

ଟସ୍ ଜିତି ବାଂଲାଦେଶ ବ୍ୟାଟିଂ କରିଥିଲା। ଲିଟନ୍ ଦାସ(୧୦) ଦଳୀୟ ସ୍କୋର ୨୧ ରନ୍‌ରେ ଶାହିନ ଶାହା ଆଫ୍ରିଦୀଙ୍କ ଶିକାର ହୋଇଥିଲେ। ଟପ୍ ସ୍କୋରର ନଜମୋଲ ହୋସେନ୍ ଶନ୍ତୋ(୫୪) ଓ ସୌମ୍ୟ ସରକାର(୨୦)ଙ୍କ ମଧ୍ୟରେ ୫୨ ରନ୍‌ର ଭାଗୀଦାରି ହୋଇଥିଲା। ଶଦାବ ଖାନ୍ ଲଗାତର ବଲରେ ସରକାର ଓ ସାକିବ୍ ଅଲ ହସନ(୦)ଙ୍କୁ ପାଭିଲିୟନ୍ ପଠାଇଥିଲେ। ଏହି ଦୁଇ ଖେଳାଳି ଆଉଟ ହେବା ପରେ ଶନ୍ତୋଙ୍କୁ ବୋଲ୍ଡ କରିଥିଲେ ଇଫ୍‌ତିଖାର ଅହମ୍ମଦ। ୪୮ ବଲର ଶନ୍ତୋଙ୍କ ଇନିଂସରେ ୭ ଚୌକା ସାମିଲ ଥିଲା। ଏହାପରେ ଶାହିନ୍ ଆଫ୍ରିଦୀ ବାଂଲାଦେଶର ମଧ୍ୟକ୍ରମ ଓ ନିମ୍ନ ମଧ୍ୟକ୍ରମରେ ଜଣଙ୍କ ପରେ ଜଣେ ବ୍ୟାଟରଙ୍କୁ ପାଭିଲିୟନ୍ ପଠାଇଥିଲେ। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଆଫିଫ୍ ହୋସେନ୍ ୨୪ ରନ୍‌ରେ ଅପରାଜିତ ରହିଥିଲେ। ପାକିସ୍ତାନ ପକ୍ଷରୁ ଶାହିନ୍ ଆଫ୍ରିଦୀ ୪ ଉଇକେଟ ନେଇଥିବା ବେଳେ ଶଦାବ ଖାନ୍ ୨ ଓ ହରିଶ ରୌଫ୍ ଗୋଟିଏ ଉଇକେଟ ନେଇଥିଲେ।

୧୨୮ ରନ୍‌ର ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିବା ପାକିସ୍ତାନର ଆରମ୍ଭ ଅତ୍ୟନ୍ତ ଧିମା ରହିଥିଲା। ଦୁଇ ଓପ୍‌ନର ବାବର ଆଜମ୍ (୨୫) ଓ ମହମ୍ମଦ ରିଜ୍‌ୱାନ(୩୨) ଅର୍ଦ୍ଧଶତକୀୟ ଭାଗୀଦାରି କରିଥିଲେ ହେଁ ଉଭୟ ୧୦.୩ ଓଭର ଖେଳିଥିଲେ। ବାବର ୩୩ ବଲ୍ ଖେଳି ୨୫ ରନ୍ କରିଥିବା ବେଳେ ରିଜ୍‌ୱାନ ବଲ୍ ପିଛା ରନ୍ କରିଥିଲେ। ସେହିପରି ତୃତୀୟ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ମହମ୍ମଦ ରିଜ୍‌ୱାନ ମଧ୍ୟ ୧୧ ବଲ ଖେଳି ୪ ରନ୍ କରିଥିଲେ। ତେବେ ମହମ୍ମଦ ହାରିସ୍ (୧୮ ବଲ୍‌ରୁ ୩୧) ଓ ଶାନ୍ ମାସୁଦ୍ (୨୪*) ଦଳକୁ ବିଜୟୀ କରାଇଥିଲେ। ବାଂଲାଦେଶ ପକ୍ଷରୁ ନାଶୁମ ଅହମ୍ମଦ, ସାକିବ୍, ମୁସ୍ତାଫିଜୁର ଓ ଏବାଦତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶାହିନ୍ ଶାହା ଆଫ୍ରିଦିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**
ବାଂଲାଦେଶ ୨୦ ଓଭରରେ ୧୨୭/୮ (ନଜମୋଲ ହୋସେନ୍ ଶନ୍ତୋ-୫୪, ସୌମ୍ୟ ସରକାର-୨୦, ଆଫିଫ୍ ହୋସେନ୍-୨୪*, ଶାହିନ୍ ଆଫ୍ରିଦୀ- ୪/୨୨, ଶଦାବ ଖାନ୍- ୨/୩୦, ହରିଶ ରୌଫ୍-୧/୧୫)। ପାକିସ୍ତାନ ୧୮.୧ ଓଭରରେ ୧୨୮/୫ (ମହମ୍ମଦ ରିଜ୍‌ୱାନ-୩୨, ମହମ୍ମଦ ହାରିସ୍ -୩୧, ବାବର ଆଜମ୍ -୨୫, ନାଶୁମ ଅହମ୍ମଦ-୧/୧୪, ସାକିବ ଅଲ ହସନ-୧/୩୫, ମୁସ୍ତାଫିଜୁର ରହମାନ-୧/୨୧)।

# ଦକ୍ଷିଣ ଆଫ୍ରିକାକୁ ବିଦା କଲା ନେଦରଲାଣ୍ଡ୍ସ

**ଆଡିଲେଡ୍,୬।୧୧(ପି.ଟି)**
ନେଦରଲାଣ୍ଡ୍ସ ୧୩ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଟୁର୍ନାମେଣ୍ଟରୁ ବିଦା କରିଛି। ନେଦରଲାଣ୍ଡ୍ସ ପ୍ରଥମେ ବ୍ୟାଟିଂ କରି ୧୫୮ ରନ୍ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ବିଜୟରୁ ୧୩ ରନ୍ ଦୂରରେ ରହିଯାଇଥିଲା। ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ଦୁଇ ଓପ୍‌ନର ଷ୍ଟିଫେନ୍ ମାଏବର୍ଗ(୩୭) ଓ ମ୍ୟାକ୍ସ ଓଡଡ୍ (୨୯) ପ୍ରଥମ ଉଇକେଟରେ ୫୮ ରନ୍ ଯୋଡ଼ିଥିଲେ। ପରବର୍ତ୍ତୀ ଦୁଇ ବ୍ୟାଟର ଟମ୍ କୁପର ୩୫ ଓ କଲିନ୍ ଆକରମ୍ୟାନ୍ ଅପରାଜିତ ୪୧ ରନ୍‌ର ଦ୍ରୁତ ବ୍ୟାଟିଂ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କେଶବ ମହାରାଜ ୨, ଆନରିଚ୍ ନର୍ଜେ ଓ ଏଡେନ୍ ମାରାକ୍ରମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୫୯ ରନ୍‌ର ପିଛା କରୁଥିବା ଦକ୍ଷିଣ ଆଫ୍ରିକା ପକ୍ଷରୁ ଡିକକ୍(୧୩), ବଭୁମା(୨୦), ରିଲି ରୋଷୋ(୨୫) ଓ ଏଡେନ୍ ମାରାକ୍ରମ(୧୭) ରନ୍ କରିଥିଲେ। ଅନ୍ତିମ ୫ ଓଭରରେ ୪୫ ରନ୍ ଆବଶ୍ୟକ ଥିବା ବେଳେ କ୍ରିଜ୍‌ରେ ଥିଲେ ଡେଭିଡ୍ ମିଲର। ମାତ୍ର ୧୭ ରନ୍ କରି ମିଲର ଆଉଟ ହେବା ପରେ ଦଳ ଦ୍ରୁତ ରନ୍ କରିବାରେ ବିଫଳ ହୋଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ବ୍ରାଣ୍ଡନ ଗ୍ଲୋଭର ୯ ରନ୍‌ରେ ୩ ଉଇକେଟ ନେଇଥିଲେ। କଲିନ୍ ଆକରମ୍ୟାନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**
ନେଦରଲାଣ୍ଡ୍ସ ୨୦ ଓଭରରେ ୧୫୮/୪ (କଲିନ୍ ଆକରମ୍ୟାନ୍-୪୧*, ଷ୍ଟିଫେନ୍ ମାଏବର୍ଗ-୩୭, ଟମ୍ କୁପର-୩୫, କେଶବ ମହାରାଜ-୨/୨୭, ଆନରିଚ୍ ନର୍ଜେ-୧/୧୦, ଏଡେନ୍ ମାରାକ୍ରମ-୧/୧୬)। ଦ. ଆଫ୍ରିକା ୨୦ ଓଭରରେ ୧୪୫/୮ ( ରିଲି ରୋଷୋ-୨୫, ହେନରିଚ୍ କ୍ଲାସେନ୍-୨୧, ଟେମ୍ବା ବାଭୁମା-୨୦, ବ୍ରାଣ୍ଡନ ଗ୍ଲୋଭର-୩/୯, ବାସ୍ ଡି ଲିଡ୍-୨/୨୫, ଫ୍ରେଡ୍ କ୍ଲାସେନ-୨/୨୦)।

# ଯୌନ ନିର୍ଯାତନା ମାମଲାରେ ଶ୍ରୀଲଙ୍କା କ୍ରିକେଟର ଗିରଫ

**ସିଡ୍‌ନୀ,୬।୧୧(ପି.ଟି):** ଶ୍ରୀଲଙ୍କା କ୍ରିକେଟର ଦନୁଷ୍କା ଗୁଣଥିଲକା ଯୌନ ନିର୍ଯାତନା ମାମଲାରେ ଗିରଫ ହୋଇଛନ୍ତି। ଟି୨୦ ବିଶ୍ୱକପ୍ ପାଇଁ ଜାତୀୟ ଦଳରେ ସାମିଲ ଥିବା ଗୁଣଥିଲକା ଟୁର୍ନାମେଣ୍ଟ ପୂର୍ବରୁ ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରି କାରଣରୁ ବାଦ୍ ପଡ଼ିଥିଲେ। ତେବେ ସେ ଶ୍ରୀଲଙ୍କା ଦଳ ସହ ଅବସ୍ଥାନ କରୁଥିଲେ। ରବିବାର ସିଡ୍‌ନୀ ସିଟି ପୋଲିସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ନଭେମ୍ବର ୨ରେ ହୋଇଥିବା ଏକ ମାମଲା କାରଣରୁ ତାଙ୍କୁ ଗିରଫ କରାଯାଇଛି। ଗୁଣଥିଲକାଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ବ୍ୟତୀତ ଶ୍ରୀଲଙ୍କା




ଦଳ ଦେଶକୁ ପ୍ରତ୍ୟାବର୍ତ୍ତନ କରିଛି। ଶ୍ରୀଲଙ୍କା ଶନିବାର ଇଂଲଣ୍ଡ ନିକଟରୁ ପରାସ୍ତ ହେବା ସହିତ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲା। ଦୁଷ୍କର୍ମ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ବେଳେ ଶ୍ରୀଲଙ୍କା ଦଳ ଏହି ମାମଲା ଉପରେ ନଜର ରଖିଥିବା କୁହାଯାଇଛି। ଦୋଷୀ ସାବ୍ୟସ୍ତ ହେଲେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋର୍ଡ କହିଛି। ଏକ ଅନ୍‌ଲାଇନ୍ ଡେଟିଂ ଆପ୍‌ରେ ଜଣେ ମହିଳାଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଏହାପରେ ଉକ୍ତ ମହିଳାଙ୍କ ସହିତ ସେ ଡେଟ୍‌ରେ ଯାଇଥିଲେ। ଏହି ସମୟରେ ସେ ମହିଳାଙ୍କ ସହ ବଳପୂର୍ବକ ସମ୍ପର୍କ ସ୍ଥାପନ କରିଥିଲେ। ମହିଳା ଜଣଙ୍କ ଏ ନେଇ ଅଭିଯୋଗ କରିବା ପରେ ଗୁଣଥିଲକାଙ୍କୁ ଗିରଫ କରାଯାଇଛି। ରବିବାର ସକାଳ ୬ଟାରେ ଶ୍ରୀଲଙ୍କା ଦଳ ଅଷ୍ଟ୍ରେଲିଆ ଛାଡ଼ିବାକୁ ଥିବା ବେଳେ ରାତି ୧.୦୦ଟାରେ ଗୁଣଥିଲକାଙ୍କୁ ପୋଲିସ ଗିରଫ କରିଥିଲା।


**ODISHA UNIVERSITY OF AGRICULTURE & TECHNOLOGY, BHUBANESWAR - 3**

**No. ACD-1/AMD-0002/2022/OSWAS/18015/UAT** **Dt. 04 November, 2022**

**DIPLOMA IN AGRO-POLYTECHNIC ADMISSION NOTICE: 2022-23**

No. L-84: This is for information of all the candidates that, the counselling for Admission into Diploma in Agro-Polytechnic Course for the Academic Session 2022-23 will be conducted in the Dr. M.S. Swaminathan Conference Hall, 2nd Floor, OUAT Administrative Building, Bhubaneswar - 3 as per detail programme given below. The Intimation-cum-Rank Card shall be available only to the eligible candidates for different categories from OUAT website **www.ouat.nic.in** and **https://ouat-lokaseba-odisha.in** on 05.11.2022.

**COUNSELLING DETAILS**

| Date | Category | Seats | Rank | Reporting Time |
|---|---|---|---|---|
| 15.11.2022 | Geneal (Unreserved) | 140 | 001 - 125 | 09.00 A.M. - 09.30 A.M. |
| | | | 126 - 250 | 11.30 A.M. - 12.00 Noon |
| | Category Seats (SC/ST/PWD/GCH) | 60 | All Candidates | 2.00 P.M. - 2.30 P.M. |

**Note:**
1. This intimation is not ensuring any seat but only to attend the counselling for admission. **Admission depends on availability of seat and the candidates eligibility after verification of original documents as per the rules laiddown in Diploma in Agro polytechnic prospectus 2022-23.**
2. Admission Board reserves the right to deny admission to any candidate who has submitted wrong information in Application Form to enhance weightage and rank (Clause No. 6.3 to 6.6 of Diploma in Agro-Polytechnic Propectus - 2022-23).
3. Candidate seeking admission into Diploma in Agro-Polytechnic Course under OUAT based on their merit should bring **Demand Draft of Rs.7600/- (Seven thousand six hundred only) of any Nationalized Bank drawn in favour of "COMPTROLLER, OUAT, Bhubaneswar" payabel at Bhubaneswar.**
4. The candidates are required to produce copy of downloaded Intimation letter-cum-Rank Card, Application Form **all the certificates and mark sheet in original and two set of Xerox copy along with the requisite admission fees in shape of Demand Draft as mentioned above**.
5. If any Agro-polytechnic centres where less numbers of students take admission, the students will be adjusted in the nearest Agro-polytechnic centre of same discipline considering their rank and choice.

**OIPR-01036/11/0027/2223** **Sd./- Registrar**



**CONFISCATION NOTICE OF MASSEY TRACTOR**

No. MM-259:- It is to inform all concerned through this publication that one Massey Tractor & Trolley (Red Colour) bearing Regd. Number OR07Z2265, Trolley No. OR07Z2259, Engine Number-S3251D62883, Chassis Number-690473 was seized ON R.D road side near Jugudi Village for illegal transportation of Forest Produce i.e. Neem Log- 12 nos- 16.99 Cft and Hinjala Log- 01 no- 1.35 Cft, Fire Wood- 150 KG and rope- 01 no. on dated 18.03.2021. At the time of seizure any accused persons not present on the spot. In the meanwhile the Regional Transport Office, Ganjam, Chatrapur vide his letter No. 6251, dated. 30.11 .2021 has intimated that one Smt. Battina Jyoti, W/o- B. Rama Chandra, Station Road, Brahmapur is the Regd. Owner of the seized vehicle. The aforesaid vehicle along with the seized produce may confiscated for its involvement in UD Case No. 19 of 2020-21 of Brahmapur Range for non-attendance of the accused person/ owner thereof on the date of hearing fixed before the forum of the Authorized Officer on dated 26.09.2022.

The final dated of hearing to the aforementioned case is fixed to 22.11.2022 at 11.00 A.M. in the forum of the Authorized Officer-cum-Assistant Conservator of Forests, Brahmapur Division for giving another opportunity of being heard in the matter. Failure to attend the hearing by any claimant/accused on the date fixed above and within 30 days from the date of publication of this notice in relation to the above vehicle, the vehicle may be confiscated under Section 56 of the Odisha Forest Act, 1972 exparte.

**Sd./- Authorized Officer-cum-A.C.F.**
OIPR-08038/11/0025/2223 **Brahmapur Forest Division**



No. b-28

GOVT. OF ODISHA

**Bid Identification No. EE-NH-KJR-03/2022-23**
**e-mail: eenhkeonjhar@gmail.com**
**No. A4/1667** **Dt.03.11.2022**

1. No. of the Work : 1 No.
2. Estimated Cost : 94.85 Lakh
3. Period of Completion : 6 (Six) Calendar Months
4. Date and time of availability of Bid document in the portal : From 12.00 Hr. 11.11.2022 to 17.00 Hr. of 25.11.2022
5. Last date/time for receipt of bids in the portal : 17.00 Hr. of 25.11.2022
6. Date of opening of Bid from Portal : 11.30 Hr. of 28.11.2022
7. Name and address of the Officer Inviting Bid : Executive Engineer, N.H. Division, Keonjhar

Further details can be seen from the e-procurement portal **"http://tendersodisha.gov.in"**.

**Sd./- (H.K. Panda), Executive Engineer**
**N.H. Division, Keonjhar**
**OIPR-34048/11/0001/2223**



**GOVERNMENT OF ODISHA** **No. B-798**
**e-PROCUREMENT NOTICE**
**WORKS DEPARTMENT**
**Bid Identification No. S.E. CBT (R&B) 15/2022-23**
**charbatiadivision1@gmail.com**

i) Name of the work : Building works - 01 No. & Road Works - 03 Nos.
Estimated Cost : Rs.7,88,112/- to Rs.68,33,625/-
Period of Completion : 01 Month (30 days) to 04 Months (120 days)
ii) Date & time of availability of Bid documents in the portal : From 10.00 A.M. of 07.11.2022 to 5.00 P.M. of 21.11.2022 for 'Online' Bidding
iii) Last date/time for receipt of Bids in the portal : 5.00 P.M. of 21.11.2022
iv) Name and address of the Officer Inviting Bid : Superintending Engineer, Charbatia (R&B) Division, Choudwar

Further details can be seen from the e-procurement portal **http://www.tendersorissa.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Superintending Engineer**
**Charbatia (R&B) Division, Choudwar**
**OIPR-34092/11/0014/2223**



**ଓଡ଼ିଶା ସରକାର**
**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ**
**ବିଜ୍ଞାପନ**
**ସଂଖ୍ୟାଲଘୁ ଛାତ୍ରବୃତ୍ତି ୨୦୨୨-୨୩ ପାଇଁ ପରିବର୍ଦ୍ଧିତ ସମୟସୀମା**

No.V-୬୪:- ଏତଦ୍ୱାରା ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଭାରତ ସରକାରଙ୍କ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ସଂଖ୍ୟାଲଘୁ ଛାତ୍ରବୃତ୍ତି ଦରଖାସ୍ତ ଆବେଦନର ସମୟ ସୀମା ନିମ୍ନମତେ ପୁନଃପରିବର୍ଦ୍ଧିତ କରାଯାଇଅଛି । ଏହି ସମୟସୀମା ମଧ୍ୟରେ ଯୋଗ୍ୟ ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନଙ୍କୁ National Scholarship Portal i.e. www.scholarship.gov.in ମାଧ୍ୟମରେ ଆବେଦନ ପାଇଁ ଜଣାଇଦିଆଯାଉଅଛି ।

| କ୍ରମିକ ନମ୍ବର | ଛାତ୍ରବୃତ୍ତି | କାର୍ଯ୍ୟାବଳୀ | ପରିବର୍ଦ୍ଧିତ ସମୟସୀମା: ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦରଖାସ୍ତ ଆବେଦନ | ପରିବର୍ଦ୍ଧିତ ସମୟସୀମା: ଶିକ୍ଷାନୁଷ୍ଠାନମାନଙ୍କ ସ୍ତରରେ ଦରଖାସ୍ତ ଯାଞ୍ଚ କରିବାର ସମୟସୀମା | ପରିବର୍ଦ୍ଧିତ ସମୟସୀମା: ଜିଲ୍ଲା/ସ୍ତରରେ ଦରଖାସ୍ତ ଯାଞ୍ଚ କରିବାର ସମୟସୀମା |
|---|---|---|---|---|---|
| | ପ୍ରାକ୍ ମାଟ୍ରିକ- ଛାତ୍ରବୃତ୍ତି | ଅନଲାଇନ୍ ଦରଖାସ୍ତର ଆବେଦନ (Fresh/Renewal) | ୧୫ ନଭେମ୍ବର, ୨୦୨୨ | ୩୦ ନଭେମ୍ବର, ୨୦୨୨ | ୧୫ ଡିସେମ୍ବର, ୨୦୨୨ |
| ୧ | ମାଟ୍ରିକ-ପରବର୍ତ୍ତୀ ଛାତ୍ରବୃତ୍ତି | ଅନଲାଇନ ଦରଖାସ୍ତର ଆବେଦନ (Fresh/Renewal) | ୩୦ ନଭେମ୍ବର, ୨୦୨୨ | ୧୫ ଡିସେମ୍ବର, ୨୦୨୨ | ୩୧ ଡିସେମ୍ବର, ୨୦୨୨ |
| ୨ | ମେଧା-ତଥା-ସମ୍ବଳ ଭିତ୍ତିକ ଛାତ୍ରବୃତ୍ତି | | | | |

OIPR-26001/11/0020/2223 ସ୍ୱା./- ନିର୍ଦ୍ଦେଶକ, ପଛୁଆ ବର୍ଗ



**STATE FOREST HEADQUARTERS, ODISHA**
**OFFICE OF THE PRINCIPAL CHIEF CONSERVATOR OF FORESTS & HoFF (O),**
**ARANYA BHAWAN, CHANDRASEKHARPUR, BHUBANESWAR-23**
**No. 1206/6F-(Account)-56/2014**
**Dated, Bhubaneswar the 04th November, 2022**

**SHORT TENDER NOTICE**

No. MM-256:- Sealed Tenders are invited from interested reputed Travel Agencies / Private individuals / Tour Operators for providing two **Swift Dzire/ Honda Amaze** having 05 seating capacity with commercial vehicle including driver confirming the terms and conditions issued Finance Department Office Memorandum No.34085 dated 06.09.2019 followed by the OM No. 27037/F dated 08.10.2015 No. 30464 dated 06.09.2019 for official use in the O/o Principal Chief Conservator of Forests & HoFF Odisha, Aranya Bhawan, Bhubaneswar on monthly rent basis . The undersigned reserves to right to increase / decrease number of vehicles required on hire and even cancel the entire tender process without assigning any reason.

General Bid information Forms & Terms and Conditions for Hiring of Vehicle etc. will be available with 6F (Account Section) Deputy Conservator of Forests (Hqrs.) of this office payment of Rs.200/- (Rupees Two Hundred ) only from 09.11.2022 to 18.11.2022.

The date of submission of tender paper in the tender Box is on dated 18.11.2022 at 2.00 P.M. and shall be opened at 4.00 P.M. on the same day.

**Sd./- (B.P. Acharya)**
**Deputy Conservator of Forests (Hqrs.)**
OIPR-08002/11/0013/2223



**BHUBANESWAR MUNICIPAL CORPORATION**
**e-PROCUREMENT NOTICE**
**No. C-1524** **e-Mail: ee2@bmc.gov.in**

1. Bid Reference No. : BMC-DIV-II-14/2022-23 Dt.04.11.2022
2. Tender Call Notice No. : 51852 Dtd.04.11.2022
3. No. of Works : 1 No.
4. Bid Value : Rs.66,07,980.00
5. Period of Completion : 120 days

Critical Dates :

| Sl. No. | Description | Critical Dates |
|---|---|---|
| (i) | Period of availability of tenders Online for bidding | From Dt.07.11.2022 from 11.00 A.M. to Dt.21.11.2022 upto 5.00 P.M. |
| (ii) | Last date & time of seeking clarification (if any) | Dt.11.11.2022 upto 5.00 P.M. |
| (iii) | Last date & time of bidding Online | Dt.21.11.2022 upto 5.00 P.M. |
| (iv) | Date & time of opening of the Technical Bids received Online | Dt.22.11.2022 (11.30 A.M. onwards) |
| (v) | Date & time of opening of Price Bid/Financial Bid/DTCN Part-II | To be intimated later to the bidder(s) found qualified after checking and evaluation of Technical Bids received Online |

6. Tender details can be seen for the e-Procurement portal **https://www.tendersodisha.gov.in** & BMC Website **https://www.bmc.gov.in**.

**Sd./- Executive Engineer - II**
**OIPR-13002/11/0147/2223** **Bhubaneswar Municipal Corporation**



**PANCHAYAT SAMITI OFFICE, ANANDAPUR**
**E-Mail id: ori-anandpur@nic.in, Phone: 9437448632**

**TENDER CALL NOTICE**

**No.2714** **Date: 01.11.2022**

No. i-122: Sealed tenders (Percentage Rate) in conformity with the DTCN are invited from the "C", "B" & "A" Class contractors registered with the State Govt. for execution of works under Panchayat Samiti, Anandapur as detailed in the below table. The tender document **(DTCN & BOQ)** can be obtained from district **NIC Website (www.kendujhar.nic.in)** from **Dt.02.11.2022 to 17.11.2022 till 5.00 P.M.** The tender document **(DTCN & BOQ)** duly signed by the Contractors should be accompanied with the self attested photo copy of valid GST Clearance Certificate, PAN Card, Registration Certificate and requisite EMD in shape of Demand Draft drawn in favour of BDO, Anandapur "payable at "Anandapur" from any Nationalized Bank and NSC/KVP/Time Deposit duly pledged. The tender document **(DTCN & BOQ)** should accompanied with requisite tender paper cost in shape of Demand Draft drawn in favour of BDO, Anandapur" payable at "Anandapur" from any Nationalized Bank. The tenders will be received upto **Dt. 18.11.2022 till 5.00 P.M.** and addessed to O/o. Block Development Officer, Anandapur, Keonjhar - 758021 through **Registered/Speed Post** only. The tender is scheduled to be opened on **Dt.22.11.2022 at 11.00 A.M.** at Block Conference Hall, O/o. the Block Development Officer, Anandapur, Keonjhar, in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials. The detail terms and conditions can be seen at NIC Website **(www.kendujhar.nic.in)**. The name of the work should be written on the top of the envelope. The undersigned reserves the right to cancel the tender without assigning any reason thereof.

| Sl. No. | Name of the Work | Amount put to Tender in Rs. | EMd @ 1% in Rs. | Cost of Tender Paper (in Rs.) | Period of Completion & Class of Contractor |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Construction of PHC Building at Panasadiha (DMF) | 68,73,175.00 | 69,000.00 | 10,000.00 | Nine Months / B & A Class Contractor |
| 2 | Construction of Sub Centre Building at Kanto (PM - ABHIM) | 33,96,530.00 | 34,000.00 | 6,000.00 | Nine Months / C & B Class Contractor |
| 3 | Construction of Sub Centre Building at Belabahali (PM - ABHIM) | 33,73,827.00 | 34,000.00 | 6,000.00 | Nine Months / C & B Class Contractor |

**OIPR-19096/11/0002/2223** **Sd./- Block Development Officer, Anandapur**



**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO.I, BHUBANESWAR**
**E-mail: eebbsr1@yahoo.co.in**
No.B-791:- **Estg No. - 8469 Date: 04.11.2022**
**Government of Odisha e-Procurement**
**Bid Identification No. C.C. (R&B)-01**
**e-Procurement Notice No. (66) of 2022-23**

| | | |
|---|---|---|
| 1 | Name of the work | 1. S/R to Defunct N.H.-203 Road From Laxmisagar Chhak to Jagannath Ashram R.D. 3.020 Km. to 4.250 Km. Bhubaneswar for the year 2022-23 (Such as ensuing of Hockey World Cup 2023) |
| 2 | Total No. of works | 1 No. work |
| 3 | Estimated cost | 1. Rs.49,60,936.00 |
| 4 | Class of contractor | 1. 'B' |
| 5 | Period of completion | 01 (One) calendar month |
| 6 | Type of tender | Single cover |
| 7 | Date & time of availability of bid document in the portal | From 11.00 hours of 07.11.2022 to 17.00 hours of 13.11.2022 |
| 8 | Last date & time for receipt of bids in the portal | 17.00 P.M. on 13.11.2022 |
| 9 | Name & address of the officer inviting bid | Er. Trinatha Behera, Superintending Engineer, Bhubaneswar (R&B) Division-1, Bhubaneswar |

Further details can be seen from the e-procurement portal https://tenderodisha.gov.in
N.: Subsequent corrigendum / addendum if required shall be available in the website as indicated above.

**Sd./- Superintending Engineer,**
**Bhubaneswar (R&B) Division No.I, BBSR**
OIPR-34076/11/0014/2223



**ZILLA SWASTHYA SAMITI, DHENKANAL**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**
**Advt. No. 2932** **Date: 05.11.2022**

No. E-605: Sealed Expression of Interest are invited from reputed agencies/individuals for supply of working lunch for training, workshop & meetings in the District. The details regarding application format, terms & conditions of the expression may be download from 07.11.2022 onwards district website i.e. **www.dhenkanal.nic.in**. The Expression of Interest should reach the Office of the CDM & PHO, Dhenkanal latest by 28.11.2022 03.30 P.M. through Speed Post/Registered Post only. The Expression of Interest will be opened on 28.11.2022 04.00 P.M. in the Office of the undersigned in the presence of the applicant/authorized representative of the applicant. The undersigned is not responsible for any kind of postal delay & reserves all right to cancel any or all the expression at any stage of selection/finalization process without assigning any reason thereof. Any typographical error may be exempted.

**Sd./- CDM&PHO-cum-DMD, Dhenkanal**
**OIPR-10059/11/0014/2223**

## ମହଙ୍ଗା ହୋଇପାରେ ସିମେଣ୍ଟ ମୂଲ୍ୟ

ନୂଆଦିଲ୍ଲୀ: ଦେଶର ପ୍ରମୁଖ ସିମେଣ୍ଟ କମ୍ପାନୀଗୁଡ଼ିକ ଗତମାସରେ ବସ୍ତା ପିଛା ମୂଲ୍ୟ ୩ରୁ ୪ ଟଙ୍କା ବଢ଼ାଇଥିଲେ ତେବେ ନଭେମ୍ବରରେ ମଧ କମ୍ପାନୀଗୁଡ଼ିକ ବସ୍ତା ପିଛା ୧୦ରୁ ୨୦ ଟଙ୍କା ମଧ୍ୟରେ ମୂଲ୍ୟ ବୃଦ୍ଧି କରିବାକୁ ବିଚାରବିମର୍ଶ କରୁଛନ୍ତି। ଏପରିକି ଏମ୍‌କେ ଗ୍ଲୋବାଲ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ ପକ୍ଷରୁ ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ପୂର୍ବାନୁମାନ କରାଯାଇଛି। ସେହିଭଳି ଏମକେ ଗ୍ଲୋବାଲ ନିକଟରେ ତା'ର ରିପୋର୍ଟରେ ପ୍ରକାଶ କରିଥିଲା ଯେ ଚଳିତ ବର୍ଷ ଅକ୍ଟୋବରରେ ଦେଶବ୍ୟାପୀ ସିମେଣ୍ଟ ମୂଲ୍ୟ ହାରାହାରି ୩ରୁ ୪ ଟଙ୍କା ବୃଦ୍ଧି ପାଇବ। ସେହିପରି ବିଳମ୍ବରେ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବା ଏବଂ ପାର୍ବଣ ଋତୁ ପାଇଁ ଶ୍ରମିକ ଅଭାବ କାରଣରୁ ଅକ୍ଟୋବରରେ ସିମେଣ୍ଟ ଚାହିଦା ପ୍ରଭାବିତ ହୋଇଥିଲା।

# ୪୬% ଭାରତୀୟ ପରିବାରର ଆୟ ୧୫ ହଜାରରୁ କମ୍

ନୂଆଦିଲ୍ଲୀ,୬।୧୧



ଗତ କିଛି ବର୍ଷ ହେବ ବିଭିନ୍ନ କାରଣରୁ ଦେଶର ମୁଣ୍ଡ ପିଛା ଆୟଠାରୁ ନେଇ ପରିବାରର ଆୟ ମଧ ହ୍ରାସ ପାଇଚାଲିଛି। ଫଳରେ ଦେଶରେ ଏକ ପ୍ରକାର ଅସ୍ଥିରତା ଦେଖାଦେଇଛି। ବିଶେଷକରି ଆର୍ଥିକ ଅନ୍ତର୍ଭୁକ୍ତିର ଦୃଢ ଅଭିବୃଦ୍ଧି ଏବଂ ବୃଦ୍ଧି ପାଉଥିବା ଆର୍ଥିକ ସେବା ଶିଳ୍ପ ସତ୍ତ୍ୱେ ପ୍ରାୟ ୬୯% ଭାରତୀୟ ପରିବାର ଆର୍ଥିକ ଅସୁରକ୍ଷିତତା ଏବଂ ଦୁର୍ବଳତା ସହ ସଂଘର୍ଷ କରୁଛନ୍ତି ବୋଲି ଜାତୀୟ ସର୍ଭେକ୍ଷଣ ସଂସ୍ଥା ମନି ୯ ଦ୍ୱାରା କରାଯାଇଥିବା ବ୍ୟକ୍ତିଗତ ଆର୍ଥିକ ସର୍ଭେ ଅନୁଯାୟୀ ଏଭଳି କିଛି କୁହାଯାଇଛି। ବିଶେଷ କରି ଇଣ୍ଡିଆ ପର୍ସନାଲ ଫାଇନାନ୍ସ ପଲ୍ସ ଭାରତୀୟ ପରିବାରର ଆୟ, ସଞ୍ଚୟ, ପୁଞ୍ଜି ବିନିଯୋଗ ଏବଂ ଖର୍ଚ୍ଚକୁ ମାନଚିତ୍ର କରେ ବୋଲି ଟିଭି ୯ ନେଟୱର୍କ ଦ୍ୱାରା ପ୍ରୋତ୍ସାହିତ ମନି ୯ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ସେହିଭଳି ଭାରତ କିପରି ରୋଜଗାର, ଖର୍ଚ୍ଚ ଏବଂ ସଞ୍ଚୟ କରେ ସେ ସମ୍ବନ୍ଧରେ ମଧ ବିସ୍ତୃତ ସୂଚନା ଉକ୍ତ ସର୍ଭେରେ କରାଯାଇଛି। ଏଥିରୁ ଜଣାପଡିଛି ଯେ ୪.୨ ଜଣ ଭାରତୀୟ ପରିବାରର ହାରାହାରି ଆୟ ମାସକୁ ୨୩,୦୦୦ଟଙ୍କା ରହିଛି। ସେହିପରି ୪୬%ରୁ ଅଧିକ ଭାରତୀୟ ପରିବାରର ଆୟ ୧୫,୦୦୦ ରୁ କମ୍ ରହିଥିବା ବେଳେ କେବଳ ୩% ଭାରତୀୟ ପରିବାର ବିଳାସପୂର୍ଣ୍ଣ ଜୀବନଶୈଳୀ ଅତିବାହିତ କରୁଛନ୍ତି। ବିଶେଷକରି ସେମାନଙ୍କ ମଧ୍ୟରୁ ଅଧିକାଂଶ ଉଚ୍ଚ ଆୟକାରୀ ସମବାୟ ସମିତି (ଉଚ୍ଚ-ମଧ୍ୟମ ଏବଂ ଧନୀ)ର ସଦସ୍ୟ । ଏଥିସହ ସର୍ବେକ୍ଷଣରୁ ଜଣାପଡିଛି ଯେ ୭୦% ଭାରତୀୟ ପରିବାର ବ୍ୟାଙ୍କ ଜମା, ବୀମା, ଡାକଘର ସଞ୍ଚୟ ଏବଂ ସୁନା ଆକାରରେ କିଛି ଆର୍ଥିକ ସଞ୍ଚୟ ମଧ କରିଥାନ୍ତି। ହେଲେ ୬୪% ରୁ ଅଧିକ ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟରେ ପାର୍କିଂ ହୋଇଥିବା ବେଳେ କେବଳ ୧୯% ପରିବାର ପାଖରେ ବୀମା ରହିଛି। ଅପରପକ୍ଷରେ ଉକ୍ତ ସର୍ବେକ୍ଷଣରୁ ଜଣାପଡିଛି ଯେ ୨୨% ଭାରତୀୟ ପରିବାର ଷ୍ଟକ୍, ମ୍ୟୁଚୁଆଲ୍ ଫଣ୍ଡ, ୟୁଏଲଆଇପି ଏବଂ ଭୌତିକ ସମ୍ପତ୍ତିରେ ମଧ ବିନିଯୋଗ କରିଛନ୍ତି। ତଥାପି ସମ୍ପତ୍ତି-ଜମିରେ ବିନିଯୋଗ ଅଧିକ (୧୮%), ତା'ପରେ ମ୍ୟୁଚୁଆଲ୍ ଫଣ୍ଡ୍ (୬%), ଷ୍ଟକ୍ ମାର୍କେଟ୍ (୩%) ଏବଂ ୟୁନିଟ୍ ଲିଙ୍କ୍ ହୋଇଥିବା ବୀମା ଯୋଜନା କିମ୍ବା ୟୁଏଲଆଇପି (୩%) ସାମିଲ ରହିଛି।

## ଆଜିଠାରୁ ଟାଟା ମୋଟର୍ସର ନୂଆ ଦର

ନୂଆଦିଲ୍ଲୀ,୬।୧୧

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସର ପାସେଞ୍ଜର ଭେଇକିଲ (ପିଭି) ବା ଯାତ୍ରୀବାହୀ ଯାନରେ ଆଜିଠାରୁ (୭ ନଭେମ୍ବର) ନୂଆ ଦର ଲାଗୁ ହେବ ବୋଲି ଜଣାପଡ଼ିଛି। ବିଶେଷକରି କମ୍ପାନୀର ପିଭି ବର୍ଗର ଯାନଗୁଡ଼ିକ ଉପରେ ୦.୯% ମୂଲ୍ୟ ବୃଦ୍ଧି ହେବ ବୋଲି କୁହାଯାଇଛି। ଏପରିକି କମ୍ପାନୀର ପ୍ରମୁଖ ଯାନ ଟିଆଗୋ, ପଞ୍ଚ, ନେକ୍ସନ, ହାରିୟର ଏବଂ ସଫାରି ଆଦିରେ ନୂଆ ଦର ଲାଗୁ ହେବ ବୋଲି ସୂଚନା ମିଳିଛି। ସେହିଭଳି ଏହି ବର୍ଦ୍ଧିତ ଦର କମ୍ପାନୀର ଭିନ୍ନ ଭିନ୍ନ ମଡେଲ ଓ ଭାରିଆଣ୍ଟ ଅନୁସାରେ ମୂଲ୍ୟ ମଧ ଭିନ୍ନ ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଯାନ ନିର୍ମାଣରେ ବ୍ୟବହୃତ ବିଭିନ୍ନ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ଦର ବୃଦ୍ଧି କରିବାକୁ ବାଧ ହୋଇଛି ବୋଲି କୁହାଯାଇଛି।

## ଓଡ଼ିଶା ବଜାରରେ ଇନ୍ଦିରା ଗ୍ୟାସ




### ଏଲ୍‌ପିଜି ସେବାର ଶୁଭାରମ୍ଭ

ଭୁବନେଶ୍ୱର,୬।୧୧

ଦିଲ୍ଲୀଭିତ୍ତିକ ଇନ୍ଦିରା ଗ୍ୟାସ ଆଣ୍ଡ୍ ପେଟ୍ରୋଲିୟମ ପ୍ରାଇଭେଟ ଲିମିଟେଡ କମ୍ପାନୀ ବର୍ତ୍ତମାନ ଓଡ଼ିଶା ବଜାର ପ୍ରବେଶ ସହ ସାରା ରାଜ୍ୟରେ ତା'ର କାରବାର ଆରମ୍ଭ କରିଛି। ଏପରିକି କମ୍ପାନୀର ଉଭୟ ବର୍ଗର ଏଲପିଜି ସେବାର ମଧ ଶୁଭାରମ୍ଭ କରାଯାଇଛି। ବିଶେଷକରି କମ୍ପାନୀ ଇନ୍ଦିରା ଗ୍ୟାସ ନାମରେ ତା'ର ବ୍ୟବସାୟ ଆରମ୍ଭ କରିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ୨୦୨୧ ଜାନୁୟାରୀରେ ପ୍ରତିଷ୍ଠା ହୋଇଥିବା ବେଳେ କମ୍ପାନୀ ଉଭୟ ଡୋମେଷ୍ଟିକ ଏବଂ କର୍ମସିଆଲ ବର୍ଗରେ ଏଲପିଜି ସିଲିଣ୍ଡର ଗ୍ରାହକଙ୍କୁ ଯୋଗାଇ ଦେଉଛି। ଘରୋଇ ବର୍ଗରେ ୧୪ କିଗ୍ରା ଏବଂ ବାଣିଜ୍ୟିକ ବର୍ଗରେ ୫କିଗ୍ରା, ୧୨କିଗ୍ରା ଏବଂ ୧୭ କିଗ୍ରା ବିଶିଷ୍ଟ ଏଲପିଜି ସିଲିଣ୍ଡର ଉପଲବ୍ଧ ରହିଛି। ଏ ସମ୍ପର୍କରେ ଇନ୍ଦିରା ଗ୍ୟାସ ଆଣ୍ଡ୍ ପେଟ୍ରୋଲିୟମ ପ୍ରାଇଭେଟ ଲିମିଟେଡର ଓଡ଼ିଶା ମୁଖ୍ୟ ଅଞ୍ଜଳି ଅଗ୍ରୱାଲ କହିଛନ୍ତି, ସାରା ରାଜ୍ୟରେ ଡିଲର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏପରିକି ପ୍ରଥମ ପର୍ଯ୍ୟାୟରେ ୧୦୦ ଡିଲର ନିଯୁକ୍ତ ସାଙ୍ଗକୁ ଗ୍ରାହକ ସଂଯୋଗକୁ ମଧ ଗୁରୁତ୍ୱ ଦିଆଯାଉଛି। ସେହିପରି କମ୍ପାନୀ ବର୍ତ୍ତମାନ ସମୟରେ କୋଲକାତା ଓ ମଥୁରା ପ୍ଲାଣ୍ଟରୁ ଓଡ଼ିଶାକୁ ଗ୍ୟାସ ଯୋଗାଇ ଦେବ।

## ସାମ୍‌କୋ ଇଏଲ୍‌ଏସ୍‌ଏସ୍ ଟ୍ୟାକ୍ସ ସେଭର ଫଣ୍ଡ

ନୂଆଦିଲ୍ଲୀ,୬।୧୧

ସାମ୍‌କୋ ଇଏଲ୍‌ଏସ୍‌ଏସ୍ ଟ୍ୟାକ୍ସ ସେଭର ଫଣ୍ଡ ସମ୍ପତ୍ତି ସୃଷ୍ଟି ନିମନ୍ତେ ଏକ ଚମତ୍କାର ମାର୍ଗ ଭାବରେ ଇଏଲଏସଏସରେ ବାଧ୍ୟତାମୂଳକ ୩-ବର୍ଷ ଲକ୍-ଇନ୍-ପିରିଅଡ ସହ ଦକ୍ଷ ମିଡ-କ୍ୟାପ ଏବଂ ସ୍ମଲ-କ୍ୟାପ ବ୍ୟବସାୟର ଏକ ପୋର୍ଟଫୋଲିଓ ହେବ। ଆସନ୍ତାକାଲିର ସମ୍ପତ୍ତି ସୃଷ୍ଟିକାରୀ ହେବାକୁ ଉଚ୍ଚତର ସାମର୍ଥ୍ୟ ରଖୁଥିବା ତୃଣମୂଳସ୍ତରରେ ମଜଭୁତ ବ୍ୟବସାୟଗୁଡିକରେ ନିବେଶ ନିମନ୍ତେ ପୁଞ୍ଜିନିବେଶକଙ୍କୁ ସହାୟତା କରିବାକୁ ସାମ୍‌କୋ ଇଏଲଏସଏସ ଟ୍ୟାକ୍ସ ସେଭର ଫଣ୍ଡ ହେକ୍ସା ଶିଲଡ ଫ୍ରେମୱର୍କକୁ ବ୍ୟବହାର କରୁଛି, ଯାହା ଉଚ୍ଚମାନର ଦକ୍ଷ ଷ୍ଟକଗୁଡିକର ଏକ ଦୁନିଆ ବାଛି ପୃଥକ କରିବାକୁ ପ୍ରଯୁକ୍ତି ଦ୍ୱାରା ପରିଚାଳିତ ଏକ ସ୍ୱତନ୍ତ୍ର ରଣକୌଶଳ ହୋଇଛି। ଫଣ୍ଡ ପରିଚାଳନା ଟିମ ଏହି ନିବେଶଯୋଗ୍ୟ ଦୁନିଆରୁ କମ୍ପାନୀଗୁଡିକ ସମ୍ପର୍କରେ ବିଶ୍ଳେଷଣ କରି ତନ୍ମଧ୍ୟରୁ ନିବେଶ କରାଯାଉଥିବା ମୂଳଧନ ଉପରେ ଉଚ୍ଚ ଆଡଜଷ୍ଟେଡ ରିଟର୍ନ ପ୍ରଦାନକାରୀ ଅଭିବୃଦ୍ଧି ଆଧାରିତ ବ୍ୟବସାୟଗୁଡିକର ଏକ ପୋର୍ଟଫୋଲିଓ ନିର୍ମାଣ କରିବେ। ଏ ସମ୍ପର୍କରେ ସାମକୋ ଆସେଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡର ସିଆଇଓ ଉମେଶ କୁମାର ମେହଟା କହିଛନ୍ତି, ଆଜି ଆପଣ ନିବେଶ କରୁଥିବା ଲାର୍ଜ-କ୍ୟାପ ଷ୍ଟକଗୁଡିକ ଅତୀତରେ ମଧ ମିଡ-କ୍ୟାପ ରହିଥିଲା ଏବଂ ଏକ ମିଡ-କ୍ୟାପରୁ ଲାର୍ଜ-କ୍ୟାପରେ ରୂପାନ୍ତରିତ ହେବା ବ୍ୟବସ୍ଥାରେ ଜଣେ ନିବେଶକଙ୍କ ନିମନ୍ତେ ବିପୁଳ ସମ୍ପତ୍ତି ସୃଷ୍ଟି ହୋଇପାରିଛି। ସାମକୋ ଇଏଲ୍‌ଏସ୍‌ଏସ ଟ୍ୟାକ୍ସ ସେଭର ଫଣ୍ଡ ବଳରେ ଆମେ ଜଣେ ନିବେଶକଙ୍କୁ ଧାରା ୮୦ସି ଅଧୀନରେ ଟିକସ ସଞ୍ଚୟର ଫାଇଦା ଉପଭୋଗ କରିବାକୁ ସମର୍ଥ କରାଉଛୁ ଏବଂ ଅନ୍ୟୁନ ୩-ବର୍ଷ ଲକ୍-ଇନ୍ ଅବଧି ନିମନ୍ତେ ମିଡ ଓ ସ୍ମଲ-କ୍ୟାପ ବ୍ୟବସାୟର ଦକ୍ଷ ଅଭିବୃଦ୍ଧିରେ ନିବେଶ କରିବା ସୁଯୋଗ ପ୍ରଦାନ କରୁଛି।

## ନିରୋଜ ନାୟକଙ୍କୁ ହିରୋ ପ୍ଲେଜର ପୁରସ୍କାର

### ୧୫ ଗ୍ରାହକଙ୍କୁ ସୁନା ମୁଦ୍ରା, ୪୫ ଜଣଙ୍କୁ ରୁପା ମୁଦ୍ରା ପ୍ରଦାନ

ଭୁବନେଶ୍ୱର,୬।୧୧



ଚଳିତ ବର୍ଷର ପାର୍ବଣ ଅବସରରେ ଉତ୍କଳ କନିକା ଗ୍ୟାଲେରିଆ ମଲ୍ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଖୁସିୟୋଁ କା ତ୍ୟୋହାର'(ଲକି ଡ୍ର)ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଆ ଅଭିନେତା ଆକାଶ ଦାସ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲି ଡ୍ର'ର ବିଜେତା ନିରୋଜ ନାୟକଙ୍କୁ 'ହିରୋ ପ୍ଲେଜର' ପ୍ରଦାନ ସମେତ ଅନ୍ୟ ଭାଗ୍ୟଶାଳୀ ଗ୍ରାହକମାନଙ୍କୁ ମଧ ପୁରସ୍କୃତ କରିଥିଲେ। ସେହିପରି ଅମିତ୍ କୁମାର ସାହୁଙ୍କୁ ସୁନା କାନଫୁଲ, ରାଜଦୀପ୍ ଖଟୁଆଙ୍କୁ ଏଲଇଡି ଟିଭି, ଦେବାଶିଷ ନାୟକଙ୍କୁ ଫ୍ରିଜ୍, କୁମାର ଶତ୍ରୁଘନଙ୍କୁ ୱାଶିଂମେଶିନ୍ ଏବଂ ସୀତା ସୁବୁଦ୍ଧିଙ୍କୁ ମାଇକ୍ରୋୱେଭ୍ ସହ ଅନ୍ୟମାନଙ୍କୁ ମଧ ପୁରସ୍କାର ପ୍ରଦାନ କରାଯାଇଥିଲା। କେବଳ ସେତିକି ନୁହେଁ ଜେ ଆଣ୍ଡ ଟି ଜୁଏଲର୍ସ ପକ୍ଷରୁ ୧୫ଗ୍ରାହକଙ୍କୁ ୧ଗ୍ରାମ୍‌ର ସୁନା ମୁଦ୍ରା ଏବଂ ୪୫ଜଣଙ୍କୁ ୫ ଗ୍ରାମର ରୁପା ମୁଦ୍ରା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଲ୍‌ଡରର ପ୍ରତିଷ୍ଠାତା ସୁବାସ ଭୁରା, ଏମଡି ଶରଦ ବୈଦ ଏବଂ ନିର୍ଦ୍ଦେଶକ ଅମିତ୍ ବୈଦ, ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ର ନିର୍ଦ୍ଦେଶିକା ପୂର୍ଣ୍ଣିମା ବୈଦ, ମଲ୍‌ର ଜିଏମ କ୍ରିଷ୍ଣେନ୍ଦୁ ପଣ୍ଡିତ,ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଓଡ଼ିଶା ଭାଇସ୍ ପ୍ରେସିଡେଣ୍ଟ ଅନନ୍ତ ପଟ୍ଟନାୟକ, ଜେ ଆଣ୍ଡ ଟି ଜୁଏଲର୍ସର ନିର୍ଦ୍ଦେଶକ ସୁରେଶ ଚୌଧୁରୀ ଓ ମଧୁଶ୍ରୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ମଲ୍‌ର ମାର୍କେଟିଂ ମୁଖ୍ୟ ଦୁଲାଲ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

## ଜେକେ ଲକ୍ଷ୍ମୀ ସିମେଣ୍ଟର ୨ୟ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୬।୧୧

ଦେଶର ପ୍ରମୁଖ ସିମେଣ୍ଟ ନିର୍ମାତା କମ୍ପାନୀ 'ଜେକେ ଲକ୍ଷ୍ମୀ ସିମେଣ୍ଟ ଲିମିଟେଡ୍'ର ୨ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ବିକ୍ରି ଚଳିତ ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର (୨ୟ ତ୍ରୈମାସ) ଶେଷ ସୁଦ୍ଧା ୧୬% ବୃଦ୍ଧି ହୋଇ ୧୩୦୨.୬୫ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୧୧୧୮.୨୨ କୋଟି ଟଙ୍କା ହୋଇଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସରେ ଜେକେ ଲକ୍ଷ୍ମୀ ସିମେଣ୍ଟର ଲାଭ ଅନ୍ତର୍ଜାତୀୟ ଇନ୍ଧନ ମୂଲ୍ୟ ବୃଦ୍ଧି କାରଣରୁ ପ୍ରଭାବିତ ହୋଇଥିଲା। ତେବେ କମ୍ପାନୀ ପରିଚାଳନାଗତ ଦକ୍ଷତା, ପରିମାଣ, ପ୍ରଡକ୍ଟ ମିକ୍ସ ଓ ପ୍ରିମିୟମ ପ୍ରଡକ୍ଟ ବିକ୍ରି ବୃଦ୍ଧି କରି କିଛି ପରିମାଣରେ କ୍ଷତି ହ୍ରାସ କରିବାକୁ ମଧ ସକ୍ଷମ ହୋଇଛି। ଆଲୋଚ୍ୟ ତ୍ରୈମାସରେ କମ୍ପାନୀର ଇବିଆଇଡିଟିଏ ୧୬୦.୦୨ କୋଟି ଟଙ୍କା ରହିଛି, ଯାହା ଗତ ବର୍ଷର ସମାନ ସମୟ ମଧ୍ୟରେ ୧୭୮.୮୮ କୋଟି ଟଙ୍କା ଥିଲା। ସେହିପରି କମ୍ପାନୀର ପରିଚାଳନାଗତ ଲାଭ ହାର ୨ୟ ତ୍ରୈମାସରେ ୧୧% ହ୍ରାସ ହୋଇଛି। ପିବିଟି ମଧ ୮୯.୩୫ କୋଟି ଟଙ୍କାକୁ ହ୍ରାସ ପାଇଛି, ଯାହା ଗତ ବର୍ଷ ଏହି ସମୟ ମଧ୍ୟରେ ୧୦୮.୧୦ କୋଟି ଟଙ୍କା ଥିଲା। ଟିକସ ଓ ଅନ୍ୟାନ୍ୟ ବ୍ୟାପକ ଆୟ ପ୍ରଦାନ କରିବା ପରେ ଜେକେ ଲକ୍ଷ୍ମୀ ସିମେଣ୍ଟର ଲାଭ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ୫୯.୬୨ କୋଟି ଟଙ୍କାକୁ ହ୍ରାସ ପାଇଛି।

ଫୁରସତ୍

# ମିଲେନିୟାଲ୍‌ଙ୍କ ପସନ୍ଦ ଅନ୍‌ଲାଇନ୍ ବିବାହ

**ବିଶାଳ ସମାବେଶ, ସୁସ୍ୱାଦୁ ବ୍ୟଞ୍ଜନ, ସପ୍ତାହବ୍ୟାପୀ ବିଳାସପୂର୍ଣ୍ଣ ଉତ୍ସବ ଏବଂ ଅତିଥିଙ୍କ ଲମ୍ବା ତାଲିକା। କୋଭିଡ୍-୧୯ ମହାମାରୀ ପୂର୍ବରୁ ଭାରତୀୟ ବିବାହଗୁଡ଼ିକରେ ଏସବୁ ଅଗ୍ରାଧିକାର ଲାଭ କରୁଥିଲା। କିନ୍ତୁ ମହାମାରୀ ପରଠୁ ଏଥିରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଅନ୍‌ଲାଇନ୍ ୱେଡିଂ ପ୍ଲାଟଫର୍ମ, ୱେଡିଂଜ୍. ଇନ୍ ପକ୍ଷରୁ କରାଯାଇଥିବା ସଦ୍ୟ ସର୍ବେକ୍ଷଣରେ ବିବାହର ପରିବର୍ତ୍ତିତ ଧାରା ସମ୍ପର୍କରେ ଏହି ନୂଆ ତଥ୍ୟ ସାମ୍ନାକୁ ଆସିଛି।**

ନୂଆଦିଲ୍ଲୀ



୨୦୨୨ ଅକ୍ଟୋବରରେ କରାଯାଇଥିବା ଟ୍ରେଣ୍ଡ୍ ସର୍ଭେରୁ ଜଣାପଡ଼ିଛି ଯେ, ମିଲେନିୟାଲ୍ (୧୯୮୧-୧୯୯୬ ମଧ୍ୟରେ ଜନ୍ମିତ)ମାନେ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଜରିଆରେ ବିବାହ ବନ୍ଧନରେ ଆବଦ୍ଧ ହେବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ୨୬ରୁ ୪୧ ବର୍ଷ ବୟସ୍କ ଝିଅ, ପୁଅଙ୍କ ଅନ୍‌ଲାଇନ୍ ବିବାହ ଯୋଜନା ଦାମ୍ପତ୍ୟ ଜୀବନ କ୍ଷେତ୍ରରେ 'ଡିଜିଟାଇଜେଶନ୍'ର ମହତ୍ତ୍ୱକୁ ବଢ଼ାଇ ଦେଇଛି। ୱେଡିଂ ପ୍ଲାଟଫର୍ମର ବ୍ୟବହାରକୁ ନେଇ ଏହି ବର୍ଗର ଯୁବପିଢ଼ି ପୂର୍ବାପେକ୍ଷା ଅଧିକ ସଚେତନ ହେଲେଣି। ୬୩% ମିଲେନିୟାଲ୍ ପାରମ୍ପରିକ ଯୋଗସୂତ୍ର ମାଧ୍ୟମ ପରିବର୍ତ୍ତେ ଇଣ୍ଟରନେଟ୍ ଜରିଆରେ ବାହାହେବା ପାଇଁ ଯୋଜନା କରୁଛନ୍ତି। କାରଣ ଏହାଦ୍ୱାରା ପ୍ରିଭେସି ସୁରକ୍ଷିତ ରହିବା ସହ ଖର୍ଚ୍ଚ ଅଧିକ ହେବନାହିଁ ବୋଲି ସେମାନେ ମନେକରୁଛନ୍ତି। ପ୍ରାୟ ୭୦% ଯୁବପିଢ଼ି ଅନ୍‌ଲାଇନ୍ ମାଧ୍ୟମକୁ ବ୍ୟବହାର ଉପଯୋଗୀ ବିବେଚନା କରୁଛନ୍ତି। ୭୮ ପ୍ରତିଶତଙ୍କ ମତରେ ଅନ୍‌ଲାଇନ୍ ପ୍ଲାଟଫର୍ମଗୁଡ଼ିକ ଜରିଆରେ ସହଜ ଓ ସୁବିଧାରେ ବିବାହ ପାଇଁ ଉପଯୁକ୍ତ ସ୍ଥାନ ଉପଲବ୍ଧ। କ୍ୟାଟରିଙ୍ଗ୍, ଏଫ୍ ଆଣ୍ଡ ବି (ଫୁଡ୍ ଆଣ୍ଡ ବେଭରେଜ୍ ସର୍ଭିସ୍), ମନୋରଞ୍ଜନ ଓ ସାଜସଜ୍ଜା ସମ୍ପର୍କରେ ଅନ୍‌ଲାଇନ୍ ପ୍ଲାଟଫର୍ମଗୁଡ଼ିକରେ ସର୍ବାଧିକ ସର୍ଚ୍ଚ କରାଯାଇଛି। ବିବାହ କରିବାକୁ ଥିବା ଯୋଡ଼ି କ୍ୱାଣ୍ଟିଟି ଅପେକ୍ଷା କ୍ୱାଲିଟି ଉପରେ ବେଶି ଗୁରୁତ୍ୱ ଦେଉଛନ୍ତି। ସେମାନେ ଅତିଥି ତାଲିକା ଯଥାସମ୍ଭବ ଛୋଟ କରିବାକୁ ଚାହୁଁଥିବା ଏହି ସର୍ଭେରୁ ସାମ୍ନାକୁ ଆସିଛି।

୪୦% ଭାରତୀୟ କପଲ୍ କେବଳ ସେମାନଙ୍କ ବିବାହ ଦିନରେ ହିଁ ନିର୍ଦ୍ଦିଷ୍ଟ କେତେଜଣ ଗେଷ୍ଟ ଉପସ୍ଥିତ ରୁହନ୍ତୁ ବୋଲି ଚାହାନ୍ତି। ବଡ଼ଧରଣର ବିବାହ ସପକ୍ଷରେ ୨୩.୨ ପ୍ରତିଶତ ଆଗ୍ରହ ପ୍ରକାଶ କରୁଥିବାବେଳେ ବ୍ୟୟବହୁଳ ବିବାହ ସପକ୍ଷରେ ରହିଛନ୍ତି ୧୭.୬%। ଇଟାଲୀରେ ଅଭିନେତ୍ରୀ ଅନୁଷ୍କା ଶର୍ମା ଓ କ୍ରିକେଟର ବିରାଟ କୋହଲିଙ୍କ ବିବାହ ଶୈଳୀକୁ ଅଧିକାଂଶ ଯୁବତୀଯୁବକ ପସନ୍ଦ କରୁଛନ୍ତି। ଡେଷ୍ଟିନେଶନ୍ ଦୃଷ୍ଟିରୁ ଉପକୂଳ ରାଜ୍ୟ ଗୋଆ ହେଉଛି ବିବାହ ପାଇଁ ସର୍ବାଧିକ ପସନ୍ଦଯୋଗ୍ୟ ସ୍ଥାନ। ୱେଡିଂ ଇଣ୍ଡଷ୍ଟ୍ରିର ପରିବର୍ତ୍ତନଶୀଳ ଚାହିଦା ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ଏହି ପ୍ରୟାସ କରାଯାଇଥିଲା ବୋଲି ୱେଡିଂଜ. ଇନ୍ ବିଜ୍‌ନେସ୍ ହେଡ୍ ପ୍ରକାଶ କରିଛନ୍ତି।

## ସଚେତନତା ହିଁ ନିଦାନ

### ଜାତୀୟ କର୍କଟ ସଚେତନତା ଦିବସ

**କୌ**ଣସି ଶାରୀରିକ ସମସ୍ୟା ସୃଷ୍ଟି ହେବା ପୂର୍ବରୁ ଏନେଇ ସଚେତନ ହେବା ହିଁ ପ୍ରକୃତ ନିଦାନ ବୋଲି କୁହାଯାଇଥାଏ। ସମ୍ପ୍ରତି ଦେଶରେ କର୍କଟ, ଏକ ମାରାତ୍ମକ ସ୍ୱାସ୍ଥ୍ୟଗତ ସମସ୍ୟା ପାଲଟିଛି। ତେଣୁ ପ୍ରତିବର୍ଷ ନଭେମ୍ବର ୭ରେ ଭାରତରେ ଜାତୀୟ କର୍କଟ ସଚେତନତା ଦିବସ ଭାବେ ପାଳନ କରାଯାଇଥାଏ। ଏହି ଶାରୀରିକ ସମସ୍ୟା ସହିତ ଲଢ଼ିବା ପ୍ରାୟ ଅସମ୍ଭବ ହୋଇଥିବାବେଳେ ପ୍ରାଥମିକସ୍ତରରୁ ଚିକିତ୍ସା ଦ୍ୱାରା ଏହାକୁ ରୋକାଯାଇପାରିଥାଏ। ସେଥି ପାଇଁ ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଆବଶ୍ୟକତା ରହିଛି। ସେପ୍ଟେମ୍ବର ୨୦୧୪ରେ ଭାରତର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏହି ଦିବସ ପାଳନ ପାଇଁ ଘୋଷଣା କରାଯାଇଥିଲା। କର୍କଟ ଚିକିତ୍ସା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ରେଡିୟମ ଏବଂ ପୋଲୋନିୟମ ଆବିଷ୍କାର ମ୍ୟାଡାମ କ୍ୟୁରିଙ୍କ ଦ୍ୱାରା ହୋଇଥିଲା। ସେ ୧୮୬୭ ନଭେମ୍ବର ୭ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜନ୍ମ ଦିବସକୁ କର୍କଟ ସଚେତନା ଦିବସ ଭାବେ ଜାତୀୟସ୍ତରରେ ପାଳନ କରିବାକୁ ଭାରତ ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ।

# ସବୁଠୁ ଧନୀ ଠାକୁର

## ତିରୁପତି ମନ୍ଦିରରେ ୧୦ ଟନ୍ ସୁନା, ୧୫,୯୦୦ କୋଟି ଟଙ୍କା

ଅମରାବତୀ

ପ୍ରତିବର୍ଷ ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ବିଷ୍ଣୁପୀଠ ତିରୁପତି ମନ୍ଦିରକୁ କୋଟି କୋଟି ଭକ୍ତଙ୍କ ସମାଗମ ହୋଇଥାଏ। ମନୋବାଞ୍ଛା ପୂରଣ ନେଇ ଅନେକ ଭକ୍ତ ନିଜ ସକ୍ଷମ ଅନୁସାରେ ମନ୍ଦିରକୁ ଜମି, ସୁନା, ଅର୍ଥ ଆକାରରେ ଦାନ କରନ୍ତି। ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ପକ୍ଷରୁ ତିରୁପତି ପ୍ରଭୁଙ୍କ ସମ୍ପତ୍ତିକୁ ସାର୍ବଜନୀନ କରାଯାଇଛି। ତିରପତି ପ୍ରଭୁଙ୍କର ୧୦.୩ ଟନ୍ ସୁନା ସାଙ୍ଗକୁ ୧୫,୯୦୦ କୋଟି ଟଙ୍କା ଟ୍ରଷ୍ଟ ବିଭିନ୍ନ ବ୍ୟାଙ୍କରେ ଜମା ରଖିଛି। ଜମା ସୁନାର ବଜାର ମୂଲ୍ୟ ପାଖାପାଖି ୫,୩୦୦ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ମୋଟ ଉପରେ ମନ୍ଦିରରେ ୨.୨୬ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି। ୨୦୧୯ ସୁଦ୍ଧା ମନ୍ଦିର ପକ୍ଷରୁ ମୋଟ ୧୩,୦୨୫ କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କରେ ଫିକ୍ସ ଡିପୋଜିଟ୍ କରାଯାଇଥିବା ଟିଟିଡି କହିଛି। ସେହିପରି ଗତ ତିନିବର୍ଷ ମଧ୍ୟରେ ମନ୍ଦିର ସମ୍ପତ୍ତିରେ ୨,୯୦୦ କୋଟି ଟଙ୍କାର ବୃଦ୍ଧି ଘଟିଛି। ସେହିପରି ୨୦୧୯ରେ ତିରୁପତି ମନ୍ଦିରରେ ୭୩୩୯.୭୪ ଟନ୍ ସୁନା ରହିଥିବାବେଳେ ୨୦୨୦ରୁ ୨୦୨୨ ଭିତରେ ୨.୯ ଟନ୍ ସୁନା ଭକ୍ତ ମନ୍ଦିରକୁ ଦାନ କରିଛନ୍ତି। ତିରୁପତି ମନ୍ଦିରର ୭,୧୨୩ ଏକର ଜମି ଥିବାବେଳେ ଏହି ସବୁ ସମ୍ପତ୍ତି ମନ୍ଦିର ପକ୍ଷରୁ କରାଯାଉଥିବା ବ୍ୟବସାୟ ଏବଂ ଶିକ୍ଷାନୁଷ୍ଠାନ ଜରିଆରେ ଏକତ୍ର ହୋଇଥିବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।



## ଖବରଦାତାଙ୍କ ଇୟର୍‌ଫୋନ୍ ଚୋରିକଲା ଶୁଆ

### ଚୋରି ସମ୍ପର୍କରେ ରିପୋର୍ଟିଂ କରୁଥିଲେ



ନିକୋଲାସ୍ କ୍ରୁମ୍

ୱାଶିଂଟନ୍

ଚିଲି ଖବରଦାତା ନିକୋଲାସ୍ କ୍ରୁମ୍ ଚୋରି ସମ୍ପର୍କରେ ରିପୋର୍ଟିଂ କରୁଥିବାବେଳେ ଏକ ଶୁଆ ତାଙ୍କୁ ବିସ୍ମିତ କରିଦେଇଥିଲା। ଶୁଆଟି କ୍ରୁମ୍‌ଙ୍କ ଇୟର୍‌ଫୋନ୍‌କୁ ଚୋରିକରି ନେଇଥିବା କ୍ୟାମେରାରେ ବନ୍ଦୀ ଦୃଶ୍ୟରୁ ଜଣାପଡ଼ିଥିଲା। କ୍ରୁମ୍ ଟିଲିଭିଜନ୍ ଚ୍ୟାନେଲ୍ ପାଇଁ କାମ କରନ୍ତି। ନିକଟରେ ସେ ସାଣ୍ଟିଆଗୋ ଡେ ଚିଲିରେ ଲୋକଙ୍କ ସହ ସମ୍ପୃକ୍ତ ଅଞ୍ଚଳରେ ବଢ଼ିଥିବା ଚୋରି ସମ୍ପର୍କରେ ଆଲୋଚନ କରୁଥିଲେ। ଲାଇଭ୍‌ରେ ଥିବାବେଳେ ହଠାତ୍ ଏକ ଶୁଆ ଆସି ତାଙ୍କ କାନ୍ଧରେ ବସିଲା। ଶୁଆଟି ଅତି ଚତୁରତା ସହ କ୍ରୁମ୍‌ଙ୍କ କାନରୁ ଇୟର୍‌ଫୋନ୍ ଛଡ଼ାଇ ନେଇଥିଲା। ସାମ୍ବାଦିକ କ୍ରୁମ୍ ତା' ଥଣ୍ଟରୁ ଇୟର୍‌ଫୋନ୍ ଛଡ଼ାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପକ୍ଷୀଟି ଉଡ଼ିଯାଇଥିଲା। ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ଏହି ଭିଡିଓ୍ୱାଲ୍‌ର ମଜା ନେଉଛନ୍ତି ୟୁଜର୍ସ।

# ଗ୍ରହଣ-ପରାଗ: ବିଶ୍ୱାସ, ଅନ୍ଧବିଶ୍ୱାସ



ନିକୁଞ୍ଜ ବିହାରୀ ସାହୁ

''ଚାଇନାର ଲୋକମାନେ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଯଥାକ୍ରମେ ଗ୍ରହଣ କିମ୍ବା ପରାଗ ସମୟରେ ଏକ ଡ୍ରାଗନ ଗିଳି ଦେଉଥିବାର ବିଶ୍ୱାସ କରନ୍ତି। ସେହିପରି ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜର ଆଦିମ ଅଧିବାସୀମାନେ ଏହି ସମୟରେ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଆକାଶରେ କୁକୁର ହେଟାବାଘ ଭଳି କିଛି ବନ୍ୟଜୀବ ଭକ୍ଷଣ କରୁଥିବାର ବିଶ୍ୱାସ କରନ୍ତି। ସୁତରାଂ ସେମାନେ ଗ୍ରହଣ କିମ୍ବା ପରାଗ ସମୟରେ ଏହି ଜୀବମାନଙ୍କୁ ଘଉଡ଼ାଇବା ପାଇଁ ବାଜା ବଜେଇ ଆକାଶକୁ ତୀର ନିକ୍ଷେପ କରୁଥିଲେ।''






ଚଳିତ ବର୍ଷ ଅକ୍ଟୋବର ୨୫ରେ ଆଂଶିକ ସୂର୍ଯ୍ୟୋପରାଗ ପରେ ଏବେ ଏହି ମାସ ୮ ତାରିଖ ଅର୍ଥାତ୍ ମଙ୍ଗଳବାର ଦିନ ଭାରତକୁ ଏକ ଚନ୍ଦ୍ରଗ୍ରହଣ ଦୃଶ୍ୟ ହେବାକୁ ଯାଉଛି। ପ୍ରକୃତରେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ବିରଳ ମହାକାଶୀୟ ଘଟଣା। କୌଣସି ସୂର୍ଯ୍ୟୋପରାଗରେ ଚନ୍ଦ୍ର, ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଏକ ସରଳରେଖାରେ ଅବସ୍ଥାନ କରି ପୃଥିବୀୟ ଦୃଶ୍ୟରେ ସୂର୍ଯ୍ୟଙ୍କୁ କିଛି ସମୟ ପାଇଁ ଢାଙ୍କିଦିଏ। ସେହିପରି ଏକ ଚନ୍ଦ୍ରଗ୍ରହଣରେ ପୃଥିବୀ, ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ଏକ ସରଳରେଖାରେ ଅବସ୍ଥାନ କରୁଥିବାରୁ ପୃଥିବୀର ଛାୟା କିଛି ସମୟ ପାଇଁ ଚନ୍ଦ୍ର ଉପରେ ପଡ଼ିଥାଏ। ଏକ ସୂର୍ଯ୍ୟୋପରାଗ କେବଳ ଏକ ଅମାବାସ୍ୟା ତିଥିରେ ସଂଘଟିତ ହୋଇଥାଏ। ମାତ୍ର ସବୁ ଅମାବାସ୍ୟା କିମ୍ବା ପୂର୍ଣ୍ଣିମା ତିଥିରେ ଏହି ତିନି ମହାକାଶୀୟ ପିଣ୍ଡଙ୍କ ମଧ୍ୟରେ ଏକ-ସରଳରୈଖୀୟ ଅବସ୍ଥାନ ସମ୍ଭବ ହେଉ ନ ଥିବାରୁ ଯଥାକ୍ରମେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳି ନ ଥାଏ। କେବଳ କିଛି ବିଶେଷ ଅମାବାସ୍ୟା ଓ ପୂର୍ଣ୍ଣିମା ତିଥିରେ ହିଁ ଯଥାକ୍ରମେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳିଥାଏ। ସେଥିପାଇଁ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ବାସ୍ତବରେ ବିରଳ ମହାକାଶୀୟ ଘଟଣା। ଆମ ସମାଜରେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସମ୍ପର୍କରେ ବହୁ ବିଶ୍ୱାସ ଓ ଅନ୍ଧବିଶ୍ୱାସ ପ୍ରଚଳିତ ଅଛି।

**ପୁରାଣରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ:** ଆମ ପୁରାଣରେ ରାହୁ ଓ କେତୁ ନାମକ ଦୁଇ ଜଣ କ୍ଷୁଧିତ ଦାନବ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଯଥାକ୍ରମେ ଗିଳି ଦେଉଥିବାର ବିଶ୍ୱାସ ଅଛି। ପୁରାଣର ମତ ଅନୁସାରେ ଭଗବାନ ବିଷ୍ଣୁ ସମୁଦ୍ର ମନ୍ଥନରୁ ମିଳିଥିବା ଅମୃତକୁ ମୋହିନୀ ବେଶ ଧାରଣ କରି କେବଳ ଦେବତାମାନଙ୍କୁ ପରଷିଥିଲେ। ରାହୁ ଓ କେତୁ ନାମକ ଦୁଇ ଜଣ ଦାନବ ବିଷ୍ଣୁଙ୍କର ଏ କୌଶଳ ଜାଣିପାରି ଦେବତାମାନଙ୍କର ବେଶ ଧାରଣ କରି ଅମୃତ ପାନ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ସୂର୍ଯ୍ୟଦେବ ଓ ଚନ୍ଦ୍ରଦେବ ଏହା ଜାଣିପାରି ବିଷ୍ଣୁଙ୍କୁ ସୂଚନା ଦେବାରୁ ବିଷ୍ଣୁ ସଙ୍ଗେ ସଙ୍ଗେ ସୁଦର୍ଶନ ଚକ୍ର ପ୍ରେରଣ କରି ଏହି ଦୁଇ ରାକ୍ଷସଙ୍କର ଶିର ଛେଦନ କରିଥିଲେ। ଅଥଚ ଆଂଶିକ ଅମୃତ ପାନ କରିଥିବାରୁ ଏ ଦୁଇ ଦାନବଙ୍କ ସମ୍ପୂର୍ଣ୍ଣ ମୃତ୍ୟୁ ହେଲା ନାହିଁ ଏବଂ ସେମାନେ କେବଳ ଗଣ୍ଡି ବିହୀନ ମୁଣ୍ଡ ରୂପେ ବଞ୍ଚି ରହିଲେ। ସେହିଦିନଠାରୁ ରାହୁ ଓ କେତୁ ନାମକ ଏହି ଦୁଇ ଦାନବ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଉପରେ ରାଗ ରଖି ଯଥାକ୍ରମେ ପରାଗ ଓ ଗ୍ରହଣ ସମୟରେ ସେମାନଙ୍କୁ ଗିଳି ଦେଉଥିବାର ବିଶ୍ୱାସ ଅଛି। ମାତ୍ର ସେମାନଙ୍କର ଗଳା କଟା ଯାଇଥିବାରୁ ସୂର୍ଯ୍ୟ ଓ ଚନ୍ଦ୍ର ପୁଣି କିଛି ସମୟ ପରେ ଗଳା ଦେଇ ନିର୍ଗତ ହେଉଥିବାରୁ ଗ୍ରହଣ ଓ ପରାଗର ଅବସାନ ଘଟେ।

ସେହିପରି ମହାଭାରତ ଯୁଦ୍ଧରେ ସୂର୍ଯ୍ୟଙ୍କୁ କିଛି ସମୟ ଚକ୍ର ଉହାଡ କରି ଭଗବାନ ଶ୍ରୀକୃଷ୍ଣ ଏକ କୃତ୍ରିମ ସନ୍ଧ୍ୟାର ଆଗମନ କରାଇଥିଲେ। ଏହାର ସୁଯୋଗ ନେଇ ପାଣ୍ଡବ ବୀର ଅର୍ଜୁନ ନିଜର ପୁତ୍ରହନ୍ତା ଜୟଦ୍ରଥକୁ ବଧ କରିଥିଲେ। ପ୍ରକୃତରେ ଭଗବାନ ଶ୍ରୀକୃଷ୍ଣ ଏହି କୃତ୍ରିମ ସନ୍ଧ୍ୟାର ସୂତ୍ରପାତ ନିମନ୍ତେ ସତେବେଳେ ଦୃଷ୍ଟିଗୋଚର ହେଉଥିବା ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗର ସାହାଯ୍ୟ ନେଇଥିବାର ବିଶ୍ୱାସ କରାଯାଏ।

**ଇତିହାସରେ ଚନ୍ଦ୍ରଗ୍ରହଣ:** ଇଟାଲୀୟ ନାବିକ ଖ୍ରୀଷ୍ଟୋଫର କଲମ୍ବସଙ୍କ ଅଭିଯାତ୍ରୀ ଦଳ ୧୪୯୪ ଖ୍ରୀଷ୍ଟାବ୍ଦରେ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ ଜାମାଇକାରେ ପହଞ୍ଚିଥିଲେ। ମାତ୍ର ସେଠାକାର ଆଦିମ ଅଧିବାସୀମାନେ ଏହି ଶ୍ୱେତାଙ୍ଗ ଆଗନ୍ତୁକମାନଙ୍କୁ ହତାଦର କଲେ। ଏଥିରେ କ୍ରୋଧାନ୍ୱିତ ହୋଇ କଲମ୍ବସ ଆଦିମ ଅଧିବାସୀମାନଙ୍କର ପ୍ରିୟ ଦେବତା ଚନ୍ଦ୍ରଙ୍କୁ ସେଦିନ ରାତିରେ ଲୁଚାଇ ଦେବାର ଘୋଷଣା କଲେ। ସତକୁ ସତ ସେଦିନ ରାତିରେ ନିର୍ଦ୍ଧାରିତ ସମୟରେ ଏକ କଳା ବାଦଲ ଆସି ଚନ୍ଦ୍ରକୁ ଢାଙ୍କି ପକେଇଲା। ଆଦିମ ଅଧିବାସୀମାନେ ନିଜର ପ୍ରିୟ ଦେବତା ଚନ୍ଦ୍ରଙ୍କର ଏ ଦୁର୍ଦ୍ଦଶା ଦେଖି କାତର ହୋଇ ଚନ୍ଦ୍ରଙ୍କର ପୂର୍ବ ତେଜ ଫେରାଇ ଦେବା ପାଇଁ କଲମ୍ବସଙ୍କୁ ପ୍ରାର୍ଥନା କଲେ। କଲମ୍ବସ ସନ୍ତୁଷ୍ଟ ହୋଇ ନିର୍ଦ୍ଦେଶ ଦେବାରୁ ଚନ୍ଦ୍ରଙ୍କର ପୂର୍ବ ତେଜ କିଛି ସମୟ ପରେ ପୁଣି ଫେରି ଆସିଥିଲା। ଆଦିମ ଅଧିବାସୀମାନେ କଲମ୍ବସଙ୍କର ଏହି ଅଲୌକିକ ଘଟଣାରେ ଶଙ୍କିତ ହୋଇ କଲମ୍ବସଙ୍କୁ ଦେବତା ତୁଲ୍ୟ ମଣି ପୂଜା କରିଥିଲେ। ମାତ୍ର କଲମ୍ବସ ଯେ ଏ ଅଲୌକିକ ଘଟଣା ପାଇଁ ଏକ ପ୍ରାକୃତିକ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣର ସାହାଯ୍ୟ ନେଇଥିଲେ ତାହା ଆଦିମ ଅଧିବାସୀଙ୍କର ଅଜ୍ଞତାରେ ରହିଗଲା।

**ସମାଜରେ ବିଶ୍ୱାସ ଓ ଅନ୍ଧବିଶ୍ୱାସ:** ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ ଜନଜୀବନ ପାଇଁ ହାନିକାରକ ହୋଇଥିବାରୁ ଏହି ସମୟରେ ପଦାକୁ ବାହାରିବାକୁ ସାଧାରଣତଃ ମନା କରାଯାଏ। ଏ ସମୟରେ ଖାଦ୍ୟ ଗ୍ରହଣ ତଥା ଭୋଜନ ନିଷେଧ କରାଯାଏ। ପରାଗଗ୍ରସ୍ତ ସୂର୍ଯ୍ୟକିରଣ ଗର୍ଭବତୀର ଗର୍ଭସ୍ଥ ଶିଶୁ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ବୋଲି ବିଶ୍ୱାସ ଅଛି। ଏ ସମୟରେ ମନ୍ଦିରରେ ପୂଜାର୍ଚ୍ଚନା ବନ୍ଦ ତଥା ପ୍ରଚଳିତ ଦେବନୀତିରେ ପରିବର୍ତ୍ତନ କରାଯାଏ। ଏ ସମୟରେ ମଧ୍ୟ ବନ୍ଧୁମିଳନ ତଥା ଦୂରଯାତ୍ରା ନିଷେଧ କରାଯାଇଥାଏ। ଗ୍ରହଣ କିମ୍ବା ପରାଗ ସରିଗଲେ ନଦୀ କିମ୍ବା ପୁଷ୍କରିଣୀରେ ମଧ୍ୟ ସ୍ନାନ କରିବା ବିଧି ପ୍ରଚଳିତ ଅଛି।

**ବିଭିନ୍ନ ସଭ୍ୟତାରେ ବିଶ୍ୱାସ:** ଚାଇନାର ଲୋକମାନେ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଯଥାକ୍ରମେ ଗ୍ରହଣ କିମ୍ବା ପରାଗ ସମୟରେ ଏକ ଡ୍ରାଗନ ଗିଳି ଦେଉଥିବାର ବିଶ୍ୱାସ କରନ୍ତି। ସେହିପରି ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜର ଆଦିମ ଅଧିବାସୀମାନେ ଏହି ସମୟରେ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଆକାଶରେ କୁକୁର ହେଟାବାଘ ଭଳି କିଛି ବନ୍ୟଜୀବ ଭକ୍ଷଣ କରୁଥିବାର ବିଶ୍ୱାସ କରନ୍ତି। ସୁତରାଂ ସେମାନେ ଗ୍ରହଣ କିମ୍ବା ପରାଗ ସମୟରେ ଏହି ଜୀବମାନଙ୍କୁ ଘଉଡାଇବା ପାଇଁ ବାଜା ବଜେଇ ଆକାଶକୁ ତୀର ନିକ୍ଷେପ କରୁଥିଲେ।

ସମାଜରେ ପ୍ରଚଳିତ ଏସବୁ ବିଶ୍ୱାସ ଓ ଅନ୍ଧବିଶ୍ୱାସ ପଛରେ କିନ୍ତୁ କୌଣସି ବୈଜ୍ଞାନିକ ଯଥାର୍ଥତା ନାହିଁ। ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ ପ୍ରକୃତରେ ମହାକାଶୀୟ ଘଟଣାବଳୀ ଏବଂ ଏହା ସହିତ କୌଣସି ପାର୍ଥିବ ଘଟଣାର ସମ୍ପର୍କ ନାହିଁ। ସୁତରାଂ ପ୍ରକୃତିର ଏ ଅଲୌକିକ ଉନ୍ମୋଚନ ସମୟରେ ଆମେ ଡରି ନ ଯାଇ ପ୍ରକୃଷ୍ଟ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ସହିତ ଏ ଅଫୁରନ୍ତ ଘଟଣାକୁ ନିରାପଦ ମାଧ୍ୟମରେ ଅବଲୋକନ ସହିତ ଉପଭୋଗ କରିବା ଉଚିତ।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

# ଟେନସନ୍ ଦୂର କରିବ ରୋବୋ



ଆଜିକାଲିର ଧାଁ ଧପଡ ଜୀବନରେ ଅନେକେ ଟେନସନର ବଶବର୍ତ୍ତୀ ହୋଇଥାଆନ୍ତି। ଏଭଳି ସମସ୍ୟାର ସମ୍ମୁଖୀନ ହେଲେ ତାହାକୁ ନେଇ ଚିନ୍ତା କରିବା ଅପେକ୍ଷା କିପରି ସେଥିରୁ ଶୀଘ୍ର ମୁକୁଳିବେ ସେ ନେଇ ଭାବନ୍ତୁ। ନିକଟରେ ଏପରି ଏକ ରୋବୋ ପ୍ରସ୍ତୁତ କରାଯାଇଛି ଯାହା ବିଶେଷଭାବରେ ଟେନସନଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ। ସମ୍ପୃକ୍ତ ବ୍ୟକ୍ତି ଉକ୍ତ ରୋବୋ ସାମନାରେ ବସି ସ୍କ୍ରିନ୍ ଅନ୍ କରିବା ପରେ ତାହା ଉପରେ ମନକୁ ହାଲୁକା କରିବା ଭଳି ଅନେକ ବାର୍ତ୍ତା ଦେଖିବାକୁ ପାଇବେ। ଏପରି କି ସେହି ରୋବୋରେ ଏଭଳି କିଛି ଗୀତ ରହିଛି ଯାହାକୁ ଶୁଣିବା ପରେ ଟେନସନର ଶିକାର ହୋଇଥିବା ବ୍ୟକ୍ତିର ମାନସିକତା ଖୁସିରେ ଭରିଯିବ। ତା'ସହ ଏକ ଟେନସନମୁକ୍ତ ଜୀବନ ବିଷୟରେ ବ୍ୟକ୍ତି ଜଣକ ଏହି ରୋବୋ ସହ କଥା ହୋଇପାରିବେ। ଏଭଳି ଏକ ସ୍ମାର୍ଟ ରୋବୋକୁ ସିଡନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରସ୍ତୁତ କରିଛନ୍ତି।

# ସୁସ୍ଥ ଶରୀର ଓ ରାତ୍ରଭୋଜନ



ଆମେ ସୁସ୍ଥ ତଥା ନୀରୋଗ ରହିବାକୁ ହେଲେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ସହ ରୁଟିନ ମୁତାବକ ଜୀବନଯାପନ କରିବା ଦରକାର। ଆମ ଶରୀର ପାଇଁ କେବଳ ବ୍ରେକଫାଷ୍ଟ କିମ୍ବା ମଧ୍ୟାହ୍ନ ଭୋଜନ ନୁହେଁ, ରାତ୍ରଭୋଜନ ବା ଡିନରର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସବୁବେଳେ ଏହି ଭୋଜନର ତାଲିକାରେ ହାଲୁକା ଖାଦ୍ୟ ସାମିଲ କରନ୍ତୁ। ରାତିରେ ଏଭଳି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହୋଇଯିବ। ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ କଥା ରହିଛି। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କଲେ ତାହା ସ୍ୱାସ୍ଥ୍ୟ ପାଇଁ ହିତକର ସାବ୍ୟସ୍ତ ହୋଇଥାଏ। କେବଳ ସେତିକି ନୁହେଁ, ରାତିରେ ଖାଇ ସାରିବା ପରେ କିଛି ସମୟ ଚଲାବୁଲା କରନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ। ଖାଇବା ପରେ ପରେ ଶୋଇବାକୁ ଯିବା ଅଭ୍ୟାସ ଥିଲେ ତାହାକୁ ପରିବର୍ତ୍ତନ କରନ୍ତୁ। ଆଉ ଏକ କଥା-ରାତିରେ କଦାପି ପୂରା ପେଟ ଖାଆନ୍ତୁ ନାହିଁ।

# ସକ୍ରିୟ ରହିବ ପାଚନ କ୍ରିୟା

ଯଦି ଆମର ପାଚନ କ୍ରିୟା ଅସନ୍ତୁଳିତ ରହିଲା ତେବେ ଆମେ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଉ। ତେବେ ଏହାକୁ ସକ୍ରିୟ ରଖିବା ଲାଗି ଥିବା ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ତାହା କ'ଣ ଜାଣନ୍ତି ?



ପାଚିଲା କଦଳୀ। ଯଦି ଜଣେ ବ୍ୟକ୍ତି ନିମୟିତ ପାଚିଲା କଦଳୀ ଖାଆନ୍ତି ତେବେ ତାଙ୍କର ପାଚନ କ୍ରିୟା ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିବ ବୋଲି ଡେନମାର୍କ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି। କେବଳ ସେତିକି ନୁହେଁ ପାଚିଲା କଦଳୀ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ। ଫାଇବର ଏବଂ କ୍ୟାଲସିୟମର ଅନ୍ୟତମ ଉତ୍ସ ହେଉଛି ପାଚିଲା କଦଳୀ। ଏହାକୁ ନିୟମିତ ଖାଇଲେ ତାହା ହୃତ୍‌ପିଣ୍ଡ ବା ହାର୍ଟକୁ ସୁସ୍ଥ ରଖିଥାଏ ବୋଲି ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି। କୋଷ୍ଠକାଠିନ୍ୟ ସମସ୍ୟାକୁ କେତେକାଂଶରେ ଦୂର କରିଥାଏ ପାଚିଲା କଦଳୀ।

## ସ୍ୱାସ୍ଥ୍ୟ ସୂଚନା

- ଆମେ ନିଜ ସ୍ୱାସ୍ଥ୍ୟ ପ୍ରତି ଆଦୌ ଅବହେଳା କରିବା ଠିକ୍ ନୁହେଁ। କେତେକେ କିଛି ରୋଗର କାରଣକୁ ଗୁରୁତର ସହ ନିଅନ୍ତି ନାହିଁ। ଫଳରେ ପରବର୍ତ୍ତୀ ସମୟରେ ସେମାନେ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ କୌଣସି ରୋଗର କାରଣକୁ ଜାଣିବା ପରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସା କରାଇ ନିଅନ୍ତୁ।
- ଯଦି ବ୍ୟାୟାମ କରୁଛନ୍ତି, ତେବେ ଏହାକୁ ଆରମ୍ଭ କରିବାର ଅତିକମ୍‌ରେ ୧୦ ମିନିଟ୍ ପୂର୍ବରୁ ପାଣି ପିଅନ୍ତୁ।
- ସବୁବେଳେ ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତୁ। ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଯଦି ଖାଆନ୍ତି ତେବେ ତାହା ପେଟଜନିତ ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି।
- ଡାକ୍ତର ପ୍ରେସକ୍ରିପସନରେ ଉଲ୍ଲେଖ କରିଥିବା ମେଡିସିନ୍ ମନକୁ ମନ ବଦଳାଇ ଦିଅନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- କୌଣସି ରୋଗ ବିଷୟରେ ବିଷଦ ଭାବରେ ନ ଜାଣି ସେ ସମ୍ପର୍କରେ କାହାକୁ ଉପଦେଶ ଦେବା ଠିକ୍ ନୁହେଁ।
- ଯଦି ଅସୁସ୍ଥ ଲାଗୁଛି ତେବେ ସେଦିନ ବ୍ୟାୟାମ କରନ୍ତୁ ନାହିଁ। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ବ୍ୟାୟାମ କଲେ କିଛି କ୍ଷତି ନାହିଁ।
- ଯଦି ଅଫିସରେ କାମ କରୁଛନ୍ତି ତେବେ ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରୁହନ୍ତୁ ନାହିଁ। କିଛି ସମୟ ଅନ୍ତରାଳରେ ଟିକେ ଚଲାବୁଲା କଲେ ଅଣ୍ଟାଜନିତ ସମସ୍ୟା ଦେଖାଯିବାର ଆଶଙ୍କା କମ୍ ରହିଛି।



# ଲିଭର କ୍ୟାନ୍ସର



ଡା. ନୀତିଶ ରଞ୍ଜନ ଆଚାର୍ଯ୍ୟ

ଯକୃତ୍ (ଲିଭର) ହେଉଛି ଏକ ଫୁଟବଲ୍ ଆକାରର ଅଙ୍ଗ, ଯାହା ଆପଣଙ୍କ ପେଟର ଉପର ଡାହାଣ ଭାଗରେ ବସିଥାଏ। ଯକୃତ୍‌ରେ ଦେଖାଯାଉଥିବା ସବୁଠାରୁ ସାଧାରଣ ପ୍ରକାରର କର୍କଟ ହେଉଛି ହେପାଟୋସେଲୁଲାର୍ କରସିନୋମା, ଯାହା ହେପାଟୋସାଇଟ୍ ନାମକ ପ୍ରାଥମିକ ପ୍ରକାରର ଯକୃତ୍ କୋଷରୁ ଆରମ୍ଭ ହୁଏ। ଯକୃତ୍ କୋଷରେ ଆରମ୍ଭ ହେଉଥିବା କର୍କଟ ଅପେକ୍ଷା ଯକୃତ୍‌ରେ ବ୍ୟାପିଥିବା କର୍କଟ ଅଧିକ ଦେଖାଯାଏ। ଏହାକୁ ଯକୃତ୍ କର୍କଟ ପରିବର୍ତ୍ତେ ମେଟାଷ୍ଟାଟିକ୍ କର୍କଟ ମଧ୍ୟ କୁହାଯାଏ।

**ଲକ୍ଷଣ** : ପ୍ରାଥମିକ ଯକୃତ୍ କର୍କଟ ରୋଗର ପ୍ରାରମ୍ଭିକ ଅବସ୍ଥାରେ କେତେକ ଲକ୍ଷଣ ରହିଛି। କେତେକଙ୍କଠାରେ ବେଳେବେଳେ ଲକ୍ଷଣ ପ୍ରକାଶ ପାଇ ନ ଥାଏ। ହେଲେ ପରୀକ୍ଷା ସମୟରେ ସେମାନେ ଯକୃତ୍ କ୍ୟାନ୍‌ସରରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ। ଏହାର ପ୍ରମୁଖ ଲକ୍ଷଣଗୁଡିକ ମଧ୍ୟରେ ରହିଛି- ଓଜନ ହ୍ରାସ, ଭୋକ କମିବା, ପେଟର ଉପର ଯନ୍ତ୍ରଣା, ବାନ୍ତି ଏବଂ ବାନ୍ତି ସାଧାରଣ ଦୁର୍ବଳତା ଏବଂ ଥକ୍କା, ପେଟ ଫୁଲିବା, ଚର୍ମର ହଳଦିଆ ରଙ୍ଗ ଏବଂ ଆଖିର ଧଳା ରଙ୍ଗ (ଜଣ୍ଡିସ୍) ଏବଂ ଧଳା, ଚକ୍କର ଷ୍ଟୁଲ।

**କାରଣ** : ଯକୃତ୍ କର୍କଟ ଦ୍ୱାରା ଆକ୍ରାନ୍ତ ହେଲେ ଏହାର କୋଷଗୁଡ଼ିକ ସେମାନଙ୍କର ଡିଏନଏରେ ପରିବର୍ତ୍ତନ ସୃଷ୍ଟି କରନ୍ତି। ଏପରି ପରିବର୍ତ୍ତନ ଦ୍ୱାରା ଯକୃତ୍ କୋଷଗୁଡିକ ନିୟନ୍ତ୍ରଣରୁ ବଢ଼ି ଶେଷରେ ଏକ ଟ୍ୟୁମର୍ ସୃଷ୍ଟି କରେ। ଏହି ଟ୍ୟୁମର ହେଉଛି କର୍କଟ କୋଷର ଏକ ବଡ଼ ଅଂଶ। ବେଳେବେଳେ ଯକୃତ୍ କର୍କଟ ରୋଗର କାରଣ କ୍ରନିକ୍ ହେପାଟାଇଟିସ୍ ସଂକ୍ରମଣ ସାଜିଥାଏ।



HBV କିମ୍ବା HCV ସହିତ କ୍ରନିକ ସଂକ୍ରମଣ, ହେପାଟାଇଟିସ୍ 'ବି' ଜୀବାଣୁ (HBV) କିମ୍ବା ହେପାଟାଇଟିସ୍ 'ସି' ଜୀବାଣୁ (HCV) ସହିତ କ୍ରନିକ୍ ସଂକ୍ରମଣ ଯକୃତ୍ କର୍କଟ ହେବାର ଆଶଙ୍କା ସୃଷ୍ଟି କରିଥାଏ। ସିରୋସିସ୍ ଯକୃତ୍‌ରେ ସ୍କାର୍ ଟିସୁ ସୃଷ୍ଟି କରେ ଏବଂ ଯକୃତ୍ କର୍କଟ ହେବାର ଆଶଙ୍କାକୁ ବଢ଼ାଇ ଦିଏ। କେତେକ ଉତ୍ତରାଧିକାରୀ ଯକୃତ୍ ରୋଗରେ ପୀଡ଼ିତ ଥାଆନ୍ତି। ଏହା ମଧ୍ୟ ବେଳେବେଳେ ଯକୃତ୍ କ୍ୟାନ୍‌ସରର କାରଣ ହୋଇଥାଏ। ଯେଉଁମାନେ ଡାଇବେଟିସ୍ ସମସ୍ୟା ସହ ଜଡ଼ିତ ସେମାନଙ୍କଠାରେ ଯକୃତ୍ କର୍କଟ ହେବାର ଆଶଙ୍କା ଅଧିକ ଥାଏ। ମଦ୍ୟପାନ କରିବା ଦ୍ୱାରା ଯକୃତ୍‌ରେ ଚର୍ବି ଜମା ହୋଇଥାଏ। ଏହା ମଧ୍ୟ ଯକୃତ୍ କର୍କଟ ହେବାର ଆଶଙ୍କାକୁ ବଢ଼ାଇଥାଏ।

ପ୍ରାଥମିକ ଯକୃତ୍ କର୍କଟ ରୋଗର ଚିକିତ୍ସା ରୋଗର ପରିମାଣ (ପର୍ଯ୍ୟାୟ) ଏବଂ ଆପଣଙ୍କ ବୟସ, ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ପସନ୍ଦ ଉପରେ ନିର୍ଭର କରେ। ଯକୃତ୍ କର୍କଟ ରୋଗର ଚିକିତ୍ସା ପାଇଁ ଅପରେଶନ ମଧ୍ୟ କରାଯାଇଥାଏ। କାରଣ ଟ୍ୟୁମରକୁ ବାହାର କରିବା ପାଇଁ ଏପରି ପ୍ରଣାଳୀ ଅନୁସରଣ କରାଯାଏ।

**ଯକୃତ ପ୍ରତିରୋପଣ** : ଯକୃତ୍ ପ୍ରତିରୋପଣ ଅସ୍ତ୍ରୋପଚାର ସମୟରେ ଆପଣଙ୍କର ରୋଗଗ୍ରସ୍ତ ଯକୃତ୍‌କୁ ବାହାର କରାଯାଇଥାଏ ଏବଂ ଏକ ଦାତାଙ୍କଠାରୁ ଏକ ସୁସ୍ଥ ଯକୃତ ସହିତ ବଦଳାଯାଇଥାଏ। ଲିଭର ଟ୍ରାନ୍ସପ୍ଲାଣ୍ଟ ସର୍ଜରି କେବଳ ଅଳ୍ପ ପ୍ରତିଶତ ଯକୃତ୍ କର୍କଟ ରୋଗୀଙ୍କ ପାଇଁ ଏକ ବିକଳ୍ପ।

ଯକୃତ କର୍କଟ ପାଇଁ ସ୍ଥାନୀୟ ଚିକିତ୍ସା ବିକଳ୍ପଗୁଡ଼ିକ ମଧ୍ୟରେ ରହିଛି କର୍କଟ କୋଷ ଗରମ କରିବା, ରେଡିଓଫ୍ରିକ୍ୱେନ୍ସି ଆବ୍ଲେସନ୍ ଦ୍ୱାରା କର୍କଟ କୋଷକୁ ଗରମ କରିବା ପାଇଁ ଅନ୍ୟ ପ୍ରଣାଳୀ ମାଇକ୍ରୋୱେଭ୍ କିମ୍ବା ଲେଜର ବ୍ୟବହାର ଏବଂ କର୍କଟ କୋଷଗୁଡ଼ିକୁ ଫ୍ରିଜ୍ କରିବା ଆଦି ପ୍ରଣାଳୀ। ଯକୃତ୍‌ରେ କେମୋଥେରାପି ଔଷଧ, ଇଞ୍ଜେକ୍ସନ ମଧ୍ୟ ଦିଆଯାଇଥାଏ। କେମୋମ୍ବୋଲାଇଜେସନ୍ ହେଉଛି ଏକ ପ୍ରକାର କେମୋଥେରାପି ଚିକିତ୍ସା, ଯାହା ଯକୃତ୍‌କୁ ସିଧାସଳଖ କର୍କଟ ବିରୋଧୀ ଔଷଧ ଯୋଗାଇଥାଏ। ଉନ୍ନତ ଯକୃତ୍ କର୍କଟ ପାଇଁ ବିକିରଣ ଚିକିତ୍ସା ଲକ୍ଷଣକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିପାରେ।

**ଟାର୍ଗେଟେଡ୍ ଔଷଧ ଚିକିତ୍ସା** : ଉନ୍ନତ ଯକୃତ୍ କର୍କଟ ରୋଗର ଚିକିତ୍ସା ପାଇଁ ଅନେକ ଟାର୍ଗେଟେଡ୍ ଔଷଧ ଉପଲବ୍ଧ। ପଲ୍ଲିଏଟିଭ୍ କେୟାର ହେଉଛି ବିଶେଷ ଚିକିତ୍ସା ସେବା ସମୟରେ ଯକୃତ କର୍କଟ ଜନିତ ଯନ୍ତ୍ରଣା ଏବଂ ଜଣ୍ଡିସରୁ ମୁକ୍ତି ପ୍ରଦାନ ଉପରେ ଧ୍ୟାନ ଦିଆଯାଏ।

**ପ୍ରତିରୋଧ** : ସିରୋସିସ୍ ଯକୃତ୍‌ର କ୍ଷତ ଚିହ୍ନ ଅଟେ ଏବଂ ଏହା ଯକୃତ୍ କର୍କଟ ହେବାର ଆଶଙ୍କାକୁ ବଢ଼ାଇ ଦେଇଥାଏ। ତେଣୁ ସିରୋସିସ୍ ହେବାର ଆଶଙ୍କା କମ୍ କରନ୍ତୁ। ସିରୋସିସ୍ ହେବାର ଆଶଙ୍କା ହ୍ରାସ କରିବା ପାଇଁ ମଦ୍ୟପାନରୁ ଦୂରେଇ ରୁହନ୍ତୁ, କାରଣ ଏହା ଯକୃତ୍ କୋଷକୁ ନଷ୍ଟ କରି ସିରୋସିସ୍ ସୃଷ୍ଟି କରିଥାଏ। ଓଜନକୁ ସବୁବେଳେ ସନ୍ତୁଳିତ ରଖନ୍ତୁ। ହେପାଟାଇଟିସ୍ 'ବି' ଏବଂ ହେପାଟାଇଟିସ୍ 'ସି' ଟିକା ଠିକ୍ ସମୟରେ ନିଅନ୍ତୁ। ନିରାପଦ ଯୌନ ଜୀବନ ଅନୁସରଣ କରିବା ସହ ଦୂଷିତ ଛୁଞ୍ଚି ଆଦୌ ବ୍ୟବହାର କରନ୍ତୁ ନାହିଁ।

-କନସଲଟାଣ୍ଟ, ସର୍ଜିକାଲ ଅନ୍‌କୋଲୋଜି, ଏଚ୍.ସି.ଜି. ପଣ୍ଡା କ୍ୟାନ୍‌ସର ହସ୍‌ପିଟାଲ, କଟକ

# ଶୁଟ୍‌ଆଉଟରେ ସ୍ପେନ୍‌କୁ ହରାଇଲା ଭାରତ

ଭୁବନେଶ୍ୱର, ୬।୧୧ (କ୍ରୀଡ଼ା ପ୍ରତିନିଧି)

### ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଭାରତ ପେନାଲ୍ଟି ଶୁଟ୍‌ଆଉଟରେ ସ୍ପେନ୍‌କୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ଭାରତ ୩ଟି ଗୋଲ ଦେଇଥିବାବେଳେ ସ୍ପେନ୍ ଗୋଟିଏ ଗୋଲ ସ୍କୋର କରି ପାରିଥିଲା। ଭାରତ ବିଜୟରେ ହିରୋ ବିବେଚିତ ହୋଇଥିଲେ ଗୋଲ କିପର କ୍ରିଷ୍ଣନ ବାହାଦୂର ପାଠକ। ସେ ପୂରା ମ୍ୟାଚରେ ଏବଂ ଶୁଟ୍‌ଆଉଟରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଉଭୟ ଦଳ ମଧ୍ୟରେ ପ୍ରଥମ ମୁକାବିଲାରେ ସ୍ପେନ୍ ୩-୨ ଗୋଲରେ ବିଜୟୀ ହୋଇଥିଲା। ଏଥିରେ ବିଜୟୀ ହୋଇ ଭାରତ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। କଳିଙ୍ଗରେ ଭାରତ ମୋଟ ୪ ମ୍ୟାଚ ଖେଳିଥିବାବେଳେ ୩ଟି ଜିତିଛି ଓ ଗୋଟିଏ ହାରିଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୨ଟି ଯାକ ମ୍ୟାଚ ଜିତିଥିଲା। ଅନ୍ୟପକ୍ଷରେ ସ୍ପେନ୍ ସମାନ ସଂଖ୍ୟକ ମ୍ୟାଚଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ସ୍ୱାଦ ଚାଖିଛି।



ସ୍ପେନ୍ ବିପକ୍ଷରେ ଗୋଲ ହେବାପରେ ଉଲ୍ଲସିତ ଭାରତୀୟ ଖେଳାଳି। (ଫଟୋ: ବିକାଶ ନାୟକ)

### ଅଗ୍ରଣୀ ଦେଲା ହରମନପ୍ରୀତ୍‌ଙ୍କ ଡ୍ରାଗ୍‌ଫ୍ଲିକ୍

ପ୍ରୋ ଲିଗ୍‌ର ଚଳିତ ସିଜନରେ କଳିଙ୍ଗରେ ଏହାଥିଲା ଶେଷ ମ୍ୟାଚ। ତେଣୁ ଓଡ଼ିଶା ଦର୍ଶକ ଭରପୂର ଷ୍ଟାଡିୟମରେ ଉପସ୍ଥିତ ରହି ମ୍ୟାଚକୁ ଉପଭୋଗ କରିଥିଲେ। ପ୍ରଥମ କ୍ୱାର୍ଟରରେ ମଧ୍ୟ ଭାରତ ଉତ୍ସାହୀ ପ୍ରଦର୍ଶନ କରିଥିଲା। ସ୍ପେନ୍ ଯଦିଓ ମ୍ୟାଚର ପ୍ରଥମ ୩ ମିନିଟରେ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା ତେବେ ଭାରତୀୟ ରକ୍ଷଣଭାଗ ଏହାକୁ ସଫଳତାର ସହ ପ୍ରତିହତ କରିଥିଲେ। ଭାରତ ୯ମ ମିନିଟରେ ପେନାଲ୍ଟି କର୍ନର ମିସ୍ କରିଥିଲେ ହେଁ ୧୨ତମ ମିନିଟରେ ଅଧିନାୟକ ହରମନପ୍ରୀତ ସିଂଙ୍କ ଡ୍ରାଗ୍‌ଫ୍ଲିକ୍ ଗୋଲ ଜରିଆରେ ଅଗ୍ରଣୀ ହାସଲ କରିଥିଲା। ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଭାରତ ୧-୦ ଗୋଲରେ ଅଗଣୀ ରହିଥିଲା।

### ସ୍ପେନ୍‌ର ଜୋରଦାର ଉଦ୍ୟମ

ଦ୍ୱିତୀୟ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ସ୍ପେନ୍ ଜୋରଦାର ଉଦ୍ୟମ କରିଥିଲା। ୧୭ତମ ମିନିଟରେ ପେନାଲ୍ଟି କର୍ନର ଜରିଆରେ ଦଳ ସୁଯୋଗ ମଧ୍ୟ ପାଇଥିଲା। ମାତ୍ର ଶଟ୍ ଅତି ଦୁର୍ବଳ ଥିଲା। ୨୨ତମ ମିନିଟରେ ମନପ୍ରୀତ ସିଂଙ୍କ ଫାଉଲ ଯୋଗୁ ସ୍ପେନ୍‌କୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ପୂର୍ବପରି ଏଥର ମଧ୍ୟ ଭାରତୀୟ ରକ୍ଷଣଭାଗ ଏହାକୁ ମଧ୍ୟ ସଫଳତାର ସହ ପ୍ରତିହତ କରିଥିଲେ। ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରଖି ଭାରତ ପ୍ରତିପକ୍ଷ ସ୍ପେନ୍‌କୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇ ନ ଥିଲା।

### ପାଠକଙ୍କ ଚମତ୍କାର ସେଭ୍

ପଟ ପରିବର୍ତ୍ତନ ସହ ଭାରତ ଆକର୍ଷଣୀୟ ଖେଳ ଅବ୍ୟାହତ ରଖିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୨ତମ ମିନିଟରେ ଦଳ ପେନାଲ୍ଟି କର୍ନର ହାସଲ କରିଥିଲା। ସିଧାସଳଖ ଗୋଲ ହୋଇପାରି ନ ଥିଲେ ହେଁ ଭଲ ଭେରିଏଶନ ମଧ୍ୟରେ ହରମନପ୍ରୀତ୍ ସିଂଙ୍କ ଡ୍ରାଗ୍‌ଫ୍ଲିକ୍ ସ୍ପେନ୍ ଗୋଲକିପର ମାରିଓ ଗାନିନଙ୍କୁ ଚକ୍‌ମା ଦେଇ ଗୋଲପୋଷ୍ଟର ଲେଫ୍ଟ କର୍ନରରେ ନେଟ୍ ସ୍ପର୍ଶ କରିଥିଲା। ଫଳରେ ଭାରତର ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚିଥିଲା। ସ୍ପେନ୍ ୩୩ ଓ ୩୭ତମ ମିନିଟରେ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଭାରତୀୟ ଗୋଲକିପର କ୍ରିଷ୍ଣନ ବାହାଦୂର ପାଠକ ୨ ଥରଯାକ ଚମତ୍କାର ସେଭ୍ କରିଥିଲେ। ୪୩ତମ ମିନିଟରେ ପ୍ରଥମେ ଦଳ ବିଫଳ ହୋଇଥିଲେ ହେଁ ଦ୍ୱିତୀୟ ଉଦ୍ୟମରେ ଅଧିନାୟକ ମାର୍କ ମିରାଲେସଙ୍କଦ୍ୱାରା ଗୋଟିଏ ଗୋଲ ପରିଶୋଧ କରିଥିଲା।

### ଭାରତୀୟ ରକ୍ଷଣଭାଗରେ ତ୍ରୁଟି

ଅନ୍ତିମ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ତୀବ୍ର ହୋଇଥିଲା। ଭାରତୀୟ ରକ୍ଷଣଭାଗରେ ଏକାଧିକଥର ତ୍ରୁଟିରୁ ଫାଇଦା ନେଇଥିଲା ସ୍ପେନ୍। ୭ ମିନିଟ ମଧ୍ୟରେ ୩ଟି ପେନାଲ୍ଟି କର୍ନର ପାଇଥିଲା। ଏଥିରୁ ଗୋଲ ହୋଇପାରି ନ ଥିଲେ ହେଁ ୫୫ତମ ମିନିଟରେ ପେରେ ଅମତଙ୍କ ଫିଲ୍ଡ ଗୋଲ ବଳରେ ସ୍ପେନ୍ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ୫୮ତମ ମିନିଟରେ ଗୋଟିଏ ଏବଂ ୫୯ତମ ମିନିଟରେ ଦଳ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଏହାର ସଦୁପଯୋଗ କରିପାରି ନ ଥିଲା। ଏହି କ୍ୱାର୍ଟରରେ ଭାରତ ୬ଟି ପେନାଲ୍ଟି କର୍ନର ବରଣ କରିଥିଲା। ମ୍ୟାଚରେ ଭାରତ ମାତ୍ର ୩ଟି ତୁଳନାରେ ସ୍ପେନ୍ ୧୪ଟି ପେନାଲ୍ଟି କର୍ନର ପାଇଥିଲା।

# ପ୍ରମୋଦଙ୍କୁ ସ୍ୱର୍ଣ୍ଣ, ରୌପ୍ୟ

### ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍

ଟୋକିଓ, ୬।୧୧ (ପି.ଟି.)

ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱଚାମ୍ପିୟନଶିପ୍‌ରେ ପାରାଲିମ୍ପିକ ଚାମ୍ପିୟନ ଓଡ଼ିଶାର ପ୍ରମୋଦ ଭଗତ ଏବଂ ଉଦୀୟମାନ ଖେଳାଳି ମନିଶା ରାମାଦାସ ଚାମ୍ପିୟନ ହୋଇଛନ୍ତି। ଏଥିସହିତ ଭାରତ ଚାମ୍ପିୟନଶିପ୍‌ରେ ମୋଟ ୧୬ ପଦକ ହାସଲ କରିପାରିଛି। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ନିଜ ଦେଶର ନୀତେଶ କୁମାରଙ୍କୁ ୨୧-୧୯, ୨୧-୧୯ରେ ପରାସ୍ତ କରି ତାଙ୍କୁ ଏସ୍‌ଏଲ୍-୩ ଟାଇଟଲ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ପୁରୁଷ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ତାଙ୍କ ଡବଲ୍ସ ପାର୍ଟନର ମନୋଜ ସରକାର ୨୧-୧୪, ୧୮-୨୧, ୧୩-୨୧ରେ ଇଣ୍ଡୋନେସିଆର ହିକ୍‌ମତ୍ ରାମ୍‌ଦାନୀ ଓ ଉକୁନ ରୁକେଣ୍ଡି ଯୋଡ଼ିଙ୍କଠାରୁ ୨୧-୧୪, ୧୮-୨୧, ୧୩-୨୧ରେ ହାରି ରୌପ୍ୟ ପଦକ ପାଇଛନ୍ତି। ମହିଳା ସିଙ୍ଗଲ୍ସ ଏସ୍‌ୟୁ-୫ ଫାଇନାଲରେ ଚେନ୍ନାଇର ୧୭ ବର୍ଷୀୟା ରାମାଦାସ ସ୍ଥାନୀୟ ଷ୍ଟାର ଖେଳାଳି ମାମିକୋ ଟୋୟୋଡାଙ୍କୁ ୨୧-୧୫, ୨୧-୧୫ରେ ହରାଇ ଦେଇଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ବର୍ତ୍ତମାନ ଭଗତଙ୍କ ପଦକ ସଂଖ୍ୟା ୧୧ରେ ପହଞ୍ଚିଛି। ତନ୍ମଧ୍ୟରେ ତାଙ୍କର ୬ ସ୍ୱର୍ଣ୍ଣ, ୨ରୌପ୍ୟ ୩ ବ୍ରୋଞ୍ଜ ପଦକ ରହିଛି। ୨୦୦୭ ଓ ୨୦୧୭ ବିଶ୍ୱ ଚାମ୍ପିୟନଶିପ୍ ବ୍ୟତୀତ ସେ ଅନ୍ୟ ସମସ୍ତ ସଂସ୍କରଣ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରମୋଦ କହିଛନ୍ତି ପୁଣି ବିଶ୍ୱ ଚାମ୍ପିୟନ ହୋଇଥିବାରୁ ସେ ଖୁବ୍ ଆନନ୍ଦିତ। ଚଳିତ ବର୍ଷ ତାଙ୍କ ପାଇଁ ଖୁବ୍ ଭଲ ରହିଛି। ଆଉ ଏକ ମାଇଲଖୁଣ୍ଟ ସହ ସିଜନ ଶେଷ କରିବା ବହୁତ ଭଲ ବୋଲି ସେ କହିଛନ୍ତି।



# ଶୁଟ୍‌ଆଉଟ ରୋମାଞ୍ଚ

ଭୁବନେଶ୍ୱର, ୬।୧୧ (କ୍ରୀଡ଼ା ପ୍ରତିନିଧି)

ଭାରତ-ସ୍ପେନ୍ ହକି ପ୍ରୋ ଲିଗ୍ ମ୍ୟାଚ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ବରାବର ରହିବାରୁ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏଥିରେ ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂ, ଅଭିଷେକ ଓ ରାଜ କୁମାର ପାଲ ଗୋଲ ଦେଇଥିଲେ। ସମଶେର ସିଂଙ୍କ ପାଦରେ ବଲ୍ ବାଜିଥିବାରୁ ସ୍କୋର କରିଥିବା ଗୋଲଟି ରେଫରାଲରେ ନାକଚ ହୋଇ ଯାଇଥିଲା। ଅମ୍ପାୟର ଗୋଲ ଦେଇଥିଲେ ହେଁ ସ୍ପେନ୍ ଗୋଲକିପର ରେଫରାଲ ମାଗିଥିଲେ। ସ୍ପେନ୍ ପକ୍ଷରୁ କେବଳ ଗେରାର୍ଡ କ୍ଲାପେସ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ରାଫେଲ ଭିଲାଲୋଙ୍ଗା ଓ ଅଧିନାୟକ ମାର୍କ ମିରାଲେସ ମିସ୍ କରିଥିଲେ। ଭାରତ ଗୋଲକିପର କ୍ରିଷ୍ଣନ ବାହାଦୂର ପାଠକ ସ୍ପେନ୍ ଖେଳାଳିଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇଥିଲେ। ଚଳିତ ଲିଗ୍‌ରେ ସ୍ପେନ୍ କ୍ରମାଗତ ଦ୍ୱିତୀୟ ମ୍ୟାଚରେ ଶୁଟ୍‌ଆଉଟ ପରାଜୟ ବରଣ କରିଛି। ଶନିବାର ଦଳ ସମାନ ପରିସ୍ଥିତିରେ ନ୍ୟୁଜିଲାଣ୍ଡଠାରୁ ହାରିଥିଲା।




# କଳିଙ୍ଗରେ ଶେଷ ମ୍ୟାଚକୁ ଉପଭୋଗ କଲେ ଭରପୂର ଦର୍ଶକ

ଭୁବନେଶ୍ୱର, ୬।୧୧ (କ୍ରୀଡ଼ା ପ୍ରତିନିଧି)

ଚଳିତ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ସିଜନରେ କଳିଙ୍ଗ ଷ୍ଟାଡିୟମରେ ରବିବାର ଥିଲା ଶେଷ ମ୍ୟାଚ। ଏଥିରେ ସ୍ପେନ୍‌କୁ ଭେଟିଥିଲା ଭାରତ। ହକିପ୍ରେମୀ ଭାରତୀୟ ଦର୍ଶକ ଷ୍ଟାଡିୟମରେ ଭରପୂର ସଂଖ୍ୟାରେ ଉପସ୍ଥିତ ଥିଲେ। ଭାରତୀୟ ଦଳର ବିଭିନ୍ନ ମୁଭ୍ ସମୟରେ ସେମାନେ ଖେଳାଳିଙ୍କୁ କୋଳାହଳ ମାଧ୍ୟମରେ ଉତ୍ସାହିତ ମଧ୍ୟ କରିଥିଲେ। ଏଥିରେ ପ୍ରଥମାର୍ଦ୍ଧରେ ଭାରତୀୟ ଦଳର ପ୍ରଦର୍ଶନ ମଧ୍ୟ ବେଶ୍ ଉତ୍ସାହପ୍ରଦ ରହିଥିଲା। ୨ କ୍ୱାର୍ଟର ଶେଷରେ ଅର୍ଥାତ୍ ପ୍ରଥମାର୍ଦ୍ଧରେ ଦର୍ଶକମାନେ ନିଜ ମୋବାଇଲ ଲାଇଟ୍ ଅନ୍‌କରି ପରିବେଶକୁ ଅଧିକ ରଙ୍ଗୀନ କରିଥିଲେ। ବଲିଉଡ୍ ଏବଂ ଓଲିଉଡ୍ ସଙ୍ଗୀତର ତାଳେତାଳେ ଦର୍ଶକମାନେ ଝୁମିଥିଲେ। ଅନ୍ୟ ମ୍ୟାଚ ଗୁଡ଼ିକ ଭଳି ଏଥିରେ ମଧ୍ୟ ସ୍କୁଲ ପିଲାଙ୍କୁ ଖେଳ ଦେଖିବାର ସୁଯୋଗ ଦିଆ ଯାଇଥିଲା। ଭାରତ ଓ ସ୍ପେନ୍ ଦୁଇ ଶକ୍ତିଶାଳୀ ଦଳ ହୋଇଥିବାରୁ ସେମାନେ ଅନେକ କିଛି ଶିଖିବାର ସୁଯୋଗ ପାଇଥିଲେ। ବିଶେଷ କରି ହକିକୁ କ୍ୟାରିୟର କରୁଥିବା କିମ୍ବା କରିବାକୁ ଚାହୁଁଥିବା ପିଲାଙ୍କ ପାଇଁ ମ୍ୟାଚ ଉପାଦେୟ ହୋଇଥିଲା।


ମେଲବୋର୍ନରେ ରବିବାର ଅନୁଷ୍ଠିତ ଜିମ୍ବାୱେ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ ମ୍ୟାଚରେ ଶଟ୍ ଖେଳିବା ଅବସରରେ ଭାରତର ସୂର୍ଯ୍ୟକୁମାର ଯାଦବ।

### ବାଜି ରାଉତ କପ୍ ଜାତୀୟ ଫୁଟବଲ

# ଗୋଆ-ରାଜସ୍ଥାନ ଫାଇନାଲ

ଅନୁଗୋଳ ଅଫିସ, ୬।୧୧

ଅନୁଗୋଳ କଦମ ପଡ଼ିଆରେ ବାଜି ରାଉତ କପ୍ ଜାତୀୟ ଫୁଟବଲ ଟୁର୍ନାମେଣ୍ଟର ୨ଟି ସେମି ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ଗୋଆର ଚର୍ଚ୍ଚିଲ ବ୍ରଦର୍ସ ୫-୧ ଗୋଲ୍‌ରେ ମୁମ୍ବାଇ କେଂକ୍ରେ ଫୁଟ୍‌ବଲ କ୍ଲବକୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ରାଜସ୍ଥାନ ୟୁନାଇଟେଡ୍ ଫୁଟବଲ କ୍ଲବ ୩-୦ ଗୋଲରେ ତେଲଙ୍ଗାନାର ଶ୍ରୀନିଧି ଡେକାନକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୮ ତାରିଖରେ ତାଳଚେର ସାଉଥ୍ ବଲଣ୍ଡା ବ୍ଲକ୍ ଡାଇମଣ୍ଡ ପଡ଼ିଆରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିପୂର୍ବରୁ ସୋମବାର ଓଡ଼ିଶା ଏକାଦଶ ସହ ଆସାମର ବୋଡୋଲ୍ୟାଣ୍ଡ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ 'ଆମେ ଓଡ଼ିଆ ଫାଉଣ୍ଡେଶନ୍ ଟ୍ରଷ୍ଟ' ତରଫରୁ ସୂଚନା ଦିଆଯାଇଛି।

ଗୋଆ ଏବଂ ମୁମ୍ବାଇ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ଥିଲା। ପ୍ରଥମେ ମୁମ୍ବାଇ ଦଳ ଗୋଟିଏ ସ୍କୋର କରି ଆଗୁଆ ହୋଇଥିଲା। ତେବେ ଏହାପରେ ଲୟକୁ ଫେରିଥିବା ଗୋଆ ୫ ଗୋଲ କରି ମୁମ୍ବାଇକୁ କୌଣସି ସୁଯୋଗ ଦେଇ ନ ଥିଲା। ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିବା ଗୋଆର ଅବ୍ଦୁଲାଏ ସାନେଙ୍କୁ 'ମ୍ୟାନ୍ ଅଫ୍ ଦ ମ୍ୟାଚ୍' ଘୋଷଣା କରାଯାଇଥିଲା। ଅନ୍ୟପଟେ ଦ୍ୱିତୀୟ ମ୍ୟାଚ୍‌ରେ ରାଜସ୍ଥାନ ପ୍ରଭାବୀ ପ୍ରଦର୍ଶନ କରି ଏକତରଫା ବିଜୟ ହାସଲ କରିଥିଲା। ଦଳର ଅଧିନାୟକ ମାର୍ଟିନ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଭୟଙ୍କୁ ୨୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ପ୍ରଥମ ସେମିରେ କେନ୍ଦୁଝର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି, ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଦ୍ୱିତୀୟ ସେମିରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ କ୍ରିକେଟର ଦେବାଶିଷ ମହାନ୍ତି ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ଅଶୋକ ମହାନ୍ତି, ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ, ଅନୁଗୋଳ ବାଜି ରାଉତ କପ୍ କମିଟି ସଭାପତି ବସନ୍ତ ଦାସ, ସମ୍ପାଦକ ବୀରେନ୍ ସାମଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥାପିକା ତଥା ଅଭିନେତ୍ରୀ ଶୋଭନା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମୁମ୍ବାଇ-ଗୋଆ ଓ ରାଜସ୍ଥାନ-ତେଲଙ୍ଗାନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

### ଓଡ଼ିଶା-ଆସାମ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଆଜି




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ତୁର୍ଲି ଗ୍ରାମରେ ସୁନ୍ଦରାକାଣ୍ଡ ପାଠ

ଖଡ଼ିଆଲ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ନେହେନା ପଞ୍ଚାୟତ ତୁର୍ଲି ଗ୍ରାମରେ କାର୍ତ୍ତିକ ମାହାତ୍ମ୍ୟ ପୁରାଣ ପାଠ ଅବସରରେ ସୁନ୍ଦରାକାଣ୍ଡ ପାଠ ଅନୁଷ୍ଠିତ ହୋଇଯାଇଛି। ନୀଳାମ୍ବର ବାଗଙ୍କ ତତ୍ତ୍ୱାବଧାନ ଓ କର୍ତ୍ତା ପ୍ରେମ ବାଗ ଏବଂ ବୁଧେ ବାଗଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପାରାୟଣ ଗାୟିକା ସବିତା ମେହେର ସୁନ୍ଦରାକାଣ୍ଡ ପାଠ କରିଥିବା ବେଳେ ବିଭୂତି ଭୂଷଣ ବିଶି ମଞ୍ଚ ପରିଚାଳନା କରିଥିଲେ। ବାଦ୍ୟଯନ୍ତ୍ରରେ ତବଲାରେ ମାଧବ କାଣ୍ଡ, କି ବୋର୍ଡରେ ଟଙ୍କଧର ମାଝି, ପେଡରେ କୁଶ ପୋଡ଼ ଓ ଝୁମକାରେ ଗିରିଧାରୀ ଗହୀର ସହଯୋଗ କରିଥିଲେ। ରଙ୍କପାଣି ଦାଣ୍ଡସେନା ଭଜନ ଗାନ କରିଥିଲେ।

### ସଂକ୍ଷେପରେ

## ରାସ୍ତାରେ ଗଜରାଜ, ୮ଘଣ୍ଟା ଯାତାୟାତ ବ୍ୟାହତ



ରାସ୍ତାରେ ମଝିରେ ଗଜରାଜ ରହିଛି।

ଭବାନୀପାଟଣା,୬।୧୧(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ଥୁଆମୂଳ ରାମପୁର ରାସ୍ତାରେ ଏବେ ଗଜରାଜଙ୍କ ରାଜ ଦେଖିବାକୁ ମିଳିଛି। ଫଳରେ ଏଥିପାଇଁ ଅନେକ ସମୟରେ ଯାତ୍ରୀ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ନିଯୁକ୍ତ ଥିବା ଏଲିଫ୍ୟାଣ୍ଟ ସ୍କ୍ୱାଡ୍‌ଙ୍କ ସମେତ ବନ କର୍ମଚାରୀଙ୍କ ଦେଖାମିଳୁନାହିଁ। ଅନେକ ସମୟରେ ରାସ୍ତାରେ ହାତୀ ଥିବାରୁ ଲୋକେ ଭୟରେ ଏହି ରାସ୍ତା ଦେଇ ଯିବାକୁ ଭୟ କରୁଛନ୍ତି। ହାତୀକୁ ଘଉଡାଇବା ସହ ଗତିବିଧି ଉପରେ ନଜର ରଖିବାକୁ ବନ ବିଭାଗ ପକ୍ଷରୁ ଏଲିଫ୍ୟାଣ୍ଟ ସ୍କ୍ୱାଡ୍‌ଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ଏହି ଟିମ ମଧ ଠିକ ସୂଚନା ଲୋକଙ୍କ ପାଖରେ ପହଞ୍ଚାଇ ପାରୁନାହିଁ। ଫଳରେ ଅନେକ ସମୟରେ ହାତୀ ମଣିଷ ମୁହାଁମୁହିଁ ହେବାର ଦୃଶ୍ୟ ଦେଖିବାକୁ ମିଳୁଛି। ଏଭଳି ଦୃଶ୍ୟ ପୁଣି ଦେଖିବାକୁ ମିଳିଛି ରବିବାର ପ୍ରତ୍ୟୁଷରେ। କର୍ଲାପାଟ ଅଭୟାରଣ୍ୟ ମଧରେ ଥିବା ଫୁର୍ଲି ଝରଣ ଜଳପ୍ରପାତ ନିକଟରେ ହାତୀ ଓ ମଣିଷ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ଘଟଣା ସ୍ଥଳରେ ଏଲିଫ୍ୟାଣ୍ଟ ସ୍କ୍ୱାଡ୍ କିମ୍ବା ବନ କର୍ମଚାରୀ ନ ଥିବା ବେଳେ ଯାତ୍ରୀ ହାତୀ ଘଉଡାଇବା ପାଇଁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ରାସ୍ତା ଉପରେ ହାତୀ ଥିବା ଯୋଗୁ ଭବାନୀପାଟଣା-ଥୁଆମୂଳ ରାମପୁରକୁ ଦୀର୍ଘ ୮ ଘଣ୍ଟା ଧରି ଯାତାୟାତ ଠପ ରହିଥିଲା। ଫଳରେ କିଛି ସ୍ଥାନୀୟ ଯୁବକ ଆସି ହାତୀ ଘଉଡାଇବା ପରେ ଗମନାଗମନ ସ୍ୱାଭାବିକ ହୋଇଥିବା ଜଣାପଡିଛି। ଗଜରାଜଙ୍କୁ ଘଉଡାଇବା ପାଇଁ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଦେଖା ନ ମିଳିବା ଫଳରେ ଲୋକଙ୍କ ଜୀବନ ପ୍ରତି ବିପଦ ମଧ ରହିଛି। ଏହାକୁ ନେଇ ଜନସାଧାରଣଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

## ନାଳ ପାଇଁ ସମସ୍ୟା ଭୋଗୁଛନ୍ତି ପଡ଼ାବାସୀ

- ରୋଗୀଙ୍କୁ ଖଟିଆରେ ବୋହି ନାଳ ପାର କରାଯାଏ
- ଅଙ୍ଗନୱାଡି କେନ୍ଦ୍ର, ପୋଲ ନିର୍ମାଣ ଦାବି
- ମୌଳିକ ସୁବିଧାରୁ ବଞ୍ଚିତ ଟିକରପଡ଼ାବାସୀ



ଲୋକେ ନାଳ ପାଣିରେ ପାର ହେଉଛନ୍ତି।

ନୂଆପଡ଼ା ଅଫିସ,୬।୧୧

କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ଏହିସବୁ ଯୋଜନା ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ପଞ୍ଚାୟତରୁ ଜିଲାସ୍ତର ପର୍ଯ୍ୟନ୍ତ ଅଧିକାରୀ ଓ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ସେମାନଙ୍କ ଅବହେଳା ଯୋଗୁ ସବୁ ଯୋଜନା ଫେଲ ହୋଇଯାଉଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନା ଉପରେ ସରାକାର ଅଧିକ ଗୁରୁତ୍ୱ ଦେଇ ଯୋଜନା ପ୍ରଣୟନ କରୁଥିବା ବେଳେ ତାହା ଉପାନ୍ତ ଆଦିବାସୀ ଅଞ୍ଚଳଗୁଡିକୁ ପହଞ୍ଚି ପାରୁନାହିଁ। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ନୂଆପଡା ସଦର ବ୍ଲକ ଭାନପୁର ପଞ୍ଚାୟତ ଟିକରପଡାବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ୩୦୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟ ବିଶିଷ୍ଟ ଗାଁରେ ୩୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବାସ କରନ୍ତି। ଗାଁରେ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ କୁନିକୁନି ପିଲାମାନେ ପ୍ରାକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଯେଉଁଠାରୁ ପିଲାଙ୍କ ପ୍ରାକ୍ ଶିକ୍ଷା ଆରମ୍ଭ ହୋଇଥାଏ। ତାହା ହେଉ ନାହିଁ କିମ୍ବା ପୁଷ୍ଟିକର ଖାଦ୍ୟ ପାଉନାହାନ୍ତି। ଅପୁଷ୍ଟିକର ରୋଗର ଶିକାର ହେବାର ଆଶଙ୍କା ରହିଛି। ଗାଁକୁ ଯିବା ପାଇଁ ଭଲ ରାସ୍ତା ନାହିଁ। ଯିବା ବାଟରେ ଏକ ନାଳା ପଡେ। ଖରାଦିନେ ଚଳିଯାଏ। ହେଲେ ବର୍ଷାଦିନରେ ନାଳରେ ବହୁତ ପାଣି ବୋହୁଥିବାରୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ପଡ଼ାବାସୀ। ଏହି ରାସ୍ତା ଦେଇ କୌଣସି ଯାନବାହନ ଯିବା କଷ୍ଟକର। କୌଣସି ଲୋକ ରୋଗରେ ପଡିଲେ, ଖଟିଆରେ କିମ୍ବା ଭାରରେ ବୋହି ନାଳ ପାର କରିବାକୁ ପଡିଥାଏ। ନାଳା ପାର ହେବା ପରେ ଗାଡିରେ ଚିକିତ୍ସାଳୟକୁ ନେଇଥାନ୍ତି। ଏହି ଅସୁବିଧା ଯୋଗୁ ଅନେକ ଜୀବନ ଚାଲି ଗଲାଣି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁରେ ଅନେକ ବୃଦ୍ଧା, ବୃଦ୍ଧ, ଦିବ୍ୟାଙ୍ଗ, ବିଧବା ଥାଇ ମଧ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇରହିଛନ୍ତି। ଗାଁରେ ଅଙ୍ଗନୱାଡି କେନ୍ଦ୍ର, ସବୁ ଦିନିକିଆ ପକ୍କା ରାସ୍ତା, ନାଳ ଉପରେ ପୋଲ ପାଇଁ ବାରମ୍ବାର ଦାବି କରିବା ପରେ ମଧ୍ୟ କୌଣସି ପଦାଧିକାରୀ ଗୁରୁତ୍ୱ ଦେଉନାହାନ୍ତି। ଏଥିପାଇଁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ହେମାକାନ୍ତ ସାଏଙ୍କୁ ପଚାରିବାରୁ ଆମେ ସରକାରଙ୍କ ସମସ୍ତ ଯୋଜନା ଲୋକ ପାଖକୁ ପହଞ୍ଚାଇବା ପାଇଁ ଚେଷ୍ଟା କରୁଛୁ। ଆଗାମୀ ଦିନରେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## କେନାଲ ପରିଦର୍ଶନ କଲେ ବିଭାଗୀୟ ଏସ୍‌ଡିଓ

### ଖରାପ ଥିବା ସ୍ଥାନରେ ହେବ ଶୀଘ୍ର ମରାମତି

ଜୁନାଗଡ,୬।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡ ଡିଷ୍ଟ୍ରିବ୍ୟୁଟାରୀ ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ ଆବଶ୍ୟକ ମରାମତି ଅଭାବରୁ ବିଭିନ୍ନ ସ୍ଥାନରେ ଶୋଚନୀୟ ହୋଇପଡିଛି। ଫଳରେ ଏହି କେନାଲରୁ ସଂଯୋଗ ହୋଇଥିବା ଚିଟୈଗୁଡା, ନୂଆଗୁଡା ଆଦି ମାଇନର, ସବମାଇନର କେନାଲଗୁଡିକର ତଳ ମୁଣ୍ଡକୁ ପାଣି ପହଞ୍ଚି ପାରୁନାହିଁ। ଏଥିଯୋଗୁ ସ୍ଥାନୀୟ ଚାଷୀମାନେ ଠିକ ସମୟରେ ପାଣି ପାଉ ନ ଥିବାରୁ ଚାଷ କାମ ପ୍ରଭାବିତ ହୋଇଛି। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ଶନିବାର ଚିଟୈଗୁଡା ଚାଷୀଙ୍କ ସହ ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର କୁସୁମଖୁଣ୍ଟିସ୍ଥିତ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଥିଲେ। ଏହାପରେ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ରବିବାର ବିଭାଗୀୟ ଏସ୍‌ଡିଓ ସୀମାଞ୍ଚଳ ଶତପଥି ଘଟଣାସ୍ଥଳକ ପରିଦର୍ଶନ କରିବାକୁ ଆସିଥିଲେ। କେନାଲର ଖରାପ ଥିବା ସ୍ଥାନରେ ଶୀଘ୍ର ମରାମତି କରାଯିବ ବୋଲି ସେ କହିଥିଲେ। ଏହି ସମୟରେ ଜିଲା ପରିଷଦ ଉପାଧକ୍ଷ ସୁଧିରା ମେହେରଙ୍କ ସମେତ ସ୍ଥାନୀୟ ଚାଷୀମାନେ, ପାଣି ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବିଭାଗୀୟ ଏସ୍‌ଡିଓଙ୍କ ସମେତ ଜିଲା ପରିଷଦ ଉପାଧକ୍ଷା ଏବଂ ଅନ୍ୟମାନେ।

## ମେଗା ଆଇନ ଶିବିରରେ ସଚେତନତା ଉପରେ ଗୁରୁତ୍ୱ




ଜଣେ ମହିଳାଙ୍କୁ ଜିଲାପାଳ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

ଭବାନୀପାଟଣା,୬।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ରବିବାର ମେଗା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନ ସେବା ପ୍ରାଧିକରଣ ଆନୁକୁଲ୍ୟରେ ରାଜ୍ୟ ଆଇନ ସେବା ପ୍ରାଧିକରଣ, ଜିଲା ଆଇନ ସେବା ପ୍ରାଧିକରଣ ଓ ଜିଲା ପ୍ରଶାସନ ମିଳିତ ସହଯୋଗରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଜିଲା ଓ ଦୌରା ଜଜ୍ ଦୀପ୍ତି ରଞ୍ଜନ କାନୁନଗୋ, ସମ୍ମାନିତ ଅତିଥି ଭାବେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଯୋଗ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଶୁଭ ଗୌତମ ମିଶ୍ର ଶିବିର ଆୟୋଜନ ଉଦ୍ଦେଶ୍ୟ ଉପରେ ସବିଶେଷ ସୂଚନା ଦେଇଥିଲେ। ଅର୍ଥାଭାବ ହେତୁ ଆଇନ ସହାୟତା ପାଇବାକୁ ଯୋଗ୍ୟ ବ୍ୟକ୍ତି ନିଜର ନ୍ୟାର୍ଯ୍ୟ ଅଧିକାର ସହ ନ୍ୟାୟ ସହ ଆଇନଗତ ସାହାଯ୍ୟ କିଭଳି ପାଇପାରିବେ ଓ ସରକାରଙ୍କ ବିଭିନ୍ନ ହିତାଧିକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହେବା ତଥା ନିଜକୁ ଆର୍ଥିକ ଦୃଷ୍ଟିରୁ ସକ୍ଷମ କରିବା ପାଇଁ ସଚେତନତା ଉପରେ ଜିଲାପାଳ ମତବ୍ୟକ୍ତ କରିଥିଲେ। ଜିଲା ଓ ଦୌରା ଜଜ୍ ଦଙ୍ଗା ପ୍ରପଡ଼ିତ, ଶିଶୁ ଓ ମହିଳାଙ୍କ ପାଇଁ ଆଇନ ସହାୟତା, ଏ ଦିଗରେ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱ ଦେଇଥିଲେ। ଶିବିରରେ ଅତିରିକ୍ତ ଜିଲା ଓ ଦୌରା ଜଜ୍ ଶୁଭଞ୍ଜନ ମହାନ୍ତି, ଅତିରିକ୍ତ ଜିଲା ଓ ଦୌରା ଜଜ୍ ପୋକ୍‌ସୋ ସୁବ୍ରତ କୁମାର ପଟ୍ଟନାୟକ, ବରିଷ୍ଠ ଦେୱାନି ଜଜ୍ ସମାପିକା ମହାନ୍ତି, ରେଜିଷ୍ଟ୍ରାର ଦେୱାନି ଅଦାଲତ ରଶ୍ମିରେଖା ପାତ୍ର, ବରିଷ୍ଠ ଦେୱାନି ଜଜ୍ ମହିଳା ଅଦାଲତ ଅନୁଶ୍ରୁତି ଚୌଧୁରୀ, ବରିଷ୍ଠ ଦେୱାନି ଜଜ୍ ଶ୍ରିଦୀପ ମିଶ୍ରଙ୍କ ସହ ଧର୍ମଗଡ଼ ଉପଖଣ୍ଡ ବିଚାର ବିଭାଗିୟ ମାଜିଷ୍ଟ୍ରେଟ, କେସିଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ଜୟପାଟଣା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟ ଦ୍ୱାରା ଘରୋଇ ହିଂସା, ଏସିଡ ଆଘାତ, ଯୌତକ ନିର୍ଯାତନା ଉପରେ କ୍ଷୁଦ୍ର ନାଟିକା ପରିବେଷଣ କରି ଆଇନ ସହାୟତା ଉପରେ ସଚେତନତା ସୃଷ୍ଟି କରିଥିଲେ। ମସ୍ୟ ବିଭାଗ, ପ୍ରାଣୀ ସମ୍ପଦ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଓ ଶ୍ରମ ବିଭାଗ ପକ୍ଷରୁ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଶୁଭେନ୍ଦୁ ମହାପାତ୍ର ଓ ନମିତା ମିଶ୍ର ସଭା ସଂଯୋଜନା କରିଥିଲେ। ଶିବିରରେ ବାର୍ କର୍ମକର୍ତ୍ତା, ଆଇନଜୀବୀ, ଡିଆଇପିଆରଓ, ଡିଏସଏସଓ, ଡିଏଫଓ, ଓରମାସ ଅଧିକାରୀ, ହିତାଧିକାରୀ ଉପସ୍ଥିତ ଥିଲେ।

## ଗରିବସେନାର ୭ମ ପ୍ରତିଷ୍ଠା ଦିବସ

ନୂଆପଡ଼ା ଅଫିସ,୬।୧୧

ନୂଆପଡା ସଦର ବ୍ଲକ ଗୋଡଫୁଲା ଖେଳ ପଡିଆରେ ଗରିବସେନା ସଙ୍ଗଠନର ୭ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ଗିରିବ ସେନା ଆବାହକ ରବି ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସଙ୍ଗଠନର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ଗଦାଧର ମାଝି ସ୍ୱାଗତ ଭାଷଣ ଦେଇଥିଲେ। ଜିଲାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିବା ବେଳେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସରକାର ଆବାସ ଗୃହ ବର୍ତ୍ତମାନ ପର୍ଯ୍ୟନ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଯୋଗଇ ନ ଥିବାରୁ ଓ ଅନ୍ୟ ମୌଳିକ ସମସ୍ୟା ସମାଧାନ ତଥା ବିଭିନ୍ନ ବିଭାଗରେ ହୋଇଥିବା ଦୁର୍ନୀତିର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରି ଆସନ୍ତା ୧୧ ତାରିଖ (ଶୁକ୍ରବାର) ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖମର ଗଣଧାରଣା ଦିଆଯିବ ବୋଲି ଆଲୋଚନାରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହା ସହ ଆବାସ ଘର ଦାବି, ବେକାରି ମୁକ୍ତ, ମଦଭାଟି ମୁକ୍ତ, ଦାଦନ ମୁକ୍ତ, ଦୁର୍ନୀତି ମୁକ୍ତ ନୂଆପଡା ଗଠନ କରିବା ନେଇ ଚଳିତ ମାସ ଶେଷ ସପ୍ତାହରୁ ୪ଟି ପର୍ଯ୍ୟାୟରେ ବ୍ୟାପକ ଆନ୍ଦୋଳନ କରାଯିବାକୁ ସ୍ଥିର କରାଗଲା।

## କଳାହାଣ୍ଡିରେ ଭାଜପାର ବିଜୟ ଉତ୍ସବ

ଭବାନୀପାଟଣା,୬।୧୧(ସ୍ୱ.ପ୍ର.)

ଧାମନଗର ଉପନିର୍ବାଚନରେ ବିଧାୟକ ଭାବେ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ବିଜୟ ହୋଇଛନ୍ତି। ଏହାକୁ ନେଇ ରବିବାର କଳାହାଣ୍ଡି ଜିଲାର ଭାଜପା ଶିବିରରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଜିଲାର ଭବାନୀପାଟଣା ସମେତ ଜୁନାଗଡ, ଧର୍ମଗଡ ଆଦି ସହରରେ ଦଳୀୟ କର୍ମୀ ବିଜୟ ଉତ୍ସବ ମନାଇଛନ୍ତି। ଏହି ସମୟରେ ସେମାନେ ବାଣ ଫୁଟାଇବା ସହ ମିଷ୍ଟାନ ବଣ୍ଟନ କରୁଥିବା ଦେଖିବାକୁ ମିଳିଛି। ଜୁନାଗଡରେ ସ୍ଥାନୀୟ ନଗରପାଳ ମୁକେଶ ଅଗ୍ରୱାଲଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ନଗର ସଭାପତି ଶିବରାମ ରାଉତ, ଜିଲା ସମ୍ପାଦିକା କାଞ୍ଚନ ବାଗ, ବରିଷ୍ଠ ନେତା ସତ୍ୟ ନାରାୟଣ ପଣ୍ଡା, ଶିଶିର ପଟ୍ଟନାୟକ ସମେତ ଅନେକ ଦଳୀୟ କର୍ମକର୍ତ୍ତା ବିଜୟ ଉତ୍ସବରେ ସାମିଲ ହୋଇଥିଲେ।



ଜୁନାଗଡରେ ଭାଜପାର ବିଜୟ ଉତ୍ସବ।

## ଜାତୀୟ ଏକତା ଦିବସ ଉଦ୍‌ଯାପିତ

କେସିଙ୍ଗା,୬।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ କେନ୍ଦୁପଡାସ୍ଥିତ ଦ୍ରୋଣାଚାର୍ଯ୍ୟ ସ୍କୁଲ ଆନୁକୂଲ୍ୟରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଓ ଜାତୀୟ ଏକତା ଦିବସ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିଲା। କେସିଙ୍ଗା ବ୍ଲକର ଉଙ୍କେଲା, ବୋରିଆ, ଲାଇତରା, କେସିଙ୍ଗା ସହରର ଜଗନ୍ନାଥ ମନ୍ଦିର ଓ ଗୌରୀ ଶଙ୍କର ମନ୍ଦିର ନିକଟରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା, ପ୍ରଦୂଷଣମୁକ୍ତ ଓ ଜାତୀୟ ଏକତା ଦିବସ ଅବସରରେ ଗଣଦୌଡ଼ କାର୍ଯ୍ୟକ୍ରମ କରାଯାଇଥିଲା। ସ୍କୁଲ ପରିସରରେ ମଧରେ ଜେଜେମା ଜେଜେ ବାପାଙ୍କ ପାଇଁ ଦିନଟିଏ, ନୁକକଡ଼ ନାମକ ଏକ ନାଟକ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଅଭିନୟ କରାଯାଇଥିଲା। ସ୍କୁଲ ଅଧକ୍ଷ୍ୟା ଅର୍ଚ୍ଚନା ଅଗ୍ରୱାଲଙ୍କ ନେତୃତ୍ୱରେ ଲୋକଙ୍କୁ ସଚେତନତା କରାଯାଇଥିଲା। ଏହିସବୁ କାର୍ଯ୍ୟକ୍ରମ ଉକ୍ତ ସ୍କୁଲର ପଦ୍ମନାଭ ପତିଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

## ଗଉଡ଼ ବାଡ଼ିଖେଳ ସମ୍ପନ୍ନ

ଖଡ଼ିଆଲ,୬।୧୧(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ବଡ଼ମହେଶ୍ୱର ଗ୍ରାମଠାରେ ହଂସ ପରିବାର ପକ୍ଷରୁ ଗଉଡ଼ ବାଡ଼ିଖେଳ ରବିବାର ସମ୍ପନ୍ନ ହୋଇଯାଇଛି। ବାଡ଼ି ଖେଳ ଯାଦବ ବଂଶର ଏକ ମହାନ ପରମ୍ପରା। ଭଗବାନ କୃଷ୍ଣ ମଧ ବାଡ଼ି ଖେଳ ଖେଳୁଥିବା କିମ୍ବଦନ୍ତୀ ରହିଛି। ପରମ୍ପରା ଅନୁସାରେ ପ୍ରତି ପଚାଶ ବର୍ଷକୁ ଏକ ପାଟ ମନେକରି ଏହି ବାଡ଼ି ବହର ବା ବାଡ଼ି ଖେଳ ଆୟୋଜିତ ହୋଇଥାଏ। ଏଣୁ ହଂସ ପରିବାର ବିଧି ମୁତାବକ ଇଷ୍ଟ ଦେବୀ କଣା ଭଅଁରା ଓ ମା' ଲଛମାଙ୍କୁ ପୂଜା କରିବା ପରେ ବନା ବାଡ଼ି ଧରି ଖେଖେଳିବାକୁ ବାହାରିଥିଲେ। ଯାଦବମାନେ ବାଡ଼ିଖେଳର ବିଭିନ୍ନ ରଣକୌଶ ପ୍ରଦର୍ଶନ କରି ଘର ଘର ବୁଲି ବନ୍ଦାପନା ଗ୍ରହଣ କରିଥାନ୍ତି। ଏହି ଖେଳ ଓ ନାଚକୁ ଦେଖିବାକୁ ଆଖପାଖ ଗାଁର ଲୋକଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ଆସି ଥିବା ବନ୍ଧୁ ବାନ୍ଧବଙ୍କ ସହିତ ପ୍ରସାଦ ସେବନ କରବା ଖେଳ ସମ୍ପୂର୍ଣ୍ଣ ହୋଇଥିଲା। ଏହାକୁ ଜୟ କୃଷ୍ଣ ହଂସ, ଲୁକମନ ହଂସ, ବୁଟି ଭୋଇ, ଟିନି ଭୋଇ ଓ ଗ୍ରାମବସୀ ପ୍ରମୁଖ ସହଯୋଗ କରିଥିଲେ।

## ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ

ଖଡିଆଲ,୬।୧୧(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଲ ଏନ୍‌ଏସି ୱାର୍ଡ ନମ୍ବର ୧୦ରେ ଥିବା ସର୍ବପୁରାତନ ବିଦ୍ୟାଳୟ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଖୁସିରାମ ଭୋଇଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପ୍ରଧାନ ଶିକ୍ଷୟିତ୍ରୀ ସବିତା ପ୍ରଧାନଙ୍କ ସମେତ ୧୦ନଂ. କାଉନସିଲର୍ ଚନ୍ଦନ କୁମାର ସାହୁ ଏବଂ ୧୧ନଂ. କାଉନସିକର୍ ନରେନ୍ଦ୍ର ଶବର ପ୍ରମୁଖ ଯୋଗଦେଇ ଦେଇଥିଲେ। ସହରର ସର୍ବପୁରାତନ ବିଦ୍ୟାଳୟରେ ଶ୍ରେଣୀ କୋଠରୀର ଅଭାବ ଥିବା ବେଳେ ବର୍ତ୍ତମାନ ଅବହେଳିତ ହୋଇପଡିଛି। ଏହାକୁ ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୮ଜଣ ଛାତ୍ରୀଛାତ୍ର ପାଠପଢୁଛନ୍ତି। ଶିକ୍ଷାଦାନ ପାଇଁ ଜଣେ ଡେପୁଟେଶନ ଶିକ୍ଷକଙ୍କ ସମେତ ୪ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ଛାତ୍ରୀଛାତ୍ରଙ୍କ ଅନୁପାତରେ ଆବଶ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ନାହାନ୍ତି। ଫଳରେ ପାଠପଢାରେ ବ୍ୟାଘାତ ଦେଖାଦେଉଛି। ଏହାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହାର ସମାଧାନ ଦିଗରେ ବିଧାୟକ ଦୃଷ୍ଟିଦେବାକୁ ସ୍କୁଲ ପରିଚାଳନା କମିଟି ସମେତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଦାବ। କରିଥିଲେ। ସ୍କୁଲର ଭିତ୍ତଭୂମି ବିକାଶକୁ ଦୃଷ୍ଟିରେ ରଖି ବିଧାୟକ ପାଣିଗ୍ରାହୀ ବିଧାୟକ ପାଣ୍ଠିରୁ ୨ଟି ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କରିବା ସହ ମୋ ସ୍କୁଲ ଅଭିଯାନ ମାଧମରେ ସମସ୍ତ ବ୍ୟବସ୍ଥା କରାଯିବ ଓ ଆଗାମୀ ବର୍ଷେ ମଧରେ ବିଦ୍ୟାଳୟକୁ ଏକ ଆଦର୍ଶ ସ୍କୁଲରେ ଗଢିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଆସନ୍ତା ୫ରେ ଗୀତା ଜୟନ୍ତୀ ପାଳନ କରିବ କଳାହାଣ୍ଡି ବ୍ରାହ୍ମଣ ସମାଜ

ଭବାନୀପାଟଣା,୬।୧୧(ସ୍ୱ.ପ୍ର.)

ଆସନ୍ତା ଡିସେମ୍ବର ୫ ତାରିଖରେ କଳାହାଣ୍ଡି ବ୍ରାହ୍ମଣ ସମାଜ ଭବାନୀପାଟଣାରେ ପବିତ୍ର ଗୀତା ଜୟନ୍ତୀ ପାଳନ କରିବ। ରବିବାର ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଜିଲା କାର୍ଯ୍ୟକାରିଣୀ ବୈଠକରେ ଏହା ସ୍ଥିର କରାଯାଇଛି। ଜିଲା ସଭାପତି ଜଗନ୍ନାଥ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମସ୍ତ ଜିଲା କର୍ମକର୍ତ୍ତା, କାର୍ଯ୍ୟକାରୀ କମିଟି ସଦସ୍ୟ, ଧର୍ମଗଡ଼ ଉପଖଣ୍ଡ ବ୍ରାହ୍ମଣ ସମାଜ କର୍ମକର୍ତ୍ତା, ଜିଲାର ବିଭିନ୍ନ ବ୍ଲକ କମିଟି କର୍ମକର୍ତ୍ତା ସମେତ ସ୍ୱତନ୍ତ୍ର ନିମନ୍ତ୍ରିତ କାର୍ଯ୍ୟକାରୀ କମିଟି ସଦସ୍ୟମାନେ ଯୋଗଦେଇଥିଲେ। ଜିଲା ଉପସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସଭାପତି ମୁଣ୍ଡ ବ୍ରାହ୍ମଣ ସମାଜ କଳାହାଣ୍ଡି ସମଗ୍ର ମାନବ ସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରିବା ସହ ଆଧାତ୍ମିକ ସଚେତନତା ମୂଳକ କାର୍ଯ୍ୟ କରିବ ବୋଲି ପ୍ରକାଶ କରିଥିଲେ। ଜିଲା ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ପ୍ରଥମ କାର୍ଯ୍ୟକାରିଣୀ ବୈଠକର ବିବରଣୀ ଉପସ୍ଥାପନ କରିବା ସହ ସଙ୍ଗଠନର ଆଗାମୀ କାର୍ଯ୍ୟକ୍ରମଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସଙ୍ଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା ବ୍ରାହ୍ମଣ ସମାଜର ସାଙ୍ଗଠନିକ ସମ୍ପ୍ରସାରଣ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ସମ୍ପାଦକ ତଥା ଧର୍ମଗଡ଼ ଉପଖଣ୍ଡ ବ୍ରାହ୍ମଣ ସମାଜର ସାଧାରଣ ସମ୍ପାଦକ ହେମନ୍ତ ପଣ୍ଡା ଧର୍ମଗଡ଼ ଉପଖଣ୍ଡରେ ବ୍ରାହ୍ମଣ ସମାଜ ଦ୍ୱାରା ଅୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କେସିଙ୍ଗା ବ୍ଲକ କମିଟି ସଭାପତି ପ୍ରଦୀପ୍ତ ରଥ, ଜୁନାଗଡ଼ ବ୍ଲକ କମିଟି ସଭାପତି ଦୀପ୍ତି ରଞ୍ଜନ ପ୍ରହରାଜ, ନର୍ଲା ବ୍ଲକ କମିଟି ସଭାପତି ବଦ୍ରୀ ନାରାୟଣ ମିଶ୍ର, ମ.ରାମପୁର ବ୍ଲକ କମିଟି ସାଧାରଣ ସମ୍ପାଦକ ପ୍ରଶାନ୍ତ ସାନ୍ତରା, ଲାଞ୍ଜିଗଡ଼ ବ୍ଲକ ସାଧାରଣ ସମ୍ପାଦକ ଶ୍ରୀମୁଖ ଅଗସ୍ତି, କେସିଙ୍ଗା ବ୍ଲକ ଉପସଭାପତି ପର୍ଶୁରାମ ପାଢ଼ୀ ଓ ଧର୍ମଗଡ଼ କମିଟି ଆଇନ ପରାମର୍ଶଦାତା ତ୍ରିନାଥ ମୁଣ୍ଡ ନିଜ ବ୍ଲକରେ ବ୍ରାହ୍ମଣ ସମାଜ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଓ ସାଙ୍ଗଠନିକସ୍ଥିତ ସମ୍ପର୍କରେ ଉପସ୍ଥାପନା କରିଥିଲେ। ପ୍ରଜ୍ଞା ବାହିନୀ ଜିଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ ଓ ଧର୍ମଗଡ଼ ଉପଖଣ୍ଡ ସଂଯୋଜିକା ପ୍ରିୟମ୍ବଦା ଚାନ୍ଦ ବ୍ରାହ୍ମଣ ସମାଜର ମହିଳା ଶାଖାକୁ ଆହୁରି ସୁଦୃଢ଼ କରିବା ପାଇଁ ମତଦେଇଥିଲେ। ପର୍ଶୁରାମ ସେନା ଜିଲା ସଂଯୋଜକ ପ୍ରଶାନ୍ତ ଠାକୁର ବ୍ରାହ୍ମଣ ସମାଜ ପକ୍ଷରୁ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନେବାକୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଖବରଦାତା, ଲେଖକ ଓ ଗବେଷକ ଉମାଶଙ୍କର କର, ବିଶିଷ୍ଟ ଔପନ୍ୟାସିକା ତଥା ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ଼ ସୁନୀତି ମୁଣ୍ଡ ଓ ଜାତୀୟ ଯୁବପୁରସ୍କାର, ଜାତୀୟ ଓସ୍ତାଦ ବିଶମିଲ୍ଲା ଖାଁ ପୁରସ୍କାର ପ୍ରାପ୍ତ ତଥା ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଧ୍ୟାନାନନ୍ଦ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ଉପସଭାପତି ବିନୋଦ ଶର୍ମା ଧନ୍ୟବାଦ ଦେଇଥିଲେ। ଜିଲା ଉପସଭାପତି ଭବାନୀ ଶଙ୍କର ମିଶ୍ର, କୋଷାଧକ୍ଷ କ୍ଷୀରୋଦ ପ୍ରସାଦ ନେଗୀ, କାର୍ଯ୍ୟକାରୀ ସଦସ୍ୟ ପ୍ରମୋଦ ଖମାରୀ, ବାଞ୍ଛାନିଧି ମିଶ୍ର, ଅବିନାଶ ଠାକୁର, ପ୍ରଭାସ ଚନ୍ଦ୍ର ମିଶ୍ର, ପର୍ଶୁରାମ ସେନାର ସେବାନନ୍ଦ ପାଢ଼ୀ, ରାକେଶ ଶର୍ମା, କିଶନ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।



ଜିଲା କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

### ଜିଲା କାର୍ଯ୍ୟକାରିଣୀ ବୈଠକ

**କଦଳୀପାଲି ବିଜୟୀ**

ବରଗଡ଼ ଅଫିସ୍: ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ରବିବାର କଦଳୀପାଲି ଏବଂ ପଦ୍ମପୁର ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ କଦଳୀପାଲି ୧-୦ ଗୋଲରେ ବିଜୟୀ ହୋଇଛି। ଦଳର ଶକ୍ତିମାନ ମିର୍ଦ୍ଧା ଗୋଲ ସ୍କୋର କରିଥିଲେ। ଶ୍ରୀନିବାସ ରାଓ, ସଞ୍ଜିବ ଭୋଇ, ସଚିନ ଭୁଏ ଏବଂ ନାରାୟଣ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ।

# କୋସଲ ସମାବେଶରେ ରଣହୁଙ୍କାର

- ରାଜ୍ୟ, କେନ୍ଦ୍ର ସରକାରଙ୍କୁ ସମାଲୋଚନା
- ଆନ୍ଦୋଳନ ତୀବ୍ରତର କରିବାକୁ ନିଷ୍ପତ୍ତି
- ଅର୍ଥନୈତିକ ଅବରୋଧ ପାଇଁ ସଜବାଜ

ବରଗଡ଼ ଅଫିସ୍,୬।୧୧

କୋସଲାଞ୍ଚଳ ଅର୍ଥାତ୍ ପଶ୍ଚିମ ଓଡ଼ିଶା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ନିଯୁକ୍ତି ଆଦି କ୍ଷେତ୍ରରେ ଅବହେଳିତ ରହିଛି। ଏ ଅଞ୍ଚଳରୁ ରାଜକୋଷକୁ ସିଂହଭାଗ ଟଙ୍କା ଯାଉଛି। କୋସଲାଞ୍ଚଳ ପ୍ରତି ଏଭଳି ବୈମାତୃକ ମନୋଭାବକୁ ବରଦାସ୍ତ କରାଯିବ ନାହିଁ। ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ଦାବିରେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ର ହେବ। ବରଗଡ଼ ଜିଲା ଭେଡ଼େନ ରଣଜିତା ପଡ଼ିଆରେ ରବିବାର ଅନୁଷ୍ଠିତ କୋସଲ ମହାସମାବେଶରେ ଏହି ନିଷ୍ପତ୍ତି ନିଆଯାଇଛି।

ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ର ମୁଖ୍ୟ ଅତିଥିଭାବେ ସମାବେଶକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଉତ୍ପନ୍ନ କୁମାର ଭୋଇ ସଭାପତିତ୍ୱ କରିଥିଲେ। ସୁଦାମ ପାତ୍ର ସଭା ସଂଯୋଜନା କରିଥିଲେ। ନିଜର ହକ୍ ପାଇଁ କୋସଲାଞ୍ଚଳବାସୀଙ୍କୁ ଏକଜୁଟ୍ ହୋଇ ଲଢ଼େଇ କରିବାକୁ ମୁଖ୍ୟ ଅତିଥି ମିଶ୍ର ଆହ୍ୱାନ କରିଥିଲେ। ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତାଭାବେ ଯୋଗଦେଇ କୋସଲାଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜଗଦୀଶ ବିଶ୍ୱାଳ, କବି ହରିଲାଲ ସାହୁ, ସୁନ୍ଦରଗଡ଼ର ଦିଲୀପ ପଣ୍ଡା, ସମ୍ବଲପୁରର ବୀରେନ୍ଦ୍ର ପାଣିଗ୍ରାହୀ, କୋସଲ ମୁକ୍ତିମୋର୍ଚ୍ଚାର ବୈଜୟନ୍ତୀ ସରାଫ, କୋସଲ ସେନାର ବିରବଲ ମହାକୁଡ଼, ଚାଷୀନେତା ରମେଶ ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନର ଆବଶ୍ୟକତା ଉପରେ କହିଥିଲେ। ସେହିପରି ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, ଝାରସୁଗୁଡ଼ାର ବିଜୟ ଦାଶ, ଅତାବିରା କୃଷକ ସଂଗଠନର ବିରେନ୍ଦ୍ର କର, ଭାରତୀୟ ପରିବାରର ପ୍ରଦ୍ୟୁମ୍ନ ପାଢ଼ୀ, ବିଜେଡ଼ିର ହରିଶଙ୍କର ବେହେରା, ଭାଜପାର ଭରତ ବେହେରା, ସୁନନ୍ଦା ମେହେର, ସୁବାସ ପ୍ରଧାନ ପ୍ରମୁଖ ଉଦବୋଧନ ଦେଇଥିଲେ। ସମାବେଶରେ ବରଗଡ଼, ସମ୍ବଲପୁର, ସୋନପୁର, ଦେବଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କଳାହାଣ୍ଡି ଆଦି ଅଞ୍ଚଳର କୋସଲପ୍ରେମୀମାନେ ଯୋଗଦାନ କରିଥିଲେ।

କୋସଲାଞ୍ଚଳ ପ୍ରତି ଉଭୟ ରାଜ୍ୟ, କେନ୍ଦ୍ର ସରକାରଙ୍କ ଅବହେଳାକୁ ସମାବେଶରେ ସମାଲୋଚନା କରାଯାଇଥିଲା। ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲେ ସୁଦ୍ଧା ସରକାର କର୍ଣ୍ଣପାତ କରୁ ନ ଥିବା ଯୋଗୁ ଆଗକୁ ଅର୍ଥନୈତିକ ଅବରୋଧ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହିକ୍ରମରେ ଜିଲାପାଳ, ଆରଡ଼ିସି ଅଫିସ ଘୋରାଉ ସହିତ ରେଲରୋକୋ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିପରି କୋସଲାଞ୍ଚଳର ପ୍ରତି ଜିଲାରେ କୋସଲ ସମାବେଶ କରିବାକୁ ନିଷ୍ପତ୍ତି ହୋଇଥିଲା। ସମାବେଶ ପୂର୍ବରୁ ସ୍ଥାନୀୟ ଜମିଦାର ଘରୁ ଏକ ଶୋଭାଯାତ୍ରା ବାହାରି ସମଲେଶ୍ୱରୀ ମନ୍ଦିର ଦେଇ ପରକ୍ରମା ସହିତ ସମାବେଶସ୍ଥଳୀରେ ପହଞ୍ଚିଥିଲା।


ଭେଡେନ କୋସଲ ମହାସମାବେଶରେ ଯୋଗଦେଇଥିବା କୋସଲ ସଂଗଠନ ସଦସ୍ୟମାନେ।

## ସଂକ୍ଷେପରେ

### ମଦ ଜବତ, ୨ଗିରଫ

ପଦ୍ମପୁର, ୬।୧୧(ଡି.ଏନ.ଏ.): ବରଗଡ ଜିଲା ପଦ୍ମପୁର ଅବକାରୀ ଥାନା ପକ୍ଷରୁ ଜଗଦଲପୁର ଓ ପଦ୍ମପୁରର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇଥିଲା। ଅବକାରୀ ଇନ୍ସପେକ୍ଟର ସମରଜିତ ଦାଶ, ଅବକାରୀ ଥାନା ଅଧିକାରୀ ଏଚ.ଜଗାରାଓ ପଦ୍ମପୁର ଥାନା ଲୋହାରପାଲିରେ ଚଢାଉ କରି ୨୦୦ ଲିଟର ଦେଶୀ ମଦ, ୧୬୦୦ କେଜି ପୋଚ ଜବତ କରାଯାଇଛି। ସେହିପରି ଭେଡଁରିଆ ହରିଜନପଡାର କେଶବ ଗିର୍ଲାଙ୍କଠାରୁ ୬୦ଲିଟର ଓ ଗାଇସିଲେଟ ଥାନା ଗିଦମାଲ ପୂରନ ଚନ୍ଦ୍ର ବାଗଠାରୁ ୪୦ ଲିଟର ଦେଶୀମଦ ଜବତ କରାଯାଇଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି।

### ସମ୍ବିଧାନ ଦିବସ ପାଳନ ପାଇଁ ପ୍ରସ୍ତୁତି

ପାଇକମାଳ, ୬।୧୧(ଡି.ଏନ.ଏ.): ବରଗଡ ଜିଲା ପାଇକମାଳ ବ୍ଲକ ମାଝିପାଲିରେ ସମ୍ବିଧାନ ଦିବସ ପାଳନ ପାଇଁ ଆମ୍ବେଦକର ୱାରିୟର ସଂଘର ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ସଭାପତି କୁଶ ତାଣ୍ଡି, ପାଇକମାଳ ବ୍ଲକ ସଭାପତି ଜୟ କୁମାର ଜାଲ, ଝାରବନ୍ଧ ବ୍ଲକ ସଭାପତି ମହେଶ କୁମାର ବାଘ, ପଦ୍ମପୁର ସବ୍‌ଡିଭିଜନ ସଭାପତି ସନ୍ତୋଷ ବାଘ ଯୋଗଦେଇଥିଲେ। ସୁଜନ ବାଗ, ଜଗନ୍ନାଥ ବେଶ୍ରା, ଅନନ୍ତ ବେଶରା, ମୁରଲୀ ସୁନା, ପିତାମ୍ବର ବାଗ, ଆସିକ ମହାନନ୍ଦ,ସୁନିଲ ମହାନନ୍ଦ, ସତ୍ୟ ଶିକା, ରାଜ କୁମାର, ଦେବାଶିଷ ସୁନା ଉପସ୍ଥିତ ଥିଲେ । ଆସନ୍ତା ୨୬ ତାରିଖ ପାଇକମାଳ ବ୍ଲକ ଭୁବନେଶ୍ୱରପୁର ଗ୍ରାମରେ ସମ୍ବିଧାନ ଦିବସ ପାଳନ କରାଯିବ ବୋଲି ସଂଘ ପକ୍ଷରୁ ପ୍ରସ୍ତାବ ରଖାଯାଇଛି।

### ନୃତ୍ୟ ନିକେତନର ମହକ-୩ ଉଦ୍‌ଯାପିତ

ବିନିକା,୬।୧୧( ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହର ପାଲିପଡ଼ା ନୃତ୍ୟ ନିକେତନ ଆନୁକୂଲ୍ୟରେ ଆୟୋଜିତ ମହକ-୩ ରବିବାର ଉଦ୍‌ଯାପିତ ହୋଇଯାଇଛି । ୩ ଦିନ ଧରି ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ବିଭିନ୍ନ ଦିନରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଆଲବମ ଅଭିନେତା, ଅଭିନେତ୍ରୀ ଯୋଗ ଦେଇଥିଲେ। ନୃତ୍ୟ ନିକେତନ ପ୍ରତିଷ୍ଠାତା ଅମିତ ବିକ୍ରମ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମନାଭ ବେହେରା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ତହସିଲଦାର ମୁକ୍ତେଶର ପାଣିଗ୍ରାହୀ, ଏନଏସି ଅଧକ୍ଷ ସୁବାସ ଚନ୍ଦ୍ର ଭୋଇ, ସୂର୍ଯ୍ୟ ନାରାୟଣ ସାହୁ, ଅଦ୍ୱୈତ କୁମାର ପଣ୍ଡା, ଗୁରୁ ଆସିମ ପଧାନ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ଦେଇଥିଲେ । ସ୍ମିତା ପଟ୍ଟନାୟକ ଉଦଘୋଷିକା ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବର ସାଂସ୍କୃତିକ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶତ୍ରୁଘ୍ନ ଲୁହା, ମୁଗ୍ଧା ଦାଶ, ଅମିତ ଯୋଶୀ, ଅଭିନେତା ସୁରେଶ ପ୍ରସାଦ, ଅଭିନେତ୍ରୀ ରୁପାଲି ପ୍ରମୁଖ ଯୋଗ ଦେଇଥିଲେ । ଶନିବାର ଅଭିନେତ୍ରୀ ଜିନା ସାମଲ, କଣ୍ଠଶିଳ୍ପୀ ରେସ୍ମାରାଣୀ ଦାଶ,ବ୍ୟାସଦେବ ପୁରୋହିତ, ଏ.ଏ. ମହାପାତ୍ର ଯୋଗ ଦେଇଥିଲେ ।

## ଅମ୍ରିତଙ୍କୁ ଆର୍ଥିକ ସହାୟତା

**ଥାଲାସେମିଆରେ ଆକ୍ରାନ୍ତ ଶିଶୁ**

ଡୁଙ୍ଗୁରିପାଲି,୬।୧୧(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ଗ୍ରାମର ହେମନ୍ତ ଦିଶ୍ରୀ ଓ ଭାଗ୍ୟ ଦିଶ୍ରୀଙ୍କ ଏକମାତ୍ର ପୁଅ ଅମ୍ରିତ ଅମ୍ଳାନ (୬) ଜନ୍ମର ୫ମାସ ପରେ ଥାଲାସେମିଆ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ଅର୍ଥ ଅଭାବରୁ ତାଙ୍କର ଉପଯୁକ୍ତ ଚିକିତ୍ସା କରିବା ଦିନକୁ ଦିନ କଷ୍ଟକର ହୋଇପଡିଛି । ବିଶେଷ କରି ବିରଳ ପିଆରବିସି ରକ୍ତ ମିଳୁ ନ ଥିବାରୁ ତାଙ୍କ ମା'ବାପାଙ୍କ ଚିନ୍ତା ବଢିଯାଇଛି। ପ୍ରତି ମାସରେ ଅମ୍ରିତଙ୍କୁ ବୁର୍ଲା ରକ୍ତଭଣ୍ଡାରରୁ ପିଆରବିସି ରକ୍ତ ଦିଆଯାଉଛି। ବଲାଙ୍ଗୀର, ବରଗଡ଼ ଓ ସୋନପୁରରେ ରକ୍ତ ମିଳୁ ନ ଥିବାରୁ ଖର୍ଚ୍ଚାନ୍ତ ହୋଇ ବୁର୍ଲା ଯିବାକୁ ପଡୁଛି। ଏହା ଜାଣିବା ପରେ ଡୁଙ୍ଗୁରିପାଲି ବ୍ଲକ ସାମ୍ବାଦିକ ସଂଘର ପ୍ରଚେଷ୍ଟାରେ ଜଣେ ବଦାନ୍ୟ ବ୍ୟକ୍ତି ଅମ୍ରିତଙ୍କୁ ୫ ହଜାର ଟଙ୍କା ଦେବା ପାଇଁ ସଂଘର ସହଯୋଗ ଲୋଡ଼ିଥିଲେ। ଶନିବାର ଡୁଙ୍ଗୁରିପାଲି ବ୍ଲକ ସାମ୍ବାଦିକ ସଂଘର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ପାଣ୍ଡିଆଙ୍କ ନେତୃତ୍ୱରେ ସଭାପତି କିଶାନ କୁମାର ଅଗ୍ରୱାଲ, ଉପ ସଭାପତି ଦୀନବନ୍ଧୁ ସୁନା, ପ୍ରକାଶ କୁମାର ହାତୀ, ବନମାଳୀ ପୋଢ, ସାନନ୍ଦ ସାହୁ, ବଦ୍ରିନାରାୟଣ ପାଣ୍ଡିଆ, ମହାଦେବ ଗଡତିଆ, ହଲଧର ମେହେର,ଚେରୁପାଲି ସମିତି ସଭ୍ୟାଙ୍କ ପ୍ରତିନିଧି ଜିତେନ୍ଦ୍ର ସାହୁ ଅମ୍ରିତଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଭେଟି ଚିକିତ୍ସା ପାଇଁ ନଗଦ ୫ ହଜାର ଟଙ୍କା ଦେଇଛନ୍ତି।

## ଉପନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି


ବୈଠକରେ ଜିଲାପାଳ, ଏସପି ଏବଂ ଅନ୍ୟମାନେ।

ବରଗଡ଼ ଅଫିସ୍,୬।୧୧

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ଆସନ୍ତା ଡିସେମ୍ବର ୫ତାରିଖ ମତଦାନ ହେବ । ଉପନିର୍ବାଚନକୁ ଶୃଙ୍ଖଳିତ, ନିରପେକ୍ଷଭାବେ ସମାପନ କରିବା ପାଇଁ ଏବେଠାରୁ ଜିଲା ପ୍ରଶାସନ ସଜବାଜ ହୋଇଛି। ରବିବାର ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମୋନିଷା ବାନାର୍ଜୀ ବୈଠକରେ ଅଧ୍ୟକ୍ଷତା କରି ଉପନିର୍ବାଚନ ପାଇଁ ରହିଥିବା ଆଦର୍ଶ ଆଚରଣ ବିଧି ଉପରେ ଆଲୋକପାତ କରିଥିଲେ। ଆଚରଣ ବିଧି କେଉଁଠି ଯଦି ଉଲ୍ଲଂଘନ ହେବ ସେ ନେଇ ସେ ସମ୍ପର୍କରେ ତୁରନ୍ତ ଯୋଗାଯୋଗ କରିବା ପାଇଁ ସେ କହିଥିଲେ। ଜିଲାର ପଦ୍ମପୁର ନିର୍ବାଚନ ମଣ୍ଡଳୀ ମାଓବାଦୀ ଅଧ୍ୟୁଷିତ ହୋଇଥିବା ଯୋଗୁ ନିର୍ବାଚନ ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ଏବଂ ୪୦ପ୍ଲାଟୁନ ପୋଲିସ ଫୋର୍ସ ସହିତ ୯ପ୍ଲାଟୁନ ସିଆରପିଏଫ୍ ଯବାନ ମୁତୟନ କରାଯିବ ବୋଲି ଏସପି ସ୍ମିତ୍ ପି. ପରମାର୍ ସୂଚନା ଦେଇଛନ୍ତି। ସେହିପରି ଉପନିର୍ବାଚନ ପାଇଁ ୨୪ଘଣ୍ଟିଆ ପୋଲିସ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ହେବା ନେଇ ଏସପି ପରମାର୍ କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ, ପଦ୍ମପୁର ଉପଜିଲାପାଳ ତ୍ରିଲୋଚନ ପାତ୍ରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀବୃନ୍ଦ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ଉପନିର୍ବାଚନ ବର୍ଜନ କରିବେ କ୍ଷୁବ୍ଧ ଚାଷୀ

ପଦ୍ମପୁର, ୬।୧୧(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ଚାଷୀ ୨୦୨୧ ଖରିଫ ବର୍ଷର ଫସଲ ବୀମା ଓ ଇନପୁଟ ସବ୍‌ସିଡି ପାଇ ନାହାନ୍ତି। ଏଥିପାଇଁ ରାଜବୋଡା ସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ପର୍ଯ୍ୟାୟକ୍ରମେ ଉପ ଜିଲାପାଳ କାର୍ଯ୍ୟାଳୟ ବନ୍ଦ, ଜିଲାପାଳ କାର୍ଯ୍ୟାଳୟକୁ ବାଇକ ରାଲି, ରେଳରୋକୋ, ଚେତାବନୀ ସମାବେଶ ଓ ଗଣଧାରଣା କରିବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଏହି ସମୟରେ ଆସିଛି ପଦ୍ମପୁର ବିଧାନସଭା ଉପନିର୍ବାଚନ। ପ୍ରକ୍ରିୟାକୁ ବନ୍ଦ କରିବା ନିଷ୍ପତ୍ତିରେ ଚାଷୀମାନେ ଅଟଳ ରହିଛନ୍ତି। ଗତ ୧ତାରିଖରୁ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଧାରଣାରେ ବସିଛନ୍ତି। ଜିଲା ପ୍ରଶାସନ ସମେତ ରାଜ୍ୟ ସରକାର, କେନ୍ଦ୍ର ସରକାର ଏବଂ ବିଭିନ୍ନ କମିଟି ସହ ବୀମା କମ୍ପାନୀର ଆଲୋଚନା ହୋଇଥିଲା ସତ୍ତ୍ୱେ ବୀମା ଟଙ୍କା ମିଳିବା ନେଇ ବାଟ ଫିଟି ନ ଥିବାରୁ ଚାଷୀଙ୍କ ଭରସା ଭାଙ୍ଗି ଯାଇଛି। ସୋମବାର ଧାରଣାସ୍ଥଳରେ ଚାଷୀମାନେ ଏକ ବୈଠକ କରି ଉପନିର୍ବାଚନ ବର୍ଜନ କରିବେ ବୋଲି ନିର୍ବାଚନ କମିଶନଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି।

## ଅଙ୍ଗନଦୀ ପୋଲ କାମର ସମୀକ୍ଷା କଲେ ଇଞ୍ଜିନିୟର ଇନ୍ ଚିଫ୍


ଲଖମରାରେ ଅଙ୍ଗ ପୋଲ ସେତୁର ସମୀକ୍ଷା କରୁଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ ଓ ଅଧିକାରୀ।

ପଦ୍ମପୁର ୬।୧୧ (ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଲଖମରା ଚର୍ଦାପାଲି ମଝିରେ ଥିବା ଅଙ୍ଗନଦୀରେ ପୋଲ ନ ଥିଲା। ଦୀର୍ଘଦିନ ପରେ ପୋଲ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଓଡିଶା ସରକାରଙ୍କ ସର୍ବୋଚ୍ଚ ଯନ୍ତ୍ରୀ ପ୍ରଦୀପ ସାମଲ, ନିର୍ବାହୀ ଯନ୍ତ୍ରୀ ଶିବାଜୀ ପ୍ରଧାନ, କନଷ୍ଟ୍ରକସନ ଚିଫ ଇଞ୍ଜିନିୟର ସୁଶୀଲ ସାମନ୍ତ ରାୟ, ପଦ୍ମପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ କଣ୍ଟ୍ରାକ୍ଟର ଅମରଦୀପ ଅଗ୍ରୱାଲ ନିର୍ମାଣସ୍ଥଳୀକୁ ପହଞ୍ଚି ସମୀକ୍ଷା କରିଥିଲେ।

## ଭାଗବତ ସପ୍ତାହ ପାରାୟଣ, ପ୍ରବଚନ

ସୋନପୁର,୬।୧୧(ନି.ପ୍ର.)

ସୋନପୁର ସହର ଭଗବତୀପ୍ଲଟ ଅଗ୍ରସେନ ଭବନରେ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୭ ତାରିଖ ରାତିରେ ଉଦ୍‌ଯାପିତ ହେବ । ଭାଗବତ ସପ୍ତାହ ପରିଚାଳନା ମଣ୍ଡଳୀ, ଭଗବତୀପ୍ଲଟ ପକ୍ଷରୁ ପ୍ରତ୍ୟହ ସକାଳ ସାଢେ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶ୍ରୀମଦ ଭାଗବତ ପାରାୟଣ ଓ ରାତି ୭ଟାରୁ ୧୦ଟା ପର୍ଯ୍ୟନ୍ତ ପ୍ରବଚନ ଅନୁଷ୍ଠିତ ହେଉଛି । ବିନିକା ବ୍ଲକ ବାଞ୍ଜିପାଲିର ନୀଳମାଧବ ନାୟକ ବ୍ୟାସ ଦାୟିତ୍ୱ ନିର୍ବାହ କରୁଛନ୍ତି । ସେହିପରି ବିଭିନ୍ନ ଦିବସରେ ପ୍ରବଚକ ଭାବେ ଦଶପଲ୍ଲାର ବାବା ଶ୍ରୀଧର ଦାଶ, ବିପିନ ମହାପାତ୍ର ଓ ଅନୁଗୋଳ ଜିଲା ବନ୍ତଳାର ପ୍ରବଚକ ପଣ୍ଡିତ ମହେଶ କୁମାର ସାହୁ ଶ୍ରଦ୍ଧାଳୁଙ୍କୁ ହରି କଥା ଶୁଣାଉଛନ୍ତି। ସୋମବାର କଟକ ବିଡାନାସୀର ପ୍ରବଚକ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ହରି କଥା ଶୁଣାଇବାର କାର୍ଯ୍ୟକ୍ରମ ରହିଛି । ଗତ ୩୧ ତାରିଖ ଅପରାହ୍ନରେ ଶ୍ରୀ ରାମେଶ୍ୱର ପବିତ୍ର ସଙ୍ଗମ ସ୍ଥଳରୁ କଳସ ଶୋଭାଯାତ୍ରା ଓ ପରେ ସଂସ୍ଥାପନ, ଅଧିବାସ ଅନୁଷ୍ଠିତ ହୋଇଥିଲା । ଅଞ୍ଚଳରେ ଏକ ଧାର୍ମିକ ପରିବେଶ ସୃଷ୍ଟି ହୋଇଛି ।

## ବ୍ଲକ ଆଉଟସୋର୍ସିଂ କର୍ମଚାରୀଙ୍କ ବୈଠକ

ଅମରପାଲି,୬।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ଜଳସେଚନ ବିଭାଗ ଡାକବଙ୍ଗଳାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜେଶ କର୍ଣ୍ଣଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ଗଣଧାରଣାରେ ସମସ୍ତ କାର୍ଯ୍ୟରତ କର୍ମଚାରୀଙ୍କ ଉପସ୍ଥିତି ଜରୁରୀ ବୋଲି ମତ ପୋଷଣ ହେବା ସହ ବୈଠକରେ ସମସ୍ତେ ଉପସ୍ଥିତ ରହିବା ନିଷ୍ପତ୍ତି ହୋଇଥିଲା । ବୈଠକରେ ସର୍ବସମ୍ମତି କ୍ରମେ ସତ୍ୟ ନାରାୟଣ ମହାକୁରଙ୍କୁ ସାଧାରଣ ସମ୍ପାଦକ ବିଶ୍ୱଜିତ ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା । ରାଜ୍ୟ ସଂଘ ତରଫରୁ ସମସ୍ତ ଆଉଟ ସୋର୍ସିଂ କର୍ମଚାରୀମାନଙ୍କୁ ନିୟମିତ କରିବାକୁ ପ୍ରମୁଖ ଦାବି ରହିବ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି ।

## ମୁମୂର୍ଷୁ ଅବସ୍ଥାରେ ନାବାଳିକା ଉଦ୍ଧାର

**ଧୋକା ଦେଲା ପ୍ରେମିକ**

କନ୍ଧମାଳ,୬।୧୧(ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ସରଧାପାଲି ଗ୍ରାମର ଏକ ପୋଖରୀ ହୁଡାରୁ ରବିବାର ଜଣେ ନାବାଳିକାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଛି । ପୋଖରୀ ହୁଡାରେ ନାବାଳିକା ଜଣକ ପଡି ରହିଥିବା ବେଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସୋନପୁର ମେଡିକାଲକୁ ପଠାଇଥିଲା । ନାବାଳିକାଙ୍କ ମୁଣ୍ଡ, କପାଳ ଓ ହାତରେ ଗୁରୁତର ଭାବେ କ୍ଷତ ରହିଛି । ନାବାଳିକା ଜଣକ କନ୍ଧମାଳ ଥାନା ଅଞ୍ଚଳର ହୋଇଥିବା ବେଳେ ଗତ ଗୁରୁବାର ଠାରୁ ଘରୁ ନିଖୋଜ ଥିଲେ । ସେ ଗାଁ ପାଖର ଜଣେ ଯୁବକଙ୍କୁ ଭଲ ପାଉଥିଲେ । ଭଲ ପାଉଥିବା ଯୁବକଙ୍କୁ ବାହା ହେବାକୁ ଜିଦ ଧରିବାରୁ ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ପ୍ରେମିକ ଏଭଳି କରିଥିବା ନାବାଳିକା ଅଭିଯୋଗ କରଛନ୍ତି । ଅଭିଯୋଗକୁ ଭିତ୍ତି କରି ମନମୁଣ୍ଡା ପୋଲିସ ତଦନ୍ତ ଆରମ୍ଭ କରିଛି ।

## ଭାରତୀୟ ମଜଦୁର ସଂଘର ଜିଲା ସମ୍ମିଳନୀ

**ଆଶା, ପାଚିକାଙ୍କ ଦାବି ପ୍ରତି ସରକାର ଉଦାସୀନ**

ସୋନପୁର,୬।୧୧(ନି.ପ୍ର.)

ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହରେ ଭାରତୀୟ ମଜଦୁର ସଂଘ ସୁବର୍ଣ୍ଣପୁର ଜିଲା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନ ଜିଲା ସଭାପତି ଡମ୍ବରୁଧର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ କୁମାର ଦେହେରୀ, ସମ୍ମାନିତ ଅତିଥି ଭାରତୀୟ ମଜଦୁର ସଭା କେନ୍ଦ୍ରୀୟ ଉପସଭାନେତ୍ରୀ କନିକା ମଲ୍ଲିକ, ଜିଲା ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ରାଉଳ, ପାଚିକା ସଂଗଠନ ଜିଲା ସଭାନେତ୍ରୀ ମମତା ମାଝି, ଉପସଭାପତି ଅର୍ଜୁନ ବାଦୀ, ଜିଲା କୋଷାଧକ୍ଷ ନବ ମିଶ୍ର ଓ ସହ ସମ୍ପାଦକ ଗୌତମ ପଣ୍ଡା ଯୋଗ ଦେଇଥିଲେ। ଆଶା ଓ ପାଚିକାମାନଙ୍କ ଦାବି ପ୍ରତି ସରକାର ଉଦାସୀନ ଅଛନ୍ତି । ରାଜ୍ୟ ସରକାରଙ୍କ ଏହି ବୈମାତୃକ ମନୋଭାବ ପ୍ରତିବାଦରେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ। ଏଥିପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ସୁରୁବାବୁ ପ୍ରଧାନ , ଦେବରାଜ ବେହେରା, ଜୀବନା ନନ୍ଦ ବାରିକ, ପ୍ରସନ୍ନ ସାହୁ, ସଞ୍ଜୀବ ସାହୁ, ଶ୍ୟାମ ରଣା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା ବୃନ୍ଦ।

## ନ୍ୟାୟପାଳିକା, କାର୍ଯ୍ୟପାଳିକା ମଧ୍ୟରେ ସମନ୍ୱୟ ଜରୁରୀ

ସୁବର୍ଣ୍ଣପୁର,୬।୧୧(ନି.ପ୍ର.)

ତୃଣମୂଳ ସ୍ତରରେ ସମସ୍ତଙ୍କୁ ଆଇନଗତ ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ସୁବର୍ଣ୍ଣପୁରରେ ବୃହତ୍ ଆଇନ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ନୂତନ ଟାଉନହଲଠାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ପୂର୍ଣ୍ଣିମା ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଜିଲାପାଳ ଅବୋଲି ସୁନୀଲ ନରୱଣେ,ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରିୟରଞ୍ଜନ ବାରିକ, ସିନିୟର ସିଭିଲ ଜଜ୍ କମଳାକାନ୍ତ ନାୟକ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢ଼ୀ, ବାର ଆସୋସିଏଶନ ସଭାପତି ବିଧାନ ଚନ୍ଦ୍ର ପାଣିଗ୍ରାହୀ ଏବଂ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବିଚାରପତି କୁମୁଦିନୀ ମୁଦୁଲି ମଞ୍ଚାସୀନ ଥିଲେ। ଭୀମଭୋଇ କଳାପରିଷଦର କଳାକାରମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ବିଚାରପତି ମୁଦୁଲି ସ୍ୱାଗତ ସମ୍ଭାଷଣରେ କହିଥିଲେ ଯେ, ଆଇନ ସଚେତନତା ଶିବିର ଜରିଆରେ ବିଭିନ୍ନ ଯୋଜନାର ହିତାଧିକାରୀମାନେ କିଭଳି ଗୋଟିଏ ଜାଗାରେ ଏକକାଳୀନ



ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଆଇନ ସଚେତନତା ଶିବିର**

ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପାଇପାରିବେ ତାହା ଏହି ଶିବିରର ମୂଳ ଲକ୍ଷ୍ୟ । ତୃଣମୂଳ ସ୍ତରରେ ରହୁଥିବା ଜନସାଧାରଣଙ୍କ ପାଇଁ କାର୍ଯ୍ୟରତ ଏହି ପ୍ରାଧିକରଣର ସଫଳତା ଓ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ସମସ୍ତ ଅଧିକାରୀ ଯତ୍ନବାନ ହେବା ଆବଶ୍ୟକ। ମୁଖ୍ୟଅତିଥି ଜିଲାପାଳ ଅବୋଲି ସୁନୀଲ କହିଥିଲେ ଯେ, ଏଭଳି ଶିବିର ଏକ ସାଗତଯୋଗ୍ୟ ପଦକ୍ଷେପ । ଜିଲାର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆଇନ ସଚେତନତା ସୃଷ୍ଟି କରିବା ପାଇଁ ବିଦ୍ୟାଳୟ ସ୍ତରରେ ଏଭଳି କର୍ମଶାଳା ଆୟୋଜନ କରିବା ପାଇଁ ପରାମର୍ଶ ଦେଇଥିଲେ । ତୃଣମୂଳ ସ୍ତରରେ ସମସ୍ତଙ୍କୁ ଆଇନଗତ ସୁବିଧା ଯୋଗାଇ ଦେବା ପାଇଁ ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ମଧ୍ୟରେ ସମନ୍ୱୟ ଜରୁରୀ ବୋଲି ଜିଲାପାଳ କହିଥିଲେ। ଅତିଥି ବୃନ୍ଦ ନାଗରିକମାନଙ୍କୁ ନିଜର ନ୍ୟାୟୋଚିତ ଅଧିକାର ସାବ୍ୟସ୍ତ କରିବା ସହିତ ସମାଜ ପ୍ରତି ନିଜ କର୍ତ୍ତବ୍ୟ ସମ୍ବନ୍ଧରେ ବୁଝାଇଥିଲେ । ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଭେଦଭାବ ବିନା ସମସ୍ତଙ୍କ ସମ୍ମାନଜନକ ଭାବରେ ବଞ୍ଚିବାର ଅଧିକାର ଅଛି। ବିଶେଷ କରି ଅନୁସୂଚିତ ଜାତି, ଜନଜାତି ବର୍ଗ, ମହିଳା ଓ ଭିନ୍ନକ୍ଷମମାନଙ୍କୁ ବିପଦ ସମୟରେ ସମସ୍ତ ପ୍ରକାରର ଆଇନଗତ ସହାୟତା ଯୋଗାଇ ଦେବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଭୀମଭୋଇ କଳା ପରିଷଦ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଜିଲା ଶ୍ରମ ଅଧିକାରୀଙ୍କ ତରଫରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଓ ଅଣ ସଂଗଠିତ ଶ୍ରମିକ କଲ୍ୟାଣ ଯୋଜନାରେ ମୃତ୍ୟୁ ସହାୟତା ତଥା ଅନ୍ୟାନ୍ୟ ସହାୟତା ପାଇଁ ଚାରଭଟାର ଗେଲ ରଣାଙ୍କୁ ୨ ଲକ୍ଷ, କମସରାର ପଦ୍ମିନୀ ବେହେରାଙ୍କୁ ୨ଲକ୍ଷ, ବାଘହାଣ୍ଡିର ଗୋପ ନାଏକଙ୍କୁ ୧ଲକ୍ଷ, ସମଲେଇଚୁଆର ଶାନ୍ତିଲତା ବରିହାଙ୍କୁ ୧ଲକ୍ଷ, ସୌମୀତ୍ରି କଂସାରିଙ୍କୁ ୫୦ ହଜାର ଟଙ୍କାର ସହାୟତା ଚେକ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପେନସନ୍ ଯୋଜନାରେ ବୃଦ୍ଧାବୃଦ୍ଧ , ଭିନ୍ନକ୍ଷମମାନଙ୍କୁ ଭତ୍ତା କାର୍ଡ଼ ଓ ମମତା ଯୋଜନାର ହିତାଧିକାରୀମାନଙ୍କୁ ସହାୟତା ତଥା ଭିନ୍ନକ୍ଷମମାନଙ୍କୁ ହୁଇଲ ଚେୟାର ବଣ୍ଟନ କରାଯାଇଥିଲା । ଶିବିରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା, ଆଇନଜୀବୀ, ସିଭିଲ ସୋସାଇଟି ସଦସ୍ୟ, ବରିଷ୍ଠ ନାଗରିକ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଜିଲାର ସମସ୍ତ ବ୍ଲକରୁ ଶତାଧିକ ହିତାଧିକାରୀ ଯୋଗ ଦେଇଥିଲେ ।

## ବୋଲେରୋ ଧକ୍କାରେ ଯୁବକ ଗୁରୁତର

**କୋକସରା,(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ଗ୍ରାମ ଜାତୀୟ ରାଜପଥ ୨୬ରେ ରବିବାର ବୋଲେରୋ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ କୋକସରା ବ୍ଲକ ମୁଣ୍ଡାପାଲି ପଞ୍ଚାୟତ ଖପ୍ରାମାଲ ଗ୍ରାମର ଦେଶଙ୍କର ପାଁୟା ସିଂ (୨୦)। ତାଙ୍କୁ ମୋଟେର ଫାଣ୍ଡି ପୋଲିସ ଉଦ୍ଧାର କରି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ କୋକସରା ଡାକ୍ତରଖାନାରେ ଆଣି ଭର୍ତ୍ତି କରିଛନ୍ତି। ଯୁବକଙ୍କ ଅବସ୍ଥା ଗୁରୁତର ଥିବାରୁ ଜିଲା ସଦର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବୋଲେରୋ ବୌଦ୍ଧରୁ ଉମରକୋଟ ଯାଉଥିବା ବେଳେ ମୋଟେର ଗ୍ରାମର ବୁଲାଣିରେ ଏହି ଦୁର୍ଘଟଣା ଘଟିଛି।

## ସଂକ୍ଷେପରେ

### ୮ ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର ଗିରଫ

**ଲାଠୋର,୬ା୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲାଠୋର ଥାନା ପୋଲିସ ଶନିବାର ରାତିରେ ହରିଶଙ୍କର ରୋଡ୍ ରେଳ ଷ୍ଟେଶନରୁ ବାହାର ରାଜ୍ୟକୁ ବେଆଇନଭାବେ ଦାଦନ ଶ୍ରମିକ ଚାଲାଣ ବେଳେ ୮ଜଣଙ୍କୁ ଉଦ୍ଧାର କରିଛି। ଚାଲାଣ କରୁଥିବା ସର୍ଦ୍ଦାର ନବୀନ ମାଝିଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ଗ୍ରାମକୁ ପଠାଇ ଦିଆଯାଇଥିବା ଲାଠୋର ଥାନା ଅଧିକାରୀ ଝସକେତନ ଭୋଇ ସୂଚନା ଦେଇଛନ୍ତି। ତୁରେକେଲା ଥାନା କନ୍ଧାଗାଡ଼ର ସର୍ଦ୍ଦାର ମାଝି ଖପ୍ରାଖୋଲ ଥାନା ଘୁଚାପାଲିର ୩ ଜଣ ଏବଂ କନ୍ଧାଗାଡ଼ ଗ୍ରାମର ୫ଜଣ ମହିଳା ପୁରୁଷଙ୍କୁ ଆନ୍ଧ୍ରପ୍ରଦେଶ ଚାଲାଣ ପାଇଁ ରେଳ ଷ୍ଟେଶନକୁ ରାତିରେ ଆଣୁଥିଲେ। ଖବର ପାଇ ପୂର୍ବରୁ ସେଠାରେ ଜଗିଥିବା ଏଏସଆଇ ଯତୀନ୍ଦ୍ର ବଡାଇ ଏବଂ ଷ୍ଟାଫ ତାଙ୍କୁ ଅଟକାଇ କାଗଜ ପତ୍ର ଯାଞ୍ଚ କରିଥିଲେ। ହେଲେ ସର୍ଦ୍ଦାର କୌଣସି କାଗଜ ପତ୍ର ଦେଖାଇ ପାରି ନ ଥିଲେ। ଏ ନେଇ ଲାଠୋର ଥାନାରେ ଏକ ମାମଲା(୧୩୭/୨୨)ରୁଜୁ ହୋଇଛି।

# ଅଲୋଡ଼ା ଐତିହ୍ୟ ଓଡ଼ିଆ ଶିଳ୍ପୀଙ୍କୁ ଅଣଆଡ଼ିଆ କରିଦେଲା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଐତିହ୍ୟର ଓଡ଼ିଶା

- ଗଜପତି ନିଜ କୋଷାଗାରରୁ ଶିଳ୍ପୀଙ୍କୁ ଉପହାର ଦେଇଥିଲେ
- ଯଜ୍ଞଶାଳା ପ୍ରସ୍ତୁତିରେ ପଥୁରିଆଣୀଙ୍କର ସହଯୋଗ ଥିଲା

ଆମେ 'ବଢ଼େଇ' ଶବ୍ଦର ରହସ୍ୟ ପ୍ରସଙ୍ଗରେ ସୂଚନା ଦେଇଥିଲୁ। ପଥରସୁଆଁସିଆଙ୍କର କାର୍ଯ୍ୟ ଅନୁଶୀଳନ କଲେ ଜଣାଯାଉଛି ସେମାନେ ବଢ଼େଇ ନ ଥିଲେ। ମନ୍ଦିର ନିର୍ମାଣ ପାଇଁ ଆସିଥିବା ୨୩୨୪ ଜଣ ଶିଳ୍ପୀଙ୍କ ମଧ୍ୟରୁ ୫୩୦ଜଣ ଯୁବଶିଳ୍ପୀ ଗଜପତିଙ୍କ ସହିତ ବିଜୟକୋଣ୍ଡା (ବିଜୟୱାଡ଼ା) ଯାଇଥିଲେ। ବିଜୟୱାଡ଼ା ସେତେବେଳେ ଆମ ସାମ୍ରାଜ୍ୟଭୁକ୍ତ ଥିଲା। ରେଣ୍ଡିଆଶିଳ୍ପୀ ସୈନ୍ୟବାହିନୀରେ ଯୋଗଦେବାକୁ ଯାଇଥିଲେ। ପୂର୍ବରୁ ଆମେ ଏହା ସୂଚନା ଦେଇଥିଲୁ। ମନ୍ଦିର ନିର୍ମାଣ ଆରମ୍ଭ ବେଳର କଥା ଇୟେ। ସେମାନେ ଗଜପତିଙ୍କ ସହିତ ଯୁଦ୍ଧଯାତ୍ରାରେ ଯାଇଥିଲେ। ଫେରିବା ପରେ ସେମାନେ ନିଜ ନିଜ ଗାଁକୁ ଯାଇ ନ ଥିଲେ। କୋଣାର୍କକୁ ଆସିଥିଲେ। ମନ୍ଦିର ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ।

ନିଯୁକ୍ତ ହୋଇଥିବା ଯୁବ ପଥୁରିଆଙ୍କ ସଂଖ୍ୟା ଥିଲା ୩୪୦ ଓ ଯୁବ ପାଇଟିଆଳ ଯେଉଁମାନେ କି ପଥୁରିଆଙ୍କୁ ସାହାଯ୍ୟ କରୁଥିଲେ ସେମାନେ ଥିଲେ ୨୭୩ ଜଣ। ମୋଟ ୬୧୩ଜଣ।


ଶ୍ରୀମନ୍ଦିର ସମ୍ମୁଖରେ ଶୋଭା ପାଉଥିବା ଅରୁଣ ସ୍ତମ୍ଭ। ଫଟୋ: ଯଜ୍ଞେଶ୍ୱର ମହାନ୍ତି

ବିଜୟୱାଡ଼ା ଯାଇଥିଲେ ୫୩୦ ଜଣ। ଆଉ ଅଧିକ ୮୩ଜଣ ଏମାନଙ୍କ ସହ ସାମିଲ ହେଲେ ସୈନ୍ୟବାହିନୀରୁ। ସେମାନେ ନିର୍ମାଣ କାର୍ଯ୍ୟର ଯଥେଷ୍ଟ ଅଗ୍ରଗତି ହେବା ପରେ କାର୍ଯ୍ୟରୁ ଛୁଟିନେଇ ଗାଁକୁ ଫେରିଯିବାକୁ ଇଚ୍ଛା କରିଥିଲେ। ଗଜପତି ଜାଣିବା ପରେ ସମସ୍ତଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ୧ ହଜାର ୩୪ଟି ସୁନାମାଢ଼ ଦେଇଥିଲେ। ସାଙ୍ଗରେ ଚାଉଳ, ମୁଗ ନେଇ ଘରକୁ ଯିବାକୁ ଅନୁମତି ଦେଇଥିଲେ। ଏହା କୋଣାର୍କ କୋଷାଗାର (ଟ୍ରେଜେରି)ରୁ ଦିଆଯାଇ ନ ଥିଲା। ଗଜପତି ନିଜ କୋଷାଗାରରୁ ଦେଇଥିଲେ। ଏଇଠି ପୋଥି ଲେଖକ ଲେଖୁଛନ୍ତି ସେମାନଙ୍କୁ ଗଣ୍ଡିଲି ଭର୍ତ୍ତି କରି କିଛି ଦରବ ଦିଆଯାଇଥିଲା। ସେ ଦରବ କ'ଣ ମୁଁ ଜାଣି ନାହିଁ।

ଏସବୁ ଲେଖିବାର ଉଦ୍ଦେଶ୍ୟ ଗଜପତି ନିର୍ଯାତନା ଦେଉ ନ ଥିଲେ। ଆଦର କରୁଥିଲେ। ଆଦର କରୁ ନ ଥିଲେ ଉପହାର ଦେଇ ସମ୍ବର୍ଦ୍ଧିତ କରି ନ ଥାନ୍ତେ।

ଯୁବ ପଥୁରିଆ ଯେଉଁ ଯେଉଁ ଦଣ୍ଡପାଟ, ଗଡ଼, ଗାଁରୁ ଆସିଥିଲେ ଦାମ ଜେନା ତା'ର ମଣତି ଦେଇଥିଲେ। ଆମେ ତାଲିକା ଦେଇଥିଲୁ। ସେଗୁଡ଼ିକ ସବୁ ଓଡ଼ିଶା ଭୂଖଣ୍ଡର।

ବଢ଼େଇ ଏବଂ ଶିଳ୍ପୀ ମହାରଣା ଶବ୍ଦ ଅଲଗା ଅଲଗା ବ୍ୟବହାର ହୋଇଥିବାର ଦେଖାଯାଏ। ପଥର କାମ ସହିତ ଶିଳ୍ପୀମାନଙ୍କୁ 'ମହାରଣା' କୁହାଯାଇଛି। କାଠକାମ ଶିଳ୍ପୀଙ୍କୁ 'ବଢ଼େଇ' ଶବ୍ଦରେ ବର୍ଣ୍ଣନା କରାଯାଇଛି। ତିନୋଟି କାଠ ଦ୍ୱାର ତିଆରି କରିଥିବା ୮ଜଣଙ୍କୁ 'ବଢ଼େଇ' କୁହାଯାଇଛି। ପଥର ମହାରଣା ଓ ବଢ଼େଇ ମହାରଣାଙ୍କ କାମ ସମ୍ପୂର୍ଣ୍ଣ ଅଲଗା ଅଲଗା ବର୍ଣ୍ଣନା କରାଯାଇଛି। ଠିକ୍ ସେମିତି ପାଇଟିଆଳ, ସୁଆଁସିଆ ଶବ୍ଦ ଅଲଗା ଅଲଗା ବ୍ୟବହାର କରାଯାଇଛି। ଏମାନେ ମୂଲିଆ ଭାବରେ ଅର୍ଥାତ୍ ଶିଳ୍ପୀଙ୍କ ସହଯୋଗୀ ଭାବରେ କାମ କଲାବେଳେ ପଥର ସୁଆଁସିଆ ଭାବରେ ଚିହ୍ନିତ ହୋଇଛନ୍ତି। ନାରୀମାନଙ୍କ କ୍ଷେତ୍ରରେ, 'ପଥୁରିଆଣୀ' ଶବ୍ଦ ବ୍ୟବହାର ହୋଇଛି। ପାଇଟିଆଳ ନାରୀ ଓ ପୁରୁଷ ଉଭୟ ଥିଲେ।

## ୨ ବାଇକ୍ ମୁହାଁମୁହିଁ ଧକ୍କା: ୨ ଗୁରୁତର

**କୋକସରା,୬ା୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବିଜୁ ଏକ୍ସପ୍ରେସ ୱେ କୁଳେରଗୁଡା ଛକ ନିକଟରେ ରବିବାର ସନ୍ଧ୍ୟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଚାଳକ ଗୁରୁତର ଆହତ ହୋଇଛନ୍ତି। କିଛି ସ୍ଥାନୀୟ ଯୁବକମାନେ ଏ ନେଇ ଆମପାଣି ପୋଲିସ ଓ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ୧୦୮ଆମ୍ବୁଲାନ୍ସ କର୍ମଚାରୀ ପହଞ୍ଚି ଜଣେ ଗୁରୁତରଙ୍କୁ କୋକସରା ଡାକ୍ତରଖାନାରେ ଆଣି ଭର୍ତ୍ତି କରିଥିଲେ। ଗୁରୁତର ୨ଜଣ ହେଲେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଇଚ୍ଛାପୁର କରଲାପଡାର ଭଗବାନ ନାଏକ ଓ ଅନ୍ୟ ଜଣେ ଧର୍ମଗଡର ସଞ୍ଜୟ ପଣ୍ଡା ବୋଲି ସୂଚନା ମିଳିଛି। ଭଗବାନଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟ ଜଣେ ଧର୍ମଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ତେବେ ବିଜୁ ଏକ୍ସପ୍ରେସ ୱେ ରାସ୍ତା କାମରେ ନିୟୋଜିତ ଏକ ହାଇୱା ଗାଡି ରାସ୍ତା ମଝିରେ ରହିଥିବାରୁ ବାଇକ ଦ୍ୱୟ ଦୁର୍ଘଟଣା ହୋଇଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି।

### ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଲୋଇସିଂହା,୬ା୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଗ୍ରାମରେ ଜଙ୍ଗଲ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗିଆ ଜାମ କମିଟି ଆନୁକୂଲ୍ୟରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆବାହକ ଗୋପାଳ ହୋତା ଅତିଥିଭାବେ ଯୋଗଦେଇଥିଲେ। ଜଳବାୟୁ ପରିବର୍ତ୍ତନର ମୁଖ୍ୟକାରଣ, ଜଙ୍ଗଲ ଧ୍ୱଂସ ଯୋଗୁ ସୃଷ୍ଟି ହେଉଥିବା ସମସ୍ୟା ଏବଂ ତାର ନିରାକଣ ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଗ୍ରାମ୍ୟ ପାର୍ଶ୍ୱବର୍ତ୍ତୀ ଜଙ୍ଗଲରେ ବ୍ୟାପକ ଚାରା ଲଗାଇବାକୁ ଆହ୍ୱନ ଦେଇଥିଲେ ଆବାହକ ହୋତା। ବୀରେନ୍ଦ୍ର ସାହୁ, ସନତ ପଟେଲ, କୈବର୍ତ୍ତ ପ୍ରଧାନ ଏହି ଅବସରରେ ଉପସ୍ଥିତ ଥିଲେ। ନାରାୟଣ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଜ କିଶୋର ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

### ୨୮ବର୍ଷରେ ଦୁର୍ଗାପାଲି ସପ୍ତାହ ପାରାୟଣ

**ଲୋଇସିଂହା,୬ା୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦୁର୍ଗାପାଲି ଗ୍ରାମରେ ରାମଜୀ କମିଟି ପକ୍ଷରୁ ଗତ ୧ତାରିଖରୁ ଆରମ୍ଭ ହୋଇଥିବା ସପ୍ତାହ ପାରାୟଣ ଚଳିତ ବର୍ଷ ୨୮ ବର୍ଷରେ ପଦାର୍ପଣ କରିଛି। ଦିନରେ ପାରାୟଣ ଓ ସନ୍ଧ୍ୟାରେ ସାଧୁସନ୍ଥଙ୍କ ଦ୍ୱାରା ଭାଗବତ ଆଲୋଚନା କରାଯାଉଛି। ଏହାକୁ ନେଇ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ବଳଦେବ ସେଠ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଦୁସାନ୍ତ ପଟେଲ, ପ୍ରେମାନନ୍ଦ ମହାଲିଙ୍ଗ, ଯାକେଶ୍ୱର ବରିହା, ଯଦୁ ମହାଲିଙ୍ଗ, ବଳଦେବ ସେଠ ପ୍ରମୁଖ ଆବାହକତ୍ୱରେ ପାରାୟଣ ଅନୁଷ୍ଠିତ ହେଉଛି। ପାରାୟଣର ଷଷ୍ଠ ଦିବସରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇଥିଲେ।

### ତାଲୁକ୍‌ସ୍ତରୀୟ ଆଇନ ସେବା ସଚେତନତା

**ବୋଡେନ,୬ା୧୧(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ ତାଲୁକ୍‌ସ୍ତରୀୟ ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ସ୍ଥାନୀୟ ସରକାରୀ ହାଇସ୍କୁଲ ପରିସରରେ ଆଇନ୍ ସେବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୋଡେନ ଜେଏମ୍‌ଏଫ୍‌ସି ଜଜ୍ ତଥା ତାଲୁକ୍ ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ନରୋଜ କୁମାର ସହୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମରେ ତହସିଲଦାର ରାଜେଶ କୁମାର ମେହେର, ସହ ଜିଲା ମଙ୍ଗଳ ଅଧିକାରୀ ହିମାଂଶୁ ଶେଖର କୁମ୍ଭାର, ଆଇନ୍ ସେବା ପ୍ରାଧିକରଣ ରିଟେନର୍ ଦଶରଥ ସାମନ୍ତ, ବୋଡେନ ବାର୍ ଆସୋସିଏଶନ୍ ସଭାପତି ହିରାଲାଲ ମାଝି, ବରିଷ୍ଠ ଆଇନ୍‌ଜୀବୀ ହୃଷିକେଶ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଆଇନ୍‌ଜୀବୀ ଗୌତମ ନିଆଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତାଲୁକ୍ ଆଇନ୍ ସେବା ପ୍ରାଧିକରଣ ସମ୍ପାଦକ ଦେବାଶିଷ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କୃଷି, ଉଦ୍ୟାନ କୃଷି ଓ ମତ୍ସ୍ୟ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦାନ କରି ତାଙ୍କ ବିଭାଗ ପକ୍ଷରୁ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ସହାୟତା ଓ ସରକାରୀ ଯୋଜନାଗୁଡିକ ଉପରେ ସୂଚନା ଦେଇଥିଲେ। ଉପସ୍ଥିତ ହିତାଧିକାରୀଙ୍କୁ ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା।

# ସଭିଙ୍କୁ ନ୍ୟାୟ ପ୍ରଦାନ ସାମ୍ବିଧାନିକ ବ୍ୟବସ୍ଥା


ତାଲୁକ ଆଇନ ସେବା ସମିତି ସଚେତନତା ସଭାରେ ମଞ୍ଚାସୀନ ଅତିଥି।

**ଟିଟିଲାଗଡ଼, ୬ା୧୧(ଡି.ଏନ.ଏ)**

**ତାଲୁକ ଆଇନ ସେବା ସମିତିର ସଚେତନତା ସଭା**

ସମ୍ବିଧାନରେ ସଭିଙ୍କୁ ନ୍ୟାୟ ପ୍ରଦାନ ବ୍ୟବସ୍ଥା ରହିଛି। ଅସହାୟବର୍ଗଙ୍କୁ ଓକିଲ ଖର୍ଚ୍ଚ, କାଗଜାତ ପ୍ରସ୍ତୁତି ଆଦି ନେଇ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ଅସହାୟଙ୍କୁ ମାଗଣାରେ ନ୍ୟାୟ ପ୍ରଦାନ ପାଇଁ ତାଲୁକଠାରୁ ଆରମ୍ଭ କରି ରାଜ୍ୟସ୍ତରରେ ଆଇନ ସେବା ସମିତି ରହିଛି। ରବିବାର ଟିଟିଲାଗଡ ବ୍ଲକ ମନିଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ସଚେତନତା ସଭାରେ ଟିଟିଲାଗଡ ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜ ରାଜକିଶୋର ମହାପାତ୍ର, ସବ୍‌ଜଜ ରମାକାନ୍ତ ମହାନ୍ତି ଏହି ସୂଚନା ଦେଇଥିଲେ। ଆଇନ ସଚେତନତା ମାଧ୍ୟମରେ ନାଗରିକ ସଶକ୍ତିକରଣ ନେଇ ଅକ୍ଟୋବର ୩୧ରୁ ଏହି ଅଭିଯାନ ଆରମ୍ଭ ହୋଇ ୧୩ ନଭେମ୍ବର ପର୍ଯ୍ୟନ୍ତ ବ୍ଲକ ଅନ୍ତର୍ଗତ ୨୪ ପଞ୍ଚାୟତରେ ସଚେତନତା ସୃଷ୍ଟି କରାଯିବ ବୋଲି ବିଚାରପତିଦ୍ୱୟ କହିଥିଲେ। ଏହି ଅବସରରେ ଆଇନ ସଚେତନତା ନେଇ ବିଭିନ୍ନ ପ୍ରଚାର ପତ୍ର ମଧ୍ୟ ବଣ୍ଟନ କରାଯାଇଥିଲା। ସରପଞ୍ଚ ମାଦ୍ରୀ ଖର୍ସେଲ, ଲିଗାଲ ପାନେଲ ରିଟେନର ଜୟନ୍ତ ପଣ୍ଡା, ସୁରେନ ପଣ୍ଡା, ଟିକେରାମ ସାହୁ, ପ୍ରଫୁଲ୍ଲ ବିଶି, ତାଲୁକ ଆଇନ ସମିତି କିରାଣୀ ଜୀବର୍ଦ୍ଧନ ଖର୍ସେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରା ଲିଗାଲ ଭଲେଣ୍ଟିୟର ମହତାବ ଦୀପ, ପରମାନନ୍ଦ ତାଣ୍ଡି, ସରୋଜ ସାହୁ, ପୂର୍ବତନ ସରପଞ୍ଚ ମୁନିରାମ ଖର୍ସେଲ, ଚିତ୍ର ଦୀପ, ପ୍ରଫୁଲ୍ଲ ପ୍ରଧାନୀ, ୱାର୍ଡସଭ୍ୟ ବସନ୍ତ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଡିୟୁଜେର ସାଧାରଣ ବୈଠକ

**ନୂଆପଡ଼ା ଅଫିସ,୬ା୧୧**

ନୂଆପଡା ଜିଲା କୋମନାସ୍ଥିତ ବନ ବିଭାଗ ଡାକ ବଙ୍ଗଳାଠାରେ ନୂଆପଡା ଡିଷ୍ଟ୍ରିକ୍ଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ଏନଡିୟୁଜେ)ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁଶାନ୍ତ କର ଅଧ୍ୟକ୍ଷତାରେ ସମ୍ପାଦକ ସୀମାଞ୍ଚଳ ମହାପାତ୍ର, କୋଷାଧ୍ୟକ୍ଷ ଅଂଶୁମାନ ଅଗସ୍ତି, ବୋଡେନ ବ୍ଲକ ସଭାପତି ବିଶିକେଶନ ପଣ୍ଡା, ଖଡିଆଳ ବ୍ଲକ ସଭାପତି ଯୁଗଳ କିଶୋର ମହାନନ୍ଦ, ନୂଆପଡା ବ୍ଲକ ସଭାପତି ଦେବଦାସ ପାଢୀ, କୋମନା ବ୍ଲକ ସଭାପତି ରଞ୍ଜିତ ପଣ୍ଡା, ସିନାପାଲି ବ୍ଲକ ସଭାପତି ଗୟାରାମ ମେହର ସମେତ ୫ଟି ବ୍ଲକର ସମସ୍ତ ଖବରଦାତା ଯୋଗଦେଇଥିଲେ। ବୈଠକରେ ଏନଡିୟୁଜେର ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ସାମ୍ବାଦିକ ବୈଠକ ପାଇଁ ଡିସେମ୍ବର ୧୮ରେ ହେବା ପାଇଁ ସ୍ଥିର କରାଯାଇଛି। ବୈଠକରେ ରାଜ୍ୟ ଓ ଜାତୀୟସ୍ତର ଖବରଦାତାମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଯୁଧିଷ୍ଠିର ପଟେଲ, ପୁରୋହିତ ସୁନାନୀ, ଓମ ପ୍ରକାଶ ଅଗ୍ରୱାଲ, ଉପେନ୍ଦ୍ର ମଟାରୀ, ହରେରାମ କରୁଆ ପ୍ରମଖ ସହଯୋଗ କରିଥିଲେ। ବରିଷ୍ଠ ଖବରଦା଼ା କୁମରମଣି ମହାନନ୍ଦ ଧନ୍ୟବାଦ ଦେଇଥିଲେ।

## ଆଇନସେବା ସଚେତନତା ଶିବିର

**ସିନାପାଲି,୬ା୧୧(ଡି.ଏନ.ଏ.)**

ନୂଆପଡା ଜିଲା ତାଲୁକ ଆଇନ ସେବା ସମିତି ସିନାପାଲି ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ସିନାପାଲି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ଆଇନସେବା ସମିତି ଅଧକ୍ଷା ଅଞ୍ଜୁ ସାହୁ ମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସିନାପାଲି ଓକିଲ ସଂଘ ସଭାପତି କ୍ଷୀରସିନ୍ଧୁ ମେହେର, ସମ୍ପାଦକ ସୁବ୍ରତ ମେହେର, ବରିଷ୍ଠ ଓକିଲ ବୈଶମ୍ପାୟନ ମେହେର, ନାଗରିକ କମିଟି ସଭାପତି ଡମ୍ବୁରୁଧର ମେହେର, ସାମାଜିକ କର୍ମୀ ଦୁଷ୍ମନ୍ତ ମେହେର, ତାଲୁକ ଆଇନ ସେବା ସମିତିର ଓକିଲ ସଞ୍ଜୟ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଓ ଜିଲା ଆଇନସେବା ପ୍ରାଧିକରଣ ଆହ୍ୱାନରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଆମ ସମ୍ବିଧାନରେ କିପରି ସାମାଜିକ ଓ ଆର୍ଥିକସ୍ତରରେ ପଛୁଆ ବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଆଇନ ସେବା ଓ ବିଭିନ୍ନ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି, ତାହା ଉପରେ ମଞ୍ଚାସୀନ ଅତିଥିମାନେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘ ଉପସଭାପତି ବାଣୀ ବଲ୍ଲଭ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଗଣେଶ ଚନ୍ଦ୍ର ମେହେରଙ୍କ ସମେତ ସମସ୍ତ କର୍ମକର୍ତ୍ତା, ସିନାପାଲି ଅଞ୍ଚଳର ଶତାଧିକ ବରିଷ୍ଠ ନାଗରିକ, ଆଶା, ଅଙ୍ଗନୱାଡି, କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆଇନଜୀବୀ ସଞ୍ଜୟ କୁମାର ବେହେରା ପରିଚାଳନା କରିଥିବା ବେଳେ ନିଳାଞ୍ଚଳ ମେହେର ଧନ୍ୟବାଦ ଦେଇଥିଲେ।

## ଚିତ୍ରାଙ୍କନରେ ଓମ୍‌କାର ରାଜ୍ୟସ୍ତରକୁ ମନୋନୀତ

**ଲୋଇସିଂହା,୬ା୧୧(ଡି,ଏନ.ଏ.)**

ବଲାଙ୍ଗୀର ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପ୍ରଥମ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜୁନିୟର ବର୍ଗ ଜିଲାସ୍ତରୀୟ ପ୍ରତିଯୋଗୀତାରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର ଓମକାର ସାହୁ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ବୁର୍ଡା ଗ୍ରାମର ଯାଜ୍ଞସିନୀ ସାହୁ ଓ ରାମକୁମାର ସାହୁଙ୍କ ପୁଅ ଓମକାର ତଳିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସେ ବୁର୍ଡା ଏମଇ ସ୍କୁଲ କ୍ଲଷ୍ଟରସ୍ତରୀୟ ଓ ହାଇସ୍କୁଲରେ ବ୍ଲକସ୍ତରୀୟ ସୁରଭି ଜୁନିୟର ବର୍ଗରେ ମୋ ସ୍ୱପ୍ନର ବିଦ୍ୟାଳୟ ଚିତ୍ରାଙ୍କନ ସୁନ୍ଦରଭାବେ ବିଦ୍ୟାଳୟ, ହାତଧୁଆ, ପାଇଖାନା, ସ୍ମାଟ କ୍ଲାସରୁମ, ଖେଳପଡିଆ, ମଧ୍ୟାହ୍ନଭୋଜନ ଓ ଆବର୍ଜନା କୁଣ୍ଡ ଆଙ୍କି ଜିଲାସ୍ତରକୁ ମନୋନୀତ ହୋଇଥିଲେ। ଶନିବାର ଜିଲାସ୍ତରୀୟ ପ୍ରତିଯୋଗୀତାରେ ଓମକାର ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକଙ୍କଠାରୁ ମାନପତ୍ର ଗ୍ରହଣ କରି ବେଶ ଖୁସିବ୍ୟକ୍ତ କରିଛନ୍ତି ଓମକାର। ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ମଧ୍ୟ ଶ୍ରେଷ୍ଠତ୍ୱ ପ୍ରଦର୍ଶନ ପାଇଁ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି। ଓମକାର ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ ବୋଲି କହିଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ମଲ୍ଲିକ।


ଓମ୍‌କାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ଏକ ଦିବସୀୟ କ୍ରିକେଟ: ଦେଓଗାଁ ଚାମ୍ପିୟନ

**ଦେଓଗାଁ, ୬ା୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝରର ପଞ୍ଚାୟତ ଅନ୍ତର୍ଗତ ଉପରଝର ମିନି ଷ୍ଟାଡିୟମରେ ଆଜାଦ ହିନ୍ଦ କ୍ରିକେଟ କ୍ଲବ ଆୟୋଜନରେ ରବିବାର ମା' ପାଟଖଣ୍ଡା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠି ହୋଇଯାଇଛି। ଦେଓଗାଁ କ୍ରିକେଟ ଦଳ ଓ ପଣ୍ଡରାପିଟା ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଓଗାଁ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଖେଳକୁ ରଞ୍ଜିତ ବିଶ୍ୱାଳ, ଆଲୋକ ପଧାନ ପରିଚାଳନା କରିଥିଲେ। ପୁରୁଷୋତ୍ତମ ବିଶ୍ୱାଳ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଦେବାଶିଷ ପଧାନ ଧାରା ବିବରଣୀ ପ୍ରଧାନ କରିଥିଲେ। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ରମେଶ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ଉପରଝର ପାକ୍ସ ନିର୍ଦ୍ଦେଶକ ସୁକଦେବ ପଧାନ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ବସନ୍ତ ସେଟ, ମିଳନ ପଧାନ, ଅନିଲ ବିଶ୍ୱାଳ, ରୋଷନ ସେଠ, କାହ୍ନା ପଧାନ, ଅଭିଷେକ ବାଗ ଓ ଆଜାଦହିନ୍ଦ କ୍ରିକେଟ କ୍ଲବ ସଦସ୍ୟ ସହଯୋଗ କରିଥିଲେ।


ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

## ବିଦ୍ୟାଳୟସ୍ତରୀୟ କରାଟେ ଚାମ୍ପିୟନଶିପ

**କଣ୍ଟାବାଞ୍ଜି, ୬ା୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମୁସ୍କାନ ଇଣ୍ଟରନ୍ୟାଶନାଲ ସ୍କୁଲରେ ଦିନିକିଆ ଆନ୍ତଃଜିଲା କରାଟେ ପ୍ରତିଯୋଗିତା ରବିବାର ସମ୍ପନ୍ନ ହୋଇଛି। ଏହି ପ୍ରତିଯୋଗୀତାରେ ବଲାଙ୍ଗୀର, ନୂଆପଡା ଓ କଳାହାଣ୍ଡି ଜିଲାର ୧୯ ବିଦ୍ୟାଳୟର ୨୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କରାଟେ ଇଣ୍ଡିଆ ଅର୍ଗାନାଇଜେସନ ଦ୍ୱାରା ଅନୁବନ୍ଧିତ ଉତ୍କଳ କରାଟେ ସ୍କୁଲଦ୍ୱାରା ଆୟୋଜିତ ଏହି ପ୍ରତିଯୋଗୀତା ଜାତୀୟ ରେଫରୀ ସୁରେଶ ଯାଦବ ଜାଲଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏଥିସହ ୨ଜଣ ଜାତୀୟ ଓ ୧୨ଜଣ ରାଜ୍ୟସ୍ତରୀୟ ରେଫରୀ ଚାମ୍ପିୟନଶିପରେ ଯୋଗଦେଇଥିଲେ। ଏହି ପ୍ରତିଯୋଗୀତାରେ କୁମୁଟି ଓ କାତା ଦୁଇଟି ଇଭେଣ୍ଟରେ ବୟସ ଅନୁଯାୟୀ ପ୍ରତିଯୋଗିତା କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ମେଡାଲ ପ୍ରଦାନ କରାଯାଇଛି। ମୁସ୍କାନ ଇଣ୍ଟରନ୍ୟାଶନାଲ ସ୍କୁଲ ପ୍ରିନ୍ସିପାଲ ମନ୍ସି ଜର୍ଜ ଓ ବିଦ୍ୟାଳୟ ଡାଇରେକ୍ଟର ବ୍ରଜେଶ ଅଗ୍ରୱାଲଙ୍କ ଆବାହକତ୍ୱରେ ଅନୁଷ୍ଠିତ କରାଟେ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ କରାଟେରେ ଅଂଶଗ୍ରହଣ କରିବେ।


ଚାମ୍ପିୟନଶିପର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ରେଫରୀମାନେ।

**ବୋଲେରୋ ଧକ୍କାରେ ଯୁବକ ଗୁରୁତର**

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ଗ୍ରାମ ଜାତୀୟ ରାଜପଥ ୨୬ରେ ରବିବାର ବୋଲେରୋ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ କୋକସରା ବ୍ଲକ ମୂଷାପାଲି ପଞ୍ଚାୟତ ଖପ୍ରାମାଲ ଗ୍ରାମର ଦେଶଙ୍କର ପାୟା ସିଂ (୨୦)। ତାଙ୍କୁ ମୋଟେର ଫାଣ୍ଡି ପୋଲିସ ଉଦ୍ଧାର କରି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ କୋକସରା ଡାକ୍ତରଖାନାରେ ଆଣି ଭର୍ତ୍ତି କରିଛନ୍ତି। ଯୁବକଙ୍କ ଅବସ୍ଥା ଗୁରୁତର ଥିବାରୁ ଜିଲା ସଦର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବୋଲେରୋ ବୌଦ୍ଧରୁ ଉମରକୋଟ ଯାଉଥିବା ବେଳେ ମୋଟେର ଗ୍ରାମର ବୁଲାଣିରେ ଏହି ଦୁର୍ଘଟଣା ଘଟିଛି।

# ଧାମନଗର ପରେ ପଦ୍ମପୁର ଚିନ୍ତା

ବରଗଡ଼ ଅଫିସ

ଧାମନଗର ବିଧାନ ସଭା ନିର୍ବାଚନ ଫଳ ରବିବାର ପ୍ରକାଶ ପାଇଛି। ଦିବଂଗତ ଭାଜପା ବିଧାୟକ ବିଷ୍ଣୁ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜ ଏହି ଆସନରୁ ବିଜୟୀ ହୋଇ ଦଳର ସମ୍ମାନ ରଖିଛନ୍ତି। ଏଥିରେ ଭାଜପା ଉଲ୍ଲସିତ ହୋଇପଡିଥିବା ବେଳେ ବିଜେଡ଼ି ପରାଜୟକୁ ସ୍ୱୀକାର କରିଛି। ଏପରିସ୍ଥଳେ ଡିସେମ୍ବର ୫ତାରିଖରେ ହେବାକୁ ଥିବା ପଦ୍ମପୁର ବିଧାନ ସଭା ଉପନିର୍ବାଚନ ଏବେ ତିନି ପ୍ରମୁଖ ଦଳ ପାଇଁ ଅସଲ ପରୀକ୍ଷା ବୋଲି କୁହାଯାଉଛି। ଧାମନଗର ଫଳାଫଳ ପଦ୍ମପୁର ଉପନିର୍ବାଚନକୁ କିଭଳି ପ୍ରଭାବିତ କରିବ ସେ ନେଇ ତିନି ରାଜନୈତିକ ଦଳ ଭାଜପା, ବିଜେଡି ଓ କଂଗ୍ରେସ ନେତୃବୃନ୍ଦ ଯାହା କହିଲେ ତାହାକୁ ନେଇ ଏକ ଉପସ୍ଥାପନା...।

## ପରିବର୍ତ୍ତନର ଆଭାସ

"ନବୀନ ପଟ୍ଟନାୟକଙ୍କ ନିରବଚ୍ଛିନ୍ନ ୨୨ବର୍ଷ ଶାସନକାଳ ସତ୍ତ୍ୱେ ରାଜ୍ୟବାସୀ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ମିଶନ ଶକ୍ତିର ନାରା ଦିଆଯାଉଛି, ହେଲେ ଆଜି ବି ମହିଳାଙ୍କୁ ସମ୍ମାନ ମିଳୁ ନାହିଁ। ଧାମନଗରବାସୀ ପରିବର୍ତ୍ତନର ନୂଆ ରାସ୍ତା ଦେଖାଇଛନ୍ତି। ଆଗାମୀ ପଦ୍ମପୁର ଉପନିର୍ବାଚନରେ ମଧ୍ୟ ଏହା ପ୍ରତିଫଳିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶଧାରାରେ ସାମିଲ ହୋଇ ପଦ୍ମପୁରବାସୀ ଭାଜପା ପ୍ରାର୍ଥୀଙ୍କୁ ହିଁ ବିଧାୟକଭାବେ ବାଛିବେ।



ଇରାସିସ୍ ଆଚାର୍ଯ୍ୟ, ଭାଜପା

## ଭିନ୍ନ ରାଜନୈତିକ କ୍ଷେତ୍ର

"ଧାମନଗର ଏବଂ ପଦ୍ମପୁର ୨ଟି ଭିନ୍ନ ରାଜନୈତିକ କ୍ଷେତ୍ର। ଧାମନଗର ନିର୍ବାଚନ ମଣ୍ଡଳୀରେ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ଲୋକପ୍ରିୟତା ଥିଲା। ତାଙ୍କ ପୁଅ ଉପନିର୍ବାଚନରେ ଜିତିଲେ। ଏଥିରେ ବିଚଳିତ ହେବା ଠିକ୍ ନୁହେଁ। ପଦ୍ମପୁର ନିର୍ବାଚନ ମଣ୍ଡଳୀ ପ୍ରତି ଉଭୟ ରାଜ୍ୟର ବିଜେଡ଼ି ଏବଂ କେନ୍ଦ୍ରର ଭାଜପା ସରକାର ଅବହେଳା କରି ଆସୁଛନ୍ତି। ଫଳରେ ଉଭୟ ଦଳକୁ ତିରସ୍କାର କରି ପଦ୍ମପୁର ନିର୍ବାଚନ ମଣ୍ଡଳୀବାସୀ ଏଥର କଂଗ୍ରେସ ସପକ୍ଷରେ ନିଶ୍ଚୟ ମତଦାନ କରିବେ।



ପାଣ୍ଡବ କର୍ଣ୍ଣ, କଂଗ୍ରେସ

## ଜିଲାରେ ରହିବ ବିଜେଡିର ବିଜୟଧାରା

"ଗତ ୨୦୧୯ ସାଧାରଣ ନିର୍ବାଚନରେ ବରଗଡ଼ ଜିଲାର ସବୁ ଆସନ ବିଜେଡ଼ି ଦଖଲ କରିଥିଲା। ବିଜେଡ଼ି ପ୍ରତି ଜିଲାବାସୀଙ୍କ ବିଶ୍ୱାସ ଏବେ ମଧ୍ୟ ରହିଛି। ପୂର୍ବତନ ବିଧାୟକ ବିଜୟ ରଞ୍ଜନ ସିଂ ବରିହା ଜନପ୍ରିୟ ଥିଲେ। ଅନେକଥର ବିଜୟ ଲାଭ ମଧ୍ୟ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିକାଶଧାରା ଆଗେଇ ଚାଲିଛି। ଏଠାରେ ଧାମନଗରର କୌଣସି ପ୍ରଭାବ ପଡ଼ିବ ନାହିଁ। ବିଜେଡ଼ି ପୁଣି ଜିତିବ।



ଦେବେଶ ଆଚାର୍ଯ୍ୟ, ବିଜେଡ଼ି

## ୨ ବାଇକ୍ ମୁହାଁମୁହିଁ ଧକ୍କା: ୨ ଗୁରୁତର

କୋକସରା,୬।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ବିଜୁ ଏକ୍ସପ୍ରେସ ୱେ କୁଳେରଗୁଡା ଛକ ନିକଟରେ ରବିବାର ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଚାଳକ ଗୁରୁତର ହୋଇଛନ୍ତି। ଜଣେ ଗୁରୁତରଙ୍କୁ କୋକସରା ଡାକ୍ତରଖାନାରେ ଆଣି ଭର୍ତ୍ତି କରିଥିଲେ। ଗୁରୁତର ୨ଜଣ ହେଲେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଇଚ୍ଛାପୁର କରଲାପଡାର ଭଗବାନ ନାଏକ ଓ ଅନ୍ୟ ଜଣେ ଧର୍ମଗଡର ସଞ୍ଜୟ ପଣ୍ଡା ବୋଲି ସୁଚନା ମିଳିଛି। ଭଗବାନଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟ ଜଣେ ଧର୍ମଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ତେବେ ବିଜୁ ଏକ୍ସପ୍ରେସ ୱେ ରାସ୍ତା କାମରେ ନିୟୋଜିତ ଏକ ହାଇୱା ଗାଡି ରାସ୍ତା ମଝିରେ ରହିଥିବାରୁ ବାଇକ ଦ୍ୱୟ ଦୁର୍ଘଟଣା ହୋଇଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି।

## ସଂକ୍ଷେପରେ

### ୩୬ ବର୍ଷରେ ୨୪ ପ୍ରହର ନାମ ସଂକୀର୍ତ୍ତନ

ସୋନପୁର,୬।୧୧(ନି.ପ୍ର.): କାର୍ତ୍ତିକ ମାସ ଅବସରରେ ସହରର ନୂଆପଡାସ୍ଥିତ ଗଙ୍ଗାଧର ମେହେର ଛକରେ ଚାଲିଛି ୨୪ ପ୍ରହର ନାମ ସଂକୀର୍ତ୍ତନ । ସୋମବାର ସକାଳେ ଏହା ଉଦ୍ଯାପିତ ହୋଇ ଅପରାହ୍ନରେ ନାମଯଜ୍ଞରେ ପୂର୍ଣ୍ଣାହୁତି ହେବାର କାର୍ଯ୍ୟକ୍ରମ ରହିଛି । ୩ ତାରିଖରେ ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଓ ଅଧିବାସ ଅନୁଷ୍ଠିତ ହୋଇଥିଲା । ୪ ତାରିଖରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି। ନାମ ମଣ୍ଡପ ଚାରି ପାଖରେ ସକାଳୁ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି । ରାଧାକୃଷ୍ଣ ସୀତାରାମ ମନ୍ଦିର କମିଟି, ରାମଜୀ ପାଠାଗାର ଓ ନୂଆପଡା ମେହେର ସମାଜ ପକ୍ଷରୁ ଆୟୋଜିତ ଏହି ଧାର୍ମିକ କାର୍ଯ୍ୟକ୍ରମ ଅବସରରେ ସୁସଜ୍ଜିତ ନାମ ମଣ୍ଡପ ଓ ଯଜ୍ଞ ମଣ୍ଡପ ନିର୍ମିତ ହୋଇଛି। ମଣ୍ଡପରେ ରାଧାକୃଷ୍ଣ, ପଞ୍ଚତତ୍ତ୍ୱ ଓ ଷୋଡ଼ଗୋସ୍ୱାମୀ ମୂର୍ତ୍ତି ବିଜେ ହେବା ସହ ପୂଜା ଓ ଯଜ୍ଞାଦି କାର୍ଯ୍ୟ ପାଇଁ ୬ ଜଣ ପୁରୋହିତ ନିୟୋଜିତ ଥିଲେ। ଜିଲା ଓ ଜିଲା ବାହାରର ସଂକୀର୍ତ୍ତନ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଶିଳ୍ପୀଗୁରୁ ପଦ୍ମଶ୍ରୀ ଚତୁର୍ଭୁଜ ମେହେର ସପତ୍ନୀକ ନାମ ସଂକୀର୍ତ୍ତନର କର୍ତ୍ତା ଥିବା ବେଳେ ନୂଆପଡାର ଲୋକେ ଏହି ଧାର୍ମିକ କାର୍ଯ୍ୟକ୍ରମ ପାଇଁ ସମସ୍ତ ସହଯୋଗ କରୁଛନ୍ତି। ଅଞ୍ଚଳବାସୀଙ୍କ ମଙ୍ଗଳ ପାଇଁ ପ୍ରାୟ ୩୬ ବର୍ଷ ଧରି ଏହି ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇ ଆସୁଛି । ଚଳିତବର୍ଷ ପଣ୍ଡିତ କାଳୀଚରଣ ମିଶ୍ର ମୁଖ୍ୟ ଆଚାର୍ଯ୍ୟ, ଆଶିଷ କୁମାର ମିଶ୍ର ପୂଜକ, ଜୟନାରାୟଣ ମିଶ୍ର, ମଧୁ ଦାଶ, ନରେନ୍ଦ୍ର ନନ୍ଦ ଓ ଦେବାଶିଷ ମିଶ୍ର ଜପକ ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି । କମିଟି ପକ୍ଷରୁ ଗୁଣନିଧି ମେହେର, ଶଙ୍କର ମେହେର, ନୀଳାମ୍ବର ମେହେର, କୃଷ୍ଣଚନ୍ଦ୍ର ମେହେର, ସନ୍ତୋଷ କୁମାର ମେହେର, ରମେଶ ମେହେର, ଚମ୍ପୁରୁ ମେହେର, ଚନ୍ଦ୍ର କୁମାର ଦର୍ଜୀ ଓ ଶ୍ରୀକର ମେହେର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରୁଛନ୍ତି।

### ବଡ଼ବର୍ଡାକଟା ଶିବ ମନ୍ଦିରରେ ପଇଡ ସାଇ

ଅମରପାଲି,୬।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ବଡବର୍ଡାକଟା ବାନେଶ୍ୱର ବାବା ଶିବମନ୍ଦିରରେ ରବିବାର ପଇଡ ସାଇ ଅନୁଷ୍ଠିତ ହୋଇଯାଇଛି। ଲୁଦୁରପଙ୍କ ପଞ୍ଚାୟତର ମେଣ୍ଡିଲିପାଲି ଗ୍ରାମ୍ୟ କମିଟି ଓ ବୋଲବମ କମିଟିର ମିଳିତ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ପଇଡ ସାଇ ପାଇଁ ମେଣ୍ଡିଲିପାଲି ଗ୍ରାମବାସୀ ପୁରୀ ଜିଲାର ସାକ୍ଷୀଗୋପାଳରୁ ପଇଡ ସଂଗ୍ରହ କରିଥିଲେ। ଶନିବାର ଅପରାହ୍ନରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମେଣ୍ଡିଲିପାଲିରୁ ବଡବର୍ଡାକଟା ଶିବ ମନ୍ଦିରକୁ ପଇଡ ସବୁ ଅଣାଯାଇଥିଲା। ଶୋଭାଯାତ୍ରାରେ ଘଣ୍ଟବାଦ୍ୟ, ଦୁଲଦୁଲି, ଡିଜେ, ଖୋଳ, ତାଳ, ଝାଞ୍ଜ,ଶଙ୍ଖ ଆଦି ସାମିଲ ଥିଲା। ରବିବାର ସକାଳୁ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିରର ପୂଜକ ଶ୍ରୀନିବାସ ଦେହୁରୀ ପୂଜାପାଠ କରିଥିଲେ। ଗଜେନ୍ଦ୍ର ଗାଇଗରିଆ ସପତ୍ନୀକ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇ ଥିଲେ।ପଇଡ ପାଣି ସାଇ କରାଯାଇଥିଲା। ଏହାପରେ ଶ୍ରଦ୍ଧାଳୁଙ୍କ ପାଇଁ ସାଧାରଣ ଦର୍ଶନ ବ୍ୟବସ୍ଥା କରାଯାଇ ଥିଲା। ଆୟୋଜକ ସୁଜିତ କୁମାର ବେହେରା,ଅନନ୍ତ ଗାଇଗରିଆ, ଲଳିତ ନନ୍ଦ, ସୁଶିଳ ଖଣ୍ଡଗିରୀ, ଦିଲୀପ ନନ୍ଦ, କୃଷ୍ଣ ଗାଇଗରିଆ, ଅଶୋକ ବାରିକ, ଅରବିନ୍ଦ କର୍ମି, ମଣି ମହାକୁର, ଶୁକଦେବ ଗାଇଗରିଆ ପ୍ରମୁଖ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲୁଦୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

### ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା,୬।୧୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଗ୍ରାମରେ ଜଙ୍ଗଲ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗିଆ ଜାମ କମିଟି ଆନୁକୂଲ୍ୟରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆବାହକ ଗୋପାଳ ହୋତା ଅତିଥିଭାବେ ଯୋଗଦେଇଥିଲେ। ଜଳବାୟୁ ପରିବର୍ତ୍ତନର ମୁଖ୍ୟକାରଣ, ଜଙ୍ଗଲ ଧ୍ୱଂସ ଯୋଗୁ ସୃଷ୍ଟି ହେଉଥିବା ସମସ୍ୟା ଏବଂ ତାର ନିରାକରଣ ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଗ୍ରାମ୍ୟ ପାର୍ଶ୍ୱବର୍ତ୍ତୀ ଜଙ୍ଗଲରେ ବ୍ୟାପକ ଚାରା ଲଗାଇବାକୁ ଆହ୍ୱାନ ଦେଇଥିଲେ ଆବାହକ ହୋତା । ବୀରେନ୍ଦ୍ର ସାହୁ, ସନତ ପଟେଲ, କୈବର୍ତ୍ତ ପଧାନ ଏହି ଅବସରରେ ଉପସ୍ଥିତ ଥିଲେ । ନାରାୟଣ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ରାଜ କିଶୋର ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ଷଷ୍ଠ ଦିନରେ କ୍ରଶର ବନ୍ଦ ନେଇ ଧାରଣା

## ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ

ବୌଦ୍ଧ,୬।୧ (ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୂଇଁଠାରେ ବନ୍ଦ ଥିବା କ୍ରଶର ଓ ପଥର କ୍ୱାରି ପୁନଃ ଚାଲୁ ପାଇଁ ପ୍ରଶାସନର ନିଷ୍କ୍ରିୟ ପ୍ରତିବାଦରେ ଗ୍ରାମବାସୀ ଦୀର୍ଘ ୬ ଦିନ ହେଲା ସରାଡିଖୋଲ ରାସ୍ତାରେ ଧାରଣାରେ ବସି ରହିଛନ୍ତି। ଶନିବାର ଗ୍ରାମର ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ନ ଯାଇ ହରଭଙ୍ଗା ତହସିଲଦାରଙ୍କୁ ଭେଟି ଏନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଶାସନ କ୍ରଶର ବନ୍ଦ ପାଇଁ ପଦକ୍ଷେପ ଗ୍ରହଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଗ୍ରାମ୍ୟ କମିଟି ସଭାପତି ଅକ୍ଷୟ ନାଏକ, ବୃନ୍ଦାବନ ଦେହୁରୀ, ହୃଦାନନ୍ଦ ଦେହୁରୀ, ରଞ୍ଜନ ବଗର୍ତ୍ତୀ, ସୁକୃତା ଭୋଇ ଓ ତିଲୋତ୍ତମା କହଁର ପ୍ରକାଶ କରିଛନ୍ତି। ଗଣଧାରଣାରେ ଗ୍ରାମର ମହିଳା, ପୁରୁଷ, ଛାତ୍ରୀଛାତ୍ର ସାମିଲ ଅଛନ୍ତି।



ଗ୍ରାମବାସୀ ଓ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି ।

# ଦଶ ବର୍ଷ ପରେ ପଟ୍ଟା ପାଇଲେ ଦୁଇ ଶିକ୍ଷାନୁଷ୍ଠାନ



ଜିଲାପାଳ ସତ୍ୟରଞ୍ଜନ ସାହୁ ପଟ୍ଟା ପ୍ରଦାନ କରୁଛନ୍ତି ।

ବୌଦ୍ଧ,୬।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାପାଳ ସତ୍ୟ ରଞ୍ଜନ ସାହୁ ବୌଦ୍ଧର ଦୁଇ ପ୍ରମୁଖ ଶିକ୍ଷାନୁଷ୍ଠାନକୁ ସ୍ଥାୟୀ ପଟ୍ଟା ପ୍ରଦାନ କରିଛନ୍ତି । ସୂଚନା ମୁତାବକ, ବଘିଆପଡା ଗୌଡଦେଇସ୍ଥିତ ଆଇଟିଆଇ ଓ ପଲିଟେକନିକ୍‌ର ୨୨ ଏକର ଜାଗା ପାଇଁ ଦୀର୍ଘ ୧୦ ବର୍ଷ ହେବ ଉକ୍ତ ଅନୁଷ୍ଠାନ ପଟ୍ଟା ପାଇପାରୁ ନ ଥିଲେ। କିନ୍ତୁ ଜିଲାପାଳ ସାହୁଙ୍କ ହସ୍ତକ୍ଷେପ ପରେ ଶନିବାର ଦିନ ଉଭୟ ଶିକ୍ଷାନୁଷ୍ଠାନକୁ ୨୨ ଏକର ଜାଗାର ପଟ୍ଟା ପ୍ରଦାନ କରାଯାଇଛି। ପଟ୍ଟା ପ୍ରଦାନ ସମୟରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନ କୁମାର ମେହେର, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ବୌଦ୍ଧ ତହସିଲଦାର ଦେବୀ ପ୍ରସାଦ ଦାସ, ସହକାରୀ ଜିଲାପାଳ ସତ୍ୟଜିତ ମହାପାତ୍ର, ବିଜୟ ପ୍ରଧାନ ଓ ଦୁଇ ଶିକ୍ଷାନୁଷ୍ଠାନର ଅଧକ୍ଷ ଉପସ୍ଥିତ ଥିଲେ ।

# ମେଗା ଆଇନ ସଚେତନତା ଶିବିର

ବୌଦ୍ଧ,୬।୧୧(ସ୍ୱ.ପ୍ର.)

ଜାତୀୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଜ୍ୟ ଆଇନସେବା ପ୍ରାଧିକରଣ, ଜିଲା ଆଇନ ସେବା ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବୌଦ୍ଧ ଟାଉନହଲଠାରେ ରବିବାର ଏକ ମେଗା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ବିକ୍ରମ କୁମାର ପ୍ରଧାନ ଓ ସମ୍ମାନିତ ଅତିଥି ଜିଲାପାଳ ସତ୍ୟ ରଞ୍ଜନ ସାହୁ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବିନ୍ଦ୍ର କୁମାର ରାଉତ ଯୋଗ ଦେଇଥିଲେ। ଅତିଥିମାନେ ଯୋଗ୍ୟ ବ୍ୟକ୍ତି କିପରି ମାଗଣାରେ ଆଇନ ସେବା ପାଇପାରିବେ ସେନେଇ କହିଥିଲେ । ଶିବିରରେ ଅତିରିକ୍ତ ଜିଲା ଦୌରାଜଜ୍ ଅଳ୍ପନା ସ୍ୱାଇଁ, ସିଜେଏମ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ, ରେଜିଷ୍ଟ୍ରାର ସୁଚିତ୍ରା ପରମଗୁରୁ, ଏସଡିଜେଏମ ସୁଶ୍ରୀ ସଙ୍ଗୀତା ଦାଶ,ଜିଲା ଓକିଲ ସଂଘ ସଭାପତି ତାରେଣି ମହାପାତ୍ର,ସିଭିଲ ଏଣ୍ଡ କ୍ରିମିନାଲ ବାର ଆସୋସିଏଶନ ସଭାପତି ଶାନ୍ତନୁ ମହାପାତ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ,ବରିଷ୍ଠ ଆଇନଜୀବୀ ଓ ପାରାଲିଗାଲ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣର ସଚିବ ଚରଣଜିତ ଓରାମ ସ୍ୱାଗତ ଭାଷଣ ଦେଇଥିଲେ। ଶିବିରରେ ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କୁ ଟ୍ରାଇସାଇକେଲ, ହୁଇଲ ଚେୟାର, ଏସ୍‌ଏଚ୍‌ଜିଙ୍କୁ ଋଣ ଏବଂ ବିଭିନ୍ନ ସରକାରୀ ସହାୟତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ମା' ପୂର୍ଣ୍ଣମାସୀ ପାଲା ସଂସଦ ବହିରା ଆଇନ ଉପରେ ପାଲା ମାଧ୍ୟମରେ ସଚେତନ କରିଥିଲେ। ସେହିପରି ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ସରସରା ଛାତ୍ରୀଛାତ୍ର ସଚେତନତା ପାଇଁ ନାଟକ ପରିବେଷଣ କରିଥିଲେ।

# ସ୍ୱାବଲମ୍ବୀ ଭାରତ ନିର୍ମାଣରେ ଜାତୀୟ ଶିକ୍ଷା ଉପରେ ଆଲୋଚନାଚକ୍ର

ଡୁଙ୍ଗୁରିପାଲି,୬।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି, ଓଡ଼ିଶା, ଦକ୍ଷିଣ ପଶ୍ଚିମ ସମ୍ଭାଗ, ବଲାଙ୍ଗୀରର ବିଦ୍ୱତ୍ ପରିଷଦର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି। ସ୍ୱାବଲମ୍ବୀ ଭାରତ ନିର୍ମାଣରେ ଜାତୀୟ ଶିକ୍ଷା ଉପରେ ଏହି ଆଲୋଚନାଚକ୍ର ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁର ମହାନନ୍ଦ ଓ ସମ୍ମାନିତ ଅତିଥି ଭାବେ ଅମୂଲ୍ୟ ବେହେରା ଯୋଗ ଦେଇଥିଲେ। ଦକ୍ଷିଣ ପଶ୍ଚିମ ସମ୍ଭାଗ ବିଦ୍ୱତ୍ ପରିଷଦ ସମ୍ପାଦକ ଶାରଦା ପରମବ୍ରହ୍ମ ଓଁ ଭାରତ ମାତାଙ୍କ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଦକ୍ଷିଣ ପଶ୍ଚିମ ସମ୍ଭାଗ, ବଲାଙ୍ଗୀର ସଂଯୋଜକ ଜିତେନ୍ଦ୍ର କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାନ୍ତ ବିଦ୍ୱତ୍ ପରିଷଦ ସଂଯୋଜକ ଅଶ୍ୱିନୀ କୁମାର ନାୟକ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ରମେଶ କୁମାର ଗାଡତ୍ୟା ମଞ୍ଚ ପରିଚାଳନା କରିଥିଲେ। ଦକ୍ଷିଣ ପଶ୍ଚିମ ସମ୍ଭାଗର ବିଭିନ୍ନ ସ୍ଥାନରୁ ଆସିଥିବା ବୁଦ୍ଧିଜୀବୀ ତଥା ଶିକ୍ଷକ ସ୍ୱାବଲମ୍ବୀ ଭାରତ ନିର୍ମାଣରେ ଜାତୀୟ ଶିକ୍ଷା-୨୦୨୨ର ଭୂମିକା ବିଷୟରେ ନିଜର ମତ ରଖିଥିଲେ। ଅମୂଲ୍ୟ ବେହେରା ଆଲୋଚନାଚକ୍ର ର ସାରାଂଶ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।



ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ ।

# ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୬।୧୧

ବରଗଡ଼ ଜିଲା ଘେଁସ ମହାବିଦ୍ୟାଳୟ ଆନୁକୂଲ୍ୟରେ ରବିବାର ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା। ଡିଲେଶ୍ୱର ସାହୁ ପ୍ରଶିକ୍ଷକଭାବେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷା ସ୍ୱରୂପମା ମିଶ୍ର ଅଧ୍ୟକ୍ଷତା କରିଥିଲେ। ଯୁବ ରେଡ୍‌କ୍ରସ ପରାମର୍ଶଦାତା ଗୌତମ ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶାରୀରିକ ଶିକ୍ଷା ନିରୀକ୍ଷକ ଚତୁର୍ଭୁଜ ସାହା, ଅଧ୍ୟାପକ ମୋହନ ପଟେଲ, କ୍ଷୀରସାଗର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଶିକ୍ଷକ ସାହୁ ପ୍ରାଥମିକ ଶିକ୍ଷାର ଗୁରୁତ୍ୱ ସହିତ ପ୍ରଦର୍ଶନ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସାର ବିଭିନ୍ନ ପନ୍ଥା ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ତରଭା,୬।୧୧(ଡି.ଏନ.ଏ.)

ତରଭା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଇଓ ଶାନ୍ତନୁ କୁମ୍ଭକାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଏନଏସି ଅଧକ୍ଷା ବନ୍ଦିତା ନାୟକ, ଗଗନ ଅଗ୍ରୱାଲ, ଏବିଡିଓ ନିରଞ୍ଜନ ନାଏକ, ବିରେଶ ନାଏକ, ସତ୍ୟ ନାରାୟଣ ମହାପାତ୍ର ଯୋଗ ଦେଇଥିଲେ । ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ଲୋକଲୋଚନକୁ ଆଣିବାରେ ସୁରଭି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସଭା ପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୧୭ଟି ପ୍ରତିଯୋଗିତା ମଧ୍ୟରୁ ସବୁ ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ଓ ବିଭିନ୍ନ ପୁରସ୍କାର ଦିଆଯାଇଥିଲା । ଏଥିରେ କଣ୍ଠଶିଳ୍ପୀ ସୁଶ୍ରୀ ମୁଗ୍ଧା ଦାସ ଓ ବିରେନ ଜଗଦଲା ସଙ୍ଗୀତ ପରିବେଷଣ କରଥିଲେ । ବିଚାରକ ଭାବେ ଶ୍ୟାମସୁନ୍ଦର ସାହୁ, ଉଜ୍ଜ୍ୱଳବତୀ ନାଏକ, ପ୍ରଫୁଲ୍ଲ ମିଶ୍ର ରହିଥିଲେ । ଏହି କାର୍ଯ୍ୟକ୍ରମ ସଫଳ କରିବାରେ ସଞ୍ଜୀବ ସା, ପ୍ରଦ୍ୟୁମ୍ନ ମହାନ୍ତି, ଭରତ ମଲ୍ଲିକ, ନୀଳାଞ୍ଚଳ ଭୋଇ, ସୁରେଶ ପାଣ୍ଡେ, ସୁଦାମ ଚରଣ ସାହୁ, ଦେବାଶିଷ ମିଶ୍ର, ତ୍ରିନାଥ ସାମଲ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।



ସଭାରେ ଯୋଗ ଦେଇଥିବା ଅତିଥି ।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ

ବୌଦ୍ଧ,୬।୧୧(ସ୍ୱ.ପ୍ର.)

ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲା ପ୍ରଶାସନ ବୌଦ୍ଧ ଦ୍ୱାରା ବୀରନରସିଂହପୁରସ୍ଥିତ ରାମକୃଷ୍ଣ ବାଳାଶ୍ରମ ଶିଶୁପଦ୍ମ ଅନୁଷ୍ଠାନ ଠାରେ ରବିବାର ଦିନ ଜିଲା ସ୍ତରୀୟ ଶିଶୁ ମହୋତ୍ସବ ମହକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାରେ ଥିବା ଦୁଇଗୋଟି ଶିଶୁଗୃହର ସମସ୍ତ ଶିଶୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରଭଙ୍ଗା ରବୀନ୍ଦ୍ରନାଥ କହଁର ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ହୋଇପାରିଲେ ରାଷ୍ଟ୍ର ଉନ୍ନତିରେ ସହାୟକ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୌଦ୍ଧ ଅବିନାଶ ପାଣ୍ଡିଆ ଯୋଗଦେଇ ପାଠପଢା ସହ କଳା ଓ ସଂସ୍କୃତି କ୍ଷେତ୍ରରେ ନିଜକୁ ବିକଶିତ କରିପାରିଲେ ସମାଜରେ ଜଣେ ପ୍ରତିଷ୍ଠିତ ନାଗରିକ ହୋଇପାରିବେ ବୋଲି କହିଥିଲେ । ଶିଶୁ ମଙ୍ଗଳ ସମିତିର ଅଧକ୍ଷ ସାକ୍ଷୀଗୋପାଳ ପ୍ରଧାନ ଯୋଗଦେଇ ଶିଶୁମାନେ ସମସ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶିଶୁ ଅଧିକାରକୁ ସୁନିଶ୍ଚିତ କରିପାରିବ ବୋଲି ମତ ରଖିଥିଲେ । କିଶୋର ନ୍ୟାୟ ବୋର୍ଡ ସଦସ୍ୟ ରାଜୀବ ନାଏକ ଯୋଗଦେଇ ସମୟର ସଦୁପଯୋଗ କରିବା ସଙ୍ଗେ ସଙ୍ଗେ ଦୈନିକ ପୁସ୍ତକ ପଠନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଶିଶୁ ପ୍ରତିନିଧି ଭାବେ ପ୍ରଭାସିନୀ କ୍ଷେତି ଯୋଗ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ କୁମାର ପ୍ରଧାନ ଯୋଗଦେଇ ଜିଲାସ୍ତରୀୟ ମହକ କାର୍ଯ୍ୟକ୍ରମର ସମସ୍ତ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ୧୮ ଜଣ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମକୃଷ୍ଣ ବାଳାଶ୍ରମର ସମ୍ପାଦକ ନବିନ ବଘାର, ଅନନ୍ତ ସୁନା ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଯଥା ନୃତ୍ୟ, ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ, କୁଇଜରେ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଶିଶୁଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ୟୁନିଟର ଚିତ୍ରସେନ ସାହୁ ସଂଯୋଜନା କରିଥିଲେ। ଶିଶୁ ସୁରକ୍ଷା ୟୁନିଟର ବସନ୍ତ ଦିଶିରି, ସହଦେବ ନାଏକ ଓ ରାମକୃଷ୍ଣ ବାଳାଶ୍ରମର ଶିଶୁ ମଙ୍ଗଳ ଅଧିକାରୀ ନୀଳାଚଳ ପ୍ରଧାନ, ପରାମର୍ଶଦାତା ପ୍ରବୀଣ କୁମାର ହୋତା, ଲିପିକା ଦେହୁରୀ, ଦମୟନ୍ତୀ ହେମ୍ବ୍ରମ, ବବିତା ଗାଇଗୌରିଆ ସହଯୋଗ କରିଥିଲେ । ସୁରକ୍ଷା ଅଧିକାରୀ ରାଜେନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

# କୋଶଲ ସଂସ୍କୃତିର ଗାଥା ମାଁ ମାଏଟର କଥାବସ୍ତୁ

## ପୁସ୍ତକ ମାଁ ମାଏଟ ଲୋକାର୍ପିତ

ବଲାଙ୍ଗୀର ଅଫିସ,୬।୧୧

କୋଶଲୀ ସଂସ୍କୃତି ଗବେଷକ ଗୁରୁଶ୍ରୀ ଡ. ଘାସିରାମ ମିଶ୍ରଙ୍କ ରଚିତ ପୁସ୍ତକ ମାଁ ମାଏଟ ରବିବାର ସ୍ଥାନୀୟ ସାମ୍ବାଦିକ ଭବନରେ ଲୋକାର୍ପିତ ହୋଇଛି। କୁନା ବାଗଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଡ. ଗୋବପନ୍ଧୁ ରଥ, ସମ୍ମାନିତ ଅତିଥି କବି ଓ ଗବେଷକ ଡ. ସଞ୍ଜୟ କୁମାର ମିଶ୍ର, ଅଧ୍ୟାପକ ଡ. କୌତୁକ ପନ୍ଦର, ଲେଖକ ଗୁରୁଶ୍ରୀ ଡ ଘାସିରାମ ମିଶ୍ର, ପୁସ୍ତକ ପ୍ରକାଶକ ଅଜିତ କୁମାର ମହାନ୍ତି ମଞ୍ଚାସୀନ ଥିଲେ। ଅତିଥିମାନେ ଡ ମିଶ୍ରଙ୍କ ରଚିତ ସଂକଳନ ମାଁ ମାଏଟ୍ କୋଶଲ ସଂସ୍କୃତିର କଥାକୁ ଲୋକାର୍ପିତ କରିଥିଲେ। ଏହି ବହିରେ ଲେଖକଙ୍କ ୩୪ଟି ଗବେଷଣାତ୍ମକ ଆଲେଖ୍ୟ ଓ ପ୍ରବନ୍ଧ ରହିଛି। କୋଶଳାଞ୍ଚଳର ସ୍ୱତନ୍ତ୍ର ଭାଷା, ସାହିତ୍ୟ, ଧ୍ୱନିତତ୍ତ୍ୱ, ବାଦ୍ୟ, ନୃତ୍ୟ ଏବଂ ସଂସ୍କୃତି ଉପରେ ଗବେଷଣାତ୍ମକ ପ୍ରବନ୍ଧ ରହିଛି। ମୁଖ୍ୟଅତିଥି ଡ. ରଥ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଜଣେ ଗବେଷକ ଭାବେ ଡ. ଘାସିରାମ ମିଶ୍ର କୋଶଳାଞ୍ଚଳର ଲୋକଧାରା, ନୃତ୍ୟଧାରା, ଲୋକଗୀତ ଓ ବାଦ୍ୟ ଉପରେ ଦୀର୍ଘବର୍ଷ ଧରି ଯେଉଁ ଗବେଷଣା କରିଛନ୍ତି ମାଁ ମାଏଟ୍ ପସ୍ତକ ସେଇ ଅନୁଭୂତି ଓ ଅନୁଭବରେ ସମୃଦ୍ଧ। ଏହା ଗବେଷଣାରତ ଛାତ୍ରୀଛାତ୍ର ଓ ସଂସ୍କୃତିପ୍ରେମୀଙ୍କୁ ବହୁମାତ୍ରାରେ ଉପାଦେୟ ହେବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଡ, ସଞ୍ଜୟ ମିଶ୍ର ତାଙ୍କ ବକ୍ତବ୍ୟରେ ଲେଖକଙ୍କ ସ୍ୱାତନ୍ତ୍ରତା, ଗବେଷଣାଲବ୍ଧ ଲୋକଧାରା କିଭଳି ହଜିଲା ସଂସ୍କୃତିକୁ ଲୋକଙ୍କ ପାଖରେ ପୁଣି ଥରେ ପହଞ୍ଚାଇଛି ତାହା କହିଥିଲେ। ସମୀକ୍ଷକ ଅଧ୍ୟାପକ କୌତୁକ ପନ୍ଦର ଡ ମିଶ୍ରଙ୍କ ଏଇ ପୁସ୍ତକ କୋଶଳାଞ୍ଚଳର ସାହିତ୍ୟ, ସଂସ୍କୃତି ଏବଂ ଲୋକପରମ୍ପରା ଦିଗରେ ଏକ ମାଇଲଖୁଣ୍ଟ ବୋଲି କହିଥିଲେ। ପ୍ରକାଶକ ମହାନ୍ତି ତାଙ୍କ ବକ୍ତବ୍ୟରେ କୋଶଳାଞ୍ଚଳର ସ୍ୱତନ୍ତ୍ର ଭାଷା, ସାହିତ୍ୟ ଓ ସଂସ୍କୃତି ଦିଗରେ ମୌଳିକ ଲେଖା ଥିବାରୁ ଏଭଳି ବହି ପ୍ରକାଶ କରାଯାଇଛି ଓ ଏହା ବହୁ ଉପାଦେୟ ହେବ ବୋଲି କହିଥିଲେ। କବି ରତ୍ନମୟ ତ୍ରିପାଠୀ ସଭା ପ୍ରାରମ୍ଭରେ ପୁଷ୍ପଗୁଚ୍ଛ ଦେଇ ଲେଖକଙ୍କୁ ସ୍ୱାଗତ କରିଥିଲେ। ସମାଜସେବୀ ବିକ୍ରମାନନ୍ଦ ବହିଦାର ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ସଭା ଶେଷରେ ଡା. ଲଳିତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କବି ଆନନ୍ଦ ଚନ୍ଦ୍ର ସାହୁ, ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ଗଣମାଧ୍ୟମ ପ୍ରତିନିଧି ଅଖିଳ ଚନ୍ଦ୍ର ହୋତା, ଚନ୍ଦ୍ରଭାନୁ ମୋଲାଣା, ବୀରେନ୍ଦ୍ର କୁମାର ଝାଙ୍କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିଭୁକଲ୍ୟାଣ ଗଡତ୍ୟା, ଅଙ୍କୁଶ ପାଣ୍ଡିଆ, କଳାକାର ବାସୁଦେବ ସା, ନବଘନ ଦାସ, ରେଶ୍ମାରାଣୀ ଦାସ, ରାମ ନାରାୟଣ ଦାଶ, ଅଧ୍ୟାପକ ଜିତେନ୍ଦ୍ରୀୟ ତ୍ରିପାଠୀ ଉପସ୍ଥିତ ଥିଲେ।



ମାଁ ମାଏଟ୍ ପୁସ୍ତକ ଲୋକାର୍ପଣ ଉତ୍ସବରେ ଲେଖକ ଗୁରୁଶ୍ରୀ ଘାସିରାମ ମିଶ୍ର ବକ୍ତବ୍ୟ ରଖୁଛନ୍ତି।

## ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଅଣାଯିବ

ବଲାଙ୍ଗୀର ଅଫିସ, ୬।୧୧

ବଲାଙ୍ଗୀରର ଏକ ହୋଟେଲରେ ଷ୍ଟେଟ୍ ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ସଂଘ ସଦସ୍ୟ ଶରତ ମହକୁରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାବିକୁ ରାଜ୍ୟ ସରକାରଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ ପାଢ଼ୀ ମୁଖ୍ୟଅତିଥିଭାବେ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ସ୍ୱାସ୍ଥ୍ୟ ବୀମା ରାଶିକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି, ମାସକୁ ୫ ହଜାର ଟଙ୍କା ଲେଖାଏଁ ପେନସନ ଦେବା ପାଇଁ ରାଜ୍ୟ ସରକାରଙ୍କଠାରେ ଦାବି କରାଯିବ ବୋଲି କହିଥିଲେ। ସମ୍ପାଦକ ମହେନ୍ଦ୍ର କୁମାର ଦର୍ଜି ବୈଠକ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ଗୋପବନ୍ଧୁ ଶତପଥୀ ଏବଂ ରାଜକୁମାର ଦାଶ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ସତ୍ୟ ନାରାୟଣ ପଟେଲ, ନିରୋଜ କୁମାର ମିଶ୍ର, ସନ୍ତୋଷ କୁମାର ଠାକୁର, ଜୟ ପ୍ରକାଶ ମଟାରୀ, ଦେବାଶିଷ ବହିଦାର, ରଘୁ ନନ୍ଦନ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମ ପାୟଲ ରାଜ୍ୟସ୍ତରକୁ ମନୋନୀତ

ବଲାଙ୍ଗୀର ଅଫିସ,୬।୧୧

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ପ୍ରାଙ୍ଗଣରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶନିବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଚିତ୍ରାଙ୍କନ ପ୍ରତିଯୋଗିତାରେ ଭିନ୍ନକ୍ଷମ ଝିଅ ପାୟଲ ନାଗ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଏସ୍‌ପି ନୀତିନ କୁଶଲକର ପ୍ରଥମ ସ୍ଥାନ ଅଧିକାର କରିଥିବା ପାୟଲଙ୍କୁ ସାର୍ଟିଫିକେଟ ଦେଇ ପୁରସ୍କୃତ କରିଥିଲେ। ପାୟଲ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସବ ବୋଲି କହିଥିଲେ। ୨୦୧୫ ମସିହାରେ ଦାଦନ ଶ୍ରମିକ ଭାବେ ପାୟଲଙ୍କ ପିତାମାତା ରାୟପୁର କାମ କରିବାକୁ ଯାଇଥିଲେ। ସାଥୀରେ ଯାଇଥିବା ପାୟଲ ଖେଳୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ହାତଗୋଡ ହରାଇ ବିକଳାଙ୍ଗ ହୋଇଯାଇଥିଲେ। ଏବେ ନିଜ ପାଟିରେ କଲମ ଓ ପେନସିଲ ଧରି ପାୟଲ ଚିତ୍ରାଙ୍କନ କରି ଅନ୍ୟମାନଙ୍କୁ ପଛରେ ପକାଇ ଦେଇଛନ୍ତି। ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବରୁ ପ୍ରଥମ ହୋଇ ମନୋନୀତ ହେବା ପରେ ପାୟଲ ଶନିବାର ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ପୁଣି ଥରେ ପ୍ରଥମ ହୋଇ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ତାଙ୍କୁ ସବୁ ମହଲରୁ ପ୍ରଶଂସା କରାଯାଉଛି। ଶନିବାର ଜିଲାସ୍ତରୀୟ ଉଦ୍‌ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା, ଏଡିଇଓ କେଶବ ମେହେର, ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ଉପସ୍ଥିତ ଥିଲେ। ଏହି ଜିଲାସ୍ତରୀୟ ଉତ୍ସବରେ ଜିଲାର ୧୪ଟି ବ୍ଲକ୍‌ର ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମରୁ ମନୋନୀତ ବିଭିନ୍ନ ସ୍କୁଲର କୃତୀ ଛାତୀଛାତ୍ର ଜିଲାର ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ନିଜର ପ୍ରତିଭା ଦେଖାଇ ପୁରସ୍କୃତ ହୋଇଥିଲେ। ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ସୁରଭି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ବିକାଶ ରଞ୍ଜନ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।


ଏସ୍‌ପି ନୀତିନ କୁଶଲକର ଭିନ୍ନକ୍ଷମ ପାୟଲ ନାଗଙ୍କୁ ପୁରସ୍କୃତ କରୁଛନ୍ତି।

**ବଲାଙ୍ଗୀର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି**

## ଦାଦନ ସମସ୍ୟା ନିରାକରଣ କର୍ମଶାଳା

ଖପ୍ରାଖୋଲ, ୬।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ କୃଷି କାର୍ଯ୍ୟାଳୟ ତାଲିମ ଗୃହରେ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଦାଦନ ସମସ୍ୟା ନିରାକରଣ ପାଇଁ ମହିଳାଙ୍କ ଭୂମିକା ସମ୍ପର୍କିତ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା ସର୍ବେଶର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ଉପାଧ୍ୟକ୍ଷ ସୁଖିରାମ ସାଣ୍ଡ, ମୋହନ ସୁନା, ବିଧାୟକ ପ୍ରତିନିଧି ରମେଶ ପ୍ରଧାନ, ପବିତ୍ର ପଟେଲ କର୍ମଶାଳାରେ ଉପସ୍ଥିତ ଥିଲେ। ଅତିଥିମନେ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାରେ ସାମିଲ ହୋଇ ଦାଦନ ସମସ୍ୟା ରୋକିବାକୁ କହିଥିଲେ। ସେହିପରି ଜୀବିକାକୁ ସୁନିଶ୍ଚିତ କରିବା ପାଇଁ ମିଶନ ଶକ୍ତି ଓ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେହିପରି ପ୍ରାଣୀସମ୍ପଦ ବିଭାଗ ତରଫରୁ ୭ ଜଣ ହିତାଧିକାରୀଙ୍କୁ କୁକୁଡ଼ା ଚାଷ ପାଇଁ ମୁଖ୍ୟ ଅତିଥି କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା ସୁଜିତ କୁମାର ଶତପଥୀ ପରିଚାଳନା କରିଥିଲେ। ବୈଠକରେ ମହିଳା ପୁରୁଷ ଚାଷୀ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଅନିଲ


@ ମନୋଜ


@ ସମୀର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କଲେ



ମେଗା ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି ହିତାଧିକାରୀଙ୍କୁ ଚେକ୍ ବଣ୍ଟନ କରୁଛନ୍ତି।

ବଲାଙ୍ଗୀର ଅଫିସ, ୬।୧୧

**ମେଗା ଆଇନ ସଚେତନତା ଓ ପଞ୍ଚାୟତ ଲୋକ ସେବା ଶିବିର**

ବଲାଙ୍ଗୀର ବ୍ଲକ ଶିକାଛିଡା ପଞ୍ଚାୟତ ଅନ୍ତର୍ଗତ ସିନଖମନ ଉଚ୍ଚବିଦ୍ୟାଳୟ ପଡିଆରେ ଜିଲା ଆଇନସେବା ପ୍ରାଧିକରଣ ଓ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ରବିବାର ମେଗା ଆଇନ ସଚେତନତା ଓ ପଞ୍ଚାୟତ ଲୋକସେବା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ନ୍ୟାୟାଧୀଶ ଲଲାଟେନ୍ଦୁ ଜେନା ଅତିଥି ଭାବେ ଯୋଗଦେଇ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଯୋଗାଇ ଦିଆଯାଉଥିବା ମାଗଣା ଆଇନ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ବିକଳ୍ପ ସମାଧାନ, ଆପୋଷ ମିଳାମିଶା ଏବଂ ଲୋକ ଅଦାଲତର ହେଉଥିବା ବିଭିନ୍ନ ମାମଲାର ସମାଧାନ ଉପରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ମହେନ୍ଦ୍ର କୁମାର ମହାପାତ୍ର ବିଭିନ୍ନ ବିକାଶମୂଳକ ଓ ଜନହିତକର ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଶିବିରରେ ବଲାଙ୍ଗୀର ଜିଲା ଆଇନସେବା ପ୍ରାଧିକରଣ ସଚିବ ବିନୟ କୁମାର ପାତ୍ର ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ କୁମାର ନାଏକ ଯୋଗଦେଇ ଜନସାଧାରଣଙ୍କୁ ଲୋକାଭିମୁଖି ଯୋଜନାଗୁଡିକ ସମ୍ପର୍କରେ ସଚେତନ କରିଥିଲେ। ଶିବିରରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ସ୍ୱାସ୍ଥ୍ୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସାମାଜିକ ସୁରକ୍ଷା, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ସମାଜ ମଙ୍ଗଳ, ଜଙ୍ଗଲ ଓ ପରିବେଶ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା, ଶ୍ରମ, ଶିକ୍ଷା ବିଭାଗ ସହ ଜିଲା ଆଇନସେବା ପ୍ରାଧିକରଣ ଓ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଶିବିରରେ ସାମାଜିକ ସୁରକ୍ଷା ବିଭାଗ ଅନ୍ତର୍ଗତ ବିଭିନ୍ନ ଯୋଜନା ଜରିଆରେ ହିତାଧିକାରୀଙ୍କୁ ବିଧବା ଭତ୍ତା, ଭିନ୍ନକ୍ଷମଙ୍କୁ ବିବାହ ପ୍ରୋତ୍ସାହନ ଯୋଜନା ଜରିଆରେ ଚେକ, ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ବ୍ୟାଙ୍କ ସହ ସଂଯୋଗୀକରଣ ଏବଂ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସିଆଇଏଫ ପ୍ରଦାନ କରାଯାଇଥିଲା। ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଜଣେ ଚାଷୀଙ୍କୁ ଧଳା ଘୁଷୁରି ଏବଂ ୨ ଜଣ ଚାଷୀଙ୍କୁ ବ୍ରଏଲର କୁକୁଡା ପାଳନ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଶିବିରରେ ଜିଲା ପାଇଁ ଗୌରବ ଆଣିଥିବା ଭିନ୍ନକ୍ଷମ ଛାତ୍ରୀ ପାୟଲ ନାଗଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଅଇଁଲାଚୁଆଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ଶିବିରରେ ବଲାଙ୍ଗୀର ପଞ୍ଚାୟତ ସମିତି ଅଧ୍ୟକ୍ଷା ସରିତା ବାଗ, ଶିକାଛିଡା ପଞ୍ଚାୟତ ସରପଞ୍ଚ କ୍ଷୀରେନ୍ଦ୍ରୀ ଶତପଥି, ବଲାଙ୍ଗୀର ତହସିଲଦାର ଡ଼. ପୁଷ୍ପାଞ୍ଜଳି ପଣ୍ଡା, ବଲାଙ୍ଗୀର ବିଡିଓ ପ୍ରୀତମ କୁମାର ତନ୍ତି, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମୌସମ ୱାରିୟର ଫୁଟବଲ: ଢେଙ୍କାନାଳ ଚାମ୍ପିୟନ

ଲୋଇସିଂହା,୬।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ହାଇସ୍କୁଲ ଖେଳପଡିଆରେ ଚାଲିଥିବା ଅଲ ଓଡିଶା ମୌସମ ୱାରିୟର ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କୁଚିଣ୍ଡାକୁ ହରାଇ ଢେଙ୍କାନାଳ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ରହିବାରୁ ରେଫେରି ଟାଇବ୍ରେକରର ସହାୟତା ନେଇଥିଲେ। ଏଥିରେ ୫-୩ ଗୋଲରେ କୁଚିଣ୍ଡାକୁ ହରାଇ ଢେଙ୍କାନାଳ ବିଜୟୀ ହୋଇ ମୌସମ ୱାରିୟର ଟ୍ରଫି ହାସଲ କରିଛି। ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ଯୁବ ବିଜେଡି ନେତା ନିହାର ରଞ୍ଜନ ବେହେରା, ଶାନ୍ତନୁ ସିଂ ସମ୍ମାନୀତ ଅତିଥି ଭାବେ ଯୋଦେଇଥିଲେ। ଚାମ୍ପିୟନ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଦଳକୁ ୨୦ହଜାର ସହ ଟ୍ରଫି ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ।


ଉଭୟ ଦଳର ଖେଳାଳିଙ୍କ ଗହଣରେ ଅତିଥି।

# ମହିଳା ଫୁଟବଲ: କଦଳୀପାଲି ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ କଦଳୀପାଲି ଦଳ।

ଲୋଇସିଂହା, ୬।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବକଟି ହାଇସ୍କୁଲ ପଡିଆରେ କ୍ଲିନଷ୍ଟାର ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଏକଦିବସୀୟ ଫୁଟବଲ ପ୍ରତିଯୋଗୀତା ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସମ୍ବଲପୁରକୁ ହରାଇ କଦଳୀପାଲି (ବରପାଲି) ଚାମ୍ପିୟନ ହୋଇଛି । ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲର ବରାବର ରହିଥିଲା। ଟାଇବ୍ରେକରରେ ୪-୩ ଗୋଲରେ କଦଳୀପାଲି ବିଜୟୀ ହୋଇଛି। ସନ୍ଦୀପ ତରିଆ, ବଲ୍ଲବ ମଲ୍ଲିକ, କୈବଲ୍ୟ ଭୋଇ, ମଣୀ ପଧାନ, ଦାମୋଦର ପଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଆୟୋଜକ କମିଟି ପକ୍ଷରୁ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ୭ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା।